# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୯/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, October 9/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୩୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 315 | ମୂଲ୍ୟ ₹୭/-



DSPL-272





Drink from tap
WATCO ODISHA

# ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍
## ଜଳଯୋଗାଣ

ବର୍ତ୍ତମାନ ଅନ୍ୟ ୫ଟି ସହରକୁ
(ରାଇରଙ୍ଗପୁର, ଚମ୍ପୁଆ, ବୀରମିତ୍ରପୁର, ରାଜଗାଙ୍ଗପୁର, ନିମାପଡ଼ା)
ଏବଂ
ଆଉ ୧୩ଟି ସହରର ୧୪୯ଟି ୱାର୍ଡରେ,
ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ୨୪x୭ ଜଳଯୋଗାଣ ସୁବିଧା

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ଙ୍କ
ଦ୍ୱାରା ଉତ୍ସର୍ଗ

**୯ ଅକ୍ଟୋବର ୨୦୨୩, ପୂର୍ବାହ୍ନ ୧୧:୩୦**
କନଭେନସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

| ସହର/ ପୌରସଂସ୍ଥା | ବର୍ତ୍ତମାନ ଅନ୍ତର୍ଭୁକ୍ତ ହୋଇଥିବା ୱାର୍ଡ ସମୂହ | ଉପକୃତ ଜନସଂଖ୍ୟା |
|---|---|---|
| ରାଇରଙ୍ଗପୁର- ସମଗ୍ର ସହର | ୧୫ | ୩୪,୦୦୦ |
| ବୀରମିତ୍ରପୁର- ସମଗ୍ର ସହର | ୧୧ | ୩୯,୦୦୦ |
| ରାଜଗାଙ୍ଗପୁର- ସମଗ୍ର ସହର | ୨୦ | ୬୬,୫୦୦ |
| ଚମ୍ପୁଆ- ସମଗ୍ର ସହର | ୧୩ | ୧୫,୫୦୦ |
| ନିମାପଡା- ସମଗ୍ର ସହର | ୧୧ | ୨୨,୩୦୦ |
| ଭୁବନେଶ୍ୱର | ୨୭ | ୩,୮୨,୫୦୦ |
| ଖୋର୍ଦ୍ଧା | ୪ | ୮,୬୦୦ |
| ଜଟଣୀ | ୩ | ୧୦,୮୦୦ |
| କଟକ | ୨୧ | ୧,୮୦,୦୦୦ |
| ବ୍ୟାସନଗର | ୬ | ୧୧,୦୦୦ |
| ସୁନ୍ଦରଗଡ଼ | ୧୭ | ୩୦,୮୦୦ |
| ରାଉରକେଲା | ୨୦ | ୮୭,୧୦୦ |
| କେଉଁଝର | ୪ | ୧୦,୦୦୦ |
| ଆନନ୍ଦପୁର | ୪ | ୯,୫୦୦ |
| ଯୋଡ଼ା | ୧ | ୪,୦୦୦ |
| ବଡ଼ବିଲ | ୨ | ୭,୫୦୦ |
| ବ୍ରହ୍ମପୁର | ୩୭ | ୩,୦୨,୦୦୦ |
| ହିଞ୍ଜିଳିକାଟୁ | ୩ | ୬,୫୦୦ |

ଏହି ପର୍ଯ୍ୟାୟରେ ଉପକୃତ ସମୁଦାୟ ଜନସଂଖ୍ୟା: ୧୨.୩ ଲକ୍ଷ



ଓଡ଼ିଶାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯାତ୍ରାର
୩ ବର୍ଷ ପୂର୍ତ୍ତି ପାଳନ

# ଓଡ଼ିଶା
୧ମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ରାଜ୍ୟ ସମଗ୍ର ଦେଶରେ

ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ
ଓଡ଼ିଶା ସରକାର

**ଇଜିପ୍ଟ ପୋଲିସ ଗୁଳିରେ ୨ ଇସ୍ରାଏଲୀ ପର୍ଯ୍ୟଟକ ମୃତ**

ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆ ସହରରେ ଜଣେ ପୋଲିସ ଅଫିସର ରବିବାର ଇସ୍ରାଏଲୀ ପର୍ଯ୍ୟଟକମାନଙ୍କ ଏକ ଗ୍ରୁପ୍ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୨ ଇସ୍ରାଏଲୀ ଏବଂ ଜଣେ ଇଜିପ୍ଟ ନାଗରିକ ପ୍ରାଣ ହରାଇଛନ୍ତି। ଶନିବାରଠାରୁ ପାଲେଷ୍ଟାଇନ୍‌ର ହମାସ ଏବଂ ଇସ୍ରାଏଲୀ ସେନା ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ଇଜିପ୍ଟରେ ୨ ଇସ୍ରାଏଲୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଛି। ପୋଲିସ ଅଫିସରଙ୍କ ଗୁଳିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ସୁରକ୍ଷା ବଳ ଅଟକ ରଖିଛି।


# ପ୍ରତିଶୋଧମୁହାଁ ଇସ୍ରାଏଲ୍


ଗାଜା ଷ୍ଟ୍ରିପ୍‌ରୁ ହମାସ୍‌ର ରକେଟ୍ ମାଡ଼ରେ ଜଳିଯାଉଥିବା ତେଲ୍ ଅଭିଭ୍‌ର କୋଠା।

**ଶନିବାର ସକାଳେ ଇସ୍ରାଏଲବାସୀ ନିଦରୁ ଉଠି ଆଖି ଖୋଲିବା ମାତ୍ରେ ଦେଖିଥିଲେ ଧ୍ୱଂସ ଲୀଳାର ବିଚଳିତ କରିଦେବା ଭଳି ଦୃଶ୍ୟ, ଶୁଣିବାକୁ ପାଇଥିଲେ ତୁହାକୁ ତୁହା ରକେଟ ମାଡ଼ର ଶବ୍ଦ। ପାଲେଷ୍ଟିନୀୟ ଇସ୍‌ଲାମୀୟ ଗୋଷ୍ଠୀ ହମାସ୍‌ର ଅଭୂତପୂର୍ବ ଆକ୍ରମଣରେ ଥରିଉଠିଥିଲା ଅନେକ ସହର। କାହାକୁ ପଣବନ୍ଦୀ ତ ପୁଣି କାହାକୁ ଉଲଗ୍ନ ପରେଡ୍ କରାଉଛନ୍ତି ହମାସ୍ ମୌଳବାଦୀ। ଆତଙ୍କବାଦୀଙ୍କ ଏହି ବର୍ବରତା ବିରୋଧରେ ଯୁଦ୍ଧ ଘୋଷଣା କରି ପ୍ରତିଶୋଧ ନେଉଛି ଜେରୁଜେଲମ୍। ଭାରତ ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିବାବେଳେ ଇଜିପ୍ଟ, ମରକ୍କୋ ଓ ସାଉଦି ଆରବ ସଂଯମ ରହିବାକୁ ଇସ୍ରାଏଲକୁ ପରାମର୍ଶ ଦେଇଛନ୍ତି।**

## ଯୁଦ୍ଧ ପୃଷ୍ଠଭୂମି

ଇସ୍ରାଏଲୀ-ପାଲେଷ୍ଟିନୀୟଙ୍କ ମଧ୍ୟରେ ସାମରିକ ଓ ରାଜନୈତିକ ସଂଘର୍ଷ ହେଉଛି ପଶ୍ଚିମ ଏସିଆର ପୂର୍ବ ଭୂମଧ୍ୟସାଗରୀୟ କ୍ଷେତ୍ର ଲେଭାଣ୍ଟରେ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ଚାଲିଥିବା ଏକ ଲମ୍ବା ଲଢ଼େଇ। ଅତୀତରେ ଇସ୍ରାଏଲୀ-ପାଲେଷ୍ଟିନୀୟ ଶାନ୍ତି ପ୍ରକ୍ରିୟା ଭଳି ଅନେକ ଉଦ୍ୟମ ହୋଇଛି। କିନ୍ତୁ ବିଶ୍ୱର ଏହି ଅନ୍ୟତମ ଦୀର୍ଘ ସଂଘର୍ଷର ସମାଧାନ ହୋଇପାରି ନାହିଁ। ପାଲେଷ୍ଟାଇନ୍ ପାଇଁ ୧୯୪୭ରେ ଜାତିସଂଘ ପକ୍ଷରୁ ପାର୍ଟିଶନ୍ ପ୍ଲାନ୍ କରାଯାଇଥିଲା। କିନ୍ତୁ ତାକୁ କାର୍ଯ୍ୟକାରୀ କରା ନ ଯିବାରୁ ୧୯୪୭-୪୯ ପାଲେଷ୍ଟାଇନ୍ ଯୁଦ୍ଧ ହୋଇଥିଲା। ୧୯୬୭ରେ ୬ ଦିନ ଧରି ଚାଲିଥିବା ଯୁଦ୍ଧ ବେଳେ ୱେଷ୍ଟ ବ୍ୟାଙ୍କ ଏବଂ ଗାଜାକୁ ଇସ୍ରାଏଲୀ ସାମରିକ ବଳର ଦଖଲ ପରେ ବର୍ତ୍ତମାନର ଇସ୍ରାଏଲୀ-ପାଲେଷ୍ଟିନୀୟ ସ୍ଥିତାବସ୍ଥା ଆରମ୍ଭ ହୋଇଥିଲା। ୧୯୯୩-୧୯୯୫ ଓସ୍ଲୋ ଆକର୍ଡ୍ସ ବଳରେ ଦୁଇରାଷ୍ଟ୍ର ସମାଧାନ ଦିଗରେ ଅଗ୍ରଗତି ହୋଇଥିଲା। ପାଲେଷ୍ଟିନୀୟଙ୍କ ପ୍ରାୟ ୬୦% (ଗାଜା ଷ୍ଟ୍ରିପ୍‌ର ୭୭% ଓ ୱେଷ୍ଟ ବ୍ୟାଙ୍କର ୪୬%) ଇସ୍ରାଏଲୀଙ୍କ ବିରୋଧରେ ସଶସ୍ତ୍ର ଆକ୍ରମଣକୁ ସମର୍ଥନ କରନ୍ତି। ୭୦ ପ୍ରତିଶତଙ୍କ ମତରେ ଦୁଇରାଷ୍ଟ୍ର ସମାଧାନ ବ୍ୟବହାରିକ କିମ୍ବା ସମ୍ଭବ ନୁହେଁ। ଇସ୍ରାଏଲୀ ଇହୁଦୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ କୁହନ୍ତି, ୱେଷ୍ଟ ବ୍ୟାଙ୍କକୁ ଇସ୍ରାଏଲ ଦଖଲ କରିଥିବାରୁ ସେଠାରେ ବସବାସ କରୁଥିବା ପାଲେଷ୍ଟିନୀୟମାନଙ୍କୁ ମତଦାନ ଅଧିକାର ଦିଆଯିବା ଅନୁଚିତ। ପାରସ୍ପରିକ ଅନାସ୍ଥା ଭାବ ଓ ମତଭେଦ ଏହି ବ୍ୟବଧାନକୁ ବଢ଼ାଇଚାଲିଛି। ୨୦୦୬ ପରଠୁ ପାଲେଷ୍ଟିନୀୟ ପକ୍ଷ ଫତହ ସହ ଲଢ଼େଇ କରି ବିଭିନ୍ନ ଭାଗରେ ବିଭକ୍ତ ହୋଇଛି। ଇତିମଧ୍ୟରେ ଇସ୍‌ଲାମିକ୍ ଆତଙ୍କବାଦୀ ଗୋଷ୍ଠୀ ହମାସ୍ ଗାଜା ଷ୍ଟ୍ରିପ୍ ଉପରେ ନିଜ କର୍ତ୍ତୃତ୍ୱ ଜାହିର କରି ଏହାକୁ ନିଜ ନିୟନ୍ତ୍ରଣକୁ ନେଇଛି। ୨୦୧୩ ଜୁଲାଇରେ ଶେଷ ଶାନ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା, କିନ୍ତୁ ତାହା ବର୍ଷକ ପରେ ବନ୍ଦ ହୋଇଯାଇଥିଲା। ୨୦୦୬ ପରଠୁ ହମାସ୍ ଓ ଇସ୍ରାଏଲ୍ ୫ଟି ଯୁଦ୍ଧ ଲଢ଼ିସାରିଛନ୍ତି। ସଦ୍ୟତମ ଯୁଦ୍ଧ ୨୦୨୩ଅକ୍ଟୋବର୭ରେ ଆରମ୍ଭ ହୋଇଛି।


ଖାନ୍ ୟୁନିସ୍‌ର ଏକ ବିଧ୍ୱସ୍ତ ମସ୍‌ଜିଦ୍।

## ସାମ୍ପ୍ରତିକ ସ୍ଥିତି

ଇସ୍ରାଏଲୀ ସହରଗୁଡ଼ିକ ଉପରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଓ ଏହାର ଜବାବୀ କାର୍ଯ୍ୟାନୁଷ୍ଠାନ ହମାସ୍ ଗୋଷ୍ଠୀକୁ ଚର୍ଚ୍ଚିତ କରିଛି। ଏହି ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ଶନିବାର ମାତ୍ର ୨୦ ମିନିଟ୍ ମଧ୍ୟରେ ଇସ୍ରାଏଲ ଉପରେ ୫,୦୦୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରି ବିଶ୍ୱବ୍ୟାପୀ ଶିରୋନାମା ମଣ୍ଡନ କରିଛି। ହମାସ୍ ଆକ୍ରମଣରେ ଇସ୍ରାଏଲର ୬୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିବାବେଳେ ୨ ହଜାରରୁ ଅଧିକ ଆହତ ହୋଇଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ ଯୁଦ୍ଧ ଭାବେ ଅଭିହିତ କରି ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲର ରକେଟ ମାଡ଼ରେ ପ୍ରାୟ ୪୦୦ ହମାସ୍ ବିଦ୍ରୋହୀ ନିହତ ଓ ୨୦୪୮ ଆହତ ହୋଇଛନ୍ତି।

## ହମାସ୍‌ର ଉତ୍ପତ୍ତି

ହମାସ୍‌ର ତାତ୍ପର୍ଯ୍ୟ ହେଉଛି ଉତ୍ସାହ ବା ଆଗ୍ରହ। ୧୯୭୮ରେ ଇଜିପ୍ଟର ଅହମଦ ୟାସିନ ଏବଂ ଅବ୍‌ଦେଲ ଅଜିଜ୍ ଅଲ୍-ରାଣ୍ଟିସିଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଙ୍ଗଠନ ଇସ୍‌ଲାମିକ୍ ପ୍ରତିରୋଧ ଆନ୍ଦୋଳନରେ ବିଶ୍ୱାସ କରେ। ୧୯୮୮ରେ ପାଲେଷ୍ଟାଇନ୍‌କୁ ମୁକ୍ତ କରି ଇସ୍ରାଏଲ, ୱେଷ୍ଟ ବ୍ୟାଙ୍କ ଓ ଗାଜା ଷ୍ଟ୍ରିପ୍‌କୁ ନେଇ ଏକ ଇସ୍‌ଲାମିକ୍ ଷ୍ଟେଟ୍ ଗଠନ ପାଇଁ ହମାସ୍ ଚାର୍ଟରରେ ଲକ୍ଷ୍ୟ ରଖାଯାଇଥିଲା। ଇସ୍ରାଏଲ ପ୍ରାକ୍ ୧୯୬୯ ସୀମାକୁ ଘୁଞ୍ଚି, ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ଫେରିବାକୁ ଦିଆଗଲେ ସନ୍ଧି ସମ୍ଭବ ବୋଲି ସେହିବର୍ଷ ହମାସ୍ ପକ୍ଷରୁ କୁହାଯାଇଥିଲା। ତେବେ ଇସ୍ରାଏଲ ଏହାର ଦାବିକୁ ଅଗ୍ରାହ୍ୟ କରି କହିଥିଲା, ହମାସ୍ ବିଶ୍ୱକୁ ବୋକା ବନାଇବା ପାଇଁ ଉଦ୍ୟମ କରୁଛି।

## ହମାସ୍ ସମର୍ଥକ କିଏ

ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଏକ ସାଂସ୍କୃତିକ ଶାଖା 'ଦୱାହ' ଓ ସାମରିକ ବାହିନୀ 'ଇଜ୍ ଅଦ-ଦିନ୍ ଅଲ୍-କାସିମ୍ ବ୍ରିଗେଡ୍' ରହିଛି। ହମାସ୍‌କୁ ଇରାନ୍ ପ୍ରଚ୍ଛନ୍ନ ସମର୍ଥନ କରିଥାଏ। ଇରାନ, ସିରିଆ ଏବଂ ଲେବାନନ୍‌ର ଇସ୍‌ଲାମିକ୍ ଗୋଷ୍ଠୀ ହେଜ୍‌ବୋଲ୍ଲାକୁ ନେଇ ଗଠିତ ବ୍ଲକ୍‌ର ଏହା ଏକ ଅଂଶବିଶେଷ। ଏହି ବ୍ଲକ୍‌ର ସବୁ ସଦସ୍ୟ ସମ୍ପୃକ୍ତ କ୍ଷେତ୍ରରେ ଆମେରିକୀୟ ନୀତିକୁ ବିରୋଧ କରିଥାଆନ୍ତି। ଇସ୍ରାଏଲ ଉପରେ ହମାସ୍‌ର ସଦ୍ୟ ଆକ୍ରମଣକୁ ଇରାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମର୍ଥନ କରିଛି। ହମାସ୍‌ର ଆକ୍ରମଣ ହେଉଛି ଜବରଦଖଲକାରୀଙ୍କ ମୁହଁରେ ପାଲେଷ୍ଟିନୀୟଙ୍କ ଚାପୁଡ଼ା। ପାଲେଷ୍ଟିନୀୟ ଭୂଖଣ୍ଡ ଓ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶଗୁଡ଼ିକରେ ହମାସ୍‌ର ସମର୍ଥକ ରହିଛନ୍ତି। ଇରାନ, ସିରିଆ ଓ ୟେମେନ୍ ଏହି ଆକ୍ରମଣକୁ ବୀରତ୍ୱ କହି ସମର୍ଥନ କରିଛି। ବର୍ତ୍ତମାନର ସ୍ଥିତି ପାଇଁ କାତାର ଇସ୍ରାଏଲକୁ ଦାୟୀ କରିଛି। ଆରବ ଲିଗ୍ ଓ ଜୋର୍ଡାନ ମଧ୍ୟ ଇସ୍ରାଏଲୀ ନୀତିଗୁଡ଼ିକୁ ସମାଲୋଚନା କରିଛି। ଇଜିପ୍ଟ, ମରକ୍କୋ, ସାଉଦି ଆରବ ସଂଯମ ରହିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ, ଆମେରିକା, ୟୁରୋପୀୟ ସଂଘ, କାନାଡା, ଇଜିପ୍ଟ ଓ ଜାପାନ ହମାସ୍‌କୁ ଏକ ବୈଶ୍ୱିକ ଆତଙ୍କବାଦୀ ସଙ୍ଗଠନର ମାନ୍ୟତା ଦେଇଛନ୍ତି। ୨୦୧୮ରେ ଜାତିସଂଘରେ ଆଗତ ସଂକଳ୍ପନାମାରେ ହମାସ୍‌ର କାର୍ଯ୍ୟକଳାପକୁ ନିନ୍ଦା କରାଯାଇଥିଲା।

## ହମାସ୍ ବନାମ ଫତହ

ପାଲେଷ୍ଟିନୀୟ ରାଜନୈତିକ ପ୍ରେକ୍ଷାପଟରେ ହମାସ୍‌ର ଆବିର୍ଭାବ ଏହାକୁ ଫତହ ସହ ମୁହାଁମୁହିଁ କରିଛି। ୧୯୯୪ରୁ ୨୦୦୪ ପର୍ଯ୍ୟନ୍ତ ପାଲେଷ୍ଟିନିଆନ୍ ନ୍ୟାଶନାଲ ଅଥରିଟି (ପିଏନ୍‌ଏ) ଅଧ୍ୟକ୍ଷ ରହିଆସିଥିବା ୟାସର ଆରାଫତ୍‌ଙ୍କ ଦ୍ୱାରା ୧୯୯୦ ଦଶକରେ ପ୍ରତିଷ୍ଠିତ ଫତହ ପରବର୍ତ୍ତୀ ସମୟରେ ସଶସ୍ତ୍ର ପ୍ରତିରୋଧରୁ ଓହରି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ପାଇଁ ଉଦ୍ଦିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାକୁ ସମର୍ଥନ କରିଥିଲା। ୨୦୦୪ରେ ଆରାଫତ୍‌ଙ୍କ ମୃତ୍ୟୁ ପରେ ଶୂନ୍ୟସ୍ଥାନ ସୃଷ୍ଟି ହେବାରୁ ହମାସ୍‌ର ବଳ ବୃଦ୍ଧି ଘଟିଥିଲା। ୨୦୦୭ରେ ଏହି ଗୋଷ୍ଠୀ ଫତହ ସହ ଗୃହଯୁଦ୍ଧ ପରେ ଗାଜାକୁ ନିଜ ନିୟନ୍ତ୍ରଣକୁ ନେଇଥିଲା। ସେବେଠୁ ଗାଜା ଷ୍ଟ୍ରିପ୍ ଉପରେ ହମାସ୍‌ର ଦଖଲ ଥିବାବେଳେ ୱେଷ୍ଟ ବ୍ୟାଙ୍କରେ ଫତହ କ୍ଷମତାସୀନ ରହିଛି। ହମାସ୍ ନିଜକୁ ଇସ୍‌ଲାମୀୟ କହୁଥିବାବେଳେ ଫତହ ଧର୍ମନିରପେକ୍ଷତାର ଓକିଲାତି କରିଥାଏ। ଇସ୍ରାଏଲକୁ ସ୍ୱୀକୃତି ଦେଉ ନ ଥିବା ହମାସ୍ ସଶସ୍ତ୍ର ବିଦ୍ରୋହର ଆହ୍ୱାନ ଦେଉଥିବାବେଳେ ଫତହ ଆଲୋଚନା ଜରିଆରେ ସମାଧାନର ବାଟ ଖୋଜିଥାଏ। ଏହି ୨ ଗୋଷ୍ଠୀ ଗତ ୨ ଦଶନ୍ଧି ଧରି ପରସ୍ପର ସହ ଲଢ଼େଇ କରିଆସିଛନ୍ତି। ବର୍ତ୍ତମାନ ଫତହର ନେତୃତ୍ୱ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମୋହମୁଦ୍ ଅବ୍ବାସ ନେଉଛନ୍ତି।

## ହେଜ୍‌ବୋଲ୍ଲା ଟାର୍ଗେଟରେ ଇସ୍ରାଏଲ

ଲେବାନନ୍‌ର ହେଜ୍‌ବୋଲ୍ଲା ବିବାଦୀୟ ଶେହବା ଫାର୍ମ୍ସରେ ଇସ୍ରାଏଲର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଥିବା ନେଇ ରବିବାର ଦାବି କରିଛି। ହମାସ ବନ୍ଧୁକଧାରୀମାନେ ଗାଜାରୁ ଇସ୍ରାଏଲ ଉପରେ ଅଭୂତପୂର୍ବ ଆକ୍ରମଣ କରିବା ପରେ ପାଲେଷ୍ଟିନୀୟ ଲୋକଙ୍କ ସମର୍ଥନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ହେଜ୍‌ବୋଲ୍ଲା କହିଛି। ୧୯୭୫-୯୦ ଗୃହଯୁଦ୍ଧ ବେଳେ ଇରାନର ରିଭୋଲ୍ୟୁଶନାରି ଗାର୍ଡ୍ସ ପକ୍ଷରୁ ୧୯୮୨ରେ ପ୍ରତିଷ୍ଠିତ ଏହି ଶିଆ ଗୋଷ୍ଠୀକୁ ଇରାନ ସମର୍ଥନ କରିଥାଏ। ଅନ୍ୟପକ୍ଷେ ଆମେରିକା ସମେତ ଅନେକ ରାଷ୍ଟ୍ର ହେଜ୍‌ବୋଲ୍ଲାକୁ ଆତଙ୍କବାଦୀ ସଙ୍ଗଠନ ଆଖ୍ୟା ଦେଇଛନ୍ତି।


ଇସ୍ରାଏଲର ପ୍ରତିଆକ୍ରମଣରେ ବିଧ୍ୱସ୍ତ ଗାଜା ସହରର ଏକ କୋଠା ।


ତେଲ୍ ଅଭିଭ୍‌ସ୍ଥିତ ଇଚିଲୋଭ୍ ହସ୍ପିଟାଲରେ ଆହତ ସୈନ୍ୟଙ୍କ ହାତକୁ ଧରିଛନ୍ତି ଜଣେ ମହିଳା।

## ଇସ୍ରାଏଲରୁ ମୁମ୍ବାଇ ଫେରିଲେ ନୁଶରତ୍



ବଲିଉଡ୍ ଅଭିନେତ୍ରୀ ନୁଶରତ ଭରୁଚା ହାଫିଆ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଯୋଗଦେବା ପାଇଁ ଇସ୍ରାଏଲ ଯାଇଥିଲେ। ସେଠାରେ ତାଙ୍କ ଫିଲ୍ମ 'ଅକେଲି' ର ସ୍କ୍ରିନିଂ କାର୍ଯ୍ୟକ୍ରମ ରହିଥିଲା। ଏହି ଫିଲ୍ମରେ ଇସ୍ରାଏଲୀ କଳାକାର ସାହି ହାଲେଭି ଓ ଅମିର ବୁଟ୍ରୋସ୍ ମଧ୍ୟ ଅଭିନୟ କରିଛନ୍ତି। ତେବେ ଶନିବାର ଯୁଦ୍ଧ ଆରମ୍ଭ ହେବା ପରେ ସେଠାରେ ସେ ଫସିଯାଇଥିଲେ। ୩୮ ବର୍ଷୀୟା ଅଭିନେତ୍ରୀ ଓ ତାଙ୍କ ଟିମ୍ ରବିବାର ଅପରାହ୍ନ ୨ଟାରେ ମୁମ୍ବାଇ ଫେରିଛନ୍ତି। ଭାରତୀୟ ଦୂତାବାସ ଜରିଆରେ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପରେ ସେମାନେ ଆଶ୍ୱସ୍ତି ଲାଭ କରି ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।



ଇସ୍ରାଏଲର ସେରୋଟରେ ହମାସ୍ ବନ୍ଧୁକଧାରୀଙ୍କ ଅନୁପ୍ରବେଶ ପରେ ପୋଜିଶନ୍ ନେଇଛନ୍ତି ସୁରକ୍ଷାକର୍ମୀ।

# ଆଇଏଏଫ୍ ଘାତକ, ଦୁର୍ଜୟ

**ନୂଆଦିଲ୍ଲୀ,୮।୧୦(ପି.ଟି.)**


## ବାୟୁସେନା ଦିବସରେ ରାଜନାଥଙ୍କ ବାର୍ତ୍ତା

ବାୟୁସେନା ଦିବସ ଅବସରରେ ରବିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ବାୟୁବୀର ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍) ଆଜି ଅନ୍ୟତମ ଘାତକ ଓ ଦୁର୍ଜୟ ଶକ୍ତିରେ ପରିଣତ ହେବା ସହ ସୀମା ବାହାରେ ନିଜର ପରାକ୍ରମ ଦେଖାଇଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ବାୟୁସେନାର ରାଷ୍ଟ୍ର ପ୍ରତି ପାଖାପାଖି ୧୦୦ ବର୍ଷର ନିରନ୍ତର ଉତ୍ସର୍ଗୀକୃତ ଏବଂ ଅତୁଳନୀୟ ସେବାର ଏହା ଏକ ସ୍ମରଣୀୟ ଅବସର ବୋଲି ଜେନେରାଲ ଚୌହାନ ତାଙ୍କ ବାର୍ତ୍ତାରେ କହିଛନ୍ତି। ୨୦୧୦ରେ ଅନରାରୀ ଭାବେ ଗ୍ରୁପ୍ କ୍ୟାପ୍‌ଟେନ୍ ର୍‍ୟାଙ୍କ୍ ପାଇଥିବା କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକର ଏହି ଅବସରରେ ବାୟୁସେନା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ବାୟୁସେନା ୧୯୩୨ ଅକ୍ଟୋବର ୮ରେ ଆନୁଷ୍ଠାନିକ ଭାବେ ଗଠନ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଏହାର ଯବାନମାନଙ୍କ ବୀରତ୍ୱ ଓ ସଫଳତା ପାଇଁ ୧୯୪୫ ମାର୍ଚ୍ଚରେ ଏହାକୁ 'ରୟାଲ' ଉପାଧି ମିଳିଥିଲା ଓ ଏହାର ରୟାଲ ଇଣ୍ଡିଆନ୍ ଏୟାରଫୋର୍ସ ଭାବେ ନାମିତ ହୋଇଥିଲା। ୧୯୫୦ରେ ଭାରତ ସାଧାରଣତନ୍ତ୍ର ହେବା ପରେ ଆଇଏଏଫ୍ ରୟାଲ ଶବ୍ଦକୁ ବାଦ୍ ଦେଇଥିଲା। ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ୯୧ତମ ବାୟୁସେନା ଦିବସ ପାଳନ ଅବସରରେ ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧରୀ ବାୟୁସେନାର ନୂଆ ଲୋଗୋ ଉନ୍ମୋଚନ କରିଛନ୍ତି।

# ଆଫଗାନିସ୍ତାନ ଭୂକମ୍ପ ମୃତ୍ୟୁ ୨,୦୦୦ ଟପିଲା

**କାବୁଲ,୮।୧୦**

ପଶ୍ଚିମ ଆଫଗାନିସ୍ତାନରେ ଶନିବାର ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୨,୦୦୦ ଅତିକ୍ରମ କରିଥିବା ତାଲିବାନ ପକ୍ଷରୁ ଘୋଷଣା କରାଯାଇଛି। ଗତ ୨ ଦଶନ୍ଧି ମଧ୍ୟରେ ଆଫଗାନିସ୍ତାନରେ ଏହା ସବୁଠୁ ଭୟାବହ ଭୂକମ୍ପ। ୬.୩ ତୀବ୍ରତାର ଭୂକମ୍ପ ପରେ ୮ ଥର ଶକ୍ତିଶାଳୀ ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁ ୧୨ଟି ଗ୍ରାମର ୬୦୦ ଘର ମାଟିରେ ମିଶିଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହେରାତ ସହରରେ ଲୋକେ ରବିବାର ଘରଗୁଡ଼ିକର ଭଗ୍ନାବଶେଷ ତଳୁ ମୃତାହତଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚଳାଇଛନ୍ତି। ଭଗ୍ନାବଶେଷ ତଳେ ବହୁ ଲୋକ ରହିଯାଇଥିବା ଆଶଙ୍କା କରାଯାଉଛି। ଉଦ୍ଧାରକାରୀ ଜଣେ ଶିଶୁକନ୍ୟାକୁ ଭୁଶୁଡ଼ି ପଡ଼ିଥିବା ଘରୁ ଜୀବନ୍ତ ଉଦ୍ଧାର କରିଥିବାବେଳେ ତା'ର ମାଆ ଜୀବିତ କିମ୍ବା ମୃତ ଜଣାପଡ଼ି ନାହିଁ। ଭଗ୍ନାବଶେଷ ତଳୁ ମହିଳା ଜଣକ ହାତ ଦେଖାଯାଉଛି। ମୃତ୍ୟୁସଂଖ୍ୟା ବହୁତ ଅଧିକ ହୋଇପାରେ ବୋଲି ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟ ମୁଖପାତ୍ର ଅବଦୁଲ ୱାହିଦ ରୟାନ କହିଛନ୍ତି। ୨,୦୬୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୪୦ ଆହତ ହୋଇଛନ୍ତି। ୧,୩୨୦ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ରୟାନ ସୂଚନା ଦେଇଛନ୍ତି। ସେନା ଏବଂ ରେଡ୍ କ୍ରିସେଣ୍ଟ ସମେତ ବିଭିନ୍ନ ସଂଗଠନର ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ସର୍ବାଧିକ କ୍ଷତିଗ୍ରସ୍ତ ଜେଣ୍ଡା ଜନ୍ ଜିଲାକୁ ୩ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଟିମ୍ ପଠାଯାଇଛି। ଜାତିସଂଘ ଡାକ୍ତର ଏବଂ ଆମ୍ବୁଲାନ୍ସ ଯୋଗାଇଦେଇଛି। ଡକ୍ଟର୍ସ ୱିଦାଉଟ୍ ବର୍ଡରସ୍ ପକ୍ଷରୁ ହେରାତ ରିଜିଓନାଲ ହସ୍ପିଟାଲରେ ୫ଟି ମେଡିକାଲ ଶିବିର ସ୍ଥାପନ କରାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୯/୨୦୨୩ Bhubaneswar, Monday, October 9/2023 | ପୃଷ୍ଠା-୧



## ଘାନାରେ ଦେବାଶିଷଙ୍କ ସଫଳତା

ଓଡ଼ିଶାର ଦେବାଶିଷ ସାହୁ ଘାନାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଆଇଟିଏଫ୍ ଟୁର୍ନାମେଣ୍ଟରେ ଡବଲ୍ସ ରନରଅପ୍ ହୋଇଛନ୍ତି।

୧୪

୦୮

## 'ସିଙ୍ଘମ୍ ଏଗେନ'ରେ ବେବୋ

ବଲିଉଡ୍ ବେବୋ କରିନା କପୁର ହାଇଦ୍ରାବାଦ୍‌ରେ ତାଙ୍କ ଆଗାମୀ ଫିଲ୍ମ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ କରିଥିବା ନେଇ ଏକ ଫଟୋ ଶେୟାର କରିଛନ୍ତି।





ଚେନ୍ନାଇରେ ରବିବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପର ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଶତକୀୟ ଭାଗୀଦାରି ଅବସରରେ ଲୋକେଶ ରାହୁଲ ଓ ବିରାଟ କୋହଲି। **(ରିପୋର୍ଟ: ଖେଳପୃଷ୍ଠା)**

# ୧୦୦୦+ ମୃତ

## ହମାସ-ଇସ୍ରାଏଲ ସଂଘର୍ଷ

**ଗାଜା,୮।୧୦**

ପାଲେଷ୍ଟାଇନ୍‌ର ହମାସ୍ ବିଦ୍ରୋହୀମାନେ ଶନିବାର ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ପରେ ଏହା ଯୁଦ୍ଧର ରୂପ ନେଇଛି। ଜବାବୀ ଆକ୍ରମଣରେ ଇସ୍ରାଏଲ୍ ବାୟୁସେନା ଗାଜାଷ୍ଟ୍ରିପ୍ ଉପରେ ଜୋର୍‌ଦାର ବୋମାମାଡ଼ ଜାରି ରଖିଛି। ଏହି ସଂଘର୍ଷରେ ଉଭୟ ପକ୍ଷରୁ ୧,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି। ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ୬୦୦ରୁ ଅଧିକ ଇସ୍ରାଏଲୀଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ୍ ମଧ୍ୟ ଗାଜାରେ ୪୦୦ରୁ ଊର୍ଦ୍ଧ୍ୱ ହମାସ୍ ଆତଙ୍କବାଦୀଙ୍କୁ ହତ୍ୟା କରିଥିବା ଦାବି କରିଛି। ଇସ୍ରାଏଲ୍ ବିରୋଧରେ ହମାସ୍ ଶନିବାର ଅଚାନକ ଜୋର୍‌ଦାର ଆକ୍ରମଣ (ଅପରେଶନ ଅଲ୍-ଅକ୍‌ସା ଫ୍ଲଡ୍) ଆରମ୍ଭ କରିଦେବାରୁ ତେଲ୍ ଆଭିଭ୍ ପକ୍ଷରୁ ଯୁଦ୍ଧ ଘୋଷଣା କରାଯାଇଥିଲା। ହମାସ୍ ଆତଙ୍କବାଦୀମାନେ ୩,୦୦୦ରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିବା ସହ ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ଥିବା କେତେକ ସହରରେ ପ୍ରବେଶ କରି ଆକ୍ରମଣ ଚଳାଇଥିଲେ। ସେମାନେ ଅନେକ ନିରୀହ ଇସ୍ରାଏଲୀଙ୍କୁ ଗୁଳିକରି ହତ୍ୟା କରିବା ସହ କେତେଜଣ ସୈନ୍ୟ ଓ ସାଧାରଣ ନାଗରିକଙ୍କୁ ବନ୍ଦୀ କରି ନେଇଯାଇଛନ୍ତି। ସେମାନେ ଗାଜା ସୀମାରୁ ୧୫ ମାଇଲ ପର୍ଯ୍ୟନ୍ତ ଇସ୍ରାଏଲ୍ ଭିତରେ ପ୍ରବେଶ କରିବା ସହ ୨୨ଟି ସ୍ଥାନରେ ଆକ୍ରମଣ ଚଳାଇଥିଲେ। ଏବେବି ୮ଟି ସ୍ଥାନରେ ହମାସ୍ ବିଦ୍ରୋହୀ ଆକ୍ରମଣ ଜାରି ରଖିଥିବା ଇସ୍ରାଏଲୀ ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି।

ହମାସ୍ ଆକ୍ରମଣର ଜବାବ ଦେବାକୁ ଯାଇ ଇସ୍ରାଏଲୀ ସୈନ୍ୟବାହିନୀ ପକ୍ଷରୁ ଆରମ୍ଭ ହୋଇଥିଲା 'ଅପରେଶନ ଆଇରନ୍ ସୋର୍ଡସ୍'। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ ବିରୋଧରେ ଯୁଦ୍ଧ ଘୋଷଣା କରିବା ସହ ଉକ୍ତ ସଂଗଠନର ଗାଜା ଆଶ୍ରୟସ୍ଥଳକୁ ମାଟିରେ ମିଶାଇଦେବେ ବୋଲି ସଂକଳ୍ପ କରିଥିଲେ। ☞**ପୃଷ୍ଠା-୨**

## ଇସ୍ରାଏଲ୍, ଗାଜାରେ ଥିବା ଭାରତୀୟ ସୁରକ୍ଷିତ

**ଜେରୁଜେଲମ୍,୮।୧୦**

ହମାସ୍ ବିଦ୍ରୋହୀ ଏବଂ ଇସ୍ରାଏଲୀ ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ତେବେ ସେଠାରେ ଥିବା ସମସ୍ତ ଭାରତୀୟ ନାଗରିକ ସୁରକ୍ଷିତ ବୋଲି ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ସୁରକ୍ଷିତ ଭାବେ ଭାରତ ପଠାଇବା ପାଇଁ କେତେଜଣ ନାଗରିକ ଏବଂ ଅଟକି ରହିଥିବା ପର୍ଯ୍ୟଟକ ଦୂତାବାସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଇସ୍ରାଏଲ୍‌ରେ ପ୍ରାୟ ୧୮,୦୦୦ ଭାରତୀୟ ରହିବା ☞**ପୃଷ୍ଠା-୨**

ଦିଅର ଦେଉଥିଲେ ଅମାନୁଷିକ ନିର୍ଯାତନା
........୩........
ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ
........୩........

**ଆଜିର ସମ୍ପାଦକୀୟ**

ଇସ୍ରାଏଲକୁ ମାଡ଼

**ଆଜିର ମନ୍ତବ୍ୟ**

" ବିଶ୍ୱର ସୁରକ୍ଷା ପାଇଁ ବାୟୁସେନା ଗୁରୁତ୍ୱପୂର୍ଣ୍ଣ। ୨୦୪୭ ସୁଦ୍ଧା ଭାରତ ବିକଶିତ ଦେଶ ହେବାକୁ ଯାଉଥିବାରୁ ସେତେବେଳକୁ ଆଇଏଏଫ୍ ଅନ୍ୟତମ ସର୍ବଶ୍ରେଷ୍ଠ ବାୟୁସେନା ହେବା ନିଶ୍ଚିତ।
**-ଭି.ଆର୍. ଚୌଧାରୀ, ଏୟାର ଚିଫ୍ ମାର୍ଶଲ**




# ପୋଲିସ ଗାଡ଼ିରେ ଅଭିଯୁକ୍ତଙ୍କ ମୃତ୍ୟୁ

**ବରଗଡ଼/ରାଉରକେଲା, ୮।୧୦(ପ୍ରେମାନନ୍ଦ ଖମାରୀ/ସଙ୍ଗୀତା ଜେନା)**

ବରଗଡ଼ ଟାଉନ ଥାନା ପୋଲିସ ହାତରେ ଗତ ସେପ୍ଟେମ୍ବର ୨୫ତାରିଖରେ ଧରାପଡ଼ିଥିବା ଆନ୍ତଃରାଜ୍ୟ ଠକଗ୍ୟାଙ୍ଗର ୧୩ ଅଭିଯୁକ୍ତ ରବିବାର ଜାମିନରେ ବରଗଡ ଉପକାରାଗାର (ସବ୍‌ଜେଲ)ରୁ ମୁକ୍ତ ହୋଇଥିଲେ। ସେମାନେ ଉପକାରାଗାରରୁ ମୁକ୍ତ ହୋଇ ବାହାରକୁ ଆସିବା ପରେ ସେଠାରେ ପୂର୍ବରୁ ରହିଥିବା ରାଉରକେଲା ରଘୁନାଥପାଲି ଥାନା ପୋଲିସ ଅନୁରୂପ ଆଉ ଏକ ମାମଲାରେ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା। ସେମାନଙ୍କୁ ରାଉରକେଲା ନେଉଥିବାବେଳେ ବାଟରେ ଦୁଇଜଣ ଅସୁସ୍ଥ ହୋଇପଡିବାରୁ ବୁର୍ଲା ସ୍ଥିତ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଛି। ତେବେ ଏହା ହୃଦ୍‌ଘାତଜନିତ ବୋଲି କୁହାଯାଉଛି। ମୃତ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ପରସର୍କିସ ନିବାସୀ ଅନିର୍ବାନ କାଜି(୩୯)। ତାଙ୍କ ମୃତଦେହକୁ ଭିମ୍‌ସାର୍ ମର୍ଗ ହାଉସ୍‌ରେ ରଖାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗର ଉକ୍ତ ୧୩ ଜଣିଆ ଠକଗ୍ୟାଙ୍ଗ ନିଜକୁ ମହିନ୍ଦ୍ରା କମ୍ପାନୀର ଅଧିକାରୀ ଏବଂ ମଧ୍ୟସ୍ଥ ବୋଲି ମିଛ ପରିଚୟ ଦେଇ ଚଢ଼ାଦରରେ କମ୍ପାନୀ ପାଇଁ ଭଡ଼ାଘର ଠିକ୍ କରିଦେବା ଆଳରେ ବରଗଡ଼ ଅମ୍ବାପାଲିର ଅଜୟ କୁମାର ରେଖାନୀଙ୍କଠାରୁ ୨ଲକ୍ଷ ଟଙ୍କା ଠକି ନେଇଥିଲେ। ନଦୀପଡ଼ାସ୍ଥିତ ରେଖାନୀଙ୍କ ୩ ମହଲା ବିଶିଷ୍ଟ କୋଠାଘରକୁ କମ୍ପାନୀ ପାଇଁ ମାସିକ ସାଢ଼େ ୬ଲକ୍ଷ ଟଙ୍କାରେ ଠିକ୍ କରି ଦେଇଥିବା କହି ☞**ପୃଷ୍ଠା-୨**

## ୧୦ରୁ ରାଜ୍ୟବ୍ୟାପୀ ବସ୍ ଧର୍ମଘଟ

**ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)**

ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବ। ଏହି ଧର୍ମଘଟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ବସ୍ ଧର୍ମଘଟ ଚାଲିବ ବୋଲି ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏନେଇ ରବିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥର ଧର୍ମଘଟରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଲାଗିଥିବା ବସ୍‌ଗୁଡ଼ିକ ମଧ୍ୟ ସାମିଲ ହେବ। ଅର୍ଥାତ ଶିକ୍ଷାନୁଷ୍ଠାନରେ ନିୟୋଜିତ ପ୍ରାଇଭେଟ୍ ବସ୍‌ଗୁଡ଼ିକ ୧୦ ତାରିଖରୁ ଗଡ଼ିବ ନାହିଁ।

ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ବସ୍ ମାଲିକ ସଂଘର ସଦସ୍ୟମାନେ ଯୋଗ ଦେଇଛନ୍ତି। ଗତ ୨୭ ତାରିଖରେ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଥିବା ଦାବି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଲକ୍ଷ୍ମୀ ଯୋଜନାରେ ବସ୍ ଚଳାଇବା ପାଇଁ ବାହାର ରାଜ୍ୟର ଠିକାଦାରଙ୍କୁ ବସ୍ ଚଳାଇବା ପାଇଁ ଆର୍ଥିକ ସହାୟତା ଦିଆଯାଉଛି। ☞**ପୃଷ୍ଠା-୨**

# ପ୍ରାତଃଭ୍ରମଣ ବେଳେ ଗାଡ଼ି ଧକ୍କାରେ ଚାଲିଗଲା ୩ ଜୀବନ

- **ଅନୁଗୋଳରେ ୨, ବଲାଙ୍ଗୀରରେ ଜଣେ ମୃତ**
- **ମୃତକଙ୍କ ମଧ୍ୟରେ ୨ଜଣ ଯୁକ୍ତ ୨ ଛାତ୍ର**

**ପାଲଲହଡ଼ା/ବଲାଙ୍ଗୀର, ୮।୧୦ (ଦିବ୍ୟଜ୍ୟୋତି ଦାଶ/ ବୀରେନ୍ଦ୍ର କୁମାର ଝାଙ୍କର)**

ରବିବାର ପ୍ରାତଃଭ୍ରମଣ ବେଳେ ଅନୁଗୋଳ ଜିଲା ପାଲଲହଡ଼ା ଓ ବଲାଙ୍ଗୀର ସଦର ଥାନା ଗେଡ଼ାବାଞ୍ଜି ଛକରେ ଗାଡ଼ି ଧକ୍କାରେ ଯାଇଛି ୩ ଜଣଙ୍କ ଜୀବନ। ଦୁର୍ଘଟଣା ପରେ ଉଭୟ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ବୁଝାଶୁଝା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ମୁକ୍ତାପୁର ଗ୍ରାମ ନିକଟରେ ରବିବାର ଭୋର ପ୍ରାୟ ୫ଟାରେ ପ୍ରାତଃଭ୍ରମଣ ବେଳେ ଦ୍ରୁତଗତିରେ ଆସୁଥିବା ଏକ ଗାଡ଼ି ଜଣେ କଲେଜ ଛାତ୍ର ଓ ତାଙ୍କ ବନ୍ଧୁଙ୍କୁ ଧକ୍କା ଦେବାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଲେ ମାଲ୍ୟଗିରି କଲେଜର ଯୁକ୍ତ ୨ ଛାତ୍ର ରାଜେଶ ଶୁଣ୍ଢି (୧୭) ଓ ତାଙ୍କ ବନ୍ଧୁ ମାଧବ ସାମଡ଼ (୨୫)। ଧକ୍କା ଦେବା ପରେ ଡ୍ରାଇଭର ଗାଡ଼ିକୁ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ପାଲଲହଡା ଥାନା ଅଧିକାରୀ ପାରାଓ ଟୁଡୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ତେବେ ପୋଲିସ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ, ତହସିଲଦାର ସୁଦାମ ମାରାଣ୍ଡି ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସମସ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରାଯାଇଥିବା ବେଳେ ଚାଳକ ଫେରାର ଥିବା ଥାନା ଅଧିକାରୀ ପାରାଓ ଟୁଡୁ ପ୍ରକାଶ କରିଛନ୍ତି।

ବଲାଙ୍ଗୀର ସଦର ଥାନା ୪୨ନଂ ରାଜ୍ୟ ରାଜପଥର ଗେଡାବାଞ୍ଜି ନିକଟରେ ମର୍ନିଂ ୱାକ୍ କରୁଥିବାବେଳେ ପାଟଣାଗଡ଼ ପଟରୁ ଆସୁଥିବା ଏକ ମିନିଟ୍ରକ୍ ମାଡିଯିବାରୁ ପୁରୁଷୋତ୍ତମ ଭୁଏ (୧୬)ଙ୍କର ମୃତ୍ୟୁ ଘଟିଛି। ବେଲପଡା ବ୍ଲକ୍ ତରାଗାଁର ପୁରୁଷୋତ୍ତମ ବଲାଙ୍ଗୀର ସଦର ବ୍ଲକ ସିଆଲବାହାଲିରେ ମାମୁଘରେ ରହି ସାହାଜବାହାଲ କଲେଜରେ ଯୁକ୍ତ୨ପ୍ରଥମ ବର୍ଷର ଛାତ୍ର ଥିଲେ। ବିଏସ୍‌ଏଫ୍‌ରେ ଯବାନ ଭାବେ ଯୋଗଦେବା ଲକ୍ଷ୍ୟ ରଖି ସେ ପ୍ରତିଦିନ ଦୌଡ଼ିବା, ମର୍ନିଂ ୱାକ୍ କରୁଥିଲେ। ଅନ୍ୟ ତିନିଜଣ ସାଙ୍ଗଙ୍କ ସହ ସକାଳେ ସିଆଲବାହାଲି ଗାଁରୁ ବାହାରି ପାଟଣାଗଡ଼-ବଲାଙ୍ଗୀର ରାସ୍ତାରେ ଚାଲୁଥିବାବେଳେ ଗେଡାବାଞ୍ଜି ଛକରେ ଦ୍ରୁତଗତିରେ ଆସୁଥିବା ଏକ ମିନିଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେବାରୁ ପୁରୁଷୋତ୍ତମଙ୍କର ମୃତ୍ୟୁ ଘଟିଥିଲା। ମିନିଟ୍ରକ୍‌କୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସାଥିରେ ଥିବା ଅନ୍ୟ ସାଙ୍ଗମାନେ ସାମାନ୍ୟ ଦୂରରେ ଥିବାରୁ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ଗେଡାବାଞ୍ଜି ଛକରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସଦର ଥାନା ପୋଲିସ ଓ ☞**ପୃଷ୍ଠା-୨**

# ଓଡ଼ିଶା ସୀମାରେ ଆନ୍ଧ୍ରର ଜଳ ସଂରକ୍ଷଣ ବନ୍ଧ ଯୋଜନା

## ପ୍ରଶାସନ ପାଖରେ ଖବର ନାହିଁ

**ପଟ୍ଟାଙ୍ଗି,୮।୧୦(ଶରତ ଧଳ)**

କିଛିଦିନର ନୀରବତା ପରେ ପୁଣି ପଡ଼ୋଶୀ ଆନ୍ଧ୍ରର କାର୍ଯ୍ୟ ଚର୍ଚ୍ଚାକୁ ଆସିଛି। ଏଥର କୋଟିଆ କିମ୍ବା ଅନ୍ୟ କୌଣସି ପଞ୍ଚାୟତର ଲୋକଙ୍କୁ ନିଜ ରାଜ୍ୟ ପ୍ରତି ଆକୃଷ୍ଟ କରିବା ଲକ୍ଷ୍ୟ ନାହିଁ ବରଂ ଓଡ଼ିଶା ସୀମାରେ ଅନୁପ୍ରବେଶ କରି ଆନ୍ଧ୍ର ସରକାର ଜଳ ସଂରକ୍ଷଣ ବନ୍ଧ ନିର୍ମାଣ ଯୋଜନା କରୁଛି। ଏଥିପାଇଁ ସେ ଓଡ଼ିଶାର ରାଜସ୍ୱ ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା ଜଳ ଓ ଜଙ୍ଗଲ ଜମିକୁ ହାତେଇବାରେ ଲାଗିପଡ଼ିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ପଞ୍ଚାୟତର ମୁଙ୍ଗାରଗୁମି ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏନେଇ ସ୍ଥାନୀୟ ଜିଲା ପ୍ରଶାସନ ନିକଟରେ କିଛି ଖବର ନାହିଁ।

ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକର ସୁଙ୍କି ପଞ୍ଚାୟତର ଇତାୱାଲସା, କୋପମାଉଡି, ଗନ୍ଧୱାଲସା, ୱାଲାଗାଁ, ମାଦିଗୁଣ୍ଡଲାମ, ମୁଙ୍ଗାରଗୁମି, ସାଙ୍ଗାମଗୁଡ଼େ, ତୋଟାଲପାଡୁ ଓ ଡ୍ରେଙ୍ଗିଗରୁଙ୍ଗଗୁଡ଼େ ଗ୍ରାମ ସହ ରାଲେଗଡ଼ା ପଞ୍ଚାୟତର ବାଟିୱାଲ୍‌ସା, ଚିଟାମପାଡୁ, ଟାଙ୍ଗିଣି ଓ ମାଡାୱାଲସା ପଞ୍ଚାୟତର ୧୪ଟି ଗ୍ରାମର ଗ୍ରାମବାସୀ ନିଜ ଗ୍ରାମ ନିକଟ ଦେଇ ପ୍ରବାହିତ ପାହାଡୀ ନଦୀ ଉପରେ ନିର୍ଭର କରି ଚଳନ୍ତି। ଏହି ନଦୀ ଜଳରେ ସେମାନେ ଚାଷକରି ଜୀବିକା ନିର୍ବାହ କରନ୍ତି। ତେବେ ଆନ୍ଧ୍ର ସୀମାନ୍ତ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକମାନେ କିପରି ଉନ୍ନତମାନର ଚାଷ କରି ରୋଜଗାରକ୍ଷମ ହୋଇପାରିବେ ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଆନ୍ଧ୍ର-ଓଡ଼ିଶା ସୀମାନ୍ତର ଉପରୋକ୍ତ ଗ୍ରାମଗୁଡ଼ିକ ମଧ୍ୟରୁ ମୁଙ୍ଗାରଗୁମି ଗ୍ରାମରେ ଜଳସେଚନ ପ୍ରକଳ୍ପ ନେଇ ଏକ ବନ୍ଧ ନିର୍ମାଣ କରିବାକୁ ଆନ୍ଧ୍ର ସରକାର ଯୋଜନା କରିଛି। ଏଥିପାଇଁ ଗତ ୨୬ ତାରିଖରେ ଆନ୍ଧ୍ର ସରକାର ଜମି ଚିହ୍ନଟ ସହ ସର୍ଭେ କାର୍ଯ୍ୟ ଆରମ୍ଭ କରିଛି। ଅନ୍ୟପକ୍ଷରେ ଆନ୍ଧ୍ର ଯଦି ଏପରି ପ୍ରକଳ୍ପ କରେ ତେବେ ଓଡ଼ିଶାର ଉପରୋକ୍ତ ☞**ପୃଷ୍ଠା-୨**

# 'ଅଲିମ୍ପିକ୍ସ ହକିରେ ଭାରତ ସ୍ୱର୍ଣ୍ଣ ଜିତିପାରିବ'

**ନୂଆଦିଲ୍ଲୀ, ୮।୧୦ (ପି.ଟି.)**

ଭାରତୀୟ ପୁରୁଷ ହକି ଦଳର ଦୃଢ଼ ମନୋବଳ ଓ ପ୍ରତିଭା ରହିଛି। ତେଣୁ ଆଗାମୀ ଅଲିମ୍ପିକ୍ସ ହକିରେ ଦଳ ସ୍ୱର୍ଣ୍ଣ ଜିତିପାରିବା ନେଇ ତାଙ୍କର ବିଶ୍ୱାସ ରହିଛି ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବା ପରେ ଏକ ସାକ୍ଷାତ୍‌କାର ଅବସରରେ ନବୀନ ଏକଥା କହିଛନ୍ତି। ସେ କହିଛନ୍ତି, ହକି ହେଉଛି ଆମର ଡିଏନ୍‌ଏ। ଇତିମଧ୍ୟରେ ଅନ୍ୟ କେତେକ ଖେଳ ଦୃଷ୍ଟି ଆକର୍ଷଣ କରିପାରିଛି, ହେଲେ ବର୍ତ୍ତମାନ ହକିର ପ୍ରଶଂସା କରିବା ସମୟ ଆସି ଉପନୀତ ହୋଇଛି। ଓଡ଼ିଶା ସରକାର ଭାରତର ଉଭୟ ପୁରୁଷ ଓ ମହିଳା ହକିର ପ୍ରାୟୋଜକ ଅଛନ୍ତି। ପୁରୁଷ ହକି ଦଳ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିବା ସହ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛି।



ନବୀନ ପଟ୍ଟନାୟକ

ନବୀନ ପଟ୍ଟନାୟକଙ୍କର ହକି ଖେଳ ପ୍ରତି କାହିଁକି ଏତେ ଆବେଗ ରହିଛି ତାହା କାହାରିକୁ ଆଉ ଅଛପା ନାହିଁ। ସେ ଡୁନ୍ ସ୍କୁଲରେ ପାଠପଢୁଥିବା ବେଳେ ହକି ଖେଳୁଥିଲେ। ଭାରତୀୟ ଦଳ ଯେତେବେଳେ ଓଡ଼ିଶାରେ ଖେଳିଥାଏ ଗ୍ୟାଲେରିରେ ଏବଂ ବିଦେଶରେ ଖେଳୁଥିବା ବେଳେ ଟିଭି ସାମ୍ନାରେ ବସି ଦଳକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥାଏ। ୨୦୧୮ରେ ଯେତେବେଳେ ସାହାରା ସମସ୍ତ ଦଳ ଉପରୁ ଏହାର ସ୍ପନସରଶିପ୍ ପ୍ରତ୍ୟାହାର କରିନେଲା ସେତେବେଳେ ତାଙ୍କ ସରକାର ଭାରତୀୟ ହକି ଦଳକୁ ସହାୟତାର ହାତ ବଢ଼ାଇଥିଲା। ଆସନ୍ତାବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ଏହି ସଫଳତା ଦୋହରାଇବା ନେଇ ତାଙ୍କର ଦୃଢ଼ ବିଶ୍ୱାସ ରହିଛି ବୋଲି ନବୀନ କହିଛନ୍ତି। ଏହି ସ୍ୱପ୍ନ ସାକାର କରାଇବା ଲାଗି ହକି ଇଣ୍ଡିଆକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ଟୁର୍ନାମେଣ୍ଟଗୁଡ଼ିକରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିଆସିଛନ୍ତି। ସେମାନଙ୍କୁ ସମର୍ଥନ କରିବାକୁ ଯାଇ ଫେବୃୟାରୀରେ ଭୁବନେଶ୍ୱର ଓ ରାଉରକେଲାରେ ଆମେ ପ୍ରୋ-ଲିଗ୍ ମ୍ୟାଚଗୁଡ଼ିକ ଆୟୋଜନ କରିଛୁ। ଅଲିମ୍ପିକ୍ସ ପୂର୍ବରୁ ଏହା ସେମାନଙ୍କୁ ଅଭ୍ୟାସରେ ସହାୟକ ହେବ ବୋଲି ସେ କହିଛନ୍ତି। ଭାରତ ଶେଷ ଥର ପାଇଁ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ୧୯୮୦ରେ ଜିତିଥିଲା। ହକି ଖେଳ ପ୍ରତି ସେ କାହିଁକି ଆକୃଷ୍ଟ ହେଲେ ତାହା ମନେ ପକାଇବାକୁ ଯାଇ ସେ କହିଥିଲେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ରାଷ୍ଟ୍ର ଗଠନରେ ହକିର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ତାହା ସେ ତାଙ୍କ ପିତା ବିଜୁ ପଟ୍ଟନାୟକଙ୍କଠାରୁ ଜାଣିବାକୁ ପାଇଥିଲେ। ପରେ ଏହି ଖେଳ ପ୍ରତି ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ☞**ପୃଷ୍ଠା-୨**

## ଦୀପ୍ ଗ୍ରେସ୍‌ଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୮।୧୦ (ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ମହିଳା ହକି ଦଳର ସଦସ୍ୟା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ଦୀପ୍ ଗ୍ରେସଙ୍କ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ସେ ରାଜ୍ୟର ଯୁବବର୍ଗଙ୍କ ପାଇଁ ରୋଲ ମଡେଲ ବୋଲି କହିଛନ୍ତି। "ଦେଶର ଉଦୀୟମାନ ଖେଳାଳିଙ୍କ ପାଇଁ ଦୀପ୍ ଗ୍ରେସ୍ ଏକ୍କା ଆଶା ଏବଂ ଗର୍ବର ପ୍ରତୀକ। ଏସିଆନ ଗେମ୍ସରେ




ନିଜର ପ୍ରଦର୍ଶନ ମାଧ୍ୟମରେ ସେ ନିଜ ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇଛନ୍ତି" ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସୁନ୍ଦରଗଡ଼ ଜିଲା ଲୁଲକିଡିହି ଗ୍ରାମର ☞**ପୃଷ୍ଠା-୨**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକମ୍ ଠକା**
**କାମ କରୁଛି ବଙ୍କା ବଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେକିର ତେଲ ଠେକିରେ ଥାଉ**
**ପୁଅର ବାଳ ନୁଖୁରା ନୋହୁ।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ପରନ୍ତୁ ଠେକିରୁ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି କୃପଣ ବୋଲାଇଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଭରତପୁର, ସତ୍ୟନଗର ଶ୍ମଶାନରେ ୨୮ ଅଚିହ୍ନା ମୃତଦେହର ସଂସ୍କାର ହେବ

## ବାହାନଗା ଟ୍ରେନ୍ ଟ୍ରାଜେଡି
### ଏସ୍ଓପି ଜାରିକଲା ବିଏମ୍ସି



**ଭୁବନେଶ୍ୱର, ୮।୧୦ (ବନ୍ଦନା ସେଠୀ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଶତାଧିକ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ତେବେ ୪ମାସରୁ ଅଧିକ ସମୟ ବିତି ଯାଇଥିଲେ ବି ଏଯାଏ ୨୮ଟି ମୃତଦେହ ଚିହ୍ନଟ ହୋଇପାରୁ ନାହିଁ। ଏସବୁ ମୃତଦେହ ଏବେ ଏମ୍ସ ଭୁବନେଶ୍ୱର ପରିସରରେ କଣ୍ଟେନର ମଧ୍ୟରେ ସଂରକ୍ଷିତ ରଖାଯାଇଛି। ତେବେ ଦାବିଦାର ନ ଆସିବା ଓ ଡିଏନ୍ଏ ଟେଷ୍ଟରୁ ଏସବୁ ମୃତଦେହ ଚିହ୍ନଟ ହୋଇ ନ ପାରିବାରୁ ଶେଷରେ ଅନ୍ତିମ ସଂସ୍କାର କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ସାମୂହିକ ଅନ୍ତିମ ସଂସ୍କାର ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ବିଏମ୍ସିକୁ ତଦନ୍ତକାରୀ ସଂସ୍ଥା ସିବିଆଇ ସବୁଜ ସଙ୍କେତ ଦେଇଛି। ଏଥିପାଇଁ ଅଗଷ୍ଟ ୨୫ରେ ସିବିଆଇ ପକ୍ଷରୁ ଖୋର୍ଦ୍ଧା ଜିଲପାଳଙ୍କୁ ଚିଠି ଲେଖାଯାଇଥିଲା। ଏହାପରେ ଗତ ୭ ତାରିଖ ଶନିବାର ଖୋର୍ଦ୍ଧା ଜଲାପାଳଙ୍କଠାରୁ ଚିଠି ପାଇବା ପରେ ସଂସ୍କାର ପାଇଁ ବିଏମ୍ସି ପ୍ରକ୍ରିୟା ଆରମ୍ଭ କରିବା ସହ ଏସ୍ଓପି ଜାରି କରିଛି। ଏସ୍ଓପି ଅନୁଯାୟୀ, ସିବିଆଇ ଅଧିକାରୀଙ୍କ ଉପସ୍ଥିତିରେ ଏମ୍ସର ନିର୍ଦ୍ଦେଶକ ବିଏମ୍ସିର ହେଲ୍ଥ ଅଫିସରଙ୍କୁ ମୃତଦେହ ହସ୍ତାନ୍ତର କରିବେ। ମୃତଦେହଗୁଡ଼ିକୁ ଗ୍ରହଣ କରିବା ପରେ ବିଏମ୍ସି ହେଲ୍ଥ ଅଧିକାରୀ ସେଗୁଡ଼ିକର ଆବଶ୍ୟକ ରେକର୍ଡ ରଖିବେ। ହସ୍ତାନ୍ତର ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ନୀତିନିୟମ ଓ ଗାଇଡ୍ଲାଇନକୁ ପାଳନ କରାଯିବ। ଭରତପୁର ଓ ସତ୍ୟନଗର ଶ୍ମଶାନରେ ଏହି ଅଚିହ୍ନା ମୃତଦେହଗୁଡ଼ିକର ସଂସ୍କାର କରାଯିବ। ଏମ୍ସରୁ ଶ୍ମଶାନ ପର୍ଯ୍ୟନ୍ତ ମୃତଦେହଗୁଡ଼ିକୁ ନେବା ପାଇଁ ବିଏମ୍ସି ଗାଡ଼ି ବ୍ୟବସ୍ଥା କରିବ। ବିଏମ୍ସିର ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର (ମେକାନିକାଲ)ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେ ସଂସ୍କାର କାର୍ଯ୍ୟ ଠିକ ଭାବେ ସମାପନ କରିବା ପାଇଁ ଆବଶ୍ୟକ ମାନବସମ୍ବଳ ନିଯୁକ୍ତ କରିବେ। ଅପରପକ୍ଷେ ଏମ୍ସରୁ ମୃତଦେହ ହସ୍ତାନ୍ତରଠାରୁ ସଂସ୍କାର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି ହେବ ବୋଲି ଏସ୍ଓପିରେ ଉଲ୍ଲେଖ ରହିଛି। ସେହିପରି ଦିନେ ଦୁଇଦିନ ମଧ୍ୟରେ ମୃତଦେହଗୁଡ଼ିକର ସଂସ୍କାର କାରାଯିବ ବୋଲି ମେୟର ସୁଲୋଚନା ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨ରେ ବାଲେଶ୍ୱର ବାହାନଗା ରେଳ ଷ୍ଟେଶନ ନିକଟରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଥିଲା। ସାଲିମାର ଚେନ୍ନାଇ କରମଣ୍ଡଳ ଏକ୍ସପ୍ରେସ୍ ଲୁପ୍ ଲାଇନ୍କୁ ଯାଇ ପୂର୍ବରୁ ସେଠାରେ ଥିବା ଏକ ମାଲବାହୀ ଟ୍ରେନ୍କୁ ଧକ୍କା ଦେଇଥିଲା। ସେହି ସମୟରେ ଅପରପାର୍ଶ୍ୱରୁ ଆସୁଥିବା ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ ମଧ୍ୟ ଦୁର୍ଘଟଣାର ସାମ୍ନା କରିଥିଲା। ଏଥିରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୧ହଜାରରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ।

# ଟ୍ରକ୍ ପଛରେ ପିଟିଲା ତୀର୍ଥଯାତ୍ରୀ ବସ୍, ୧୪ ଆହତ



**ସୋର,୮।୧୦(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର କଲେଜ ଛକ ନିକଟରେ ରବିବାର ଟ୍ରକ୍ ପଛରେ ଏକ ତୀର୍ଥଯାତ୍ରୀ ବସ୍ ଧକ୍କା ଦେବାରୁ ୧୪ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସମସ୍ତଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ଯାତ୍ରୀମାନେ ନେପାଳର ବାଙ୍କେ ଜିଲା ସୀମାନ୍ତ ଉତ୍ତରପ୍ରଦେଶ ଅଞ୍ଚଳର ବୋଲି ଜଣାପଡ଼ିଛି। ଗତ ୨୭ ତାରିଖରେ ୬୧ ଜଣ ଯାତ୍ରୀଙ୍କୁ ଧରି ଉକ୍ତ ବସ୍ ପୁରୀ ଅଭିମୁଖେ ବାହାରିଥିଲା। ଶନିବାର ରାତିରେ କୋଲକାତାରୁ ସୋର ଦେଇ ଆସୁଥିବା ବେଳେ ଭୋର ସମୟରେ ଡ୍ରାଇଭର ଭାରସାମ୍ୟ ହରାଇ ଆଗରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଯାତ୍ରୀମାନଙ୍କୁ ଡାକ୍ତରଖାନା ପଠାଇଥିଲା।

# ବିଷ୍ଣୁପଦ ସେଠୀଙ୍କୁ ଏସ୍ଏସ୍ପିଡି ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ

## ଆଇଏଏସ୍ ସ୍ତରରେ ଅଦଳବଦଳ
### ବିଏସ୍ଇର ଅଧ୍ୟକ୍ଷ ହେଲେ ରାମାଶିଷ ହାଜିରା

**ଭୁବନେଶ୍ୱର, ୮।୧୦(ସୁମିତ୍ ମିଶ୍ର)**

ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଶନିବାର ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍ଡି ଥିବା ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଥିବା ୧୯୯୯ ବ୍ୟାଚ୍ ଆଇଏଏସ୍ ଅଫିସର ଭାସ୍କର ଜ୍ୟୋତି ଶର୍ମା ଲ୍ୟାଣ୍ଡ ରେକର୍ଡସ ଓ ସେଟେଲମେଣ୍ଟ କମିଶନର ଭାବେ ନୂଆ ଦାୟିତ୍ୱ ପାଇଛନ୍ତି। ଏହି ପଦରେ କାର୍ଯ୍ୟ କରିବା ବେଳେ ସେ ସ୍ୱତନ୍ତ୍ର ସଚିବ ପାହ୍ୟାର ସମସ୍ତ ସୁବିଧା ସୁଯୋଗ ପାଇବେ। ସେହିପରି ପଞ୍ଚାୟତିରାଜ ବିଭାଗ ଅଧୀନ ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଥିବା ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ପି. ପରମେଶ୍ୱର ଭୁବନେଶ୍ୱର କନସୋଲିଡେଶନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଅତିରିକ୍ତ ଶାସନ ସଚିବ ପାହ୍ୟା ଅଧିକାରୀଙ୍କୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ତାଙ୍କୁ ଦିଆଯିବ। ଆନିମଲ ହଜ୍ବ୍ୟାଣ୍ଡ୍ରି ଏବଂ ଭେଟେରିନାରି ସର୍ଭିସ୍ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିବା ୨୦୧୦ ମସିହାର ଆଇଏଏସ୍ ରାମାଶିଷ ହାଜିରା ଓଡ଼ିଶା ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୨୦୧୦ ବ୍ୟାଚ୍ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାସ ଆର୍ଓଟିଆଇ(ରେଭିନ୍ୟୁ ଅଫିସର ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍) କଟକର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ସହିତ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ସ୍ପେଶାଲ ପ୍ରୋଜେକ୍ଟର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଅରବିନ୍ଦ ଡାକୁଆ ଉକ୍ତ ବିଭାଗର ପାନୀୟ ଜଳ ଏବଂ ସ୍ୱଚ୍ଛତା ବିଭାଗ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପାଇଛନ୍ତି। ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏସ୍ଟି ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସେହିପରି ବୋର୍ଡ ଅଫ୍ ରେଭିନ୍ୟୁର ଫାଇନାନ୍ସିଆଲ ଆଡଭାଇଜର ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ସୁବ୍ରତ ଶତପଥୀଙ୍କୁ ରେଜିଷ୍ଟ୍ରେଶନ ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି।

# ଜାତୀୟ ସାଂସ୍କୃତିକ ସାହିତ୍ୟ, କଳା ଉତ୍ସବରେ ଓଡ଼ିଶାର ୨୧ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୮।୧୦(ଅସମାପିକା ସାହୁ)**

ଉତ୍ତରାଖଣ୍ଡସ୍ଥିତ ଡେରାଡୁନଠାରେ ଆୟୋଜିତ ଚତୁର୍ଥ ଜାତୀୟ ସାଂସ୍କୃତିକ ସାହିତ୍ୟ ଓ କଳା ଉତ୍ସବରେ ଓଡ଼ିଆ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିବା ସହ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଗତ ୩ରୁ ଆରମ୍ଭ ହୋଇ ୬ତାରିଖ ଯାଏ ଚାଲିଥିବା ଏହି ଉତ୍ସବରେ ଦେଶର ୨୨ଟି ରାଜ୍ୟରୁ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏଥିରେ ଓଡ଼ିଶାରୁ ଏକଲବ୍ୟ ବିଦ୍ୟାଳୟର ୫୬ଜଣ ଛାତ୍ରୀଛାତ୍ର ପ୍ରାୟ ୩୧ଟି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୨୧ଜଣ କୃତିତ୍ୱ ଅର୍ଜନ କରିଛନ୍ତି। ରବିବାର ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ କାର୍ଯ୍ୟାଳୟ ପରିସରରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କମିଶନର ରୁପା ରୋଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକରୁ ଅଧିକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ। ବିଭାଗୀୟ ନିର୍ଦ୍ଦେଶକ ତଥା ଓଡ଼ିଶା ମଡେଲ ଆଦିବାସୀ ଶିକ୍ଷା ସମାଜ ସଚିବ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାଧାରଣ କଥାକୁ ନେଇ ବନ୍ଧୁ ସମ୍ପର୍କ ଫିକା ପଡିଯିବ, ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ। ତଥାପି ସେମିତି କିଛି ଅସୁବିଧା ହେବନି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ, ଅଧ୍ୟାପନା ଓ ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ ହେବେ। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ, କିନ୍ତୁ ଅବହେଳାଜନିତ କୌଣସି ଉପଚାର କରି ନ ପାରନ୍ତି।

**ମିଥୁନ** ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିବେ। କ୍ରୀଡା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି। ନିଜ ଗୃହ ସମସ୍ୟାକୁ ସଜାଡିବାକୁ ଯାଇ ବହୁତ ହଇରାଣ ହେବାକୁ ପଡିପାରେ।

**କର୍କଟ** ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାର ସାହସ ଜୁଟିଯିବ। ବିତର୍କଜନିତ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। କଚେରି ମାମଲାର ଶୀଘ୍ର ଶୁଣାଣି ହେବ କିନ୍ତୁ ସନ୍ତୋଷ ପାଇପାରିବେ ନାହିଁ।

**ସିଂହ** ନିକଟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, ମାତ୍ର କାମର ଚାପ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ।

**କନ୍ୟା** ସମସ୍ୟା ସମାଧାନ ପାଇଁ ଯେତେପ୍ରକାର ଚେଷ୍ଟା କଲେ ମଧ୍ୟ ପାରିବେ ନାହିଁ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ନିଜ ପରିସରରେ ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଓ କୂଟନୀତି ପ୍ରୟୋଗ କରି କାମ ହାସଲ କରିବେ। ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ପାଇବାରେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ବହୁତଗୁଡାଏ କାମ ହାତକୁ ନେଇ ବ୍ୟଥିତ ହେବେ। ଅପରାହ୍ନରେ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନାହିଁ। କର୍ମକ୍ଷେତ୍ରରେ ଠିକ୍ ଓ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ଶତ୍ରୁତା ସୃଷ୍ଟି କରିପାରନ୍ତି। ସାହିତ୍ୟ, ରାଜନୀତି, କର୍ମାରମ୍ଭ, କଳା ଓ ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ନିଜର ବୁଦ୍ଧିମତ୍ତାର ଉପଯୋଗ କରି କୃତିତ୍ୱ ଅର୍ଜନ କରିବେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ,କାମ,ଆଦାୟ କରିବାରେ ସଫଳ ହେବେ।

**ମକର** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। ସାମାଜିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସକାଳୁ ସକାଳୁ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବ୍ୟସ୍ତତା ବଢିଯିବ।

**ମୀନ** ଦୀର୍ଘଦିନ ହେଲା ଆପଣ ଯାହା ଆଶା କରୁଥିଲେ ତାହା ବହୁତ ବିଳମ୍ବରେ ଅବଶ୍ୟ ମିଳିବ। ଆନୁଷ୍ଠାନିକ କାମରୁ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂରେଇ ଯିବ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଆଶ୍ୱିନ କୃଷ୍ଣ ଦଶମୀଯୁକ୍ତ ଏକାଦଶୀ ସୋମବାର, ବିଶ୍ୱ ଡାକ ଦିବସ, ରାଷ୍ଟ୍ରୀୟ ଡାକ ସପ୍ତାହ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୪।୪୨ ଗତେ, ଘ.୦୭।୧୦ ମଧ୍ୟେ, ଘ.୦୮।୫୦ ଗତେ, ଘ. ୧୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୧୦ ମି. ଗତେ, ଘ.୦୮।୩୮ ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୧୦୦୦+ ମୃତ ...

ହମାସ ବନ୍ଦୀ କରିନେଇଥିବା ଇସ୍ରାଏଲୀ ନାଗରିକ ଓ ସୈନ୍ୟ ଯୁଦ୍ଧ ଭବିଷ୍ୟତର ରୂପ ଦେବ ବୋଲି ସୈନ୍ୟବାହିନୀ ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍ ଭିତରେ ପଶିଥିବା ହମାସ୍ ବିଦ୍ରୋହୀ ଜଣେ ବାଳିକାଙ୍କୁ ତାଙ୍କ ମାଆବାପାଙ୍କ ସମ୍ମୁଖରେ ହତ୍ୟା କରିବା ପରେ ଦମ୍ପତି ଓ ସେମାନଙ୍କ ପୁଅକୁ ପଣବନ୍ଦୀ ରଖିଥିବାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଝିଅକୁ ସ୍ୱର୍ଗକୁ ପଠାଇଦେଲୁ ବୋଲି ଜଣେ ହମାସ ଆତଙ୍କବାଦୀ କହୁଥିବା ଭିଡିଓରୁ ଶୁଣିବାକୁ ମିଳିଛି। ସେପଟେ ଲେବାନନ୍ର ଇସ୍ଲାମୀୟ ଗୋଷ୍ଠୀ ହେଜ୍ବୋଲ୍ଲା ରବିବାର ଇସ୍ରାଏଲୀ ପୋଷ୍ଟଗୁଡ଼ିକୁ ଟାର୍ଗେଟ କରି ମୋର୍ଟାର ସେଲ୍ ମାଡ଼ କରିଛି। ଇସ୍ରାଏଲ୍ ସେନା ଲେବାନନ୍ ଉପରେ କମାଣ ଆକ୍ରମଣ କରିବା ସହ ସୀମାନ୍ତରେ ଥିବା ହେଜବୋଲ୍ଲା ପୋଷ୍ଟ ଉପରେ ଡ୍ରୋନ୍ ଆକ୍ରମଣ କରିଛି।

### ଇସ୍ରାଏଲ୍, ଗାଜାରେ ଥିବା ...

ସହ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନଙ୍କ ପ୍ରତି କୌଣସି ଅପ୍ରୀତିକର ଘଟଣା ଘଟି ନ ଥିବା ଜଣାପଡ଼ିଛି। ଇସ୍ରାଏଲ୍କୁ କେତେକ ପର୍ଯ୍ୟଟକ ଗୋଷ୍ଠୀ ଏବଂ ବ୍ୟବସାୟୀ ଆସିଥିବାବେଳେ ସେମାନେ ଉତ୍ତେଜନା ମଧ୍ୟରେ ଫସିରହିଛନ୍ତି। ସେମାନେ ନିରାପଦର ସହ ଭାରତ ଫେରିଯିବାକୁ ଚାହାନ୍ତି। ତେଲ ଆଭିଭ୍ସ୍ଥିତ ଭାରତୀୟ ଦୂତାବାସ ଏବଂ ପାଲେଷ୍ଟାଇନ୍ରେ ଥିବା ଭାରତର ପ୍ରତିନିଧି କାର୍ଯ୍ୟାଳୟ ପକ୍ଷରୁ ସେଠାରେ ଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଆଡଭାଇଜରି ଜାରି କରାଯାଇଥିଲା। ସେମାନଙ୍କୁ ସତର୍କ ରହିବା ସହ ଜରୁରୀ ପଡ଼ିଲେ କାର୍ଯ୍ୟାଳୟ ସହ ସିଧାସଳଖ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

### 'ଅଲିମ୍ପିକ୍ସ ହକିରେ ଭାରତ ...

ସ୍କୁଲରେ ଜଣେ ଗୋଲକିପର ଭାବେ ସେ ଖେଳିବା ଆରମ୍ଭ କରିଥିଲେ। ହକି ଆମର ଜାତୀୟ କ୍ରୀଡ଼ା ବୋଲି ଅଧିକାଂଶ ଭାରତୀୟ ବିଶ୍ୱାସ କରନ୍ତି। ତେଣୁ ଏହି ଖେଳ ପ୍ରତି ଆମର ଭାବାବେଗ ରହିବା ସ୍ୱାଭାବିକ। ହକି ସମସ୍ତ ପ୍ରକାର ସହାୟତା ପାଇବା ପାଇଁ ହକ୍ଦାର। ଭାରତ ଯେତେବେଳେ ଅଲିମ୍ପିକ୍ସରେ ଖେଳିବ ସମଗ୍ର ଦେଶର ଜନତାଙ୍କୁ ଏକାଠି ବାନ୍ଧି ରଖିବ।

ଓଡ଼ିଶାର ସୁନ୍ଦରଗଡ଼ରେ ହକି କେବଳ ଏକ ଖେଳ ହୋଇ ରହି ନାହିଁ, ଏହା ସେଠିକାର ଏକ ଜୀବନଶୈଳୀ। ଓଡ଼ିଶାବାସୀଙ୍କର ଏହି ଖେଳ ପ୍ରତି ଖୁବ୍ ଆବେଗ ରହିଛି। ଓଡ଼ିଶା ସରକାର ଉଭୟ ପୁରୁଷ ଓ ମହିଳା ଦଳ (ସିନିୟର ଓ ଜୁନିୟର)ର ପ୍ରଥମ ୫ବର୍ଷ ପ୍ରାୟୋଜକ ହେବାପରେ ଏହାର ମିଆଦକୁ ଆଉ ୧୦ ବର୍ଷ (୨୦୨୩ରୁ ୨୦୩୩) ବୃଦ୍ଧି କରିଛନ୍ତି। ଓଡ଼ିଶାରେ ହକି ମ୍ୟାଚ୍ ବେଳେ ଷ୍ଟାଡିୟମରେ ଦର୍ଶକ ଭରପୂର ଥାନ୍ତି। ଏପରି କି ରାଉରକେଲାରେ ସ୍ଥାନୀୟ ଟୁର୍ନାମେଣ୍ଟ ବେଳେ ମ୍ୟାଚ ଦେଖିବା ଲାଗି ଓ ସେମାନଙ୍କ ଦଳକୁ ଉତ୍ସାହିତ କରିବା ପାଇଁ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥାନ୍ତି। ଓଡ଼ିଶା ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ୱିଲିୟମ ଖାଲ୍କୋ, ନମିତା ଟପ୍ପୋ, ଦୀପଗ୍ରେସ୍ ଏକ୍କା ଓ ଅମିତ ରୋହିଦାସଙ୍କ ଭଳି ଖେଳାଳି ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଓଡ଼ିଶା ୨୦୧୮ ଓ ୨୦୨୩ରେ ପୁରୁଷ ବିଶ୍ୱକପ୍, ୨୦୧୪ରେ ଚାମ୍ପିୟନ୍ସ ଟ୍ରଫି, ୨୦୧୮-୧୯ରେ ପୁରୁଷ ଏଫ୍ଆଇଏଚ୍ ସିରିଜ, ୨୦୧୯ରେ ଏଫ୍ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଏବଂ ପୁରୁଷ ପ୍ରୋ ଲିଗ୍ ୨୦୨୧ ସଫଳତାର ସହ ଆୟୋଜନ କରିସାରିଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ହକି ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ତୃଣମୂଳ ସ୍ତରରେ ଆଷ୍ଟ୍ରୋ ଟର୍ଫ ସହ ୨୨ ହକି ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ରାଜ୍ୟରେ ହକି ଖେଳର ପ୍ରସାର ପାଇଁ ଆହୁରି ଅନେକ ଯୋଜନା କାର୍ଯ୍ୟକାରୀ ହେବାର ଅଛି। ଭୁବନେଶ୍ୱର ଓ ରାଉରକେଲା ଇତିମଧ୍ୟରେ ହକି ହବ୍ରେ ପରିଣତ ହୋଇଛି। ସ୍ପୋର୍ଟ୍ସ ସାଇନ୍ସ ସୁବିଧା ସହ ଭୁବନେଶ୍ୱରରେ ଆମର ଏକ ହାଇ ପରଫର୍ମାନ୍ସ ସେଣ୍ଟର ରହିଛି। ଆମେ ଖୁବ୍ ଶୀଘ୍ର ଏକ ରାଜ୍ୟ ସ୍ତରୀୟ ହକି ଲିଗ୍ର ଆୟୋଜନ କରିବାକୁ ଯାଉଛୁ ବୋଲି ସେ ସୂଚନା ଦେଇଥିଲେ।

### ୧୦ରୁ ରାଜ୍ୟବ୍ୟାପୀ...

ହେଲେ ଗାଁ ଗହଳିକୁ 'ଲକ୍ଷ୍ମୀ' ଯୋଜନାରେ ଗଡୁଥିବା ବସ୍ ଭିତରେ ରାଜ୍ୟର ଘରୋଇ ବସ୍ଗୁଡ଼ିକ ସାମିଲ କରିବା ଲାଗି ଦାବି କରାଯାଇଥିଲା। ସେହିପରି 'ମୋ ବସ୍' ସହରାଞ୍ଚଳ ଛଡ଼ା ଅନ୍ୟ କୌଣସି ଅଞ୍ଚଳକୁ ନ ଚଲାଇବା ପାଇଁ ବସ୍ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଏହାଦ୍ୱାରା ବସ୍ ଉଦ୍ୟୋଗୀମାନଙ୍କ ଆର୍ଥିକ କ୍ଷତି ହେଉଛି। ଏଥିସହ ବସ୍ଗୁଡ଼ିକର ପରମିଟ୍ ମାଲିକାନା ସ୍ୱତ୍ୱକୁ ପରିବର୍ତ୍ତନ କରିବା, ୧୫ ବର୍ଷରୁ ଊର୍ଦ୍ଧ୍ୱ ଗାଡ଼ିଗୁଡ଼ିକୁ ୨୦ ବର୍ଷ ପର୍ଯ୍ୟନ୍ତ ପରମିଟ୍ ପ୍ରଦାନ କରିବା ଏବଂ ଭିଏଲ୍ଟିଡି ପ୍ୟାନିକ୍ ବଟନ ଲଗାଇବା ଯୋଜନାକୁ ୨୦୨୫ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ବସ୍ ମାଲିକ ସଂଘ ଦାବି କରିଥିଲା। ଏହାଛଡ଼ା ଅନେକ ଦାବି ରାଜ୍ୟ ସରକାରଙ୍କ ସହିତ ଆଲୋଚନା ପରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପରିବହନ କମିଶନର ଏଗୁଡ଼ିକ କାର୍ଯ୍ୟକାରୀ କରାଇ ନ ଥିବାରୁ ଏହାକୁ ନେଇ ବସ୍ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ପ୍ରାତଃଭ୍ରମଣ ବେଳେ ...

ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୁରୁଷୋତ୍ତମ ତାଙ୍କ ମାତାପିତାଙ୍କର ଏକମାତ୍ର ସନ୍ତାନ ଥିଲେ। ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଲୋକେ ଦାବି କରିଥିଲେ। ରେଡ୍କ୍ରସ ପାଣ୍ଠିରୁ ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇବା ସହ ରାଜ୍ୟ ସରକାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସୁପାରିସ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ଓଡ଼ିଶା ସୀମାରେ ଆନ୍ଧ୍ରର ...

ସମସ୍ତ ଗ୍ରାମବାସୀ ଜୀବିକା ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ଓଡ଼ିଶାର ସୁଙ୍କି ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଜଙ୍ଗଲ ବିଭାଗର କାର୍ଯ୍ୟାଳୟ ରହିଥିଲେ ସୁଦ୍ଧା ଆନ୍ଧ୍ରର ଏପରି ଅନୁପ୍ରବେଶ କିପରି ଏହି ଦୁଇ କାର୍ଯ୍ୟାଳୟର କର୍ମଚାରୀଙ୍କ ନଜରରେ ପଡୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ସ୍ଥାନୀୟ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧରୁଆଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ତେବେ ସେ ଏହାର ଅନୁଧ୍ୟାନ କରିବେ। ଘଟଣାସ୍ଥଳକୁ ଗସ୍ତ କରି ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

### ପୋଲିସ ଗାଡ଼ିରେ ...

ଏହି ଗ୍ୟାଙ୍ଗ ତାଙ୍କଠାରୁ ଠକେଇ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଘର ମାଲିକ ରେଖାମୀ ଠକଗ୍ୟାଙ୍ଗର ଗତିବିଧି ଓ ଭାବଭଙ୍ଗୀକୁ ନେଇ ସନ୍ଦେହ କରିଥିଲେ ଏବଂ ସେହି ଗ୍ୟାଙ୍ଗ ମିଛ ପରିଚୟ ଦେଇ ତାଙ୍କଠାରୁ ୨ଲକ୍ଷ ଟଙ୍କା ଠକି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଗତ ସେପ୍ଟେମ୍ବର ୨୪ ତାରିଖରେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଏହାର ପରଦିନ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୫୭୧/୨୩) ରୁଜୁ କରିବା ସହିତ ବରଗଡ଼ର ଏକ ହୋଟେଲରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବରଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଥିଲା। ତେବେ ଉକ୍ତ ଅଭିଯୁକ୍ତମାନଙ୍କୁ ଜାମିନ ମିଳିବା ପରେ ସେମାନେ ରବିବାର ଉପକାରାଗାରରୁ ବାହାରିଲା ବେଳେ ରଘୁନାଥପାଲି ପୋଲିସ ଗିରଫ କରି ରାଉରକେଲା ଆଣୁଥିଲା। ଖବର ଲେଖାଯିବା ସୁଦ୍ଧା (ରାତି ୧୦ଟା ୧୫) ଅନ୍ୟ ୧୨ ଅଭିଯୁକ୍ତଙ୍କୁ ରାଉରକେଲା ଅଣାଯାଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରାଉରକେଲା ଅତିରିକ୍ତ ଏସ୍ପି ରବିକାନ୍ତ ସୁନାଙ୍କୁ ପଚାରିବାରୁ ସେ କହିଲେ, ଏକ ଠକେଇ ମାମଲାରେ ରଘୁନାଥପାଲି ଥାନା ପୋଲିସ ୧୩ଜଣିଆ ଠକଗ୍ୟାଙ୍ଗଙ୍କୁ ବରଗଡ଼ରୁ ପୋଲିସ ବସ୍ ଯୋଗେ ରାଉରକେଲା ଆଣୁଥିଲା। ବାଟରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ସେ କହିଥିଲେ। ଉଲ୍ଲେଖନୀୟ, ଉକ୍ତ ୧୩ଜଣିଆ ଆନ୍ତଃରାଜ୍ୟ ଠକଗ୍ୟାଙ୍ଗ ଅନୁରୂପ ଭାବେ ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ ମହିନ୍ଦ୍ରା କମ୍ପାନୀ ପାଇଁ ଉଚ୍ଚ ଦରରେ ଭଡାଘର ଠିକ୍ କରିଦେବା ଆଳରେ ଜଣଙ୍କଠାରୁ ୫ଲକ୍ଷ ଟଙ୍କା ଠକିନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ରଘୁନାଥପାଲି ଥାନା ପୋଲିସ ତଦନ୍ତ ଚଳାଇ ବରଗଡ଼ ପୋଲିସ ସହ ଯୋଗସୂତ୍ର ରକ୍ଷା କରିଥିଲା। ଅଭିଯୁକ୍ତମାନେ ରବିବାର ଜାମିନରେ ମୁକ୍ତ ହେଉଥିବା ଜାଣିବାକୁ ପାଇ ରଘୁନାଥପାଲି ପୋଲିସ ଶନିବାର ବରଗଡ଼ ଯାଇଥିଲା।

### ଦୀପ୍ ଗ୍ରେସ୍ଙ୍କୁ ...

୨୮ ବର୍ଷୀୟା ଦୀପ୍ ଗ୍ରେସ୍ ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରଠାରୁ ସେ ଭାରତୀୟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି। ୨୦୨୩ ମେ'ରେ ସେ ୨୫୦ ଅନ୍ତର୍ଜାତୀୟ ମ୍ୟାଚ ପୂରଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଓଡ଼ିଶାର ଅମିତ ରୋହିଦାସଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ୧.୫ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।

# ଦିଅର ଦେଉଥିଲେ ଅମାନୁଷିକ ନିର୍ଯାତନା

## ୨ ବିବସ୍ତ୍ର ମହିଳା ଉଦ୍ଧାର ଘଟଣା

ସୁନ୍ଦରଗଡ଼,୮।୧୦
(ଜୟ ନାରାୟଣ ମେଣ୍ଡୁଳି)

ସୁନ୍ଦରଗଡ଼ ସହର ଉପକଣ୍ଠ ଇବ୍‌ନଦୀ ପୋଲ ଉପରୁ ଶୁକ୍ରବାର ଉଦ୍ଧାର ହୋଇଥିବା ୨ ବିବସ୍ତ୍ର ମହିଳାଙ୍କ ପରିଚୟ ମିଳିଥିବା ବେଳେ ତାଙ୍କ ସହିତ ଘଟିଥିବା ଅମାନୁଷିକ ନିର୍ଯାତନା ଘଟଣା ପଦାକୁ ଆସିଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଖଇରମୁଣ୍ଡାରେ ଉଭୟଙ୍କ ଘର। ସେମାନେ ହେଉଛନ୍ତି ମା' ଓ ଝିଅ। ଦୀର୍ଘ ବର୍ଷ ଧରି ୪୭ ବର୍ଷୀୟ ମହିଳାଙ୍କୁ ଦିଅର ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରିକି ତାଙ୍କ ୩ ଝିଅ ମଧ୍ୟ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ୩ଝିଅଙ୍କ ମଧ୍ୟରୁ ୨ ଜଣ ଘର ଛାଡ଼ି ଚାଲିଯାଇଥିଲେ। ମା'ଙ୍କ ସହ ଘରୁ ଚାଲି ଆସିଥିବା ୨୩ବର୍ଷୀୟା ଝିଅ ମୁମ୍ବାଇରେ କାମ କରି ଗତ କିଛିଦିନ ହେବ ଘରକୁ ଆସିଥିବା ବେଳେ ସେ ପୁଣି ଯୌନ ନିର୍ଯାତନାର ଶିକାର ହୋଇଥିବା କାଉନ୍‌ସେଲିଂ ବେଳେ ଜଣାପଡ଼ିଛି। ସେମାନେ ନିଜକୁ ବଞ୍ଚାଇବା ପାଇଁ ଘର ଛାଡ଼ି ଚାଲି ଆସିଥିବା କହିଛନ୍ତି। ମାନସିକ ସ୍ତରରେ ମା' ଝିଅ ଅତ୍ୟନ୍ତ ଭୟଭୀତ ଥିବା ବେଳେ ଝିଅଟି ବର୍ତ୍ତମାନ ପର୍ଯ୍ୟନ୍ତ ପାଟି ଖୋଲି ନ ଥିବା ଆସ୍ଥା ଗୃହ ସମ୍ପାଦିକା ସ୍ନେହଲତା ପଟେଲ ସୂଚନା ଦେଇଛନ୍ତି। ରାସ୍ତାରେ ମଧ୍ୟ ସେମାନେ ବଳାତ୍କାରର ଶିକାର ହୋଇଥିବା ଆଶଙ୍କା କରାଯାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟର ଏହି ୨ ମହିଳା କିଭଳି ସୁନ୍ଦରଗଡ଼କୁ ଆସିଲେ ସେ ନେଇ ଅଧିକ ପଚରାଉଚରା ଚାଲିଛି। ସମ୍ପାଦିକା ଏହି ସମ୍ପର୍କରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ଟାଉନଥାନାକୁ ଅବଗତ କରିଛନ୍ତି। ରବିବାର ସ୍ୱତନ୍ତ୍ର ଡାକ୍ତରୀ ଦଳ, ମନସ୍ତତ୍ତ୍ୱବିତ୍ ଓ ପୋଲିସ ଏହି ୨ ମହିଳାଙ୍କୁ ପଚରାଉଚରା କରିଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗମ୍ଭୀରତା ସହ ନେଇ ପୋଲିସ ପ୍ରଶାସନ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ସ୍ୱାଭାବିକ ସ୍ଥିତିକୁ ଆସିଲା ପରେ ସେମାନଙ୍କ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସ୍ନେହଲତା କହିଛନ୍ତି। ଚିହ୍ନଟ ପାଇଁ ସେମାନଙ୍କ ଫଟୋ ଜିଲାର ବିଭିନ୍ନ ଥାନା ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଥାନାକୁ ପଠାଯାଇଛି। ଏନେଇ ଏସ୍‌ପି ଦିବାକର ସୂଚନା ଦେଇଛନ୍ତି। ଏହି ମହିଳାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକୁ ସବୁଠି ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସୁନ୍ଦରଗଡ ଉପକଣ୍ଠ କଲେଜ ବାଇପାସ ଇବ ନଦୀ ପୋଲ ଉପରେ ୨ ବିବସ୍ତ୍ର ମହିଳା ଚାଲି ଚାଲି ଯାଉଥିଲେ। ଶହ ଶହ ଯାତ୍ରୀ ସେଇ ରାସ୍ତା ଦେଇ ଯାଉଥିଲେ ମଧ୍ୟ କେହି ଜଣେ ଏଭଳି ଲଜ୍ଜିତ ଦୃଶ୍ୟ ପାଇଁ ଦୟା ଦେଖାଇ ନ ଥିଲେ। ନିଜ ଘରୁ ଆଦିବାସୀ ମଞ୍ଚ ଘେରାଉ କାର୍ଯ୍ୟକ୍ରମକୁ ଯାଉଥିବା ବିଧାୟିକା କୁସୁମ ଟେଟେ ଏହି ୨ ମହିଳାଙ୍କୁ ଦେଖି ଗାଡ଼ି ଅଟକାଇ ଥିଲେ। ଆଦିବାସୀ ନେତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ସାଙ୍ଗରେ ନେଉଥିବା ଗାମୁଛାରେ ୨ ମହିଳାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ସଦର ଥାନା ପୋଲିସ ସହାୟତାରେ ସେମାନଙ୍କୁ ଆସ୍ଥା ଗୃହକୁ ପଠାଇଥିଲେ।


ଆସ୍ଥା ଗୃହରେ ଉଭୟ ମା' ଝିଅଙ୍କୁ ପଚରା ଉଚରା କରାଯାଉଛି।

# ଅପହରଣ ପରେ ହତ୍ୟା

## ବୁଦା ନିକଟରୁ ମିଳିଲା ଯୁବକଙ୍କ ମୃତଦେହ

କୋଦଳା/କବିସୂର୍ଯ୍ୟନଗର, ୮।୧୦
(ଅମିତ କୁମାର ପଟ୍ଟନାୟକ/କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ଅପହରଣ କରାଯାଇ ହତ୍ୟା କରାଯାଇଥିବା ଜଣାପଡ଼ିଛି। ତିନିଦିନ ପରେ ରବିବାର ସାତନଳ-ବେରୁଆଁବାଡି ବୁଦ୍‌ବୁଦି ନାଳ ନିକଟସ୍ଥ ଏକ ବୁଦା ନିକଟରୁ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ କବିସୂର୍ଯ୍ୟନଗର ଥାନା କେ. ଝରିଡ଼ା ଗ୍ରାମର ଦିପୁ ପାତ୍ର। ପୋଲିସ ସହ ସାଇଣ୍ଟିଫିକ୍‌ଟିମ ଆସି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଶୁକ୍ରବାର ଦିପୁ କୋଦଳା କୋର୍ଟରୁ ବାଇକ୍‌ରେ ଫେରୁଥିବା ବେଳେ ଦିନ ପ୍ରାୟ ୧୨ଟା ସମୟରେ ଛଟିନା ଛକଠାରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଅପହରଣ କରିନେଇଥିଲେ। ପରେ ତାଙ୍କୁ ମାଡ଼ ମାରୁଥିବାର ଭିଡିଓ କଲ୍ କରି ତାଙ୍କ ମା'ଙ୍କୁ ଦେଖାଇଥିଲେ। ଏ ନେଇ ଦପୁଙ୍କ ମା' ଅଲେଖା ପାତ୍ର କୋଦଳା ଥାନାରେ ଅଭିଯୋଗ କରିଥିଲେ। ପୁଣି ଶନିବାର ପରିବାର ଲୋକେ ଗଞ୍ଜାମ ଏସ୍‌ପିଙ୍କୁ ସାକ୍ଷାତ କରି ସବୁକଥା କହିଥିଲେ। ଏକ ସ୍ୱତନ୍ତ୍ର ଟିମ୍ କରାଯାଇ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ତେବେ ରବିବାର ସାତନଳ-ବେରୁଆଁବାଡି ବୁଦ୍‌ବୁଦି ନାଳ ନିକଟସ୍ଥ ଏକ ବୁଦା ନିକଟରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ, କୋଦଳା ଆଇଆଇସି ଉମାକାନ୍ତ ସାହୁ, କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ ସାହୁ ଓ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରି ଜବତ କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାରଣାସ୍ତ୍ରରେ ହଣାଯାଇଥିବା ଦାଗ ରହିଥିଲା। ପରେ ତାଙ୍କୁ ପଥର ଛେଚି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯିବ ବୋଲି ପୋଲିସ କହିଛି। ଅପହରଣ ମାମଲା ନଂ ୪୮୨/୨୩କୁ ହତ୍ୟା ମାମଲାରେ ରୂପାନ୍ତରିତ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

■ ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ
■ ବିଦ୍ୟାଳୟ ଆଗରେ ମୃତଦେହ ରଖି ଧାରଣା

ରେମୁଣା,୮।୧୦(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ କୁଳିଗାଁସ୍ଥିତ ବଂଶୀଧର ବିଦ୍ୟାପୀଠର ହିନ୍ଦୀ ଶିକ୍ଷକଙ୍କ ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ଭଙ୍ଗାରୁଜା କରିବା ସହ ଗେଟ୍ ଆଗରେ ମୃତ ଛାତ୍ରଙ୍କ ଶବ ରଖି ଧାରଣା ଦେଇଛନ୍ତି।

ସୂଚନା ଅନୁଯାୟୀ, କୃଷ୍ଣନନ୍ଦପୁର ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ସୁମନ (୧୫) ଶନିବାର ଦଶମ ଶ୍ରେଣୀ ଅର୍ଦ୍ଧବାର୍ଷିକ ପରୀକ୍ଷା ଦେବା ପରେ ସାଙ୍ଗ ସୂର୍ଯ୍ୟକାନ୍ତଙ୍କୁ ନ କହି ତାଙ୍କ ସାଇକେଲ ନେଇ ଘରକୁ ପଳାଇଥିଲେ। ଘରୁ ଫେରିବା ପରେ ସାଇକେଲକୁ ନେଇ ଉଭୟ ସାଙ୍ଗଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ଏହା ଦେଖି ଉକ୍ତ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମନୋରଞ୍ଜନ ମଲ୍ଲିକ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାପାତ୍ରଙ୍କ ଅଫିସକୁ ଉକ୍ତ ଦୁଇ ଛାତ୍ରଙ୍କୁ ଡକାଇ ମାରପିଟ୍‌ର କାରଣ ବୁଝିବା ସହ ସୁମନଙ୍କୁ ମାଡ଼ ମାରିଥିଲେ। ଏଥିରେ ସୁମନଙ୍କ ଛାତିର ପଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା। ବିଦ୍ୟାଳୟ ଛୁଟି ପରେ ସୁମନ ଘରକୁ ଯାଇ କାହାରିକୁ କିଛି ନ କହି ଶୋଇ ପଡ଼ିଥିଲେ। ରାତିରେ ଛାତି ଯନ୍ତ୍ରଣା ଅଧିକ ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଖନ୍ତାପଡ଼ା ଡାକ୍ତରଖାନା ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରିଥିଲେ। ରବିବାର ପୂର୍ବାହ୍ନ ୯ଟା ସମୟରେ ସୁମନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସୁମନଙ୍କ ଶବକୁ ଧରି ପରିବାର ଲୋକେ ଗାଁକୁ ଫେରିଥିଲେ। ତେବେ ଗାଁର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଶିକ୍ଷକଙ୍କ ମାଡ଼ ପ୍ରତିବାଦରେ ବିଦ୍ୟାଳୟ ସମ୍ମୁଖରେ ଶବ ରଖି ଧାରଣା ଦେବା ସହ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ସହିତ ଗେଟ୍ ଓ କବାଟକୁ ଭାଙ୍ଗି ଦେଇଥିଲେ। ଖବରପାଇ ରେମୁଣା ତହସିଲଦାର ଅନୁପ କୁମାର ବେହେରା, ସଦର ଥାନା ଆଇଆଇସି ଜୟନ୍ତ ଦାସ, ଖନ୍ତାପଡ଼ା ଥାନା ଓଆଇସି ବିରଞ୍ଚି ସାହୁଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ଜାରି ରହିଥିବା କାରଣରୁ ଅଦ୍ୟାବଧି ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।



ସ୍କୁଲ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

# ବ୍ରହ୍ମପୁରରୁ ବାହାରିଲା ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ଶ୍ରୀଜଗନ୍ନାଥ ସେନାର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୮।୧୦(ସ୍ମୃତି ରଞ୍ଜନ ମହାଲିକ)

## ଶ୍ରୀମନ୍ଦିର ଚାରି ଦୁଆର, ରତ୍ନଭଣ୍ଡାର ଖୋଲିବା ଦାବି

ଶ୍ରୀମନ୍ଦିରର ଚାରି ଦୁଆର ଓ ରତ୍ନଭଣ୍ଡାର ଖୋଲିବା ଦାବି ନେଇ ଶ୍ରୀଜଗନ୍ନାଥ ସେନା ପୁରୀ କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ଜାଗରଣ ଜନସମ୍ପର୍କ ଯାତ୍ରା ଦକ୍ଷିଣରୁ ଅର୍ଥାତ୍ ବ୍ରହ୍ମପୁରରୁ ଆରମ୍ଭ ହୋଇଛି। ରବିବାର ଗୋଷାଣୀ ନୂଆଗାଁ ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀମନ୍ଦିରର ଚାରି ଦୁଆର ବନ୍ଦ ହେବା ଯୋଗୁ ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଘଣ୍ଟା ଘଣ୍ଟା ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି। ଏଥିଯୋଗୁ ରାଜ୍ୟ ଓ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଭକ୍ତମାନେ ନାକେଦମ୍ ହେଉଛନ୍ତି। ଚାରି ଦୁଆର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୨ ମାସ ମଧ୍ୟରେ ସାରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ୨ ମାସ ମହଲତ ଦେଇଛନ୍ତି। ଅବସରପ୍ରାପ୍ତ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ରତ୍ନଭଣ୍ଡାର ଖୋଲିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ପୁରୀ ଜିଲା ପ୍ରଶାସନର ଅନୁରୋଧ ଯୋଗୁ ଶ୍ରୀଜଗନ୍ନାଥ ସେନା ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗତ ୩ ତାରିଖରେ ଓଡ଼ିଶା ବନ୍ଦ ଡାକରାକୁ ସାମୟିକ ସ୍ଥଗିତ ରଖାଯାଇ ଭକ୍ତ ଜାଗରଣ ଓ ସମ୍ପର୍କ ଯାତ୍ରା ଆରମ୍ଭ କରାଯାଇଛି। ୨ ମାସ ମଧ୍ୟରେ ରାଜ୍ୟ ସରକାର ଓ ପୁରୀ ଜିଲା ପ୍ରଶାସନ ଶ୍ରୀମନ୍ଦିର ଚାରି ଦୁଆର ଓ ରତ୍ନଭଣ୍ଡାର ନ ଖୋଲିଲେ ନିଜର ଧାର୍ମିକ ଅଧିକାର ପାଇଁ ସାମୟିକ ଭାବେ ସ୍ଥଗିତ ଥିବା ଆନ୍ଦୋଳନ ପୁନର୍ବାର ହେବ ବୋଲି କୁହାଯାଇଛି।

# ମୁହଁରେ ନିଆଁ ଦେବାକୁ ଆସିଲେନି ୨ ପୁଅ

■ ଶେଷକୃତ୍ୟ କଲା ସ୍ୱେଚ୍ଛାସେବୀ ସଂଗଠନ
■ ବୃଦ୍ଧାଶ୍ରମରେ ଆଶ୍ରୟ ନେଇଥିଲେ

ଯୋଡ଼ା,୮।୧୦(ମାନସ ମହାନ୍ତି)

ଜୀବନର ସମସ୍ତ ସଞ୍ଚୟ ପୁଅମାନଙ୍କୁ ଦେଇ ଶେଷ ସମୟରେ ବୃଦ୍ଧାଶ୍ରମରେ ରହୁଥିବା ବେଳେ ମୃତ୍ୟୁ ପରେ କେହି ମୁହଁରେ ନିଆଁ ଦେବାକୁ ନ ଆସିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ତିମ ସଂସ୍କାର ପାଇଁ ଦୁଇ ପୁଅ ନ ଆସିବାରୁ ଏକ ସ୍ୱେଚ୍ଛାସେବୀ ସଂଗଠନ ଶେଷକୃତ୍ୟ ସମ୍ପନ୍ନ କରିଛି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଚମକପୁର୍ ଗ୍ରାମରେ।

ସୂଚନା ଅନୁଯାୟୀ, ପୁରନ୍ଦର ଦାସ(୮୭) ଓ ସ୍ତ୍ରୀ ପ୍ରତିମାଙ୍କ ତିନି ସନ୍ତାନ। ବଡ଼ପୁଅ ଏକ କମ୍ପାନୀର ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ସାନପୁଅ ସେନା ବାହିନୀରୁ ଅବସର ନେଇ ସାରିଛନ୍ତି। ଝିଅ ବିବାହ ପରେ ପାଟଣା ବ୍ଲକ୍‌ର ବେଗନା ଗ୍ରାମରେ ନିଜ ପରିବାର ସହ ରହୁଥିଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ସନ୍ତାନମାନେ ମା'ବାପାଙ୍କୁ ପର କରି ଏକୁଟିଆ ଛାଡ଼ିଦେଲେ। କାନ୍‌ପୁର ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁ ଗାଁ ବିସ୍ଥାପିତ ହୋଇଗଲା। ଯାହା କ୍ଷତିପୂରଣ ମିଳିଲା ଦୁଇ ପୁଅ ଓ ଝିଅଙ୍କୁ ସବୁ ଦେଇଦେଇଥିଲେ। ଏବେ ଦୁଇ ପୁଅ କେନ୍ଦୁଝରରେ ଘର କରି ନିଜ ନିଜ ପରିବାର ସହ ରହୁଛନ୍ତି। ମା'ବାପାଙ୍କୁ କେହି ପଚାରୁ ନ ଥିବାରୁ ଦୁଃଖରେ ଭାଙ୍ଗି ପଡ଼ିଥିବା ବୃଦ୍ଧ ଦମ୍ପତି ବାରଦ୍ୱାର ବୁଲି ଆଶ୍ରୟ ଖୋଜୁଥିଲେ। ଗ୍ରାମର ଜଣେ ସହୃଦୟ ବ୍ୟକ୍ତି ସେମାନଙ୍କୁ କିଛିମାସ ସାହାଯ୍ୟ କରିବା ପରେ 'ମାନବ ପ୍ରେମୀ' ନାମକ ସ୍ୱେଚ୍ଛାସେବୀ ସଂଗଠନର ସାହାଯ୍ୟ ଲୋଡ଼ିଥିଲେ। ପରେ ଏହି ସଂଗଠନର ସହଯୋଗରେ ବୃଦ୍ଧ ଦମ୍ପତିଙ୍କୁ ଗତ ଜୁଲାଇରେ ଚମ୍ପୁଆ, ରାମଲାସ୍ଥିତ ବୃଦ୍ଧାଶ୍ରମ 'ହାପି ହୋମ'ରେ ଛାଡ଼ିଥିଲେ। ତେବେ ପୁରନ୍ଦର ଅସୁସ୍ଥ ରହୁଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଆଖି ବୁଜିଥିଲେ। ବୃଦ୍ଧାଶ୍ରମର ପ୍ରଚେଷ୍ଟାରେ ଶେଷ ସମୟରେ ତାଙ୍କ ଝିଅ ଓ ନାତି ଉପସ୍ଥିତ ରହିଥିଲେ ହେଁ ଦୁଇ ପୁଅଙ୍କ ଦେଖା ମିଳି ନ ଥିଲା। ଏପରିକି ସେମାନେ ମୃତଦେହ ନେବାକୁ ମଧ୍ୟ ଆସିଲେ ନାହିଁ। ଏଭଳି ପରିସ୍ଥିତିରେ 'ମାନବ ପ୍ରେମୀ' ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ଗ୍ରାମବାସୀ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଥିଲେ।



# ଦର୍ଶକଙ୍କ ଭାଗୀଦାରିତା ନାଟକ କ୍ଷେତ୍ରକୁ ଉତ୍ସାହିତ କରିବ

**ଯେଉଁଠି ଦିନେ ନାଟକ ଶିକ୍ଷା ନେଇଥିଲେ ଆଜି ସେହି ଅନୁଷ୍ଠାନର ନିର୍ଦ୍ଦେଶକ ହୋଇଛନ୍ତି ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ। ଓଡ଼ିଆ ଏବଂ ହିନ୍ଦୀ ସିନେମା ଜଗତରେ ଖୁବ୍ ଜଣାଶୁଣା ଚେହେରା ଚିତ୍ତରଞ୍ଜନ ଏବେ ପ୍ରଥମ ଓଡ଼ିଆ ଭାବେ ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା(ଏନ୍‌ଏସ୍‌ଡି)ର ନିର୍ଦ୍ଦେଶକ ଭାବେ ଗୁରୁଦାୟିତ୍ୱ ବହନ କରି ଓଡ଼ିଶା ପାଇଁ ଗର୍ବ ପାଲଟିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁରେ ଜନ୍ମିତ ତ୍ରିପାଠୀ ଓଡ଼ିଆ ଚଳଚ୍ଚିତ୍ର ଧଉଳୀ ଏକ୍ସପ୍ରେସ୍, ମୁଖ୍ୟମନ୍ତ୍ରୀ, ନେଟ୍‌ଫ୍ଲିକ୍ସରେ ପ୍ରସାରିତ ୱେବ୍‌ସିରିଜ୍ ସାକ୍ରେଡ୍ ଗେମ୍ସ, ହିନ୍ଦୀ ଫିଲ୍ମ ତେରା ମେରା ଟେଢା ମେଢ଼ା, ଇନ୍ଦୁ କି ଜୱାନୀ, ଛପକ୍, ଏ ମନସୁନ୍ ଡେଟ୍, ସିରିଜ୍ ଝୋଲାଛାପ୍ ଭଳି ଅନେକ ଫିଲ୍ମ, ସିରିଜ୍‌ରେ ଦମ୍‌ଦାର ଅଭିନୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନୂଆଦିଲ୍ଲୀରେ ସୂତ୍ରଧର ନାମକ ଏକ ନାଟକ ସଂସ୍ଥା ଗଠନ କରି ଦୀର୍ଘ ୨୬ବର୍ଷ ହେବ ନାଟକ ଯାତ୍ରା ଜାରି ରଖିଛନ୍ତି। ତାଙ୍କ ସହ ଏଥରର ଧରିତ୍ରୀ ଆଳାପ।**

– ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ


ଚିତ୍ତରଞ୍ଜନ ତ୍ରିପାଠୀ

**ଏନ୍‌ଏସ୍‌ଡିର ପ୍ରଥମ ଓଡ଼ିଆ ନିର୍ଦ୍ଦେଶକ। ଏହି ଗୁରୁଦାୟିତ୍ୱକୁ କିପରି ସମ୍ପାଦନ କରିବେ?**

■ କ୍ରିଏଟିଭିଟି, କ୍ରିଏଟିଭ୍ ଇନ୍‌ପୁଟ୍‌ସ, ଟ୍ରେନିଙ୍ଗ, ଫିଲ୍ଡ ଏକ୍ସପେରିଏନ୍ସ, କ୍ରିଏଟିଭ୍ ଫ୍ରିଡମ୍ ଏବଂ ନୀତିନିୟମ ହିସାବରେ ସବୁ କ୍ଷେତ୍ରକୁ ନ୍ୟାୟ ଦେବାକୁ ଚେଷ୍ଟା କରିବି। ଏନ୍‌ଏସ୍‌ଡିର ଯେଉଁ ଲିଗାସି ଅଛି, ତା'ଛଡ଼ା ବର୍ତ୍ତମାନର ଟେକ୍ନୋଲୋଜିର ଡେଭଲପ୍‌ମେଣ୍ଟକୁ ନେଇ କିପରି ଦର୍ଶକଙ୍କ ପାଇଁ ନାଟକ କ୍ଷେତ୍ର ଅଧିକ ବ୍ୟାପକ ତଥା ଫଳପ୍ରଦ ହୋଇପାରିବ ତାହାକୁ ଗୁରୁତ୍ୱ ଦେବି।

**ଓଡ଼ିଶା ପାଇଁ କିଛି କରିବାକୁ ଚିନ୍ତା କରିଛନ୍ତି କି?**

■ ଏହା ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା। ଏହି ଜାତୀୟ ପ୍ରତିଷ୍ଠାନଟି କୌଣସି ଏକ ରାଜ୍ୟ ପାଇଁ ନୁହେଁ, ପୂରା ଦେଶ ଲାଗି ପ୍ରତିଷ୍ଠା ହୋଇଛି। ଜଣେ ଓଡ଼ିଆ ନିର୍ଦ୍ଦେଶକ ଭାବେ ଯେ ମୁଁ ପକ୍ଷପାତିତା କରି ୫ଜଣଙ୍କୁ ନେଇ ଆସିବି ତାହା ହେବ ନାହିଁ। ହଁ ଓଡ଼ିଶାରେ ନାଟକ ଶିକ୍ଷା ପାଇଁ ୱାର୍କଶପ୍ ସଭଳି କିଛି କାର୍ଯ୍ୟକ୍ରମ କରାଯାଇପାରିବ। କାରଣ ଏନ୍‌ଏସ୍‌ଡି ପକ୍ଷରୁ ଆମ ରାଜ୍ୟରେ ଯେତିକି କାମ ହେବା କଥା ଅନ୍ୟ ରାଜ୍ୟ ତୁଳନାରେ ହୋଇନାହିଁ। ମାତ୍ର ସମସ୍ତଙ୍କ ପ୍ରତି ସମାନ ମନୋଭାବ ରଖି ନିୟମ ଭିତରେ ହିଁ ମୋତେ ଏହାର ସୁପରିଚାଳନା କରିବାକୁ ପଡ଼ିବ।

**ଓଡ଼ିଶାରେ ନାଟ୍ୟ ଶିକ୍ଷା ପରିସର ସମ୍ପର୍କରେ କ'ଣ କହିବେ?**

■ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ କୁହନ୍ତୁ କି ଅନ୍ୟ ଅନୁଷ୍ଠାନଗୁଡିକ ପ୍ରଶିକ୍ଷଣ ଦେଉଛନ୍ତି। ଏକ୍ସପର୍ଟ ମଧ୍ୟ ଆସୁଛନ୍ତି। ପ୍ରକୃତ ଘଟଣା ହେଉଛି, କଳାକାରଙ୍କୁ ସାମ୍ନାକୁ ଆସିବାକୁ ସମାଜ ତରଫରୁ ଭାଗିଦାରୀର ଆବଶ୍ୟକତା ରହିଛି। ଯେ ପର୍ଯ୍ୟନ୍ତ କଳାକାରଟିଏ ସିନେମାରେ ଆସି ପରଦାରେ ଚମ୍‌କି ନାହିଁ, ସେଯାଏ ତାଙ୍କୁ ଆମେ ଅବହେଳା କରନ୍ତି। ତା'ଛଡ଼ା ଲୋକମାନେ ନାଟକ ପ୍ରତି ଉତ୍ସାହିତ ହେବା ଆବଶ୍ୟକ। ଯାହା ବି ନାଟକ ଆସୁଛି ଦେଖିବାକୁ ଯିବା ଦରକାର। କଣ୍ଟେଣ୍ଟ ଭଲ ହୋଇ ନ ଥିଲେ ମଧ୍ୟ ସୁପରଷ୍ଟାରଙ୍କୁ ଦେଖି ଲୋକ ଆସନ୍ତି ନାଟକ ଦେଖିବାକୁ। ଆମେ ଚିରାଚରିତ ଢଙ୍ଗରେ ଖାଲି ସମାଲୋଚନା କରିଦେଉ। ସେମିତି ନୁହେଁ ଯେ, କିଛି ହେଉନି। ଲୋକେ ମରିମରି, ଜିଳଜିଳ କାମ କରୁଛନ୍ତି, ମାତ୍ର ତାଙ୍କୁ ସେମିତି ରେସପନ୍ସ ମିଳୁନି। ତେଣୁ ଏ କ୍ଷେତ୍ରରେ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦର୍ଶକଙ୍କ ସହଯୋଗ ବା ଭାଗୀଦାରିତା ହିଁ ନାଟକ କ୍ଷେତ୍ରକୁ ଉତ୍ସାହିତ କରିବ।

**୨/୪ଟି ଓଡ଼ିଆ ନାଟକରେ ଦର୍ଶକ ହାଉସ୍‌ଫୁଲ୍ ହୋଇଛନ୍ତି। କିନ୍ତୁ ସବୁ ନାଟକ କ୍ଷେତ୍ରରେ ଏପରି କାହିଁକି ହେଉନାହିଁ?**

■ ଭଲ ପ୍ରଶ୍ନ ଟିଏ। ଆପଣ ଯଦି ସେ ନାଟକର ପରଦା ପଛର ମଣିଷକୁ ଦେଖିବେ, ଜାଣିପାରିବ ତାହା କାହିଁକି ହାଉସ୍‌ଫୁଲ୍। ଗୋଟିଏ କର୍ପୋରେଟ୍ ସଂସ୍ଥା ନାଟକ କରୁ କିମ୍ବା ସେଲିବ୍ରିଟିଙ୍କୁ ନେଇ ନାଟକ ହେଉ, ସେ ସବୁକୁ ଲୋକେ ଦେଖିବାକୁ ନିହାତି ଆସିବେ। ସମସ୍ତେ ତ ସେଭଳି ନାଟକ କରିପାରୁ ନାହାନ୍ତି। ମାସରେ ଥରେ ବି ତ ସେଭଳି ହାଉସ୍‌ଫୁଲ୍ ନାଟକ ହୋଇପାରୁନି। ସେମାନଙ୍କୁ ସାଧୁବାଦ ଏଭଳି ଇନଭେଷ୍ଟ କରି ନାଟକ କରିପାରିଛନ୍ତି। ମାତ୍ର ଯେଉଁମାନେ ଅନେକ କଷ୍ଟକରି ଦୀର୍ଘବର୍ଷ ହେବ କାମ କରୁଛନ୍ତି ସେମାନଙ୍କୁ ଲୋକଙ୍କ ତରଫରୁ ସେଭଳି ଉତ୍ସାହ ମିଳିପାରୁନାହିଁ।

**ଏନ୍‌ଏସ୍‌ଡିରେ ଓଡ଼ିଆ ପିଲାଙ୍କ ସଂଖ୍ୟା କମ୍ କାହିଁକି?**

■ ଯେ ଯେମିତି ପରିଶ୍ରମ କଲା, ଟ୍ୟାଲେଣ୍ଟ ଦେଖାଇଲା, ସେ ସେମିତି ସୁଯୋଗ ପାଇଲା। ଓଡ଼ିଶାରୁ ବୋଲି ଯେ ସୁଯୋଗ ପାଉନାହାନ୍ତି ସେମିତି ନୁହେଁ। ଯେହେତୁ ଏହା ଏକ ରାଷ୍ଟ୍ରୀୟ ସ୍ତରର ଅନୁଷ୍ଠାନ ସେମିତି ପ୍ରଦର୍ଶନ ମଧ୍ୟ ରଖିବା ଆବଶ୍ୟକ।

**ନାଟକ ପଢ଼ିଥିବା ପିଲା ସିନେମା କ୍ଷେତ୍ରରେ କାହିଁକି ଅଧିକ ପରିଚୟ ପାଉଛନ୍ତି?**

■ ନାଟକ ହେଉ କି ସିନେମା, ପିଲାଟିଏ ସେଠାକୁ ଯାଇ ସେହି ଅଭିନୟ ହିଁ କରୁଛି। ଯିଏ ବି ନାଟକରେ ପାଠପଢି ଯାଉଛି, ସେ ତ ଆଗ ଷ୍ଟାର୍ ହୋଇ ଯାଉନାହିଁ ନା। ୧୦/୧୫ବର୍ଷ ପରେ ସେ ଯେତେବେଳେ ସିନେମାକୁ ଆସୁଛନ୍ତି, ସେତେବେଳେ ଲୋକେ କୁହନ୍ତି ଆରେ ସିଏ ସିନେବାକୁ ପଳାଇ ଆସିଲେ। ମାତ୍ର ସେହି ୧୫ବର୍ଷରେ ସେ କ'ଣ କରିଛନ୍ତି, ତାହାର ହିସାବ କାହା ପାଖରେ ନ ଥିବ। କାରଣ ତାହା ନନ୍ ଗ୍ଲାମର୍ସ ଦୁନିଆ। ତେଣୁ ସମାଜ ଆଖିରେ ଯେ ପର୍ଯ୍ୟନ୍ତ କିଛି ହୋଇନ, ତୁମ ବିଷୟରେ କେହି କଥା ହେବେନାହିଁ। ଆଜିକାଲି ଘରେ ଘରେ ଓଟିଟି ପହଞ୍ଚିଲାଣି। ଯଦି ମୋ ପାଖରେ ଦକ୍ଷତା ଅଛି ତ ମୁଁ ଚାହିଁବି ନା ଲୋକଙ୍କ ଆଗକୁ ଆସିବାକୁ। ସେମିତି ନୁହଁ ଯେ, ନାଟକ ପଢ଼ିଥିବା କେହିଜଣେ ନାଟକ କରୁନାହାନ୍ତି। ବହୁତ ଜଣ କରୁଛନ୍ତି, ମାତ୍ର ସେମାନଙ୍କୁ ଜାଣିବାକୁ କାହା ପାଖରେ ଆଗ୍ରହ ନାହିଁ।

**ପିଲାବେଳୁ ଏହି କ୍ଷେତ୍ରରେ ଆସିବାକୁ ଇଚ୍ଛା ରଖିଥିଲେ କି?**

■ ଛୋଟବେଳୁ ନାଟକରେ ଅଭିନୟ କରିବାକୁ ଭଲ ଲାଗୁଥିଲା। ମାତ୍ର ସାହସ ନ ଥିଲା କହିବାକୁ। ମନେ ମନେ ଭାବୁଥିଲି ମୁଁ ଦିନେ ଏଇସବୁ କରନ୍ତି କି।

**ପ୍ରିୟ ଖାଦ୍ୟ?**

■ ଭାତ, ଡାଲି, ଆଳୁ ଭଜା ନ ହେଲେ ଆଳୁ ଚକଟା

**ଅବସର ସମୟରେ କ'ଣ କରନ୍ତି?**

■ ପରିବାର ପାଇଁ ସମୟ ଦିଏ।

# ବର୍ଷକୁ ୨ ଥର ଦଶମ, ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାଧ୍ୟତାମୂଳକ ନୁହେଁ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୮।୧୦(ପି.ଟି.)

ବର୍ଷକୁ ଦୁଇଥର ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ପିଲାମାନଙ୍କ ପାଇଁ ବାଧ୍ୟତାମୂଳକ ହେବ ନାହିଁ। ପରୀକ୍ଷା ପାଇଁ ବର୍ଷକୁ ଗୋଟିଏ ସୁଯୋଗ ଥିବାରୁ ଏନେଇ ପିଲାଙ୍କ ଉପରେ ଯେଉଁ ମାନସିକ ଚାପ ପଡୁଥିଲା, ତାହାକୁ କମାଇବା ପାଇଁ ଦୁଇ ଥର ପରୀକ୍ଷା ଦେବାର ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗତ ଅଗଷ୍ଟରେ ଶିକ୍ଷା ମନ୍ତ୍ରଣାଳୟ ଘୋଷଣା କରିଥିବା ନୂଆ ପାଠ୍ୟକ୍ରମ ରୂପରେଖ ଅନୁଯାୟୀ ବର୍ଷକୁ ଅନ୍ୟୂନ ୨ ଥର ବୋର୍ଡ ପରୀକ୍ଷା ହେବ। ଫଳରେ ପିଲାମାନେ ପରୀକ୍ଷାରେ ଭଲ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ପାଇବେ। ସେମାନେ ଦୁଇଟି ପରୀକ୍ଷାରୁ ଶ୍ରେଷ୍ଠ ସ୍କୋରକୁ ବାଛିବାର ସୁଯୋଗ ପାଇବେ ବୋଲି ଧର୍ମେନ୍ଦ୍ର ଏକ ସାକ୍ଷାତ୍‌କାରରେ କହିଛନ୍ତି। ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ପ୍ରସ୍ତାବିତ ବୋର୍ଡ ପରୀକ୍ଷା କିପରି ଚାପ କମ୍ କରିବ ବୋଲି ପ୍ରଶ୍ନ ହେବାରୁ ଧର୍ମେନ୍ଦ୍ର କହିଥିଲେ, ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ଭଳି ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ହେବ। ପିଲାମାନେ ଭଲ ନମ୍ବରକୁ ବାଛିପାରିବେ। ଦୁଇଥର ପରୀକ୍ଷା ଦେବା ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଇଚ୍ଛାଧୀନ, ଏହା ବାଧ୍ୟତାମୂଳକ ନୁହେଁ ବୋଲି ଧର୍ମେନ୍ଦ୍ର ସ୍ପଷ୍ଟ କରିଦେଇଛନ୍ତି।

"ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା



# ଇସ୍ରାଏଲକୁ ମାଡ଼

ବିଶ୍ୱର ବହୁ ଆଲୋଚିତ ବିବାଦ ମଧ୍ୟରୁ ଇସ୍ରାଏଲ–ପାଲେଷ୍ଟାଇନ୍ ଅନ୍ୟତମ। ୧୯୭୩ର ଇସ୍ରାଏଲ୍–ଇଜିପ୍ଟ ଯୁଦ୍ଧ ସେହି ଅଞ୍ଚଳର ଇତିହାସକୁ ବଦଳାଇ ଦେଇଥିଲା। ସେବେଠାରୁ ଇସ୍ରାଏଲ୍–ପାଲେଷ୍ଟାଇନ୍ ମଧ୍ୟରେ ଘୋର ସଂଘର୍ଷ ଲାଗି ରହିଛି। ସବୁବେଳେ ଦେଖାଯାଇଛି, ଇସ୍ରାଏଲ ସେନା ଅନ୍ୟ ଦେଶ ଭିତରେ ପ୍ରବେଶ କରି ବିଦେଶୀ ମାଟିରେ ଯୁଦ୍ଧ କରିଥାଏ। ନିଜ ଦେଶର ସୁରକ୍ଷା ସକାଶେ ବିଭିନ୍ନ ପଡ଼ୋଶୀ ଦେଶରେ ରହୁଥିବା ଶରଣାର୍ଥୀ ପାଲେଷ୍ଟିନୀୟ ଶିବିର ଉପରେ ମରଣାନ୍ତକ ଆକ୍ରମଣ କରି ମୁଖ୍ୟତଃ ମହିଳା ଓ ପିଲାଙ୍କୁ ହତ୍ୟା କରିବାରେ ଇସ୍ରାଏଲ ସବୁବେଳେ ସକ୍ଷମ ହୋଇଥାଏ। କିନ୍ତୁ ୭ ଅକ୍ଟୋବର ୨୦୨୩ରେ ପାଲେଷ୍ଟାଇନ୍‌ର ହମାସ ଗୋଷ୍ଠୀ ପକ୍ଷରୁ ଦକ୍ଷିଣ ଇସ୍ରାଏଲ ଉପରେ ଅନେକ ହଜାର ରକେଟ୍ ମାଡ଼ କରାଯିବାରୁ ଅଦ୍ୟାବଧି ୬୦୦ ଇସ୍ରାଏଲ ଲୋକଙ୍କ ପ୍ରାଣହାନି ଘଟିସାରିଲାଣି ବୋଲି ଅନ୍ତର୍ଜାତୀୟ ଖବରରୁ ଜାଣିବାକୁ ମିଳିଛି। ସେହିପରି ହମାସକୁ ଜବାବ ଦେବାକୁ ଯାଇ ଇସ୍ରାଏଲ ସେନା ଆକ୍ରମଣରେ ପ୍ରତିପକ୍ଷର ୪୦୦ ଜଣ ନିହତ ହୋଇଥିବା ସୂଚନା ମିଳିଛି। ହମାସ ଆକ୍ରମଣ ପରେ ଇସ୍ରାଏଲ ଯୁଦ୍ଧ ଘୋଷଣା କରିଥିବାରୁ ତାହାର ପ୍ରଭାବ ସେହି ଭୂଖଣ୍ଡ ଉପରେ କେବଳ ପଡ଼ିବ ନାହିଁ। କାରଣ ରୁଷିଆ–ୟୁକ୍ରେନ ଯୁଦ୍ଧ ୫୯୩ ଦିନରେ ପହଞ୍ଚି ବିଶ୍ୱବ୍ୟାପୀ କିଭଳି ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଛି, ତାହା ପୃଥିବୀ ଭୋଗୁଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ପ୍ରାରମ୍ଭରେ ଦୁଇଟି ଯୁଦ୍ଧ ଆହୁରି କ୍ଷତି ପହଞ୍ଚାଇବ ବୋଲି କୁହାଗଲାଣି।

ଇସ୍ରାଏଲ–ପାଲେଷ୍ଟାଇନ୍ ବିବାଦର ଇତିହାସକୁ ଯଦି ଦେଖାଯାଏ, ତେବେ ଉନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଯିବାକୁ ପଡ଼ିବ। ସେତେବେଳେ ଜିଓନିଷ୍ଟମାନେ ଓଟ୍ଟୋମାନ୍ ନିୟନ୍ତ୍ରଣରେ ଥିବା ପାଲେଷ୍ଟାଇନ୍‌ରେ ଇହୁଦୀମାନଙ୍କ ପାଇଁ ନିଜସ୍ୱ ରାଷ୍ଟ୍ର ପ୍ରତିଷ୍ଠା କରିବାକୁ ଚାହିଁଲେ। ସେବେଠାରୁ ବିବାଦର ସୂତ୍ରପାତ ହୋଇଥିଲା। ସାଧାରଣତଃ ୱେଷ୍ଟ ଏସିଆର ଭୂମଧ୍ୟସାଗରର ପୂର୍ବାଞ୍ଚଳରେ ଇହୁଦୀମାନଙ୍କ ଅଭ୍ୟୁଥାନ ଘଟିଥିଲା, ଯାହାର ଭୌଗୋଳିକ ପରିଭାଷାରେ ସମ୍ପୃକ୍ତ ଅଞ୍ଚଳକୁ ଲେଭାଣ୍ଟ କୁହାଯାଇଥାଏ। ଅର୍ଥାତ୍ ଏଥିରୁ ବୁଝିବାକୁ ହେବ ଯେ, ଇହୁଦୀମାନେ କୌଶଳ କରି ପାଲେଷ୍ଟାଇନକୁ ଦଖଲ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପାଲେଷ୍ଟାଇନ୍‌ରେ ଇହୁଦୀ ରାଷ୍ଟ୍ର ପ୍ରତିଷ୍ଠା ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ଜୋରଦାର ହୋଇଥିଲା। ଫଳରେ ୧୯୪୮ରେ ଇସ୍ରାଏଲ ରାଷ୍ଟ୍ର ଗଠନ ହୋଇଥିଲା। ଉଲ୍ଲେଖ କରାଯାଇପାରେ, ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷକରି ଆମେରିକାରେ ଧନୀ ଓ ପ୍ରଭାବଶାଳୀ ସମ୍ପ୍ରଦାୟ ଭାବରେ ଇହୁଦୀମାନେ ପରିଚିତ। ଇସ୍ରାଏଲ ରାଷ୍ଟ୍ର ଗଠନ ଲାଗି ହୋଇଥିବା ଯୁଦ୍ଧରେ ଅନେକ ଲକ୍ଷ ପାଲେଷ୍ଟିନୀୟ ବାସସ୍ଥାନ ହରାଇ ଶରଣାର୍ଥୀ ହେଲେ। ସମ୍ଭବତଃ ପୂର୍ବର ପ୍ରତିଶୋଧ ନେବାକୁ ଯାଇ ହମାସ ଭଳି ଗୋଷ୍ଠୀ ଦୀର୍ଘ ବର୍ଷ ଧରି ନିଜ ଅଞ୍ଚଳକୁ ଇସ୍ରାଏଲଠାରୁ ମୁକ୍ତ କରିବା ଲାଗି ହିଂସା ଘଟାଇଆସୁଛି। ଏମିତି ଦେଖିଲେ ଇସ୍ରାଏଲୀୟମାନେ ଅତି ବିଚକ୍ଷଣ ହୋଇଥିବାରୁ ଅତ୍ୟାଧୁନିକ ଯୁଦ୍ଧ ସରଞ୍ଜାମ ବ୍ୟବହାର କରି ଅନେକ ପାଲେଷ୍ଟିନୀୟଙ୍କ ଜୀବନ ନେଇଛନ୍ତି। ଏବେ ହମାସର ଆକ୍ରମଣ ସେହି ଅଞ୍ଚଳରେ ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିଦେଇପାରେ। ଏହି ଯୁଦ୍ଧର ପରିଣତି ଭାବେ ବିଭିନ୍ନ ପାଲେଷ୍ଟିନୀୟ ଗୋଷ୍ଠୀ ଏକଜୁଟ ହେବାର ସମ୍ଭାବନା ରହିଛି, ଯାହାକି ଭବିଷ୍ୟତରେ ଇସ୍ରାଏଲ ପାଇଁ ଏକ ବିରାଟ ବିପଦ ଆଣିପାରେ। ବୈଷୟିକ ଜ୍ଞାନକୌଶଳ ଦୃଷ୍ଟିରୁ ଶକ୍ତିଶାଳୀ ଥିବା ଇସ୍ରାଏଲ ଭିତରେ ପଶି ଲୋକଙ୍କୁ ପଣବନ୍ଦୀ କରିନେବା ସହ ଅସଂଖ୍ୟ ରକେଟ୍ ମାଡ଼ କରିବାରେ ହମାସ କିଭଳି ସକ୍ଷମ ହେଲା ତାହାକୁ ନେଇ ପ୍ରଶ୍ନ ଉଠୁଛି। ମିଳିଥିବା ଖବରରୁ ଜଣାପଡ଼ିଛି, ପାରାଗ୍ଲାଇଡର୍ସ ସହ ଅନ୍ୟାନ୍ୟ ଅଭିନବ କୌଶଳ ଅନୁସରଣ କରି ହମାସ ଇସ୍ରାଏଲ ଭିତରକୁ ଯୁଦ୍ଧ ନେଇଯାଇଛି। ହମାସର ଏହି ଯୁଦ୍ଧରେ ପ୍ରାରମ୍ଭିକ ସଫଳତା ଦର୍ଶାଉଛି ଇସ୍ରାଏଲର ଗୋଇନ୍ଦା ଏବଂ ସୁରକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଫଳତା। ଇସ୍ରାଏଲର ଦୁଇଟି ଗୋଇନ୍ଦା ସଂସ୍ଥା 'ଶିନ୍ ବେଟ୍', ଯାହାକି ଆଭ୍ୟନ୍ତରୀଣ ଗୋଇନ୍ଦାଗିରି କରେ ଏବଂ 'ମୋସାଦ' ବାହ୍ୟ ଗୋଇନ୍ଦାରେ ବିଶ୍ୱବ୍ୟାପୀ ପରିଚିତ, ଉଭୟ ଶୋଇପଡ଼ିଥିବା ଭଳି ଦିଶୁଛି। ସମଗ୍ର ବିଶ୍ୱରେ ଇସ୍ରାଏଲ ତା'ର ଗୋଇନ୍ଦା କାରସାଦି ଓ ସାମଗ୍ରୀ ପାଇଁ ପରିଚିତ ହୋଇଆସିଛି। ପେଗାସସ୍ ଭଳି ପ୍ରଯୁକ୍ତି କୌଶଳ ମାଧ୍ୟମରେ ଇସ୍ରାଏଲ ତା'ର ସବୁ ବିରୋଧୀଙ୍କ ଶୋଇବା ଘର ତଥ୍ୟ ମଧ୍ୟ ଜାଣିପାରେ ବୋଲି ପ୍ରଚାର କରାଯିବା ଫଳରେ ଭାରତ ଭଳି କୋଡ଼ୋଡ଼ି ଦେଶ ଅନେକ ବିଲିୟନ ଡଲାର ଖର୍ଚ୍ଚ କରି ଇସ୍ରାଏଲଠାରୁ ଗୋଇନ୍ଦା ସାମଗ୍ରୀ କିଣିଛନ୍ତି। ଏହି ହମାସ ଆକ୍ରମଣ ପ୍ରମାଣ କରୁଛି ଯେ, ଇସ୍ରାଏଲ ପ୍ରସ୍ତୁତ ସଫ୍ଟୱେର ଓ ଯନ୍ତ୍ରପାତି ଉପରେ ଆଉ ଭରସା ନାହିଁ।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ଲିକ୍ୟୁଡ୍ ପାର୍ଟି ଦେଶରେ ଲୋକପ୍ରିୟତା ହରାଇ ଚାଲିଥିଲା ବୋଲି ନିକଟରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ବେନି ଗାଣ୍ଟଜ୍‌ଙ୍କ ନେତୃତ୍ୱାଧୀନ ନ୍ୟାଶନାଲ ପାର୍ଟି ଆସନ୍ତା ନିର୍ବାଚନରେ ଅଧିକ ଆସନ ପାଇବ ବୋଲି ସେଥିରେ କୁହାଯାଇଥିଲା। କାରଣ ନେତନ୍ୟାହୁଙ୍କ ପ୍ରତିରକ୍ଷା ନୀତି ଓ ବିଶେଷକରି ନ୍ୟାୟିକ ସଂସ୍କାରକୁ ଦେଶବାସୀ ସମାଲୋଚନା କରି ରାସ୍ତାରେ ପ୍ରତିବାଦ କରିଥିଲେ। ହମାସ ଆକ୍ରମଣ ପ୍ରମାଣ କରୁଛି ଯେ, ଆଭ୍ୟନ୍ତରୀଣ ବିଶୃଙ୍ଖଳା ସବୁଠାରୁ ସତର୍କ ରାଷ୍ଟ୍ରକୁ ମଧ୍ୟ ଆଣ୍ଠେଇ ଦେଇପାରିବ। ରାଜନୈତିକ ଦୃଷ୍ଟିକୋଣରୁ ଏହି ଯୁଦ୍ଧ ନେତନ୍ୟାହୁଙ୍କ ରାଜନୈତିକ ସ୍ଥିତିକୁ ସାହାଯ୍ୟ କରିପାରେ। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଦେଖାଯାଇଛି ଯେ, ଦେଶବାସୀଙ୍କ ରକ୍ତ ବୋହିଲେ କ୍ଷମତାରେ ବସିଥିବା ରାଜନେତାଙ୍କର ସବୁବେଳେ ଲାଭ ହୁଏ।

ହମାସ ଆକ୍ରମଣର ଏକ କୌତୂହଳ ଦିଗ ହେଲା ଯେ, ଏବେ ଭାରତରେ ପ୍ରଚାର କରାଯାଉଛି ଏଭଳି ଆକ୍ରମଣ ପଛରେ ଚାଇନାର ସମର୍ଥନ ରହିଛି। କାରଣ ଭାବେ ଦର୍ଶାଯାଉଛି, ଭାରତରୁ ଆରମ୍ଭ କରି ୟୁରୋପ ଯାଏ ଇଣ୍ଡିଆ–ମିଡ୍‌ଲ ଇଷ୍ଟ–ୟୁରୋପ କରିଡରକୁ ଲାଇନ୍‌ଚ୍ୟୁତ କରିବା ଲାଗି ହମାସକୁ ଚାଇନା ଅସ୍ତ୍ର କରିଛି। କାରଣ ଉକ୍ତ କରିଡରକୁ କାର୍ଯ୍ୟକାରୀ କରିବା ଲାଗି ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ଭାରତକୁ ସମର୍ଥନ ଦେଇଛନ୍ତି। ଏହାର ଅର୍ଥ ହେଉଛି ବିଶ୍ୱବ୍ୟାପୀ ଭାରତର ପ୍ରତିପତ୍ତି ଏତେ ବୃଦ୍ଧି ପାଇଲାଣି ଯେ, ଖୋଦ୍ ଭାରତୀୟମାନେ ଭୋକ ଉପାସରେ ରହୁଥିବା ସତ୍ତ୍ୱେ ଏହାର ଗଭୀରତାକୁ ବୁଝିବାକୁ ଅକ୍ଷମ।

ରୁଷିଆ–ୟୁକ୍ରେନ ଯୁଦ୍ଧ ପରେ ଏବେ ଇସ୍ରାଏଲ–ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ହେବା ନିଶ୍ଚିତ ଭାବେ ବିଶ୍ୱ ପାଇଁ ବିପତ୍ତି ଆଣି ଦେଇଛି। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ଜାତିସଂଘଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସମୁଦାୟ ନିୟନ୍ତ୍ରଣ ଭିତରକୁ ଆଣିପାରିଲେ ନାହିଁ। ଏବେ ଇସ୍ରାଏଲ ଉପରେ ଆକ୍ରମଣକୁ ଭାରତ, ଆମେରିକା ସମେତ କେତେକ ରାଷ୍ଟ୍ର ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ହମାସକୁ ଇରାନ୍ ସମେତ ଲେବାନନ୍‌ର ଉଗ୍ରପନ୍ଥୀ ଗୋଷ୍ଠୀ ହେଜ୍‌ବୁଲା ସିଧାସଳଖ ସମର୍ଥନ କରିଥିବାରୁ ଏହି ଯୁଦ୍ଧ ବ୍ୟାପକ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମଧ୍ୟପ୍ରାଚ୍ୟରେ କିଛି ବର୍ଷ ହେବ ଶିଥିଳ ପଡ଼ିଯାଇଥିବା ବେଳେ ଏବେ ହମାସ୍ ଓ ହେଜ୍‌ବୁଲା ଚେଇଁ ଉଠିବା ନିଶ୍ଚିତ ଭାବେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ।

## sudoku / ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 2 | | | | |
| | 2 | | | | 6 | | 3 | |
| 6 | | | | 3 | | | 8 | 2 |
| 1 | | 6 | | | | 7 | 5 | |
| | | | | | 4 | | | 1 |
| 3 | | | | | | 9 | | |
| | | | | | | 5 | | |
| | | | 4 | | 5 | | | |
| 4 | | 8 | | | 9 | | 7 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 7 | 9 | 3 | 4 | 1 | 8 |
| 1 | 7 | 8 | 5 | 4 | 6 | 2 | 3 | 9 |
| 9 | 4 | 3 | 2 | 1 | 8 | 7 | 5 | 6 |
| 6 | 1 | 7 | 8 | 3 | 2 | 5 | 9 | 4 |
| 3 | 9 | 5 | 1 | 7 | 4 | 8 | 6 | 2 |
| 2 | 8 | 4 | 6 | 5 | 9 | 3 | 7 | 1 |
| 8 | 6 | 9 | 3 | 2 | 7 | 1 | 4 | 5 |
| 7 | 5 | 2 | 4 | 6 | 1 | 9 | 8 | 3 |
| 4 | 3 | 1 | 9 | 8 | 5 | 6 | 2 | 7 |

ଗତକାଲିର ଉତ୍ତର

# ସର୍ବେ ଭବନ୍ତୁ ଦାର୍ଶନିକାଃ




ରଞ୍ଜନ କୁମାର ଦାସ

ଆଜିକୁ ଶହଶହ ବର୍ଷ ତଳେ ପ୍ରସିଦ୍ଧ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତାଙ୍କ ରଚିତ କାଳଜୟୀ ଗ୍ରନ୍ଥ 'ରିପବ୍ଲିକ'ରେ ଏକ ୟୁଟୋପିଆର ପରିକଳ୍ପନା କରିଥିଲେ, ଯାହା ଆମ ଭାରତୀୟ ଜନଚେତନାରେ କଳ୍ପିତ ରାମରାଜ୍ୟର ପ୍ରତିରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହି ୟୁଟୋପିଆର ପରିକଳ୍ପନା ସମୟରେ ପ୍ଲାଟୋ ଦିନେ ସ୍ୱପ୍ନରେ ଈଶ୍ୱରଙ୍କୁ ଦେଖିଲେ ଏବଂ ତାଙ୍କୁ ୟୁଟୋପିଆର ସ୍ୱପ୍ନ ଚରିତାର୍ଥ କରିବାକୁ ବର ମାଗିଲେ। ଈଶ୍ୱର ତୁରନ୍ତ ରାଜିହୋଇ ବରଦାନ ବି ଦେଇଦେଲେ। ଏବେ ପ୍ରଶ୍ନ ଉଠିଲା, ୟୁଟୋପିଆ ହେଉ ବା ଆଇଡିଆଲ ଷ୍ଟେଟ ଅଥବା ରାମରାଜ୍ୟ ଯାହା ବି ସେ ହେଉ, ସେଥିରେ ରାଜା କିଏ ହେବେ। ସ୍ୱପ୍ନରେ ପ୍ଲାଟୋ ସବୁବେଳେ ଭାବୁଥିଲେ ଯେ ରାଜ୍ୟର ରାଜା ଯିଏ ହେବ ସେ ଜଣେ ବିଚାରବନ୍ତ, ବୁଦ୍ଧିଜୀବୀ ବା ଦାର୍ଶନିକ ହେବା ଉଚିତ। ଯେ ପର୍ଯ୍ୟନ୍ତ ଜଣେ ରାଜା ଦାର୍ଶନିକ ହୋଇନାହିଁ ବା ଜଣେ ଦାର୍ଶନିକ ରାଜା ହୋଇନାହିଁ ସେ ଯାଏ ଶାସନ ସୁସଂଗଠିତ ହୋଇପାରିବ ନାହିଁ ବୋଲି ପ୍ଲାଟୋ ଭାବୁଥିଲେ। ଈଶ୍ୱର କହିଲେ ତଥାସ୍ତୁ, ମାତ୍ର ୟୁଟୋପିଆର ରାଜା କିଏ ହେବ? ସେ ପ୍ରଶ୍ନରେ ପ୍ଲାଟୋ ନିଜକୁ ସେ ସ୍ଥାନରେ ରଖିବାକୁ ପ୍ରାର୍ଥନା କଲେ। ଈଶ୍ୱର ଈର୍ଷାନ୍ୱିତ ହୋଇ ପରିହାସରେ କହିଲେ, ଏତେ ସୁନ୍ଦର ରାଜ୍ୟଟିଏ ଯଦି ମୁଁ ଗଢ଼ିପାରେ, ତେବେ ତା'ର ରାଜା ମୁଁ ନିଜେ ନ ହୋଇ ତମକୁ କାହିଁକି ସେ ରାଜପଦ ଛାଡ଼ିବି? କହିବାର ଉଦ୍ଦେଶ୍ୟ ହେଲା, ଈଶ୍ୱର ହୁଅନ୍ତୁ ବା ରାଜା ସବୁବେଳେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ସ୍ୱର୍ଣ୍ଣପ୍ରସୂ, ଶାନ୍ତି ଓ ମୈତ୍ରୀରେ ଭରା ଏଭଳି ରାଜ୍ୟରେ ଶାସନ କରିବାକୁ ଚାହାନ୍ତି। ପ୍ରଜାମାନେ ତ ସ୍ୱାଭାବିକ ଭାବେ ଏଭଳି ଏକ ରାମରାଜ୍ୟ ସ୍ଥାପନ ପାଇଁ ନିତି ଦୀପ ଜାଳି ବସନ୍ତି।

ବିଭିନ୍ନ ବିଶ୍ୱ ସାହିତ୍ୟରେ ଏଭଳି ୟୁଟୋପିଆ ହେଉ, ରାମରାଜ୍ୟ ହେଉ ବା ଏଲଡୋରାଡୋ ହେଉ ତା'ର ଅବତାରଣା କରାଯାଇଛି। ସବୁଥିରେ ସାରାଂଶ ହେଲା ସୁଶାସନ।

ସୁଶାସନ କହିଲେ, ସାଧାରଣ ଜନତା ବୁଝନ୍ତି ଆଇନର ଶାସନ, ନିଃସ୍ୱାର୍ଥପର ବ୍ୟବସ୍ଥା ପରିଚାଳନା ଓ ଏକ ଦୂରଦର୍ଶୀ ଜନନାୟକର ନେତୃତ୍ୱ। ଯେଉଁଠି ଶାସନ ପରିଚାଳନା 'ମୋର–ତୋର'ର ଭେଦଭାବରେ ସୀମିତ ନ ଥାଏ,



ନୀତିନିଷ୍ଠ ଭାବେ ପରିଚାଳିତ ହୁଏ। ସେଥିପାଇଁ ମହାତ୍ମା ଗାନ୍ଧୀ ମଧ୍ୟ କହିଲେ, ରାଜନୀତି ଯଦି ଧର୍ମ ଓ ଦର୍ଶନ ଦ୍ୱାରା ପରିଚାଳିତ ନ ହୋଇଥାଏ ତାହା ପତିତ ଜନର ଉଦ୍ଧାର କରିପାରିବ ନାହିଁ। ଏଠାରେ ଧର୍ମ ବୁଝାଏ ନୀତିନିଷ୍ଠତାକୁ ଓ ଦର୍ଶନ ବୁଝାଏ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଚାର ଧାରାକୁ। ତେଣୁ ଶାସକ ନୀତିନିଷ୍ଠ ହେବା ସହ ପ୍ରଜା କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିଚାରବୋଧକୁ ନେଇ ସଂକଳ୍ପବଦ୍ଧ ହୋଇଥିବା ବିଧେୟ। ପ୍ଲାଟୋଙ୍କ ଦର୍ଶନରେ ଏଭଳି ରାଜାଙ୍କୁ ଫିଲୋସୋଫର କିଙ୍ଗ୍ ବା ଦାର୍ଶନିକ ରାଜା କୁହାଯାଇଥିଲା। ରାଜା ବା ରାଷ୍ଟ୍ରମୁଖ୍ୟ ତାଙ୍କ ଶାସନରେ ଛୋଟ–ବଡ, ପୁରୁଷ–ନାରୀ ବା ନିଜ–ପର ଏଭଳି ନ୍ୟୂନ ବିଚାରଧାରାରେ ସୀମିତ ହୋଇ ନ ଥିବେ। ଜନକଲ୍ୟାଣ ହିଁ ହେବ ଶାସନର ମୂଳମନ୍ତ୍ର। ଦେଶକୁ ଯିଏ ଦିଗ୍‌ଦର୍ଶନ ଦେବ ତା'ର ଜ୍ଞାନ, ଅନୁଭବ ଓ ଅଭିଜ୍ଞତା ମଧ୍ୟ ଅନୁରୂପ ଭାବେ ବିଶାଳ ହୋଇଥିବା ଦରକାର। ମାତ୍ର ବିଡ଼ମ୍ବନାର କଥା ହେଲା ବିଂଶ ଶତାବ୍ଦୀରେ ଗଣତନ୍ତ୍ରର ଆଗମନ ପରେ ଦାର୍ଶନିକମାନେ ଶାସନକୁ ଆସିବା ଦୂରର କଥା, ଏପରି କି ସାଧାରଣ ଦର୍ଶନ ଶକ୍ତି ନ ଥିବା ଲୋକ ବି ଶାସନକୁ ଆସି ଯାଉଛନ୍ତି। ଶାସନତନ୍ତ୍ରରେ ଚିନ୍ତକମାନେ ରହିବା ତ ଦୂରର କଥା, ଜନସାଧାରଣଙ୍କ ଭିତରେ ଥିବା ଦାର୍ଶନିକ, ଚିନ୍ତକ ଓ ବୁଦ୍ଧିଜୀବୀମାନଙ୍କୁ ମଧ୍ୟ ସହ୍ୟ କରିପାରୁନାହାନ୍ତି ଶାସକବର୍ଗ। ଭିନ୍ନ ମତବାଦ ପୋଷଣ କରୁଥିବା ଲୋକମାନଙ୍କୁ କେମିତି ଦୂର କରାଯାଇ ପାରିବ ସେକଥା ଚିନ୍ତା କରାଯାଉଛି। ଗଣତନ୍ତ୍ରର ସଂଖ୍ୟା ଖେଳରେ ଯିଏ ଅଧିକ ଖୁଚୁରା ଗୋଟେଇ ପାରିଲା ସେ ଅଧିକ ସମ୍ପନ୍ନ। ପ୍ଲାଟୋ ତ କହିଥିଲେ, ଯେଉଁଠି ରାଜା ଦାର୍ଶନିକ ନ ହେଲେ ନାଇଁ, ଜନତାଙ୍କ ଭିତରେ କିନ୍ତୁ ଦାର୍ଶନିକ, ଚିନ୍ତକ ରହିଲେ ବି ସେମାନେ ରାଜାଙ୍କୁ ବାଟ ଦେଖେଇ ପାରନ୍ତେ। ମାତ୍ର ତାହା ଅସହ୍ୟ ହୋଇପଡୁଛି ଦିନକୁ ଦିନ। ତେଣୁ ସାଧାରଣ ଲୋକେ ଦେଖିଲେ ବୁଦ୍ଧିଜୀବୀ ବା ଦାର୍ଶନିକ ହେବାରେ ଯେହେତୁ ବିପତ୍ତି ରହୁଛି, ବରଂ ଛେଳି, ମେଣ୍ଢା ବା ଘୁଷୁରି ହୋଇଯିବା ଭଲ। ଛେଳି, ମେଣ୍ଢା ହେବାରେ କିଛି ଅସୁବିଧା ନ ଥାଏ। କିଛି ଭାବିବାକୁ ପଡେନା। ଯୁଆଡେ ଗୋଠ ଯାଉଛନ୍ତି, ସେଇ ରାସ୍ତାରେ ମାଡିଚାଲ। ଗୋଠ ଯୋଉଠି ପହଞ୍ଚିବେ ଆମେ ବି ସେଇଠି। ଯାହା ସମସ୍ତଙ୍କ ଭାଗ୍ୟରେ ଥିବ, ଆମ ଭାଗ୍ୟରେ ବି ସେୟା ହେବ।

ଏଭଳି ଚିନ୍ତାଧାରା ପୋଷଣ କରୁଥିବା ଏକ ସମାଜର ସ୍ଥିତି କେତେ ଦୟନୀୟ ତାହା ସହଜେ ଅନୁମେୟ। ଯୋଉ ସମାଜରେ ରାଜାର ବୁଦ୍ଧି ବିବେକ ନ ଥାଏ କି ପ୍ରଜାର ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତି ନ ଥାଏ, ସେ ସମାଜ ଶେଷରେ କୋଉଠି ଯାଇ ପହଞ୍ଚିବ? ସମାଜର କୋଉ ଗୋଟିଏ ଦିଗ ଯଦି ସବଳ, ସଶକ୍ତ ଓ ଦୃଢ଼ ଥାଏ, ତେବେ ଭାରସାମ୍ୟ ରହିଯିବ। ମାତ୍ର ଯଦି ଉଭୟ ଆଡୁ ଦୁର୍ବଳ ଥିବ ତେବେ ତ କଥା ସରିଲା। ବେଳେବେଳେ ଲାଗେ ଗୋଟେ ରାଜ୍ୟ ପାଇଁ ବୁଦ୍ଧି ଓ ବିବେକ ଥିବା ରାଜା ଯେତେ ଦରକାର ତା'ଠୁ ବେଶି ଦରକାର ବୁଦ୍ଧି, ବିବେକ, ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତି ଥିବା ପ୍ରଜାକୁଳ। ରାଜାର ଯଦି ବୁଦ୍ଧି ଓ ବିବେକ ଥାଏ, ତେବେ ଶାସନ ଠିକ୍‌ରେ ଚାଲିବ ଏକଥା ଅନସ୍ୱୀକାର୍ଯ୍ୟ। ମାତ୍ର ପ୍ରଜା ଯଦି ବିବେକ, ବୁଦ୍ଧି, ନିରୀକ୍ଷଣ ଓ ନିର୍ଣ୍ଣୟ ଶକ୍ତିସମ୍ପନ୍ନ ତେବେ ତ ପ୍ରଶାସନର ଆଉ ଆବଶ୍ୟକତା ହିଁ ପଡିବ ନାହ। ସେମାନେ ନିଜ ସମସ୍ୟା ନିଜେ ସୁଧାରିପାରିବେ। ସମାଜ ଆପେ ଆପେ ସୁଧୁରିଯିବ। ଯେଉଁ ସମାଜ ଆପେ ଆପେ ନିଜକୁ ସୁଧାରିବାର କ୍ଷମତା ରଖେ ସେ ସମାଜ ନିଶ୍ଚିତ ଭାବେ ଦୀର୍ଘଜୀବୀ ହେବ ଏ ବିଶ୍ୱାସ କାଳେ କାଳେ ରହିଥିଲା। ଏବେ ବି ସେ ଆଶା ରଖିଛି। ସମାଜର ପ୍ରତିଟି ମଣିଷ ଯଦି ବିଚାରବନ୍ତ ହେବ, ବିବେକ–ନିର୍ଦ୍ଦେଶିତ ପଥରେ ଚାଲିବ, ଠିକ୍ ନିର୍ଣ୍ଣୟ ନେଇପାରିବ, ନିଜେ ଜଣେ ଦାର୍ଶନିକ ନାଗରିକ ହେବ ତେବେ ତ ସମାଜରୁ ବିଲକ୍ଷଣ ସବୁ କମିଯିବ। ୟୁଟୋପିଆ ବା ରାମରାଜ୍ୟ ମନକୁ ମନ ଗଢ଼ିଉଠିବ। ସବୁ ନ ହେଲେ ବି ଅନ୍ତତଃ ସଂଖ୍ୟାଗରିଷ୍ଠ ନାଗରିକ ଯଦି ଜଣେ ଜଣେ ଦାର୍ଶନିକ ପାଲଟିଯିବେ, ହଉ ପଛେ କିଛି କ୍ଷଣ ପାଇଁ, ଆଉ କୋଉ ଦାର୍ଶନିକ–ରାଜାର ଆବଶ୍ୟକତା ମଧ୍ୟ ପଡ଼ି ନ ପାରେ।

**ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର**
**ମୋ:୯୪୩୭୨୮୬୫୧୨**

# ଏକାଅଶୀରୁ ଶହେଏକାଅଶୀ



ପ୍ରୀତିଛନ୍ଦା ଧଳ

ଦୀର୍ଘ ୨୭ ବର୍ଷର ମହିଳା ସଂରକ୍ଷଣ ବିଲ୍ ଝୁଲି ରହିଲା ପରେ ଏବେ ଏହା ଉପରେ ମୋହର ବାଜିଛି। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେବା ହେଉଛି ଏଇ ସଂରକ୍ଷଣ ନୀତିର ମୂଳ ଉଦ୍ଦେଶ୍ୟ। ଯେଉଁ ରାଷ୍ଟ୍ରରେ ମହିଳାମାନେ ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି, ସେ ରାଷ୍ଟ୍ର ସେତେ ପ୍ରଗତିର ରାସ୍ତାରେ ଆଗକୁ ବଢ଼ି ଚାଲିଥାଏ, ତାହା ସମସ୍ତେ ଜାଣିଛେ। ଏବେ ଯେତେବେଳେ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କର ସ୍ଥିତିକୁ ଆମେ ତର୍ଜମା କରିବା, ତା'ହେଲେ ଏଇ ବିଲ୍ ଦ୍ୱାରା ଅନେକ ପ୍ରଗତିର ରାସ୍ତା ଖୋଲିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

ଯଦି ଏହି ବିଲ୍‌କୁ ଆମେ ଦେଖିବା ତା'ହେଲେ ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟିଛି କହିଲେ ଭୁଲ୍ ହେବ ନାହିଁ। ପ୍ରଥମେ ଲୋକ ସଭାରେ ୫% ମହିଳା ପ୍ରତିନିଧିତ୍ୱ କରୁଥିଲାବେଳେ ବର୍ତ୍ତମାନ ୧୪% ମହିଳା ପ୍ରତିନିଧିତ୍ୱ କରୁଛନ୍ତି। ବିଲ୍ ପାରିତ ହେବା ପରେ ଏହା ୩୩%କୁ ବଢ଼ିଯିବ। ଅର୍ଥାତ୍ ଏବେ ମହିଳାଙ୍କ କବ୍‌ଜାରେ ବହୁ ଆସନ ରହିବ। ଏହି ବିଲ୍ ଅନୁଯାୟୀ ନୂଆ ଚିଠାର ଉପସ୍ଥାପନା ପରେ ସ୍ପଷ୍ଟ ହୋଇଗଲା ଯେ, ଆସନ୍ତା ୨୦୨୪ ନିର୍ବାଚନରେ ନୁହେଁ ବରଂ ଏହା ତା' ପରବର୍ତ୍ତୀ ନିର୍ବାଚନରେ କାର୍ଯ୍ୟକାରୀ ହେବ, ଯାହାକୁ ନେଇ ଏବେ ବିତର୍କ ଆରମ୍ଭ ହୋଇଯାଇଛି। ଯଦିଓ ଏହା ପୂର୍ବରୁ ଲୋକ ସଭାରେ ଉପସ୍ଥାପନା କରାଯାଇଛି, କିନ୍ତୁ ମତଭେଦ କାରଣରୁ ଏହା ପାରିତ ହୋଇ ପାରୁ ନ ଥିଲା। ରାଜନୀତି କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ପୌରାଞ୍ଚଳ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥା ଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନ ଥିଲା। ୧୯୯୬ରେ ଦେବଗୌଡ଼ା ନେତୃତ୍ୱାଧୀନ ସରକାର ଏହି ବିଲ୍‌କୁ ପ୍ରଥମେ ପାରିତ କରିବା ପାଇଁ ଚେଷ୍ଟା କରୁଥିଲେ। କିନ୍ତୁ ସେତେବେଳେ ଶାସକଦଳ ସହ ଏକମତ ସମସ୍ତେ ହୋଇପାରି ନଥିଲେ। ଫଳରେ ସେଇଠି ସେ ବିଲ୍ ପାରିତ ସ୍ୱପ୍ନ ଅଧାରେ ରହିଯାଇଥିଲା।

ଆଜି ଏତେ ବର୍ଷ ପରେ ଭାଜପା ସରକାର ଯେତେବେଳେ ଏଇ ପ୍ରୟାସକୁ ସାକାର କରିଛି; ସେତେବେଳେ ଅନେକ ମହିଳା ସଂଗଠନ, ଅନେକ ମହିଳା ଯେଉଁମାନେ କି ରାଜନୀତିରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ଅଛନ୍ତି, ସେମାନଙ୍କ ପାଖରେ ଗୋଟେ ଆଗକୁ ବଢ଼ିବାର ବାଟ ଖୋଲିଯାଇଛି। ବିଳମ୍ବ ହେବ ସତ, କିନ୍ତୁ ମହିଳା ସଶକ୍ତୀକରଣକୁ ନେଇ ସମସ୍ତେ ଯେଉଁ ସ୍ୱପ୍ନ ଦେଖୁଛନ୍ତି ତାହା ସାକାର ହେବାର ଶୀର୍ଷକୁ ଆମେ ଗତି କରୁଛେ ବୋଲି କହିଲେ ଭୁଲ୍ ହେବ ନାହିଁ। ନିକଟରେ ସାଂସଦ ଓ ଅଭିନେତ୍ରୀ ହେମାମାଳିନୀ ସଂସଦ ଭବନରେ ଆମେ ଏବେ ୮୧ ଅଛୁ, ଆଗକୁ ୧୮୧ ହେବୁ ବୋଲି ନିଜର ମତ ରଖିଛନ୍ତି, ଯାହାକି ଆଗାମୀ ଦିନରେ ନିଜ ନିଜ ରାଜନୀତିକ ଦଳରେ କାମ କରୁଥିବା ସଙ୍ଗଠନ ସଜାଡୁଥିବା ମହିଳାମାନଙ୍କ ପାଇଁ ଏକ ଶକ୍ତିଶାଳୀ ବାର୍ତ୍ତା କହିଲେ କିଛି ଭୁଲ ହେବ ନାହିଁ। ଆଜିକାଲି ମହିଳା ଶକ୍ତି ପ୍ରତ୍ୟକ କ୍ଷେତ୍ରରେ ଅଗ୍ରଣୀ ହେଉଛି। ଏହାକୁ ଏକ ବଡ଼ ପୁଞ୍ଜି କହିବାରେ କିଛି ଅସୁବିଧା ନାହିଁ। ଅନେକଙ୍କ ମତ ଯଦି ସଂରକ୍ଷଣ ବିଲ୍ ଆସିଲା,



ତା'ହେଲେ କାହିଁକି ତାହାର କାର୍ଯ୍ୟକାରିତା ଆଗାମୀ ନିର୍ବାଚନରେ ହେବ ନାହିଁ ବଡ଼ ପ୍ରଶ୍ନ ଏବେ?

ଆଉ ସବୁଠାରୁ ବଡ଼ କଥା ହେଲା ସଂରକ୍ଷଣ ବିଲ୍‌କୁ କେତେଦୂର ନିଜ ନିଜ ଦଳରେ କାର୍ଯ୍ୟରେ ଲଗାଉଛନ୍ତି। ମନେରଖିବାକୁ ପଡ଼ିବ ଯେ, ଏତେ ଉନ୍ନତ ଚିନ୍ତାଧାରା ସତ୍ତ୍ୱେ ମଧ୍ୟ ଆଜି ମହିଳା ଦଳରେ ନିଜର ସେତିକି ଦବ୍‌ଦବା ରଖୁ ସେ କଥା ସମସ୍ତଙ୍କର ବିଶେଷକରି ପୁରୁଷପ୍ରାଧାନ୍ୟ ରାଜନୀତିରେ ପୁରୁଷମାନେ ଚାହାନ୍ତି ନାହିଁ ଏ କଥାର ବହୁତ ଉଦାହରଣ ଆମେ ବିଗତ ଦିନରେ ଦେଖିଛେ। ଲାଲୁ ପ୍ରସାଦ ଯାଦବ ଜେଲ ଗଲା ପରେ ମୁଖ୍ୟମନ୍ତ୍ରୀ ଭାବରେ ନିଜ ପତ୍ନୀ ରାବ୍ରୀ ଦେବୀଙ୍କୁ ଗାଦିରେ ବସେଇଥିଲେ ମଧ୍ୟ ସେ ଏଇ ମହିଳା ସଂରକ୍ଷଣ ବିଲ୍‌ର ପ୍ରବଳ ବିରୋଧୀ ଥିଲେ। ଏହି ପ୍ରକାରର ମାନସିକତା ରଖୁଥିବା କିଛି ରାଜନୀତିଜ୍ଞମାନଙ୍କର ମନୋଭାବ ଯଦି ପରିବର୍ତ୍ତନ ନ ହୁଏ, ତାହେଲେ ଏହି ବିଲ୍‌ର ଯାହା ରହିଛି ପ୍ରକୃତ ଉଦ୍ଦେଶ୍ୟ ତାହା ସଫଳ ହେବା କଷ୍ଟକର ହେଇଯିବ। ଯେମିତି କି ଆମେ ଦେଖିବା ଯେ ଆଗକୁ ଜନସଂଖ୍ୟାକୁ ନେଇ ଯେଉଁ ଡିଲିମିଟେଶନ ପ୍ରକ୍ରିୟା ହେବାକୁ ଅଛି, ସେଥିରେ ସିଟ୍‌ସଂଖ୍ୟା ବଢ଼ିବା ପରେ ସଂରକ୍ଷିତ ସିଟ୍‌ରେ ଯୋଉ ମହିଳାମାନଙ୍କୁ ଟିକେଟ ଦିଆଯିବ, ସେମାନଙ୍କୁ ସେତିକି ସହଯୋଗ ଦଳ ଏବଂ ପରିବାର ତରଫରୁ ମିଳୁଛି କି ନାହିଁ। 'ନାରୀଶକ୍ତି ବନ୍ଦନ' ବିଲ୍‌ର ମୂଳ ପ୍ରୟାସ ରାଜନୀତି କ୍ଷେତ୍ରରେ ମହିଳାଙ୍କୁ ନୀତି ନିର୍ଦ୍ଧାରକ ସ୍ଥାନରେ ବସେଇ ପ୍ରକୃତ ମହିଳା ସଶକ୍ତୀକରଣର ବାର୍ତ୍ତାକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରେଇବା ତାହା କେତେଦୂର ସଫଳ ହେବ ସେ ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ରହିବା ଦରକାର। କାହିଁକି ୨୪ ନୁହେଁ, କ'ଣ ପାଇଁ ୨୯? ଏ ପ୍ରଶ୍ନ ଆମେ ଆଉ ନ ପଚାରି କେମିତି ସଂରକ୍ଷଣରେ ମହିଳାମାନଙ୍କୁ ରାଜନୀତି କାର୍ଯ୍ୟ ଏବଂ ନିଷ୍ପତ୍ତି ନେବାରେ ସମ୍ପୂର୍ଣ୍ଣ ରୂପେ ସ୍ୱାଧୀନତା ଦେଇପାରିବା ସେ ଦିଗରେ ସମସ୍ତେ ଚେଷ୍ଟା କରିବା ଦରକାର। ବିଶେଷକରି ଯେଉଁ ମହିଳାମାନେ ରାଜନୀତିରେ ନିଜର ସ୍ଥିତି ଜାହିର କରି ସମାଜ ଆଉ ରାଷ୍ଟ୍ର ଗଠନରେ ନିଜର ଭୂମିକାକୁ ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହି 'ନାରୀଶକ୍ତି ବନ୍ଦନ ଅଧିନିୟମ' ଏକ ସୁବର୍ଣ୍ଣ ସୁଯୋଗ କହିଲେ କିଛି ଭୁଲ୍ ହେବ ନାହିଁ। ଆଉ ରବର ଷ୍ଟାମ୍ପ ନୁହେଁ, ନିଜସ୍ୱ ନିଷ୍ପତ୍ତିରେ ଦେଶର ପ୍ରଗତିରେ ନିଜ ମତକୁ ଉପସ୍ଥାପନା କରିବାର ବେଶ ଭଲ ରାସ୍ତା ଖୋଲିଦେଲା।

ଏଇ ବିଲ୍। ସମ୍ପୂର୍ଣ୍ଣ ନିର୍ଭର କରୁଛି ଆମ ଉପରେ କେମିତି ଆମେ ଏହାର ଅର୍ଥାତ୍ ପୂରା ସୁଯୋଗ ଉଠେଇବା, କୋଉଭଳି ଭାବରେ ମହିଳାଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇପାରିବା, ରାଜନୀତି କ୍ଷେତ୍ରରେ ଏହା ଏବେ ବଡ଼ ଆହ୍ୱାନ ଆମ ଦେଶ ପାଇଁ। ସବୁଠାରୁ ବଡ଼ କଥା ହେଲା ଯେ ପ୍ରକୃତ ପ୍ରତିନିଧିତ୍ୱ ଏବଂ ଯାହା ଉପରେ ଉଲ୍ଲେଖ କଲେ ଯେ ନିଷ୍ପତ୍ତି ନେବାର ଅଧିକାର ମିଳିବା ଆବଶ୍ୟକ ତା' ସହିତ ଦେଶର ଲୋକଙ୍କ ମଧ୍ୟରେ ଅନୁଷ୍ଠାନିକ, ସାମାଜିକ ଓ ବ୍ୟାବହାରିକ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଅଛି।

**ମୋ: ୯୯୩୭୭୩୪୪୬୧**

## ଏଇ ଭାରତରେ

ଦୃଢ଼ ଇଚ୍ଛାଶକ୍ତି ସଫଳତାର ମନ୍ତ୍ର ବୋଲି ପ୍ରମାଣ କରିଛନ୍ତି ଆସାମର କନିକା ତାଲୁକଦାର। ସେ ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଜିଆଖତ ଉତ୍ପାଦନ କରୁଛନ୍ତି ଓ ଏଥିରୁ ସେ ମାସକୁ ୩ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ୨୦୦୮ରେ କନିକାଙ୍କ ସ୍ୱାମୀଙ୍କର ଦେହାନ୍ତ ହେବାବେଳେ ତାଙ୍କର ୪ ମାସର ଶିଶୁକନ୍ୟାଟିଏ ଥିଲା। ସେ କନ୍ୟାଟିର ଲାଳନପାଳନ କରିବା ସହ ପରିବାର ଚଳାଇବା ପାଇଁ ପ୍ରଥମେ ସ୍ୱୟଂ ସହାୟକ ଗୋଷ୍ଠୀରେ କାମ କରି ମାସକୁ ୨୦୦୦ ଟଙ୍କା ରୋଜଗାର କରୁଥିଲେ, ଯେଉଁଥିରେ ପରିବାର ଚଳାଇବା କଷ୍ଟକର ଥିଲା। ପରେ ସେ ଅଧିକ ରୋଜଗାର କରିବା ପାଇଁ କୃଷିବିଜ୍ଞାନ କେନ୍ଦ୍ରରୁ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ନେଇ ୨୦୧୪ରେ ଖତ ଉତ୍ପାଦନ ଆରମ୍ଭ କରିଥିଲେ। ପ୍ରଥମେ ସେ ଏଥିରେ ୫୦୦ ଟଙ୍କା ନିବେଶ କରିଥିଲେ। ପ୍ରଥମ ବର୍ଷ ୮୦୦ କେଜି ଖତ ତିଆରି କରି ତାକୁ କିଲୋ ପ୍ରତି ୧୦ ଟଙ୍କା ମୂଲ୍ୟରେ ବିକିଥିଲେ। ଏବେ ଜିଆଖତ ବେଡ୍ ସଂଖ୍ୟା ବୃଦ୍ଧି କରି ମାସକୁ ୩୫ ଟନ୍ ଖତ ପ୍ରସ୍ତୁତ କରୁଛନ୍ତି ଓ ଏଥିରୁ ପାଉଛନ୍ତି ୩ ଲକ୍ଷ ଟଙ୍କା। ଖତକୁ ସେ ବିଭିନ୍ନ ଫାର୍ମ, କୃଷିବିଜ୍ଞାନ କେନ୍ଦ୍ର ସହିତ ଅନଲାଇନରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ କନିକା ଗାଁଗୁଡ଼ିକରେ ମହିଳାମାନଙ୍କୁ ଜିଆଖତ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅକ୍ଟୋବର ୧୯୯୮

- ମଧ୍ୟପ୍ରଦେଶର ଦାନ୍ତେୱାଡା ଜିଲାରେ ପିପୁଲ୍ସ ୱାର ଗ୍ରୁପ୍‌ର ନକ୍ସଲପନ୍ଥୀଙ୍କ ଦ୍ୱାରା ଲ୍ୟାଣ୍ଡମାଇନ ବିସ୍ଫୋରଣ ଘଟି ୧୬ ପୋଲିସ ନିହତ।
- ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ଗୁଡ଼ିପାଡୁ ରେଳଷ୍ଟେଶନ ନିକଟରେ ହାଇଦ୍ରାବାଦ–ନରସାପୁର ଏକ୍ସପ୍ରେସ୍ ଟ୍ରେନ୍‌ର ୧୦ଟି ବଗି ଲାଇନଚ୍ୟୁତ ହୋଇଯିବା ଫଳରେ ୧୧ ଯାତ୍ରୀଙ୍କ ମୃତ୍ୟୁ।

## ଚିରନ୍ତନୀ

"ଦୀପର ତଇଳ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
"ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟବିତ୍ତଙ୍କ ଦୁଃଖ ବୁଝିବ କିଏ

ମହାଶୟ,
ବାର୍ଷିକ ୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ପରିବାରଙ୍କୁ ମଧ୍ୟବିତ୍ତ ବର୍ଗ ବୋଲି ଧରାଯାଏ। ୨୦୧୧ ଜନଗଣନା ଅନୁସାରେ ଏମାନଙ୍କ ସଂଖ୍ୟା ମୋଟ ଜନ ସଂଖ୍ୟାର ୩୦ ଭାଗ ଥିଲା। ଏହା ଏବେ ବଢ଼ି ୩୫ରୁ ୪୦ ପ୍ରତିଶତ ହେବ। ଏମାନେ ମୁଖ୍ୟତଃ କର୍ମଚାରୀ, ଡାକ୍ତର, ଇଞ୍ଜିନିୟର, ଓକିଲ, ପେନ୍‌ସନର ଓ ଖୁଚୁରା ବ୍ୟବସାୟୀ। ମଧ୍ୟବିତ୍ତମାନେ ଅଧିକ ଆୟକର ଦେଇ ଅର୍ଥନୀତିକୁ ସମୃଦ୍ଧ କରନ୍ତି। ଏମାନେ ଖାଦ୍ୟ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ ଅଧିକ ବ୍ୟୟ କରନ୍ତି। ବଜାରକୁ ଚଳଚଞ୍ଚଳ କରିବାରେ ଏମାନଙ୍କ ଅବଦାନ ଯଥେଷ୍ଟ ଅଧିକ। ଏମାନେ ରାଜନୈତିକ କ୍ଷେତ୍ରରେ ଅଧିକ ସଚେତନ। ଏମାନଙ୍କ ମଧ୍ୟରୁ ଅନେକେ ଭୋଟ ଦିଅନ୍ତି ନାହିଁ। ମାତ୍ର ଯେଉଁମାନେ ଭୋଟ ଦିଅନ୍ତି ସେମାନେ ଯୋଗ୍ୟ ପ୍ରାର୍ଥୀ ଓ ଦଳକୁ ଭୋଟ ଦିଅନ୍ତି। ଏମାନେ ରାଜନୈତିକ ଦଳର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନରେ ପ୍ରଭାବିତ ହୁଅନ୍ତି ନାହିଁ। ଗଣତନ୍ତ୍ରକୁ ସମୃଦ୍ଧ କରିବାରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ଗତ ୧୦ ବର୍ଷ ମଧ୍ୟରେ ବିଶେଷତଃ କରୋନା ମହାମାରୀ ଓ ରୁଷ–ୟୁକ୍ରେନ ଯୁଦ୍ଧ ପ୍ରଭାବରେ ମଧ୍ୟବିତ୍ତମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏମାନଙ୍କ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ। ଲୋକଙ୍କ ଉତ୍ଥାନ ପାଇଁ ସରକାର ମାଳମାଳ ଯୋଜନା କାର୍ଯ୍ୟ କରୁଛନ୍ତି। ମାତ୍ର ଗୋଟିଏ ହେଲେ ଯୋଜନା ଏମାନଙ୍କ ପାଇଁ ଉଦ୍ଦିଷ୍ଟ ନାହିଁ। ଏଠାରେ ପ୍ରଶ୍ନବାଚୀ ହେଉଛି ଯେ, ମଧ୍ୟବିତ୍ତଙ୍କ ଦୁଃଖ ବୁଝିବ କିଏ?

**ଅକ୍ଷୟ କୁମାର ମହାନ୍ତି,**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ସନାତନ ସଂସ୍କୃତି ସହ ଜଡ଼ିତ ରହିବାକୁ ଆହ୍ୱାନ

ତେନ୍ତୁଳିଖୁଣ୍ଟି, ୮।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକସ୍ତରୀୟ ସର୍ବସମାଜ ସଦ୍‌ଭାବନା ବୈଠକ ପୂଜାରିଗୁଡା ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ବ୍ଲକର ବିଭିନ୍ନ ଗ୍ରାମରୁ ବ୍ରାହ୍ମଣ, ପରଜା, କନ୍ଧ, କଳିଙ୍ଗ, ବୈଶ୍ୟ, ମାଳୀ, କ୍ଷତ୍ରୀୟ, ଧାକଡ଼, ବଙ୍କା, ଡମ୍ବ, କରଣପାଇକ, କୁମ୍ଭାର, ଗୌଡ଼, ଭତ୍ରା, କାମ୍ପ, ଶୁଣ୍ଢି, ଅମନାତ୍ୟ ସମାଜ ଆଦିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଥବୀର ବିଷୋୟୀ ମୁଖ୍ୟଅତିଥି, ବିଶ୍ୱମୋହନ ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ନିଜ ଜାତି ପରମ୍ପରା ଯାହା ବି ହେଉ ନା କାହିଁକି ସମସ୍ତେ ହିନ୍ଦୁତ୍ୱ ବିଚାରଧାରା ଓ ସନାତନ ସଂସ୍କୃତି ସହ ଜଡିତ ହୋଇ ରହିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବୈଠକରେ ସବୁ ସମାଜର ଜଣେ ଜଣେ ନିଜ ଜାତିର ପରମ୍ପରା ସଂସ୍କୃତି ସମ୍ପର୍କରେ ମତ ଦେଇଥିଲେ। ସେମାନେ ବାଲ୍ୟ ବିବାହ ବନ୍ଦ, ବିଭିନ୍ନ ପାରିବାରିକ କାର୍ଯ୍ୟକ୍ରମ, ମଦ ମୁକ୍ତି ଆନ୍ଦୋଳନ, ଯୌତୁକ ମୁକ୍ତ ବିବାହ ସମ୍ପର୍କରେ ମଧ୍ୟ ମତ ଦେଇଥିଲେ। ବଂଶୀଧର ବିଷୋୟୀ, ପିତାମ୍ବର ବିଷୋୟୀ, ଧନୁର୍ଜୟ ନାଏକ, ଗୋକୁଳ ପଟ୍ଟନାୟକ, ହରିହର ମିଶ୍ର, ତପନ ସିଂ, ତୁଳାରାମ ମାଝି ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ହିନ୍ଦୁ ଧର୍ମର ଏକତା କିପରି ବଜାୟ ରହିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତି ୪ମାସରେ ଥରେ ଏଭଳି ବୈଠକ କରିବାକୁ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ବ୍ଲକସ୍ତରୀୟ ସଦ୍‌ଭାବନା ବୈଠକ

କୋଷାଗୁମୁଡ଼ା, ୮।୧୦(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ସନ୍ତୋଷପୁର କଲ୍ୟାଣ ମଣ୍ଡପରେ ଆର୍‌ଏସ୍‌ଏସ୍‌ର ସଦ୍‌ଭାବନା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୩୪ ଜାତିର ମୁଖିଆମାନେ ଉପସ୍ଥିତ



ଥିଲେ । ସମାଜରେ କୁସଂସ୍କାର, ବାଲ୍ୟ ବିବାହ, ଗୁଣି ଗାରେଡ଼ି ପ୍ରଥାକୁ ବିରୋଧ, ପିଲାମାନଙ୍କୁ ଶିକ୍ଷାଦାନ ଓ ହିନ୍ଦୁ ଧର୍ମକୁ ରକ୍ଷା କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ନବରଙ୍ଗପୁର ଜିଲା ବୈଦିକ ପ୍ରମୁଖ ଶୁଭେନ୍ଦୁ କୁମାର ପଣ୍ଡା ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଭୀମସେନ୍ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ନାୟକ, ବୀରେନ୍ ମାଳି, କମଳେଶ୍ ନାୟକ, ଓ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସୁଧୁରିପାରୁନି ଜଳବନ୍ଦୀ ଅଞ୍ଚଳବାସୀଙ୍କ ସ୍ଥିତି

ତେନ୍ତୁଳିଖୁଣ୍ଟି, ୮।୧୦(ଚିଦାନନ୍ଦ ସାହୁ)

■ ପ୍ରତିଶ୍ରୁତିରେ ଅଟକି ରହିଛି ମାଗଣା ବୋଟ୍ ଯାତ୍ରା, ବ୍ରିଜ୍, ରାସ୍ତା ନିର୍ମାଣ

■ ଜଳବନ୍ଦୀ ଅଞ୍ଚଳ ଅଧିକାରୀଙ୍କ ପର୍ଯ୍ୟଟନସ୍ଥଳୀ: ଭାଜପା, କଂଗ୍ରେସ ନେତା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତର ଜଳବନ୍ଦୀ ଅଞ୍ଚଳକୁ ବାରମ୍ବାର ସଚିବ ପାହ୍ୟା ଅଧିକାରୀ, ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ, ଜିଲା ପ୍ରଶାସନ, ବ୍ଲକ ପ୍ରଶାସନ ଯନ୍ତ୍ରଚାଳିତ ବୋଟ ଯୋଗେ ଗସ୍ତ କରୁଛନ୍ତି। ଦୀର୍ଘ ବର୍ଷ ଧରି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପଦାଧିକାରୀ ମଧ୍ୟ ଉକ୍ତ ଅଞ୍ଚଳରେ ଥିବା ୬ଟି ଗ୍ରାମକୁ ଗସ୍ତ କରିଛନ୍ତି। ବିକାଶର ବହୁ ପ୍ରତିଶ୍ରୁତି ମିଳିଛି। ଯନ୍ତ୍ରଚାଳିତ ବୋଟରେ ମାଗଣା ଯିବା ଆସିବା, ଘର ମୁହଁରେ ସାଧାରଣ ବଣ୍ଟନ ସାମଗ୍ରୀ ପ୍ରଦାନ, କେନ୍ଦୁଗୁଡ଼ାରୁ ଗୁରୁମାଇଗୁଡ଼ା ବ୍ରିଜ ନିର୍ମାଣ, ଦଶମନ୍ତପୁରକୁ ରାସ୍ତା ଭଳି ଅନେକ ପ୍ରତିଶ୍ରୁତି ମିଳିଛି। ବାସ୍ତବ କ୍ଷେତ୍ରରେ କିନ୍ତୁ ଚିତ୍ର ବଦଳି ପାରିନାହିଁ। ଜଳବନ୍ଦୀ ଲୋକେ ଏବେବି ଅସୁବିଧାରେ ଦିନ କାଟୁଛନ୍ତି।

୨୦୦୧ ପୁନର୍ବାସ ଥଇଥାନ ପରାମର୍ଶ କମିଟି ନିଷ୍ପତ୍ତି ପ୍ରକାରେ ବିସ୍ଥାପିତ ନ ହୋଇ ଜଳବନ୍ଦୀ ଜୀବନ ବିତାଉଥିବାରୁ ଟାଙ୍ଗଣକୋଟ ଓ ବାଗ୍ରାବାସୀଙ୍କୁ ବିସ୍ଥାପିତ ମାନ୍ୟତା ଦେଇ ବିସ୍ଥାପିତଙ୍କୁ ଦିଆଯାଉଥିବା ପ୍ୟାକେଜ ଦେବା ନିଷ୍ପତ୍ତି ହୋଇଥିଲା। କିନ୍ତୁ ୨୦୨୩ ଶେଷ ହେବାକୁ ବସିଲାଣି ତାହା କାର୍ଯ୍ୟକାରୀ ହୋଇପାରିନି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ବ୍ଲକ ପାଣ୍ଠି ବ୍ୟବହାର କରି ସଂଯୋଗୀକରଣ ମାଟି ରାସ୍ତା ନିର୍ମିତ ହୋଇଛି। କିଛି ମାତ୍ରାରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଛି। କିନ୍ତୁ ରାସ୍ତା ନ ଥିବାରୁ କୌଣସି ସେବା ଠିକ୍‌ଭାବେ ମିଳିପାରୁନି। ଯୋଗାଯୋଗ ବ୍ୟବସ୍ଥା ଏବେବି ସାତ ସପନ। ମୋବାଇଲରେ କଥା ହେବାକୁ ହେଲେ ଉଚ୍ଚ ସ୍ଥାନକୁ ଯାଇ କଥା ହେବାକୁ ପଡୁଛି। ନିର୍ବାଚନ ପାଖେଇ ଆସିଲେ ଏହି ଜଳବନ୍ଦୀ ଅଞ୍ଚଳବାସୀଙ୍କୁ ବିକାଶର ଗଣ୍ଡିଲି ଦିଆଯାଉଛି। ପରବର୍ତ୍ତୀ ସମୟରେ ତାହା ଶୂନ୍ୟ ହୋଇଯାଉଛି। ଏହି ଅଞ୍ଚଳକୁ ବିଭିନ୍ନ ବିଭାଗୀୟ ଅଧିକାରୀ ଆସି ଜଳ କ୍ରୀଡ଼ା ସହ ଭୋଜି ଭାତର ଆସର ଜମାଉଛନ୍ତି, ନଦୀର ଅପରପାର୍ଶ୍ୱକୁ ଯାଇ ଲୋକଙ୍କ କଥା ବୁଝୁଥିବା କହି ବାହାବା ନେଉଛନ୍ତି ବୋଲି

କଂଗ୍ରେସ ନେତା ଦିଲ୍ଲୀପ ପ୍ରଧାନୀ ଓ ଭାଜପା ଯୁବ ନେତା ସନ୍ତୋଷ ପାତ୍ର ଅଭିଯୋଗ କରିଛନ୍ତି। କିନ୍ତୁ ଏଠାକାର ନିରୀହ ଆଦିବାସୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଗମନାଗମନ, ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ସୁଧୁରି ପାରିନାହିଁ। ବର୍ତ୍ତମାନ ଋତୁ ପରିବର୍ତ୍ତନ ସମୟରେ ଜ୍ୱର, ଥଣ୍ଡା, କାଶ, ନିମୋନିଆ ଭଳି ମାରାତ୍ମକ ରୋଗ ବ୍ୟାପୁଛି। ଉକ୍ତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ଥିଲେ। କିନ୍ତୁ କିଛି ବର୍ଷ ହେଲା କେବଳ ସ୍ୱାସ୍ଥ୍ୟ ବିଭଗୀୟ ଟିମ୍ ମାସିକ ପ୍ରୋଗ୍ରାମ କରି ଚିକିତ୍ସା ଦେଉଛନ୍ତି। ରୋଗରୁ ବଞ୍ଚିବାକୁ ଅଞ୍ଚଳବାସୀ ଏବେ ମଧ୍ୟ ଗୁଣି ଗାରେଡ଼ିର ସାହାରା ନେଉଛନ୍ତି। ଜିଲା ଏବଂ ବ୍ଲକ ପ୍ରଶାସନର ଅଧିକାରୀଙ୍କ ବାରମ୍ବାର ଗସ୍ତ ପରେ ବି ଜଳବନ୍ଦୀ ଅଞ୍ଚଳର ସ୍ଥିତି ସୁଧୁରୁ ନାହିଁ। ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ୬ଟିଜଳବନ୍ଦୀ ଅଞ୍ଚଳବାସୀଙ୍କ ପାଇଁ ବ୍ଲକ ପ୍ରଶାସନ କ୍ଷମତା ମୁତାବକ କାମ କରାଯାଉଛି ବୋଲି ସେ କହିଛନ୍ତି।

# ପିଲାଙ୍କ ହିତ ପାଇଁ କାମ କରିବାକୁ ପରାମର୍ଶ



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ, ଶିଶୁଗୃହ କର୍ମକର୍ତ୍ତା ଓ ଅନ୍ୟମାନେ।

### ଶିଶୁ ଗୃହର କର୍ମକର୍ତ୍ତାଙ୍କୁ ତାଲିମ

ନବରଙ୍ଗପୁର,୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ପଞ୍ଚାୟତ ସାଧନା କେନ୍ଦ୍ରରେ ଶିଶୁ ଗୃହର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ଦିନିକିଆ ତାଲିମ ଶିବିର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଜିଲା ଶିଶୁ ଅଧିକାରୀ ସୁରେଶ ପଟ୍ଟନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ବୈଠକକୁ ସ୍ୱାଗତ କରିବା ସହ ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନ ବାତ୍ସଲ୍ୟ, ପୂର୍ବରୁ ଥିବା ଶିଶୁ ସୁରକ୍ଷା ଯୋଜନା ଏବଂ ବର୍ତ୍ତମାନର ମିଶନ ବାତ୍ସଲ୍ୟ ମଧ୍ୟରେ କଣ କଣ ଉପାଦାନ, ପାର୍ଥକ୍ୟ ରହିଛି ସେ ସମ୍ପର୍କରେ ମତ ରଖିଥିଲେ। ଶିଶୁ ଅଧିକାରୀ ଜିଲା ନିଯୁକ୍ତି ଅଧିକାରୀଙ୍କୁ ଶିଶୁ ଗୃହରେ ରହୁଥିବା ଏବଂ ଶିଶୁ ଗୃହରୁ ବାହାରି ଯାଇଥିବା ପିଲାମାନଙ୍କ ପାଇଁ କଣ କଣ ସବୁ ନିଯୁକ୍ତି ସୁବିଧା ରହିଛି ସେ ସମ୍ପର୍କରେ ଅବଗତ କରାଇବାକୁ ଅନୁରୋଧ କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର କିଶୋର ମାର୍ଥା ଏବଂ ଡାଟା ଆନାଲିସିଷ୍ଟ କିଷାନ ପଟ୍ଟନାୟକ ମିଶନ ବାତ୍ସଲ୍ୟର ୱେବ ପୋର୍ଟାଲ ଏବଂ ବ୍ୟକ୍ତିଗତ ଯତ୍ନ ପ୍ଲାନ ବିଷୟରେ କହିଥିଲେ। ସମସ୍ତ ଶିଶୁ ଗୃହର କର୍ମୀଙ୍କୁ ପିଲାମାନଙ୍କ ହିତ ପାଇଁ କାମ ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅରୁଣାର ଜିଲା ସଂଯୋଜିକା ଅଣଆନୁଷ୍ଠାନିକ ଏବଂ ପରିବାର ଭିତ୍ତିକ ଯତ୍ନ କିପରି କାର୍ଯ୍ୟକାରୀ କରାଯିବ ସେ ଉପରେ ସମସ୍ତ ପ୍ରତିନିଧିଙ୍କୁ କହିଥିଲେ। ମନୋରମ ମାଝି ଶିଶୁଗୃହର କର୍ମକର୍ତ୍ତାଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବିଷୟରେ କହିଥିଲେ। ବୈଠକରେ ଜିଲା ଶିଶୁ ସୁରକ୍ଷା ବିଭାଗର ସମରେନ୍ଦ୍ର ପରିଡ଼ା, ମହେନ୍ଦ୍ର ଚାଲାଣ, ସ୍ୱାତିଶ୍ରୀ ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ କମିଟିର ସନ୍ତୋଷ ସାହୁ, ଆକ୍ସନଏଡ୍ ଜିଲା ସଂଯୋଜକ ଅଦ୍ୱିକା ଉପସ୍ଥିତ ଥିଲେ। କୁନିମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସର ଘରେ ଘରେ ହାତ କାର୍ଯ୍ୟକ୍ରମ




କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ନବରଙ୍ଗପୁର,୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ଘରେ ଘରେ ହାତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ନୂତନ ମଣ୍ଡେଇ ପଡିଆ ହିର୍ଲିରୁ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଏକାଠି ହୋଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ବାର୍ତ୍ତା ଅଗ୍ନିପୁର ପଞ୍ଚାୟତ ବେହେରା ଗୁଡ଼ା ଓ ହିର୍ଲି ଗ୍ରାମରେ ବାଣ୍ଟି ଥିଲେ। ସୋମବାରରୁ ବ୍ଲକରେ ଥିବା ୧୩ ପଞ୍ଚାୟତରେ ଦଳୀୟ କର୍ମୀମାନେ ଏହି ବାର୍ତ୍ତା ବାଣ୍ଟିବେ। ଏହା ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଘ ସିଉନି, ବଡ଼ କୁମୁଲି, ସାନ ମାସିଗାଁ, ବଡ଼ମସିଗାଁ, ବାସିନୀ, ଚଟାହାଣ୍ଡି, ପୂଜାରୀଗୁଡ଼ା, ସିନ୍ଧିଗାଁ, ବିକ୍ରମପୁର, ଭତରାସିଉନି ଓ ମନ୍ତ୍ରୀଗୁଡ଼ାରେ ମଧ୍ୟ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ସମୟରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ଅଗ୍ନୀପୁର ସରପଞ୍ଚ ଦିବାକର ପୂଜାରୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଯୁବ କଂଗ୍ରେସ ସଭାପତି ସୁରଜ୍ ଲାଲ, ଜିଲା ଓବିଶି ସେଲ ସଭାପତି ପଦ୍ମନ ବିଷୋୟୀ, ଆଦିବାସୀ କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନୀ, ବରିଷ୍ଠ ଆଦିବାସୀ ନେତା କୁଶିଆ ମାଝି, ବରିଷ୍ଠ ନେତା ସତ୍ୟନାରାୟଣ ତ୍ରିପାଠୀ, ବ୍ଲକ ମହିଳା କଂଗ୍ରେସ ସଭାପତି ତୁଳସା ଭତରା, ଆର୍‌ଜିପିଆର୍‌ଏସ୍ ରାଜ୍ୟ ସଂଯୋଜକ ପ୍ରକାଶ ସାମନ୍ତରାୟ, ଉମା ଶଙ୍କର ହରିଜନ, ଚନ୍ଦନ ଦାସ, ରାମଚନ୍ଦ୍ର ହରିଜନ, ପ୍ରଭାତ ହରିଜନ, ଅବଦୁଲ କାସିମ, ରାଜୀବ ହନ୍ତାଲ, ଗଙ୍ଗାଇ ଭତରା, ସାବିତ୍ରୀ ଭତରା, ଚମ୍ପା ଭତରା, ମନୁରାମ ଭତରା ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଭାଗର ସଂକଳ୍ପ ସପ୍ତାହରେ ସମୃଦ୍ଧି ଦିବସ

ଡାବୁଗାଁ, ୮।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ପଞ୍ଚାୟତ ସମିତିର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ସଂକଳ୍ପ ସପ୍ତାହ ପାଳନ ଅବସରରେ ସମୃଦ୍ଧି ଦିବସ ରବିବାର ପାଳନ କରାଯାଇଛି। ଏଥିରେ ଜନସାଧାରଣଙ୍କୁ ଆୟ ପନ୍ଥା ନେଇ ସରକାରଙ୍କ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିରେ ମାଛ ଚାଷ, ଛେଳି ଚାଷ, ଛତୁ ଚାଷ, ମହୁ ଚାଷ, ଗୋ-ପାଳନ ଓ କୁକୁଡା ଚାଷ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ଏହି ଚାଷ ଉପରେ ଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ଏହାସହ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଉପରେ ଜନସାଧାରଣଙ୍କୁ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ପ୍ରଭାକର ମୁଦୁଲି, କାଳୀପଦ କୀର୍ତ୍ତନିଆ, ପର୍ଶୁରାମ ମାଳୀ, ଅର୍ଜୁନ ଭତରା ଓ ହଳଧର ଜାନି



ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟା, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏସ୍‌ଏଚ୍‌ଜି ମହିଳା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

# ମୃତ କ୍ରୀଡ଼ା ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘର ଆର୍ଥିକ ସହାୟତା



ନବରଙ୍ଗପୁର,୮।୧୦(ସଦାଶିବ ପ୍ରହରାଜ)

ଚନ୍ଦାହାଣ୍ଡିରେ ଗତ ୨୭ରେ ହେବାକୁ ଥିବା ନବରଙ୍ଗପୁର ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବାବେଳେ ଦୁର୍ଘଟଣାରେ ଉମରକୋଟ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ ଜେନାଙ୍କ ମୃତ୍ୟୁ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ୫ଲକ୍ଷ ୨୩ ହଜାର ୭୫୫ଟଙ୍କା ଆଦ କରି କରି ମୃତକଙ୍କ ପରିବାରକୁ ଦେଇଛନ୍ତି। କ୍ରୀଡା ଶିକ୍ଷକ ପ୍ରଭାତଙ୍କ ସ୍କୁଲ, ଭାଲୁଗୁଡ଼ା କ୍ଲଷ୍ଟର, ନବରଙ୍ଗପୁର ଜିଲା କ୍ରୀଡା ଶିକ୍ଷକ ସଂଘ ଓ ନବରଙ୍ଗୁପୁର ଜିଲାର ସମସ୍ତ ବର୍ଗର ଶିକ୍ଷୟତ୍ରୀ ଶିକ୍ଷକ ସମେତ ଅନ୍ୟ ଜିଲାର ଶିକ୍ଷକାନେ ମଧ୍ୟ ସହାୟତା ଟଙ୍କା ଦେଇଥିଲେ। ନବରଙ୍ଗପୁର ଡିଇଓ, ବ୍ଲକ ବିଇଓ ଅଫିସର କର୍ମଚରୀ ଏବଂ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନଙ୍କ ଉଦ୍ୟମରେ ଏହା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ଆହୁରି ଅନେକ ସରକାରୀ ସହାୟତା ତାଙ୍କ ପରିବାରକୁ ମିଳୁ ବୋଲି କ୍ରୀଡା ଶିକ୍ଷକ ସଂଘ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କହିଛନ୍ତି। ତେବେ ସରକାର ପ୍ରବଧାନ ଅନୁଯାୟୀ ମୃତକଙ୍କ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି। ପ୍ରକାଶ ଯେ, ପ୍ରଭାସ ପରିବାରର ଏକମାତ୍ର ରୋଜଗାରିଆ ଥିଲେ।

# ଉମରକୋଟ ପୋଲିସ ପକ୍ଷରୁ ଗଣଦୌଡ଼

ଉମରକୋଟ, ୮।୧୦ (ସନ୍ତୋଷ ଶତପଥୀ)

ଉମରକୋଟ ପୋଲିସ ପକ୍ଷରୁ ଏକ ଗଣଦୌଡ କାର୍ଯ୍ୟକ୍ରମ କରାଯାଇଛି। ପ୍ରତିଦିନ ସାଇବର ଠକେଇରୁ ବଞ୍ଚିବା ବାର୍ତ୍ତା ଦେବାକୁ ଗଣଦୌଡ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ସାଇବର ଠକେଇରୁ ବଞ୍ଚିବାକୁ ପୋଲିସ ଲୋକଙ୍କୁ ସଚେତନ କରୁଛି। ନବରଙ୍ଗପୁର ଜିଲା ଉମରକୋଟ ଏସ୍‌ଡିପିଓ ମଧୁଶିକ୍ତା ମିଶ୍ର, ଥାନାଧିକାରୀ ଡମ୍ବରୁଧର ପ୍ରଧାନଙ୍କ ଆହ୍ୱାନରେ ରବିବାର ସକାଳ ୮ଟାରେ ଉମରକୋଟ ଥାନା ନିକଟରେ ସମସ୍ତ ପୋଲିସ କର୍ମଚାରୀ, ସମାଜିକ କର୍ମୀ, ସରକାରୀ, ବେସରକାରୀ କର୍ମଚାରୀ, କଲେଜ ଛାତ୍ର, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ଖବରଦାତା ଏକାଠି ହୋଇଥିଲେ। ସେଠାରୁ ଗଣଦୌଡ଼ ବାହାରି ନୂତନ ବସ ଷ୍ଟାଣ୍ଡରେ ପହଞ୍ଚି ଥିଲା। ଏହି ସମୟରେ ଏସ୍‌ଡିପିଓ ମିଶ୍ର, ଥାନାଧିକାରୀ ପ୍ରଧାନ, ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝୀ, ପୋଲିସ ଏସ୍‌ଆଇ ଅକ୍ଷୟ ମିଶ୍ର, ପ୍ରକାଶ ମିଶ୍ର, ସନ୍ତୋଷ ମାଝି, ସୌମେନ୍ଦ୍ର କୁମାର ସେଠ ଓ ସମସ୍ତ ପୋଲିସ କର୍ମଚାରୀଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

# କିଓସ୍କ ଅପରେଟରଙ୍କ ବୈଠକ

ତେନ୍ତୁଳିଖୁଣ୍ଟି, ୮।୧୦(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ବ୍ଲକର ବିଭିନ୍ନ ପଞ୍ଚାୟତର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଏବଂ ଷ୍ଟେଟ ବ୍ୟାଙ୍କର ସମସ୍ତ କିଓସ୍କ ଅପରେଟରଙ୍କୁ ନେଇ ଏଲ୍‌ଡିଏମ୍ ସୁନିଲ କୁମାର ଜାମୁଣ୍ଡାଙ୍କ ତତ୍ତ୍ୱାଧାନରେ ଏକ ବୈଠକ କରାଯାଇଛି। ଏମ୍. ସୁନୀଲ ଏବଂ ଡିଏସ୍‌ଏସ୍‌ଓ ସୁଧାସୁ ପାତ୍ର ପେନସନ ଉପଭୋକ୍ତାମାନେ ତାଙ୍କ ପାସ୍‌ବୁକ୍‌ରେ ଥିବା ଟଙ୍କା କିପରି ପାଇବେ ସେ ନେଇ ବୁଝାଇଥିଲେ। ଦିନକ ମଧ୍ୟରେ କିଓସ୍କ ଅପରେଟରଙ୍କୁ ପେନ୍‌ସନ୍ ଉପଭୋକ୍ତାଙ୍କ ତାଲିକା ଦେବାକୁ ବିଏସ୍‌ଏସ୍‌ଓ ରବିନ୍ଦ୍ର କୁମାର ସାହୁଙ୍କୁ କହିଥିଲେ। ଖାତିଗୁଡ଼ା ବ୍ୟାଙ୍କ ଅଧିକାରୀ ସୁଦୀପ୍ତ ପ୍ରଧାନ, ଅଞ୍ଚଳଗୁମ୍ମା ବ୍ୟାଙ୍କ ଅଧିକାରୀ ଦୀପକ ପାଣିଗ୍ରାହୀ, ତେନ୍ତୁଳିଖୁଣ୍ଟି ଉତ୍କଳ ବ୍ୟାଙ୍କ କ୍ୟାସିୟର ରାମକୃଷ୍ଣ ନାୟକ, ଏଫ୍‌ଓଏସ୍ ବାଳକୃଷ୍ଣ ମହାକୁଡ଼, ତେନ୍ତୁଳିଖୁଣ୍ଟି କିଓସ୍କ ସଂଘ ପକ୍ଷରୁ ସଭାପତି ମୁନା ପାଢି, କୋଷାଧ୍ୟକ୍ଷ ଗୋପାଳକୃଷ୍ଣ ମାଦଳା ଉପସ୍ଥିତ ଥିଲେ।

# ସାଇକେଲ ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

ନବରଙ୍ଗପୁର, ୮।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସାଇବର ଅପରାଧକୁ ରୋକିବା ପାଇଁ ଜିଲା ସଦର ମହକୁମା ରେ ଏକ ସାଇକେଲ ଶୋଭାଯାତ୍ରା କରାଯାଇଛି। ନବରଙ୍ଗପୁର ଏସ୍‌ପି ଏସ.ସୁଶ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଦାଶିବ ପାର୍କରୁ ଆରମ୍ଭ ହୋଇ ମାଝୀଗୁଡ଼ା ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ପରିକ୍ରମା କରିଥିଲା। ଏସ୍‌ପି ନିଜେ ସାଇକେଲ ଚଳାଇଥିଲେ। ନବରଙ୍ଗପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର, ଆଶା କର୍ମୀ, ସ୍ୱଚ୍ଛ ସାଥୀ ସୁପରଭାଇଜର ଓ ଏସ୍‌ଏଚ୍‌ଜି ମହିଳାମାନେ ଏଥିରେ ଯୋଗଦେଇଥିଲେ। ମାଝିଗୁଡ଼ା ଛକ ନିକଟରେ ଏକ ସଚେତନତା ସଭା କରାଯାଇଛି। ସଭାରେ ଏସପି ଏସ.ସୁଶ୍ରୀ, ଅତିରିକ୍ତ ଏସ୍‌ପି ବଟକୃଷ୍ଣ ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇ ସଚେତନତା ହିଁ ସାଇବର କ୍ରାଇମର ସୁରକ୍ଷା କବଚ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିଏସପି ଡଃ.ଚନ୍ଦ୍ର ଶେଖର ହୋତା, ଓରମାସ ଉପନିର୍ଦ୍ଦେଶକ ଏ.ଉମାମହେଶ, ନବରଙ୍ଗପୁର କଲେଜ ଅଧ୍ୟକ୍ଷ ଡ.ଭାସ୍କର ନାଥ ବିଶ୍ୱାଳ, ମଡେଲ ଡିଗ୍ରୀ କଲେଜର ଡ. ରାଜୀବ ଜାଲ, ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ସମ୍ବିତ କୁମାର ବେହେରା, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଓ କିପରି ସଚେତନ ନାଗରିକ ଏଥିରୁ ବର୍ତ୍ତିପାରିବେ ସେ ନେଇ କହିଥିଲେ।



ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ଅଞ୍ଚଳବାସୀଙ୍କ ଦାବିପୂରଣରେ ୨ କମିଟି କାମ କରିବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସହରର ବୁଦ୍ଧିଜୀବୀମାନେ।

### ବୈଠକରେ ଉମରକୋଟର ୩ ପ୍ରମୁଖ ସମସ୍ୟା ସମ୍ପର୍କରେ ଆଲୋଚନା

ଉମରକୋଟ, ୮।୧୦(ସନ୍ତୋଷ ଶତପଥୀ)

ଉମରକୋଟ ବିକାଶ ପରିଷଦ ପକ୍ଷରୁ ହୋଟେଲ ଏସ୍‌ଏସ୍ ଇଣ୍ଟରନ୍ୟାସନାଲରେ ବରିଷ୍ଠ ରାଜନେତା ଜୟଦେବ ପରିଡ଼ାଙ୍କ ନେତୃତ୍ୱରେ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନଜୀବୀ ଝାଡେଶ୍ୱର ମହାନ୍ତି, ଶିକ୍ଷାବିତ ଉମେଶ ଚନ୍ଦ୍ର ଭୁକ୍ତା, ରମେଶ ଚନ୍ଦ୍ର ସାହୁ, ବିଘ୍ନରାଜ ସାନ୍ତ୍ରା, ତପନ ପାଲ ମଞ୍ଚାସୀନ ଥିଲେ। ଅଞ୍ଚଳର ମୁଖ୍ୟ ତିନୋଟି ସମସ୍ୟା ଯଥା ରକ୍ତ ଭଣ୍ଡାର ପ୍ରତିଷ୍ଠା, ଉପଖଣ୍ଡ ମାନ୍ୟତା, ଭୁବନ୍ଦୋବସ୍ତୋ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ସମସ୍ୟାର ସମାଧାନ କିପରି କରାଯିବ ସେ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା।

ଜିଲା ଗଠନ ହେବାର ତିରିଶ ବର୍ଷ ପରେ ମଧ୍ୟ ଉମରକୋଟକୁ ଉପଖଣ୍ଡ ମାନ୍ୟତା ମିଳିଲା ନାହିଁ। ଜିଲାରେ ଉମରକୋଟ ବ୍ଲକରୁ ଅଧିକ ଲୋକେ ରକ୍ତ ଦେଉଛନ୍ତି। କିନ୍ତୁ ଆବଶ୍ୟକ ପଡ଼ିଲେ ସେହି ରକ୍ତଦାତାଙ୍କୁ ରକ୍ତ ମିଳି ପାରୁନାହିଁ। ତେଣୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରକ୍ତଭଣ୍ଡାର ଖୋଲିବାକୁ ଆଲୋଚନା କରାଯାଇଛି। ଡ୍ରୋନ୍ ମାଧ୍ୟମରେ ହାଇଟେକ ସର୍ଭେ କରାଯାଇ ଜମି ଜମା ଭୁବନ୍ଦୋବସ୍ତ ବ୍ୟବସ୍ଥା କରାଯିବାକୁ ପ୍ରଶାସନ ପକ୍ଷରୁ ଯେଉଁ ସୂଚନା ଦିଆଯାଇଛି ତାକୁ ବୈଠକରେ ବିରୋଧ କରାଯାଇଛି। କାରଣ ଯେଉଁ ସ୍ଥାନରେ ପୂର୍ବରୁ ଲୋକକୃତ ପଞ୍ଜିକୃତ କରାଯାଇ ଥିବ ସେହି ସ୍ଥାନରେ ହାଇଟେକ ସର୍ଭେ ମାଧ୍ୟମରେ ଭୁବନ୍ଦୋବସ୍ତ କରାଯିବା କଥା କିନ୍ତୁ ତାହା ନକରି ସିଧା ସଳଖ ହାଇଟେକ ସର୍ଭେ କଲେ ଅଞ୍ଚଳବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଆଲୋଚନା କରାଯାଇଥିଲା। ପ୍ରଥମେ ଲୋକକୃତ ମାଧ୍ୟମରେ ସର୍ଭେ କରାଯାଉ ପରେ ହାଇଟେକ ସର୍ଭେ କରିବାକୁ ଦାବି ହୋଇଛି। ଉପରୋକ୍ତ ସମସ୍ତ ସମସ୍ୟା ସମାଧାନ ପାଇଁ ୨ଟି କମିଟି ଗଠନ କରାଯାଉ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେଇଥିଲେ। ପ୍ରସ୍ତାବ ଅନୁଯାଇ ଦୁଇଟି କମିଟି ଗଠନ କରାଯିବ ଗୋଟିଏ କମିଟି ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ ଏବଂ ଅନ୍ୟ ଏକ କମିଟି ଅଞ୍ଚଳର ଛୋଟ ବଡ଼ ସମସ୍ୟାକୁ ଜିଲାସ୍ତରବା ବ୍ଲକସ୍ତରରେ ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବୈଶାଖୀ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ନନ୍ଦପୁର, ୮।୧୦(ଶଙ୍କର ପୂଜାରୀ)

ଭାଷା ଓ ସାହିତ୍ୟର ସୁରକ୍ଷା ସହ ନନ୍ଦପୁର ବ୍ଲକ ଅଞ୍ଚଳରେ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ତଥା ବୈଶାଖୀ ପରିବାର ପକ୍ଷରୁ ବାଲଡା ସରପଞ୍ଚ ବିକ୍ରମ ଶିସା ଓ ଖବରଦାତା ତୁଷାରକାନ୍ତ ମହାନ୍ତିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। କୁଲାବିରସ୍ଥିତ ବୈଶାଖୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସଦ କାର୍ଯ୍ୟକାରୀ ସଭାପତି ଗୁନେସ ପାତ୍ର, ଉପସଭାପତି ଶତ୍ରୁଘ୍ନ ହିକାବାଡ଼ି, ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, ଭଗବାନ ମହାପାତ୍ର, କାର୍ତ୍ତିକ ଖେମୁଣ୍ଡୁ, ମଦନ ହାଡ଼ପୁଟିଆ, ଲିଙ୍ଗରାଜ ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଂଘର ପଶ୍ଚିମପ୍ରାନ୍ତ ପ୍ରଚାରକ ଓ କୋରାପୁଟ ଜିଲା ପ୍ରଚରକ ଉପସ୍ଥିତ ଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ସ୍ମୃତି ଦିବସ

ଜୟପୁର,୮।୧୦ (ପବନ ପାଣିଗ୍ରାହୀ)

ଜୟପୁରଠାରେ ରବିବାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତା ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ୧୫ତମ ଶ୍ରଦ୍ଧାଞ୍ଜଳି ଦିବସ ଜୟପୁରରେ ପାଳିତ ହୋଇଯାଇଛି। ଲକ୍ଷ୍ମୀ ମାତ୍ର ୧୪ ବର୍ଷ ବୟସରେ ଭାରତର ସ୍ୱାଧୀନତା ପାଇଁ ଇଣ୍ଡିଆନ୍ ନ୍ୟାଶନାଲ ଏକାଡେମୀ ଫୌଜରେ ସାମିଲ ହୋଇଥିଲେ। ପରେ ସେ ସୁଭାଷ ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ଏବଂ ଝାନ୍ସୀ ରାଣୀ ରେଜିମେଣ୍ଟରେ ସାମିଲ୍ ହୋଇ ତାଲିମ ନେଇଥିଲେ। ୧୯୪୨ରେ ସେ ଦେଶର ବିଭିନ୍ନ ସ୍ଥାନରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିଥିଲେ। ୨୦୦୮ରେ ତାଙ୍କର ଦିଲ୍ଲୀଠାରେ ମୃତ୍ୟୁ ହୋଇଥିଲା। ତାଙ୍କୁ ରାଷ୍ଟ୍ରୀୟ ସମ୍ମାନଦେଇ ଓଡ଼ିଶାକୁ ଅଣାଯାଇଥିଲା। ଓଡିଶାରେ ମଧ୍ୟ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଆଜି ତାଙ୍କର ୧୫ ତମ ଶ୍ରଦ୍ଧାଞ୍ଜଳି ଦିବସ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଜୟପୁର ହେଲ୍ପ ସଂସ୍ଥା ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଜାତୀୟ ରାଜପଥ-୨୬ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଅନୁଷ୍ଠାନ, ସ୍କୁଲ କଲେଜ ଛାତ୍ରୀଛାତ୍ରୀମାନେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସଭାପତି ଉଦୟ ଶଙ୍କର ଜାନି, ପତନ କିରଣ ତ୍ରିପାଠୀ, ଉପସଭାପତି ବୈରାଗୀ ସାହୁ, ପ୍ରମୋଦ ରାଉଳ, କ୍ରିଷ୍ଣା ମହାପାତ୍ର, ହେଲ୍ପ ସଂସ୍ଥାର ଡାଇରେକ୍ଟର ପ୍ରବୀର ପାତ୍ର ଏବଂ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାତି ପିଙ୍କୁ ପାତ୍ର ଉପସ୍ଥିତ ଥିଲେ।

# ବକ୍ସାଇଟ ଖନନ ନେଇ ଆସିଥିବା ସର୍ଭେ ଟିମ୍‌କୁ ବିରୋଧ

ନନ୍ଦପୁର, ୮।୧୦(ଶଙ୍କର ପୂଜାରୀ)


ମହିଳାମାନେ ସର୍ଭେ ଟିମ୍‌କୁ ବିରୋଧ କରୁଛନ୍ତି ।

ବାଲଡା ପାହାଡ ବକ୍ସାଇଟ ଖଣି ଖନନକୁ ବିରୋଧ ଦିନକୁ ଦିନ ଜୋର ଧରୁଛି। ନିଲାମିରେ ସ୍ୱତ୍ୱ ପାଇଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସର୍ବେକ୍ଷଣ ଟିମ୍‌କୁ ରବିବାର କିତିବା ଗ୍ରାମ ନିକଟରେ ମହିଳାମାନେ ଅଟକରଖି ବିରୋଧ କରିଛନ୍ତି। ସେମାନେ ଟିମ୍‌କୁ ଖଣି ଖନନ ପାଇଁ ସର୍ଭେ କରିବାକୁ ବାରଣ କରିଥିଲେ। ପରେ ନନ୍ଦପୁର ପୋଲିସ ପହଞ୍ଚି ଟିମ୍‌କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲେ।

ଖବରରୁ ଜଣାପଡିଛି, ନନ୍ଦପୁର ବ୍ଲକ ବାଲଡା ନାଗେଶ୍ୱରୀ ପାହାଡ଼ର ୪୩୦ ଏକର ଜମିକୁ ବକ୍ସାଇଟ ଖଣି ଖନନ ନିମନ୍ତେ ରାଜ୍ୟ ସରକାରଙ୍କ ଖଣି ବିଭାଗ ଆଦାନୀ ଗ୍ରୁପର ଏମଏଲଇ କମ୍ପାନୀକୁ ନିଲାମରେ ଦେଇଥିଲା। ନିଲାମ ପାଇବା ପରେ ବର୍ତ୍ତମାନ କମ୍ପାନୀ ଖଣିଖନନ ପାଇଁ ସର୍ବେକ୍ଷଣ ଆରମ୍ଭ କରିଛି। ଏହାକୁ ପାହାଡ ପାରିପାର୍ଶିକ ୫ ପଞ୍ଚାୟତର ଗ୍ରାମବାସୀ ବିରୋଧ କରୁଛନ୍ତି। ଏନେଇ ପଞ୍ଚାୟତ ସ୍ତରରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବରଂ ପଞ୍ଚାୟତବାସୀଙ୍କୁ ଭାଗଭାଗ କରିବାକୁ ଉଦ୍ୟମ କରାଯାଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଦୁଇ ଦିନ ତଳେ ସର୍ଭେକୁ ବିରୋଧ କରି ଜିଲାପାଳଙ୍କୁ ଭେଟି ଗ୍ରାମବାସୀ ଦାବିପତ୍ର ଦେଇଥିଲେ। ମାତ୍ର ଏହାର ବିଚାର ପରିବର୍ତ୍ତେ ରବିବାର ୨ଟି ବୋଲେରୋ ଗାଡ଼ିରେ ଖଣି ଖାଦନ ସର୍ଭେ ପାଇଁ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଆସିଥିଲେ। ଏହା ଜାଣିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବାଡେଲ ପଞ୍ଚାୟତ କିତିବା ଗ୍ରାମର ଶତାଧିକ ମହିଳା ପୁରୁଷ, ନାଗେଶ୍ୱରୀ ସୁରକ୍ଷା ସମିତିର କର୍ମକର୍ତ୍ତା, ୱାର୍ଡସଭ୍ୟ ଏହି ସର୍ଭେ ଟିମ୍‌କୁ ଅଟକାଇ ସର୍ଭେ ନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ନନ୍ଦପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ପହଞ୍ଚି ସର୍ଭେ ଟିମ୍‌କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲେ। ପଞ୍ଚାୟତ ସ୍ତରରେ ଗ୍ରାମସଭା କରାଯିବା ପରେ ଯେକୌଣସି ସର୍ଭେ କରାଯାଉ ବୋଲି ୫ ପଞ୍ଚାୟତର ଜନପ୍ରତିନିଧି, ବୁଦ୍ଧିଜୀବୀ ଦାବି କରିଛନ୍ତି।

# ସାଇବର ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ


ମିନି ମାରାଥନରେ ଅଂଶଗ୍ରହଣ କରିଥିବା ଯୁବତୀଯୁବକ ଓ ଅନ୍ୟମାନେ।

ଜୟପୁର, ୮।୧୦ (ପବନ ପାଣିଗ୍ରାହୀ)


ସାଇବର ସୁରକ୍ଷା ନେଇ ଜିଲା ପୋଲିସ ପକ୍ଷରୁ ସଚେତନତା ଶୋଭାଯାତ୍ରା ରବିବାର ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଛି। ଏହି ଅବସରରେ ମାରାଥନ ଦୌଡ, ସାଇକ୍ଲିଂ ମାରାଥନ ଓ ବାଇକ ଶୋଭାଯାତ୍ରା ହୋଇଥିଲା। କାର୍ଯ୍ୟକ୍ରମରେ ଜୟପୁରବାସୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ କୋରାପୁଟ ଏସ୍‌ପି ଅଭିନବ ସୋନାକାର ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏସଡିପିଓ ହରିଶ ବିସି, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ। ପରେ ଜୟପୁର ରାଜାନହର ଛକସ୍ଥିତ ସଭାମଞ୍ଚରେ ବ୍ୟାଙ୍କ ଜମା ଖାତାରୁ କିପରି ଟଙ୍କା ଲୁଟ୍ ହେଉଛି, ସେଥିରୁ କେମିତି ରକ୍ଷା ପାଇବେ ସେ ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଅନୁଷ୍ଠିତ ପୋଲିସ ପ୍ରଶାସନ ପକ୍ଷରୁ ସାଇବର କ୍ରାଇମରୁ ସୁରକ୍ଷା ପାଇବା ନେଇ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇ ସଚେତନ କରାଯାଇଥିଲା। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱର ଘୁଙ୍ଗର ଅନୁଷ୍ଠାନର କଳାକାରମାନେ ନାଟକ ଓ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ। ମିନି ମାରାଥନ, ସାଇକେଲିଂ ମାରାଥନ, ବାଇକ ଶୋଭାଯାତ୍ରାର କୃତୀ ପ୍ରତିଯୋଗୀ ଓ ହାଇସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ହୋଇଥିବା କୁଇଜ ପ୍ରତିଯୋଗତାରେ କୃତୀ ପ୍ରତିଯୋଗୀଙ୍କୁ ଏସପି ସୋନାକାର ପୁରସ୍କୃତ କରିଥିଲେ। ଏହି ଅବସରେ ଜିଲାରେ ପରିକ୍ରମା କରୁଥିବା ସାଇବର ରଥ ଏଠାରେ ପହଞ୍ଚିବା ପରେ ତାହାକୁ ସ୍ୱାଗତ କରାଯାଇଥିଲା। ଫଟୋ: ମିନି ମାରାଥନରେ ଅଂଶଗ୍ରହଣ କରିଥିବା ଯୁବତୀଯୁବକ ଓ ଅନ୍ୟମାନେ।

### ଡ. ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୮।୧୦(ପବନ ପାଣିଗ୍ରାହୀ)

ରାଜନଗରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଜୟପୁର ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ସ୍ୱର୍ଗତ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଚନ୍ଦ୍ରମଣି ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ସମ୍ମାନିତ ଅତିଥି ଭାବେ ସ୍ୱାମୀନାଥନ୍ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡ଼ା, ସାହିତ୍ୟିକ ଯଜ୍ଞେଶ୍ୱର ପଣ୍ଡା,ସାମାଜିକ କର୍ମୀ ମନୋଜ ଆଚାର୍ଯ୍ୟ, ଜିଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀ ଯୋଗଦେଇ ସ୍ୱର୍ଗତ ଏମ. ଏସ.ସ୍ୱାମୀନାଥନଙ୍କ ଜୀବନୀ, ସମାଜ ପ୍ରତି ତାଙ୍କର ଅବଦାନ, ସବୁଜ ବିପ୍ଳବ, କୃଷି ଓ କୃଷକଙ୍କ ବିକାଶ ପାଇଁ ତାଙ୍କର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାଣ୍ଡିଆଗୁଡାର ଜଣେ ସଫଳ ଚାଷୀ ମନୋଜ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଦିରଥ ହୋତା ବେଦପାଠ କରିଥିବାବେଳେ ଅଜୟ ମଲ୍ଲିକ ମାନପତ୍ର ପାଠ କରିଥିଲେ। ଘାସିରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଆଇନଜୀବୀ ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅତିଥି ଭାବେ ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ଉପସ୍ଥିତ ଥିଲେ। ଡ.ଅଶୋକ ମହାନ୍ତି ଓ ଶୋଭାଗିନୀ ନନ୍ଦ କବିତା ସଂଯୋଜନା କରିଥିଲେ। ଜାନକୀ ପାଣିଗ୍ରାହୀ, ଅଜୟ ମଲ୍ଲିକ, ପ୍ରତୀତ କାଞ୍ଚନ ସାହୁ, ତପସ୍ୱିନୀ ସାହୁ, ସନ୍ତୋଷ ସାହୁଙ୍କ ସମେତ ଅନ୍ୟମାନେ କବିତା ପାଠ କରିଥିଲେ।

### ସ୍ଥାନୀୟ ଭାଷା ଶିକ୍ଷାକୁ ସଶକ୍ତ କରିବାକୁ ସିୟୁଓରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଭୁବନେଶ୍ୱର କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଥିବା ପୁସ୍ତକ ।

କୋରାପୁଟ,୮।୧୦(ଅମିତାଭ ବେହେରା)

ସ୍ଥାନୀୟ ଭାଷା ଶିକ୍ଷାକୁ ସଶକ୍ତ କରିବାକୁ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଓଡ଼ିଶା ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବରଠାରୁ ଆରମ୍ଭ ହେବ। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ସହଯୋଗରେ ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ କୁଭି ଏବଂ ଦେଶିଆ ଭାଷା ଉପରେ ପର୍ଯ୍ୟବେକ୍ଷିତ ଏହି ପରିବର୍ତ୍ତନମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶ୍ୱବିଦ୍ୟାଳୟର ସୁନାବେଡ଼ାସ୍ଥିତ କ୍ୟାମ୍ପସ ପରିସରରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ୯ରୁ ୧୧ ପର୍ଯ୍ୟନ୍ତ ହେବ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଲ୍ଲେଖନୀୟ ପ୍ରୟାସ ଓ ନିର୍ଦ୍ଦେଶରେ ଇତିମଧ୍ୟରେ ଏକ କୁଭି ଓ ଦେଶିଆ ପୁସ୍ତକ ଭୁବନେଶ୍ୱରରେ ଉନ୍ମୋଚନ ହୋଇଯାଇଛି। ସ୍ୱଦେଶୀ-ଜନଜାତି ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭୁବନେଶ୍ୱର ଏନସିଇଆରଟିର ଆରଆଇଇ ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ, କୁଭି ଓ ଦେଶିଆ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜକ ଡ. ରଶ୍ମିରେଖା ସେଠୀ,ଡ. କପିଳା ଖେମୁଣ୍ଡୁ ଓ ସହ ସଂଯୋଜକ ଡ. ରୁଦ୍ରାଣୀ ମହାନ୍ତି, ବିଶ୍ୱବିଦ୍ୟାଳୟର ଭାଷା ବିଦ୍ୟାଳୟ ଡିନ୍ ପ୍ରଫେସର ଏନ୍.ସି ପଣ୍ଡା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ବହୁଭାଷୀ ଶିକ୍ଷାର ଉପଦେଷ୍ଟା ଡ. ମହେନ୍ଦ୍ର ମିଶ୍ର, ଶିକ୍ଷା ସମ୍ବଳ ବିଶେଷଜ୍ଞ ଶିବ ଶଙ୍କର ପଟ୍ଟନାୟକ, ଡ. ରାଜେନ୍ଦ୍ର ପାଢ଼ୀ, ତ୍ରିନାଥ ଖରା ଓ ସୁରେଶ ଖରା ପ୍ରଶିକ୍ଷଣରେ ଭାଗନେବେ। କୋରାପୁଟ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ଶିଖା ପ୍ରଦାନ କରୁଥିବା କୁଇ ଓ ଦେଶୀ ଭାଷାରେ ଦକ୍ଷ ୬୦ ଜଣ ଉତ୍ସର୍ଗୀକୃତ ଶିକ୍ଷକ ମଧ୍ୟ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, କୋରାପୁଟ ଜିଲାର ଦେଶିଆ ଓ କୁଭି ଭାଷାଭାଷୀ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସଶକ୍ତ କରିବା ଏହା ହେଉଛି ପ୍ରଥମ କାର୍ଯ୍ୟକ୍ରମ।

### ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ୍ ଜିଲା କମିଟି ବୈଠକ


ବୈଠକରେ ଉପସ୍ଥିତ ପେନ୍‌ସନଧାରୀମାନେ ଆଲୋଚନା କରୁଛନ୍ତି।

ଜୟପୁର, ୮।୧୦(ପବନ ପାଣିଗ୍ରାହୀ)

ଜୟପୁର ଯାଦବ ଭବନଠାରେ ରବିବାର ଇପିଏଫ ପେନସନର୍ସ ଆସୋସିଏଶନ୍ କୋରାପୁଟ ଜିଲା କମିଟିର ଏକ ବୈଠକ ସଭାପତ ନଳିନୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଗତ ଦିନରେ ଓଡ଼ିଶାର ସମସ୍ତ ବିଧାୟକ ଓ ଏମ୍‌ପିମାନଙ୍କୁ ଭେଟି ସର୍ବନିମ୍ନ ପେନସନ ମାସିକ ୯୦୦୦ ଟଙ୍କା କରାଇବା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସେପ୍ଟେମ୍ବର ୧୫ରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରାୟ ୨୨ ଲକ୍ଷ ପେନସନଧାରୀ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ରବିବାର ଚେନ୍ନାଇଠାରେ ସର୍ବଭାରତୀୟ କାର୍ଯ୍ୟକାରୀ କମିଟି ବୈଠକ ବସି ଆଗାମୀ ଦିନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ପରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ରଥ ଏନେଇ ସୂଚନାଦେଇ କହିଥିଲେ, ଉଚ୍ଚହାର ପେନସନ ପାଇଁ ପ୍ରାୟ ୧୭ ଲକ୍ଷ ଆବେଦନ ପତ୍ର ଆସିଛି । ୧୨ ଲକ୍ଷ ଲୋକଙ୍କ ଦରମା ବିବରଣୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ମିଳିଛି। ଆହୁରି ୫ ଲକ୍ଷ ଲୋକଙ୍କ ସୂଚନା ଏପର୍ଯ୍ୟନ୍ତ ଆସିନାହିଁ। କମ୍ପାନୀଗୁଡିକ ଏହା ଦେବା ପାଇଁ ଆଉ ତିନି ମାସ ଅବଧି ବୃଦ୍ଧି କରାଯାଇଛି। ବୈଠକରେ ବୈଜୟନ୍ତୀ ପଣ୍ଡା, ରଞ୍ଜନା ସାହୁ, କିଶୋର ଚନ୍ଦ୍ର ପଣ୍ଡା, ଉମାକାନ୍ତ ରଥ, ସିଏଚ୍ ରାମେଶ୍ୱର ପଟ୍ଟନାୟକ, ଜି. ଗୋପାଲ୍ ରାଓ, ପି.ଗୌରୀ ଶଙ୍କର ରାଓଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପୋଲ ନିର୍ମାଣ ନେଇ କାର୍ଯ୍ୟାଦେଶକୁ ବିତିଲାଣି ୩ ବର୍ଷ

କୋରାପୁଟ, ୮।୧୦
(ଅମିତାଭ ବେହେରା)

**ନିର୍ମାଣ କାର୍ଯ୍ୟର ନାଁଗନ୍ଧ ନାହିଁ**

କୋରାପୁଟ ମ୍ୟୁନିସିପାଲିଟିର ୨ ନଂ ୱାର୍ଡ ପୂଜାରିପୁଟ ଷ୍ଟାଡିୟମ ନିକଟରେ ଏକ ପୋଲ ନିର୍ମାଣ ନେଇ ୩ ବର୍ଷ ତଳେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ଏଯାବତ୍ ପୋଲ ନିର୍ମାଣର ନାଁଗନ୍ଧ ଧରୁନାହାନ୍ତି ଠିକାଦାର କି ପ୍ରଶାସନ। ଫଳରେ ଏନେଇ ୱାର୍ଡବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୁଜାରିପୁଟସ୍ଥିତ ଷ୍ଟାଡିୟମ ନିକଟରେ ଥିବା ବହୁ ପୁରାତନ ପୋଲ ଦୀର୍ଘଦିନ ହେଲା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଖଣିଜ ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ନୂତନ ପୋଲ ନିର୍ମାଣ କରିବାକୁ ମ୍ୟୁନିସିପାଲିଟିର ବୈଠକରେ ନିଷ୍ପତ୍ତି ହୋଇ ୨୦୨୦ରେ ଟେଣ୍ଡର ଆହ୍ୱାନ କରାଯାଇ ନିର୍ମାଣ ନିମନ୍ତେ ମ୍ୟୁନିସିପାଲିଟି ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପୋଲ ନିର୍ମାଣ ସ୍ଥାନ ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ପାଣି ପାଇପ ଥିବାରୁ ପୋଲ ନିର୍ମାଣରେ ବାଧା ଉପୁଜିଥିଲା । ମାତ୍ର ସେଗୁଡିକ ସ୍ଥାନାନ୍ତର ହେବା ପରେ ମଧ ବର୍ତ୍ତମାନ ସୁଦ୍ଧା ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏନେଇ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଏହି ପୋଲ ନିର୍ମାଣରେ ବ୍ୟକ୍ତିଗତ ଜମି ପ୍ରତିବନ୍ଧକ ସାଜିଛି। ସେଥିଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟ ହୋଇପାରୁନାହିଁ। ଦଶହରା ପରେ ସେହି ଜମିଥିବା ବ୍ୟକ୍ତିଙ୍କୁ ବୁଝାଶୁଝା କରି ପୋଲ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଥିଲେ।

### ଜିଆରଏସ୍ ହତ୍ୟା ଘଟଣାରେ ଜଣେ ଗିରଫ

ବେଗୁନିଆପଡ଼ା,୮।୧୦
(ସୁଶାନ୍ତ କୁମାର ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ସାନ ଉସ୍ତୁୟପଡ଼ା ପଞ୍ଚାୟତରେ କାର୍ଯ୍ୟରତ ଜିଆରଏସ ସୁଶୀଲ କୁମାର ମହାନ୍ତିଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଭାଲିଆଝରିର ଗ୍ରାମ ମୋହନପୁର ସାହିର ମନୋଜ କୁମାର ସାହୁଙ୍କୁ ରବିବାର ପୋଲିସ କୋର୍ଟ ଚାଲାଣ କରିଛି।

# ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ଅମଲା

ଜୟପୁର, ୮।୧୦(ପବନ ପାଣିଗ୍ରାହୀ)

ମିଳିତ ଅମଲା ମଞ୍ଚ କୋରାପୁଟ ଜିଲା ସଭାପତି ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ର ସଭାଗୃହରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। କୋରାପୁଟ ଜିଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗରେ ଶତାଧିକ ଅମଲା ଏଥିରେ ଯୋଗ ଦେଇଥିଲେ। ଅମଲାଙ୍କ ପ୍ରତି ସରକାରଙ୍କ ଅଣଦେଖା ଓ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଉପସ୍ଥିତ ଅମଲାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ଜାରି ରହିଲେ ଖୁବ୍ ଶୀଘ୍ର ଅମଲାମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ନେଇ ସେମାନେ ମତ ଦେଇଥିଲେ। ଶଶୀଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ୨୬।୩।୨୩ରେ କୋରାପୁଟ ଜିଲାରେ ମିଳିତ ଅମଲା ମଞ୍ଚ ଗଠନ କରାଯାଇଥିଲା। ୩୦ଟି ଜିଲାରେ ଗଠିତ ମିଳିତ ଅମଲା ମଞ୍ଚର ନେତୃବୃନ୍ଦଙ୍କୁ ନେଇ ୯।୪।୨୩ରେ ଭୁବନେଶ୍ୱରରେ ରାଜ୍ୟ ମିଳିତ ଅମଲା ମଞ୍ଚ ଗଠିତ ହୋଇଥିଲା। ରାଜ୍ୟ ସଂଘ ନିର୍ଦ୍ଦେଶରେ ୨୧।୪।୨୩ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ, ୩୦।୪।୨୩ ଯାଏ ସୁଦ୍ଧା ଯଦି ସରକାର ଅମଲାମାନଙ୍କ ଏକମାତ୍ର ଦାବି ୪୨୦୦ ଗ୍ରେଡ ପେ ପ୍ରଦାନ ନ କରନ୍ତି ତେବେ ୧।୫।୨୩ରେ ରାଜ୍ୟ ମିଳିତ ଅମଲା ମଞ୍ଚ ସରକାରଙ୍କୁ ପୁଣି ଏକ ପତ୍ର ଦେବେ। ୨୧।୫।୨୩ ସୁଦ୍ଧା ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତାହେଲେ ସମସ୍ତ ଜିଲାସ୍ତରୀୟ ଅମଲା କଳା ବ୍ୟାଜ ପରିଧାନ କରିବେ। ପରେ ଜୁନ୍ ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅମଲାମାନେ ସମୂହ ଛୁଟିରେ ରହି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଶେଷରେ ଜିଲାସ୍ତରୀୟ ଅମଲା ସମୂହ ଛୁଟିରେ ରହିବା ସହ ଧାରଣା ଦେଇଥିଲେ। ୧୭।୬।୨୩ରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଅମଲାମାନଙ୍କ ଦାବି ଖୁବ୍ ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ପ୍ରତିଶ୍ରୁତିକୁ ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର ଅମଲାମାନଙ୍କ ପ୍ରତି ବୈମାତୃକ ମନୋଭାବ, ଅଣଦେଖା ଜାରି ରଖିଛନ୍ତି। ଏହାର ପ୍ରତିବାଦରେ ଜିଲାର ଅମଲାମାନେ ଆସନ୍ତା ୧୧ରେ କଟକରେ ରାଜ୍ୟ ସଂଘର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗଦେଇ ଆସନ୍ତା ୧୬ରେ ପୁଣିଥରେ ସମୂହ ଛୁଟିରେ ରହି ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ମିଳିତ ଅମଲା ମଞ୍ଚ ମୁଖ୍ୟ ଉପଦେଷ୍ଟା ସୁନାକର ରାଉତ, ସମ୍ପାଦକ ନିତ୍ୟାନନ୍ଦ ଭତ୍ରା, ଓଡ଼ିଶା ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲା ଶାଖାର ସଞ୍ଜୀୟ ପଣ୍ଡା, ସାଙ୍ଗଠନିକ ସମ୍ପାଦକ କେ. ସୁବାସ ଆଚାରି, ଅମିତ ସୁବୁଦ୍ଧି, ତ୍ରିନାଥ ପଣ୍ଡା, କୃଷ୍ଣ ପ୍ରଧାନ, ସତ୍ୟ ରଞ୍ଜନ ତ୍ରିପାଠୀ, ଜଗନ୍ନାଥ ନାୟକଙ୍କ ସମେତ ଶତାଧିକ ଅମଲା ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅମଲାମାନେ।

# ହଜିବାକୁ ବସିଲାଣି କମାରଶାଳ

କୋରାପୁଟ,୮।୧୦(ଅମିତାଭ ବେହେରା)

- ଆଉ ଗାଁ ଗଣ୍ଡାରେ ଶୁଭୁନି ଲୁହା ପିଟା ଶବ୍ଦ
- ପ୍ରୋତ୍ସାହନ ଅଭାବରୁ କୌଳିକ ବୃତ୍ତି ଛାଡୁଛନ୍ତି କାରିଗର
- ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନାହିଁ ପ୍ରୋତ୍ସାହନ


ଏକ କମାରଶାଳରେ କାର୍ଯ୍ୟରତ ଦୁଇ କାରିଗର।

ସମୟର ପରିବର୍ତ୍ତନ ସହ ପରିବର୍ତ୍ତନ ହୋଇଛି କେତେକ ପାରମ୍ପରିକ ଜୀବିକା। ଫଳରେ ଏବେ ଅନେକ କୌଳିକ ବୃତ୍ତି ହଜିଯିବାକୁ ବସିଲାଣି। ଅନ୍ୟସବୁ କୌଳିକ ବୃତ୍ତି ପରି ଏବେ ଚାଷୀଙ୍କ ହାତବାରିଶି ସାଜିଥିବା କମାରଶାଳ ବି ହଜିଯିବାକୁ ବସିଲାଣି। ତଥାପି କିଛି କମାର ପରିବାର ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଏବେ ମଧ ଲୁହା ଓ ନିଆଁ ସହିତ ଦିନ କାଟୁଛନ୍ତି।

କୋରାପୁଟ ଜିଲା ସେମିଳିଗୁଡା ହାଟଗୁଡା ପଞ୍ଚାୟତରେ ରହିଛନ୍ତି କେତେକ କମାର କାରିଗର ପରିବାର। ସକାଳ ହେଲେ ପରିବାର ପ୍ରତିପୋଷଣ ଲାଗି ଲୁହା ଓ ନିଆଁ ସହ ସଂଘର୍ଷ କରୁଛନ୍ତି। ଦିନ ଥିଲା ଚାଷୀମାନେ ବ୍ୟବହାର କରୁଥିବା ଲୁହା, କୋଦାଳ, ଲଙ୍ଗଳ, ଶଗଡ଼ବଳା, ଟାଙ୍ଗିଆ, ଧାନକଟା ଦା ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପନିକି, ଜୁଆ, ଚଟୁ ଆଦି କମାରମାନେ ତିଆରି କରି ବଜାରରେ ବିକ୍ରି କରି ନିଜ ପରିବାର ଚଳାଉଥିଲେ। ଏବେ ଏହି କୌଳିକ ବୃତ୍ତିରେ ସଙ୍କଟ ଦେଖାଦେଇଛି। ଗାଁ ଗହଳିରେ ଆଉ କମାରଶାଳ ଦେଖିବାକୁ ମିଳୁନାହିଁ କି କମାରଶାଳରୁ ଶୁଭୁନାହିଁ ଠକ୍ ଠକ୍ ଶବ୍ଦ। ବର୍ତ୍ତମାନ ମେଶିନ ତିଆରି ସାମଗ୍ରୀର ଲୋକପ୍ରିୟତା ବଢ଼ି ଚାଲିଥିବାରୁ ଯୁବପିଢ଼ି ଏହି କୌଳିକ ବୃତ୍ତି ଆପଣେଇବାକୁ ମଧ ଇଚ୍ଛା ପ୍ରକାଶ କରୁନାହାନ୍ତି। ଏହି କାର୍ଯ୍ୟକୁ କୌଳିକ ବୃତ୍ତି ରୂପେ ଗ୍ରହଣ କଲେ ଚଳିବା କଷ୍ଟକର ହୋଇପଡୁଛି। ଉପଯୁକ୍ତ ପାରିଶ୍ରମିକ ନ ମିଳିଲେ ମଧ ପାରମ୍ପରିକ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏହା କରିବା ପାଇଁ ପଡୁଛି ବୋଲି କହନ୍ତି କମାର କାମ କରୁଥିବା ଲଚ୍ଛମୁ ପାଙ୍ଗୀ। ପୂର୍ବରୁ ଶହଶହ ସଂଖ୍ୟକ କମାରଶାଳ ଥିବାବେଳେ ଏବେ ଗାଁଗହଳିରେ କାଁ ଭାଁ କମାରଶାଳ ଦେଖିବାକୁ ମିଳୁଛି। ଏହି କାମରୁ କେଉଁଦିନ ୫୦ ଟଙ୍କା ଆଉ କେଉଁଦିନ ୧୦୦ ଟଙ୍କା ମିଳୁଛି। ସେଥିରୁ ପୁଣି କାଠ କୋଇଲା କିଣିବାକୁ ପଡୁଛି। ଏତେ କମ୍ ରୋଜଗାରରେ ପରିବାର ଚଳେଇବା ସମ୍ଭବ ହେଉନି ବୋଲି କାରିଗର ସୁନାମାନି ପାଙ୍ଗି କହିଛନ୍ତି। ଯଦି ରାଜ୍ୟ କିମ୍ବା କେନ୍ଦ୍ର ସରକାର ସହାୟତାର ହାତ ବଢ଼ାଇ କିଛି ନୂତନ ଯୋଜନା କରନ୍ତେ ତେବେ ଏହି ପାରମ୍ପରିକ କୌଳିକ ବୃତ୍ତି ଆଗକୁ ବଞ୍ଚିପାରିବ। ନଚେତ୍ ଆଗାମୀ ଦିନରେ ଏହି ବୃତ୍ତି ବୁଡିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଛି।

## ସଂକ୍ଷେପରେ

### ୧୨୧ କେଜି ଲଡ୍ଡୁ ୧.୨୨ ଲକ୍ଷରେ ନିଲାମ

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରସ୍ଥିତ ବୁଦ୍ରାୱାଲସାରେ ବୁଦ୍ରାୱାଲସା ୟୁଥ୍ ବୟଜ୍ ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ଗଣେଶଙ୍କୁ ଲାଗି ହୋଇଥିବା ୧୨୧ କେଜି ଲଡ୍ଡୁ ରବିବାର ନିଲାମ ହୋଇଛି। ଏହି ଲଡ୍ଡୁ ୧ଲକ୍ଷ ୨୨ହଜାର ଟଙ୍କାରେ ନିଲାମ



ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ସାଲାପୁ ଗଣେଣ ଏହି ଲଡ୍ଡୁ ନିଲାମରେ କିଣିଥିବା ଜଣାପଡ଼ିଛି।

### ଲାୟନ୍ସ କ୍ଲବର ମାଗଣା ଅସ୍ଥିଶଲ୍ୟ ଚିକିତ୍ସା ଶିବିର

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

ଲାୟନ୍ସ କ୍ଲବ ପକ୍ଷରୁ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣାର କ୍ୟୁ ୱାନ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା ଟି. ରାମଣା ମୂର୍ତ୍ତି ନିଜ ଟିମ୍ ସହିତ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ଶିବିରରେ ୨୫୪ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ରୋଗୀଙ୍କ ଏକ୍ସ-ରେ ମଧ୍ୟ କରାଯାଇଛି। ଆଗାମୀ ଦିନରେ ଲାୟନ୍ସ



କ୍ଲବ ପକ୍ଷରୁ ଏହିଳି ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ ବୋଲି କ୍ଲବ ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିରକୁ ଲାୟନ୍ସ କ୍ଲବର ସଭାପତି ଭୁନା ଭାସ୍କର ରାଓ ଏବଂ ଫ୍ରେଣ୍ଡସ ୱାକର୍ସ କ୍ଲବ ସଭାପତି ଇପିଲି ସନ୍ୟାସି ରାଜୁ, ସମ୍ପାଦକ ଜି.ଶ୍ରୀନିବାସ ରାଓ ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଛାତ୍ର ବିଜେଡି ରାଜ୍ୟ ଉପସଭାପତି, ଜିଲା ସଭାପତିଙ୍କ ନାମ ଘୋଷଣା

ପଦ୍ମପୁର,୮।୧୦( ପ୍ରଶାନ୍ତ କର)

ରାୟଗଡ଼ା ଜିଲାର ପୂର୍ବତନ ବିଜେଡ଼ି ଜିଲା ଛାତ୍ର ସଭାପତି ବିଷ୍ଣୁ ପ୍ରସାଦ ପଣ୍ଡାଙ୍କୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପ ସଭାପତି ଦାୟିତ୍ୱ ଓ ଯୁବନେତା ନେତ୍ରାନନ୍ଦ ଶବରଙ୍କୁ ରାୟଗଡ଼ା ଜିଲାର ଜିଲା ଛାତ୍ର ସଭାପତି ଭାବେ ଦାୟିତ୍ୱ ମିଳିଛି। ଏନେଇ ବିଜେଡ଼ି ରାଜ୍ୟ ସାଂଗଠନିକ ସମ୍ପାଦକ ଏକ ପ୍ରେସ୍ ବିଜ୍ଞପ୍ତିରେ ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏହା ଜଣାପଡିବା ପରେ ପଦ୍ମପୁର ବିଜେଡ଼ି ମହଲରେ ଆନନ୍ଦ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ରାୟଗଡ଼ା ଜିଲାରେ ବିଜୁ ଛାତ୍ର ସଭାପତି ଭାବେ ଥିବା ବିଷ୍ଣୁ ପଣ୍ଡା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ସହ ଅନେକ ଜନ ହିତକାର କାର୍ଯ୍ୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ବୁଲୁସାହୁ, ପ୍ରଶାନ୍ତ ଦଳେଇ, ରବି ନାରାୟଣ ଆଚାର୍ଯ୍ୟ,ଗଗନ ଆଚାର୍ଯ୍ୟ,ଦାମ କୈବର୍ତ୍ତ, ରାମ ପ୍ରସାଦ, କୈଳାସ କ୍ରାସ୍କା, ଭୂଷଣ ଦଳପତି, ଚକ୍ରପାଣି କସବେହରା, ଦୁର୍ଗା ସାହୁ, ଜଗା ସାହୁଙ୍କ ସମେତ ଅନ୍ନମାନେ ଉପସ୍ଥିତ ଥିଲେ।

# ମାରାଥନ, ସାଇକେଲ ରାଲି ମାଧ୍ୟମରେ ସଚେତନତା



ସାଇକେଲ ରାଲିର ଶୁଭାରମ୍ଭ କରାଯାଉଛି।

ରାୟଗଡ଼ା,୮।୧୦
(ଆଶିଷ ରଞ୍ଜନ ପଣ୍ଡା/ ଭାଗ୍ୟଶ୍ରୀ ମିଶ୍ର)

ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ପ୍ରଚାର ରଥ ଗାଁ ଗାଁ ବୁଲି ଜନ ସଚେତନତା କରୁଥିବାବେଳେ ରାୟଗଡ଼ା ଜିଲାର ବିଭିନ୍ନ ଥାନା ଅଧୀନରେ ପୋଲିସ ପକ୍ଷରୁ ସଚେତନତା ସଭା, ମାରାଥନ୍ ଓ ସାଇକଲ ରାଲି କରାଯାଇଛି। ରାୟଗଡ଼ା ସହରରେ ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସକାଳ ୬ଟାରେ ରିଲାଏନ୍ସ ପେଟ୍ରୋଲ ପମ୍ପରୁ ମାରାଥନ ଆରମ୍ଭ ହୋଇଥିଲା। ସେହିଭଳି ସନ୍ଧ୍ୟା

**ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ**

୪ଟାରେ ସେହି ସ୍ଥାନରୁ ସାଇକଲ ରାଲି ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ରିଜର୍ଭ ଇନ୍ସପେକ୍ଟର କବିବର ଦେହୁରି, ରାୟଗଡ଼ା ଟାଉନ ଥାନା ଆଇଆଇସି କେ.କେ.ବି.କେ କହଁର ପ୍ରମୁଖ ପରିଚାଳନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ଛକରେ ପୋଲିସ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣ ଉପରେ ନଜର ରଖିଥିଲେ।

# ରାୟଗଡ଼ାରେ ନୂଆଖାଇ ଭେଟଘାଟ



ନୂଆଖାଇ ଭେଟଘାଟରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ରାୟଗଡା, ୮।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡାରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଭେଟଘାଟର ଏକ ନିଆରା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ସାଂସ୍କୃତିକ ପରିଷଦ ରାୟଗଡା ପକ୍ଷରୁ ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନରେ ନୂଆଖାଇ ଭେଟଘାଟ ୨୦୨୩ ପାଳିତ ହୋଇଯାଇଛି। ପରିଷଦ ସଭାପତି ଡ଼. ଦୟାନିଧି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡା ନଗରରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରୁ ଆସି ରହୁଥିବା ୨୦୦ରୁ ଉର୍ଦ୍ଧ୍ୱ ପରିବାରମାନେ ଯୋଗ ଦେଇଥିଲେ । ପରିଷଦ ସମ୍ପାଦକ ହିମାଂଶୁ ଶେଖର ପାଣ୍ଡିଆ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମଞ୍ଚ ସଂଯୋଜନା କରିଥିଲେ। ରାୟଗଡା ଜିଲାରେ ପଶ୍ଚିମ ଓଡିଶାର କଳାହାଣ୍ଡି, ନୂଆପଡା, ବଲାଙ୍ଗୀର,ବରଗଡ଼,ବରପାଲି, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡା, ଦେବଗଡ଼ ଓ ବୌଦ୍ଧ ଭଳି ଜିଲାଗୁଡିକରୁ ଆସି ରାୟଗଡାରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ତଥା ଶିଳ୍ପାନୁଷ୍ଠାନ ବ୍ୟାଙ୍କରେ କାର୍ଯ୍ୟ କରୁଛନ୍ତି । ସମସ୍ତେ ମିଶି ଏହି ଦିବସକୁ ଧୁମ ଧାମରେ ପାଳନ କରିଛନ୍ତି।

ଆଜି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ପାରମ୍ପରିକ ଖାଦ୍ୟ ବ୍ୟଞ୍ଜନରେ ତିଆରି ପିଠାମିଠା ପ୍ରତିଯୋଗିତା,ହୁଳହୁଳି, ନାଚ ଗୀତ ପ୍ରତିଯୋଗିତା ସହ ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ରାୟଗଡାର ପିଡିସି ଡ୍ୟାନ୍ସ ଗ୍ରୁପ୍ ଓ ବଲାଙ୍ଗୀର ଜିଲାରୁ ଆସିଥିବା ପଞ୍ଚମ ଡ୍ୟାନ୍ସ ଗ୍ରୁପ ତରଫରୁ ସମ୍ବଲପୁରୀ ନାଚଗୀତର ପରିବେଷଣ କରାଯାଇଥିଲା। ଏହି ଭେଟଘାଟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶା ବାସିନ୍ଦା ତଥା ରାୟଗଡା ଜିଲାରେ କାର୍ଯ୍ୟରତ ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼. ହାଡିବନ୍ଧୁ ଭୋଇ,ହରିହର ଖମାରି, ଆଇଡ଼ିବିଆଇ ବ୍ୟାଙ୍କ ଏଡିଏମ,ୟୁନିୟନ ବ୍ୟାଙ୍କ ବରିଷ୍ଠ ପ୍ରବନ୍ଧକ ପବିତ୍ର ବେହେରା, ସୀତାରାମ ପ୍ରଧାନ, ଶାନ୍ତନୁ ମହାକୁଡ଼, ସୁଶାନ୍ତ ପ୍ରଧାନ, ଅନିଲ ମାଝି, ଦିବାକର ଧଙ୍ଗାଡ଼ମାଝି, ରବୀନ୍ଦ୍ର ବାରିକ, ଚକାମନ ବାରିକ,ମହେନ୍ଦ୍ର ବରାଇ, ଡି.ପି.ଦାଶ, ମଦନ ବୁଦୁଲା, ସାମ୍ବାଦିକ ଶିବ ନାରାୟଣ ଗଉଡଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଦାୟ ନେଲେ ଗଜାନନ

## ନାଚ ଗୀତରେ ଦୁଲୁକିଲା ମୁନିଗୁଡା ସହର

ମୁନିଗୁଡ଼ା, ୮।୧୦
(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ମୁନିଗୁଡା ପାଇକସାହି ବିଜୁ ପଟ୍ଟନାୟକ ୟୁଥ କ୍ଲବର ଗଣେଶ ଭସାଣି ରବିବାର ଅନୁଷ୍ଠିତ ହୋଇଛି। ଗଜାନନଙ୍କ ମୂର୍ତ୍ତିକୁ ସୁସଜ୍ଜିତ କରାଯାଇ ପୂଜା ମଣ୍ଡପରୁ ଏକ ବଡ଼ ପଟୁଆର ବାହରି ଥିଲା। ପଡୋଶୀ କଳାହାଣ୍ଡି ଜିଲାର ମାଣିକେଶ୍ୱରୀ ଦୁଲଦୁଲି ଗ୍ରୁପ, ପାରମ୍ପରିକ ଘୁମୁରା ବାଦ୍ୟନୃତ୍ୟ ଗ୍ରୁପ, ଜୁନାଗଡ଼ର ଦିଲଖୁସ ମେଲୋଡି,



ସମ୍ବଲପୁରର ପ୍ରସିଦ୍ଧ ପଞ୍ଚ ସୁପରଷ୍ଟାର ଘଣ୍ଟବାଦ୍ୟ, ସୁନ୍ଦରଗଡ଼ ଜିଲା ରାଉରକେଲାର ପ୍ରସିଦ୍ଧ ଭାଙ୍ଗଡ଼ା ଗ୍ରୁପ ଓ ବରଗଡ଼ ଜିଲାର ମାଆ ବ୍ରଜେଶ୍ୱରୀ ଷ୍ଟାରୁ କଳାକାର ସଂଘ, ସ୍ଥାନୀୟ ମୁନିଖୋଲ ପାରମ୍ପରିକ ନୃତ୍ୟ,ଭୈରବଗଡ଼ର ଢାମ୍ପ ବାଦ୍ୟ ମୁଖ୍ୟ ଆକର୍ଷଣ ଥିଲା। ପୂଜା କମିଟି ସହ ମୁନିଗୁଡାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଯୁବଗୋଷ୍ଠୀ ଓ ଲୋକମାନେ ଏହି ସବୁ ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚଗୀତ କରି ଏହାର ମଜା ଉଠାଇଥିଲେ। ବିସର୍ଜନ ଉତ୍ସବ ଦେଖିବାକୁ ମୁନିଗୁଡା ସହରରେ ଜନଗହଳି ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ପାଇଁ ମୁନିଗୁଡା ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ଗଣେଶଙ୍କ ମୂର୍ତ୍ତିକୁ ମୁନିଗୁଡା ନିକଟସ୍ଥ କୁତ୍ରାଗଡ଼ ଗ୍ରାମର ବଂଶଧାରା ନଦୀରେ ବିସର୍ଜନ କରାଯାଇଛି। ଉକ୍ତ ବିସର୍ଜନ ଉତ୍ସବକୁ ପୂଜା କମିଟିର ଅଜିତ କାଳିଆ ନାୟକ, ରମାକାନ୍ତ ମାର୍ଥା, ବାବୁ ପଟ୍ଟନାୟକ, ରିଣ୍ଟୁ ସାହୁ, ଚନ୍ଦନ ଦାସ, ମୁନା ମାର୍ଥା, ଲୁଲୁ,ମୁକେଶ ମହାରଣା, ରାଜା ରାମ ଗୋପାଲ, ଉଦିତ ମାର୍ଥା, କବି ସାହୁ, ରାକେଶ ମହାରଣା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ କମିଟିର ଯୁବ ସଦସ୍ୟମାନେ ପରିଚାଳନା କରିଥିଲେ।

# ୧୧ ବ୍ଲକର ୫୫୦ ଛାତ୍ରୀଛାତ୍ର କଲେ ଅଂଶଗ୍ରହଣ

ରାୟଗଡା,୮।୧୦ ( ଭାଗ୍ୟଶ୍ରୀ ମିଶ୍ର )

**ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆରମ୍ଭ**

ରାୟଗଡାସ୍ଥିତ ଗୋବିନ୍ଦ ଚନ୍ଦ୍ର ଦେବ ହାଇସ୍କୁଲରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୨ ଦିନ ଧରି ଚାଲିବ। ଉଦ୍‌ଘାନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେଇ ଛାତ୍ରୀଛାତ୍ରମାନେ ପାଠପଢା ସହ ଖେଳ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ। ଏହା ଦ୍ୱାରା ସେମାନଙ୍କ ମାନସିକ ଶାରୀରିକ ଉନ୍ନତି ହୋଇଥାଏ ବୋଲି ମନ୍ତ୍ରୀ ସାରକା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ କ୍ରୀଡା ପ୍ରତିଯୋଗିତା କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ଖେଳୁଆଡ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଯୋଗଦେଇ କ୍ରୀଡା ପ୍ରତିଯୋଗିତାର ସଫଳତା କାମନା କରିଥିଲେ। ସଭାପତି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ସରସ୍ୱତୀ ମାଝୀ ଦାୟିତ୍ୱ ତୁଲାଇଥିଲେ। ପରିଚାଳନା ସମ୍ପାଦକ ତଥା ଜିଲା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ସ୍ୱାଗତ ସୂଚନା ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ସେଖ ଅଲିନୁର, ହରିହର ପାତ୍ର, ହିନ୍ଦୀ ଶିକ୍ଷକ ଅଶୋକ ଦାଶ ଓ ସହକାରୀ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ ପରିଚାଳନା କରିଥିଲେ। ଅଶୋକ ଦାଶ ଧନ୍ୟବାଦ ଦେଇଥିଲେ। ୧୧ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ୭୫ ଜଣ ମାର୍ଗଦର୍ଶକ ଯୋଗ ଦାନ ଦେଇଥିଲେ। ଆଜି ପ୍ରଥମ ଦିବସରେ କେବଳ ଦୌଡକୁଦ ପ୍ରତିଯୋଗିତା ହୋଇଛି । ଅନ୍ୟ ସମସ୍ତ ପ୍ରତିଯୋଗିତା ଦ୍ୱିତୀୟ ଦିବସ ସୋମବାର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଓଡ଼ିଆ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଗୁଣପୁର, ୮।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମାରୋହ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷ ଶଶି ଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ପକ୍ଷରୁ ଛାତ୍ରୀ ଯଶସ୍ୱିନୀ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତାମିଲା ପରାସେଠ ଛାତ୍ରୀଛାତ୍ରମାନଙ୍କୁ ପାଠାଗାରର ସଦୁପଯୋଗ କରିବା ଏବଂ ଭବିଷ୍ୟତରେ ଅନୁଷ୍ଠାନର ସୁନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ସେହିପରି ଓଡିଆ ଅଧ୍ୟାପକ ଗୋକୁଳାନନ୍ଦ ସାହୁ, ଅଧ୍ୟାପକ ପ୍ରିୟବ୍ରତ ମହାକୁର ଛାତ୍ରୀଛାତ୍ରଙ୍କୁ ଶିକ୍ଷା, ସଂସ୍କୃତି, ପରମ୍ପରାର ମୂଲ୍ୟବୋଧ ତଥା ଓଡିଆ ଭାଷା ଓ ସାହିତ୍ୟର ମର୍ଯ୍ୟାଦା ରକ୍ଷା କରିବା ଦିଗରେ ମାର୍ଗଦର୍ଶନ ଦେଇଥିଲେ। ପରେ ସଭାପତି ପୁରାଣର ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ଛାତ୍ରୀଛାତ୍ରମାନଙ୍କୁ ନୀତି, କର୍ତ୍ତବ୍ୟ, ସଂସ୍କାର ଓ ମୂଲ୍ୟବୋଧ ସମ୍ପର୍କରେ କହି ଭବିଷ୍ୟତରେ ଭଲ ମଣଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଶେଷରେ ଛାତ୍ର ଜିତେନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଗୁଡ଼ାରିର ୨ ଛାତ୍ରୀ



ଗୁଡ଼ାରି ସରକାରୀ ହାଇସ୍କୁଲର କ୍ରୀଡ଼ା ଶିକ୍ଷକଙ୍କ ସହ ନିଶ୍ରୀତା ଏବଂ ମାନସ୍ୱିନୀ।

ଗୁଡ଼ାରି, ୮।୧୦(ପ୍ରମୋଦ କୁମାର ପତି)

ଗୁଡ଼ାରି ସରକାରୀ ହାଇସ୍କୁଲର ଦଶମ ଶ୍ରେଣୀର ନିଶ୍ରୀତା ସାହୁ ଏବଂ ମାନସ୍ୱିନୀ ମାଳବିଶୋଇ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ହାସଲ କରିଛନ୍ତି। ରବିବାର ଜିସିଡି ଖେଳ ପଡିଆରେ ଅନୁଷ୍ଠିତ ୧୦୦ ମିଟର ଏବଂ ୪୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଯଥାକ୍ରମେ ନିଶ୍ରୀତା ଓ ମାନସ୍ୱିନୀ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରରେ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏ ନେଇ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ଗୁରୁ ସୂଚନା ଦେଇଛନ୍ତି। ଖବର ପ୍ରଚାର ହେବାପରେ ପ୍ରଧାନ ଶିକ୍ଷକ ରାଜ କିଶୋର ସାହୁ, ଶିକ୍ଷୟିତ୍ରୀ ଶିକ୍ଷକ ସହରର ୟୁଥ ଫର ଚେଞ୍ଜ ସଙ୍ଗଠନ ସଦସ୍ୟମାନେ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନଙ୍କ ସଫଳତା କାମନା କରିଛନ୍ତି।

# 'ନିଜେ ସଚେତନ ରହି ସୁରକ୍ଷିତ ରହିବା'

ପଦ୍ମପୁର, ୮।୧୦(ପ୍ରଶାନ୍ତ କର)

ପଦ୍ମପୁର ଅଞ୍ଚଳର ଯୁବଗୋଷ୍ଠୀ ମ୍ୟାଲେରିଆ, ଡେଙ୍ଗୁ, ଭଳି ମାରାତ୍ମକ ରୋଗରୁ କିପରି ମୁକ୍ତି ମିଳିବ ସେନେଇ ଲୋକଙ୍କୁ ସଚେତନ କରିଛନ୍ତି। ସମସ୍ତ ରୋଗର କାରଣ, ପ୍ରତିକାର ବିଷୟରେ ଲୋକଙ୍କୁ ସଚେତନ କରିବା ନେଇ ବିପଦର ବନ୍ଧୁ ଓଡ଼ିଶା ପଦ୍ମପୁର ଶାଖା ଆନୁକୂଲ୍ୟରେରେ ଏକ ସଚେତନ ଶୋଭାଯାତ୍ରା କରାଯାଇଛି।

ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏହି ସଚେତନା ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ, ମୁଖ୍ୟ ବଜାର ଦେଇ ସୁନାରି ଘାଇ ଛକ ପର୍ଯ୍ୟନ୍ତ ଯାଇଥିଲା। ଡେଙ୍ଗୁର କାରଣ, ପ୍ରତିକାର ବିଷୟରେ ଲୋକଙ୍କୁ ସ୍ଲୋଗାନ, ଲିଫ୍‌ଲେଟ ବଣ୍ଟନ କରି ସଚେତନ କରାଯାଇଛି। ପରିବେଶକୁ ପରିଷ୍କାର ରଖିବାକୁ ସେମାନେ ଅନୁରୋଧ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ବିପଦର ବନ୍ଧୁର ସମସ୍ତ ସଦସ୍ୟ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ତ କର୍ମଚାରୀ, ଅଭ୍ୟାସ ଟେକ୍ନୋ ବିଦ୍ୟାଳୟ, ଆର୍ଯ୍ୟନ୍ ଇଂରାଜୀ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପଦ୍ମପୁର ଥାନା କର୍ମଚାରୀ ସାମିଲ ହୋଇଥିଲେ। ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପରିବେଶକୁ ସ୍ୱଚ୍ଛ ରଖିବା, ନିଜେ ସଚେତନ ରହି ସୁରକ୍ଷିତ ରହିବା ନିମନ୍ତେ ଏକ ଶପଥ ପାଠ କରାଯାଇଛି। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିପଦର ବନ୍ଧୁ ପଦ୍ମପୁର ଶାଖାର ସୁଶାନ୍ତ ସାହୁ, କିଶୋର ରାଓ, ସମୀର ସାହୁ, ପି. ଶ୍ରୀନୁ, ସୁନୀଲ ଆଚାରୀ, ରଶ୍ମିରଞ୍ଜନ ସାହୁ, ଓ.ଡି. ମୁରଲୀ, ଅକ୍ଷୟ ପଣ୍ଡାଙ୍କ ସହ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପବ୍ଲିକ ହେଲ୍‌ଥ ଅଫିସର ସବିରା ରାଇକା, ଫର୍ମାସିଷ୍ଟ ମନୋଜ ସୁବୁଦ୍ଧି ଓ ମଶା ରୋଗ ନିୟନ୍ତ୍ରକ ଅଫିସର ଜୟଦେବ ଲାମୁଲିପୁରୀ ଉପସ୍ଥିତ ଥିଲେ।





ଯୁବଗୋଷ୍ଠୀ ଶୋଭାଯାତ୍ରାରେ ଯାଇ ସଚେତନତା ବାର୍ତ୍ତା ଦେଉଛନ୍ତି।

# ପୁଣି ଆନ୍ଦୋଳନ କରିବାକୁ ଅମଲାଙ୍କ ବୈଠକ

ରାୟଗଡ଼ା, ୮।୧୦(ଭାଗ୍ୟଶ୍ରୀ ମିଶ୍ର)

ଅମଲାମାନଙ୍କର ରହିଥିବା ୪୨୦୦ ଗ୍ରେଡ୍ ପେ ଦାବି ପୂରଣ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଯିବାରୁ ରବିବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ରାୟଗଡ଼ା ଶାଖା ସଦସ୍ୟମାନେ ଏକ ବୈଠକ କରିଥିଲେ। ରାୟଗଡ଼ା ଜିଲା ଶାଖା ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କୃଷି କାର୍ଯ୍ୟାଳୟରେ ଥିବା ଅମଲା ସଂଘ ପାଠାଗାରରେ କରାଯାଇଛି। ଜିଲାସ୍ତରୀୟ ଅମଲାଙ୍କ ଗୋଟିଏ ମାତ୍ର ଦାବି ପୂରଣ କରିବାରେ ରାଜ୍ୟ ସରକାର ଉଦାସୀନତା ଦେଖାଉଛନ୍ତି କହି ଉପସ୍ଥିତ ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନକୁ ପୁନର୍ବାର ଆରମ୍ଭ କରିବାକୁ ରାଜ୍ୟ ସଂଘ ଉପରେ ଚାପ ସୃଷ୍ଟି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆବାହକ ଚିତ୍ତରଞ୍ଜନ ମହାପାତ୍ର ଏବଂ ଅମଲା ସଂଘ ସମ୍ପାଦକ ଗୋପୀନାଥ ରାଉତଙ୍କ ସହ ଅନ୍ୟ ସଦସ୍ୟମାନେ

**୪ମାସ ପରେ ବି ପୂରଣ ହେଲାନି ଦାବି**

ଉପସ୍ଥିତ ଥିଲେ। ପ୍ରକାଶ ଯେ, ଓଡିଶା ଅମଲା ସଂଘ, ଓଡିଶା ରାଜସ୍ୱ ଅମଲା ସଂଘ, ଓଡିଶା ଟ୍ରେଜେରୀ ଅମଲା ସଂଘ ଏବଂ ଓଡ଼ିଶା ନିବନ୍ଧକ ଅମଲା ସଂଘଙ୍କୁ ନେଇ ମିଳିତ ମଞ୍ଚ ଗଠନ କରାଯାଇଛି। ଗତ ଏପ୍ରିଲ ୨୨ରେ ଜିଲାସ୍ତରୀୟ ମିଳିତ ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳମାନଙ୍କୁ ଦାବି ଦିଆଯାଇଛି। ମେ ୧ରେ ମଧ୍ୟ ରାଜ୍ୟ ସଂଘ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବାରୁ ମେ ୨୨ରୁ ୩୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିଥିଲେ। ୧ ଜୁନରୁ ୧୭ ଜୁନ ପର୍ଯ୍ୟନ୍ତ ସମୂହ ଛୁଟିରେ ଥିଲେ। ଦାବି ପୂରଣ କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଜୁନ ୧୮ରେ ମିଳିତ ଅମଲା ମଞ୍ଚର ଆନ୍ଦୋଳନ ସ୍ଥଗିତ ଥିଲା।





ନବରଙ୍ଗପୁର ଓ ରାୟଗଡ଼ାରେ ହୋଇଥିବା ବୈଠକରେ ମଞ୍ଚାସୀନ ଅମଲାମାନେ।

# ପୁରାତନ ଶୈବପୀଠର ନୂତନ ମନ୍ଦିର ପାଇଁ ଶୁଭ

ରାୟଗଡ଼ା,୮।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଏକ ପୁରାତନ ଶିବ ମନ୍ଦିର ବାଲୁଙ୍କେଶ୍ୱର ଶୈବ ପୀଠରେ ନୂତନ ମନ୍ଦିର ନିର୍ମାଣ ଶୁଭ ପଡ଼ିଛି। ପୁରୁଣା ମନ୍ଦିର ଭାଙ୍ଗି ନୂତନ ଭାବରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବ। ରାଜ୍ୟ ସରକାର ଏଥିପାଇଁ ୨୦ ଲକ୍ଷ ଟଙ୍କା ସହାୟତା ରାଶୀ ପ୍ରଦାନ କରିଛନ୍ତି। ତେବେ ମନ୍ଦିର ନିର୍ମାଣ ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ହେବ। ବଳକା ଟଙ୍କା ଭକ୍ତଙ୍କଠାରୁ ଆଦାୟ ହେବ। ନିର୍ମାଣ କାର୍ଯ୍ୟ ପାଇଁ କମିଟି ଗଠନ କରାଯାଇଛି। ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ପରେ ନୂତନ ମନ୍ଦିର ନିର୍ମାଣ ଶୁଭ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ପ୍ରଦୀପ ରଣା, କମିଟି ସଭାପତି ସୁନୀଲ ପଣ୍ଡା, ରଞ୍ଜନ ରଥ, ପ୍ରଶାନ୍ତ ତ୍ରିପାଠୀ, ଗୋପ ରଞ୍ଜନ ବକ୍ସିପାତ୍ର, ସତ୍ୟବାଦୀ ପତି, ବ୍ରଜ କିଶୋର ଦାସ ଓ ଆପନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ଚାଲାଣ ନେଇ ବଜରଙ୍ଗ ଦଳର ଥାନାରେ ଦାବିପତ୍ର

ରାୟଗଡା,୮।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲା ବିଶ୍ୱହିନ୍ଦୁ ପରିଷଦର ବଜରଙ୍ଗ ଦଳ ସଂଯୋଜକ ଇ. ଶକ୍ତି ଧରଣ ଗୋରୁ ମାଫିଆଙ୍କଠାରୁ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାଙ୍କ ସୁରକ୍ଷା ପାଇଁ ଚାନ୍ଦିଲି ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ଏହାର ନକଲ ଜିଲାପାଳ,ଏସ୍‌ପି ଓ ରାୟଗଡା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ବଜରଙ୍ଗ ଦଳକୁ ପୋଲିସ ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି।

ଗତ ୭ ତାରିଖ ମଧ୍ୟ ରାତିରେ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାମାନେ ରାୟଗଡା ସହର ସାଇ ଇଣ୍ଟରନ୍ୟାସନାଲ ଛକରେ ୩ ଟି ବେଆଇନ ଗୋରୁ ଚାଲାଣ ଗାଡି ଜବତ କରିଥିଲେ। ସେଥିରୁ ୨ଟି ଗାଡିର ନମ୍ବର ( ଓଡ଼ି ୦୮ ୟୁ ୯୮୯୪ ଓ ଓଡି ୧୮କେ ୬୫୦୦)। ଗାଡି ଭିତରେ ୨୪ ରୁ ୩୦

**ଗୋରୁ ଚାଲାଣ ମାଫିଆଠୁ ସୁରକ୍ଷା ଦାବି କରିଛି ବଜରଙ୍ଗ ଦଳ**

ଗୋରୁ ଥିଲେ। ସେଠାରେ ସେହି ୩ଗାଡିକୁ ପାଟ୍ରୋଲିଂ କରୁଥିବା ପୋଲିସଙ୍କ ଜିମା ଦେଇଥିଲେ। ଏହି ଘଟଣାକୁ ଆଧାର କରି ଶନିବାର ସକାଳେ ୫୦ ରୁ ୬୦ ଗୋରୁ ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ସିଙ୍ଗାପୁର ରେଲୱେ ଷ୍ଟେଶନ ନିକଟରେ ଥିବା ମାନସ ରଞ୍ଜନ ଦାସଙ୍କ ଘରକୁ ଘେରାଉ କରିଥିଲେ। ସେଠାରେ ଗୋରୁ ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ମାନସଙ୍କ ବାପାଙ୍କ ଅନୁପସ୍ଥିତିରେ ତାଙ୍କୁ ଗାଳିଗୁଲଜ କରି ମାନସଙ୍କୁ ଏସବୁ କାମରୁ ନିବୃତ ରହିବା ପାଇଁ କହିଥିଲେ। ଭାଜପା ବରିଷ୍ଠ ନେତା ବସନ୍ତ କୁମାର ଉଲ୍ଲକାଙ୍କ ହସ୍ତକ୍ଷେପ ପରେ ଘେରାଓ ଲୋକମାନେ ସେଠାରୁ ଫେରିଥିଲେ। ଆଗାମୀ ଦିନରେ ଜୀବନ ପ୍ରତି ବିପଦ ଥିବା ଭାବି ବଜରଙ୍ଗ ଦଳ ଏକ ଦାବିପତ୍ର ଥାନାରେ ଦେଇଛନ୍ତି। ଗୋରୁଥିବା ଗାଡି ଜବତ ଏବଂ ମାନସଙ୍କ ଘର ଘେରାଓ କରିବା ବିଷୟରେ ଅଧିକ ଜାଣିବା ପାଇଁ ରାୟଗଡା ଓ ଚାନ୍ଦିଲି ଥାନା ସହ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଉଭୟ ଥାନାରୁ କୌଣସି ଉତ୍ତର ମିଳିଲା ନାହିଁ। ଭାଜପା ନେତା ବସନ୍ତ ଉଲ୍ଲକା କହିଛନ୍ତି, ଆଗାମୀ ଦିନରେ ବେଆଇନ ଗୋଚାଲାଣ ଦିଗରେ ରାୟଗଡା ଭାଜପା ମଧ୍ୟ ବଜରଙ୍ଗ ଦଳକୁ ସମର୍ଥନ ଦେଇ ଏହାକୁ ରୋକ୍ ଲଗାଇବାରେ ପ୍ରୟାସ କରିବ । ଏନେଇ ଚାନ୍ଦିଲି ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନାହିଁ । ଏନେଇ ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ସଂକ୍ଷେପରେ

### ମାଥାଲପୁଟରେ ଆୟୁଷ୍ମାନ ଭବ ସ୍ୱାସ୍ଥ୍ୟମେଳା

## ୩୧୬ ରୋଗୀ ପାଇଲେ ସ୍ୱାସ୍ଥ୍ୟସେବା

ଦାମନଯୋଡ଼ି,୮।୧୦(ରାଧାନ୍ତ ବ୍ରହ୍ମା)

କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର 'ଆୟୁଷ୍ମାନ୍ ଭବ ଅଭିଯାନରେ ଏକ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି। ଏଥିରେ ଓପିଡିରେ ବିନା ମୂଲ୍ୟରେ ରୋଗ ଚିହ୍ନଟ ଓ ଔଷଧ ବିତରଣ, ଟେଲି ପରାମର୍ଶ ସେବା, ଅଣ ସଂକ୍ରାମକ ରୋଗ ଚିହ୍ନଟ,ଯୋଗ, ଆରୋଗ୍ୟ ଅଧିବେଶନ, ଆଭା ଆଇଡି ତିଆରି ଓ ସ୍ୱାସ୍ଥ୍ୟସେବା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ଆଖପାଖ ଅଞ୍ଚଳରୁ ୩୧୬ ରୋଗୀ ସ୍ୱାସ୍ଥ୍ୟମେଳାରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ ଟପ୍ପୋଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସ୍ୱାସ୍ଥ୍ୟମେଳାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା.ଅର୍ପିକା ଅପରାଜିତା ବେହେରା, ଡା.ଜ୍ଞାନରଞ୍ଜନ ବିଷୋୟୀ, ଡା.ଶିବାଶିଷ ମିଶ୍ର, ଡା.ମାର୍ଶାଲିନ ବିଶ୍ୱାଳ ଓ ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ରୋଗୀ ଚିକିତ୍ସା କରିଥିଲେ। ଭାରପ୍ରାପ୍ତ ପିଏଚ୍ଇଓ ମକର ଜାନି, ସୁପରଭାଇଜର ରାଧିକା ସୋରେନ, ବିଡିଏମ୍ ରାଜେନ୍ଦ୍ର ବେହେରା, ଫାର୍ମାସିଷ୍ଟ ଗଣେଶ ବେହେରା, ମାନସ ସ୍ୱାଇଁ ଓ ଚିନ୍ମୟୀ ଆଚାର୍ଯ୍ୟଙ୍କ ସହିତ ଅନ୍ୟମାନେ ଉପସ୍ଥିତ ରହି ବିଭିନ୍ନ ସେବା ଯୋଗାଇଥିଲେ। ମୀନ ସାଉନ୍ତା, ଅଭିରାମ ଜାନି, ଓ ଆଶାକର୍ମୀମାନେ ସହଯୋଗ କରିଥିଲେ। ପ୍ରତି ସୋମବାର ଓପିଡିରେ ଏହି ମେଳା ଅନୁଷ୍ଠିତ ହେବ ବୋଲି ଡାକ୍ତର ଟପ୍ପୋ କହିଛନ୍ତି।

### ବେଟି ବଚାଓ ବେଟି ପଢାଓ ପୁରସ୍କାର ବିତରଣ ଉତ୍ସବ

## ଖୋ ଖୋ ପ୍ରତିଯୋଗିତାରେ ଦଶମନ୍ତପୁର ଚାମ୍ପିୟନ, ପଟ୍ଟାଙ୍ଗି ବ୍ଲକ ରନର୍ସଅପ୍

କୋରାପୁଟ,୮।୧୦(ଅମିତାଭ ବେହେରା)

କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଜିଲାର ୧୨ଟି ବ୍ଲକର ବାଳିକା ଖୋ ଖୋ ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଦଶମନ୍ତପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ ପଟ୍ଟାଙ୍ଗି ବ୍ଲକ ରନର୍ସଅପ୍ ହୋଇ ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ବାଳିକାମାନଙ୍କୁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଗାୟତ୍ରୀ ପାତ୍ର, ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ଭୀମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟ ଅତିଥିଙ୍କ ମଧ୍ୟରେ ଉପ ଜିଲାପାଳ ବେଣୁଧର ଶବର,ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଏକେ ନାୟକ, ଜିଲା ଶାରୀରିକ କ୍ରୀଡା ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିତ ଅମଲା ମଞ୍ଚର ଜିଲାସ୍ତରୀୟ ସାଧାରଣ ପରିଷଦ ବୈଠକ

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)


ବୈଠକରେ ଯୋଗଦେଇଥିବା ଅମଲା ଓ ଖବରଦାତାମାନେ ।

ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ, ମାଲକାନଗିରି ଶାଖାର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଓ ଖବରଦାତା ସମ୍ମିଳନୀ ଆବାହକ ଶ୍ୟାମସୁନ୍ଦର ନାୟକଙ୍କ ଆହ୍ୱାନ କ୍ରମେ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମିଳିତ ଅମଲା ମଞ୍ଚର ସମସ୍ତ କର୍ମକର୍ତ୍ତା, ସଦସ୍ୟମାନଙ୍କ ସହ ଅମଲା ସଂଘ ସମ୍ପାଦକ ଲକ୍ଷ୍ମୀଧର ଦାସ, ରାଜସ୍ୱ ଅମଲା ସଂଘ ସଭାପତି ସି.ଏଚ୍.ପି. କ୍ରିଷ୍ଣା ରାଓ, ସମ୍ପାଦକ ଦିଲୀପ କୁମାର ନାୟକ, ମିଳିତ ଅମଲା ମଞ୍ଚ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି, ମିଡିଆ ସେକ୍ରେଟାରି ସୁକାନ୍ତ କୁମାର ସାହୁ ଓ ସନ୍ତୋଷ କୁମାର ସେନାପତିଙ୍କ ସମେତ ଅମଲା ସଂଘ, ରାଜସ୍ୱ ଅମଲା ସଂଘ, ଟ୍ରେଜେରି ଅମଲା ସଂଘ, ସବ୍ ରେଜିଷ୍ଟ୍ରାର ଅମଲା ସଂଘର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଅମଲା ଉପସ୍ଥିତ ଥିଲେ। ଜିଲାସ୍ତରୀୟ ଅମଲାମାନଙ୍କର ଏକମାତ୍ର ନ୍ୟାଯ୍ୟ ଦାବି ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ମୂଳ ଦରମା ୯୩୦୦ ସହିତ ୪୨୦୦ ଗ୍ରେଡ୍‌ପେ ପ୍ରଦାନ ଓ ଲେଭେଲ ୯ରେ ଦରମା ନିର୍ଦ୍ଧାରଣ କରିବା ପାଇଁ ଜୁନ୍ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡିଶାର ୩୦ ଜିଲାରେ କାର୍ଯ୍ୟରତ ୩୦ ହଜାରରୁ ଊର୍ଦ୍ଧ୍ୱ ଅମଲା ସମୂହ ଛୁଟିରେ ରହି ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଜାରି ରଖିଥିଲେ। ମାତ୍ର ଜୁନ୍ ୧୭ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅମଲାମାନଙ୍କ ଦାବି ଯୁକ୍ତିଯୁକ୍ତ ଦାବି ବୋଲି ଉପଲବ୍ଧି କରିବା ସହିତ ଏହା ଶୀଘ୍ର ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ତାଙ୍କ ଅନୁରୋଧ କ୍ରମେ ୧୭ଦିନର ସମୂହ ଛୁଟି ପୂରଣ ହେବା ପର୍ଯ୍ୟନ୍ତ ସ୍ଥଗିତ ରଖା ଯାଇଥିଲା। ମାତ୍ର ଇତି ମଧ୍ୟରେ ପ୍ରାୟ ୪ ମାସ ବିତିଥିଲେ ସୁଦ୍ଧା କମିଟି ଗଠନ କରି ସରକାର ବର୍ତ୍ତମାନ ନୀରବ ରହିଛନ୍ତି। ଦାବି ପୂରଣ ନିମନ୍ତେ କୌଣସି ପଦକ୍ଷେପ ନେଉ ନାହାନ୍ତି।

ଫଳରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ ପରବର୍ତ୍ତୀ କାର୍ଯ୍ୟପନ୍ଥା ନର୍ଦ୍ଧାରଣ କରିବା ପାଇଁ ଏହି ଜରୁରୀ ସାଧାରଣ ବୈଠକ ଓ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବହୁ ସାମ୍ବାଦିକ ଉପସ୍ଥିତ ଥିବାରୁ ସମସ୍ତଙ୍କୁ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ, ମାଲକାନଗିରି ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଅମଲାମାନଙ୍କର ଦାବି ସରକାର ଯଥାଶୀଘ୍ର ପୂରଣ ନ କଲେ ରାଜ୍ୟ ବ୍ୟାପୀ ଅନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ମା ମାଉଲି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ଫାଇନାଲରେ ୧–୦ ଗୋଲରେ ଗୁମ୍ମା ବିଜୟୀ


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ।

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ପୋନାରଗୁଡା ଗ୍ରାମରେ ସେପ୍ଟେମ୍ବର ୩୦ରେ ଜିଲାର ବିଭିନ୍ନ ଅଞ୍ଚଳର ୮ଟି ଟିମ୍‌କୁ ନେଇ ଅନୁଷ୍ଠିତ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ତଥା ବିଜେଡି ସଭାପତି ମାନସ ମାଡକାମୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ ଗୁମ୍ମା ଓ କୁପାରଲିଙ୍ଗା (ପୋନାରଗୁଡା) ମଧ୍ୟରେ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ । ଶେଷରେ ପେନାଲ୍ଟି ଗୁମ୍ମା ୧–୦ ଗୋଲରେ ବିଜୟୀ ହୋଇ ଅତିଥିମାନଙ୍କଠାରୁ ୩୧ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଗ୍ରହଣ କରିଥିଲେ। ସେହିପରି ରନର୍ସ ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ରେଫରି ସତବୀର ସିଂ ପରିଚାଳନା କରିଥିଲେ। ପ୍ରତିଯୋଗିତା ଦେଖିବା ପାଇଁ ଆଖପାଖ ଅଞ୍ଚଳର ୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ।

# ୪ମାସ ପରେ ପୂରଣ ହେଲାନି ଅମଲାଙ୍କ ଦାବି

ନବରଙ୍ଗପୁର, ୮।୧୦(ସଦାଶିବ ପ୍ରହରାଜ)

**ଆନ୍ଦୋଳନ ପାଇଁ ବସିଲା ବୈଠକ**

ଅମଲାମାନଙ୍କର ରହିଥିବା ୪୨୦୦ ଗ୍ରେଡ୍ ପେ ଦାବି ପୂରଣ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଯିବାରୁ ରବିବାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ନବରଙ୍ଗପୁର ଶାଖା ସଦସ୍ୟମାନେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ବୈଠକ କରିଥିଲେ। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକ କରାଯାଇଛି। ଜିଲାସ୍ତରୀୟ ଅମଲାଙ୍କ ଗୋଟିଏ ମାତ୍ର ଦାବି ପୂରଣ କରିବାରେ ରାଜ୍ୟ ସରକାର ଉଦାସୀନତା ଦେଖାଉଛନ୍ତି କହି ଉପସ୍ଥିତ ସଭ୍ୟାସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନକୁ ପୁନର୍ବାର ଆରମ୍ଭ କରିବାକୁ ରାଜ୍ୟ ସଂଘ ଉପରେ ଚାପ ସୃଷ୍ଟି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆବାହକ ଏମ୍. ବାଲାକ୍ରିଷ୍ଣା, ଦିଲ୍ଲୀପ କୁମାର ଆଚାର୍ଯ୍ୟ, ବଳି ଭଦ୍ରା, ବିଦ୍ୟାଜନ ପଟ୍ଟନାୟକ, ସ୍ପନ୍ଦନ ରାଉତ, ପଦଲାମ ଭଦ୍ରା, ଆଶୁତୋଷ ମହାନ୍ତି, ବାଳକୃଷ୍ଣ ମିଶ୍ର, ନୀଳମାଧବ ରଥ, ୟାସାର ଅଲ୍ଲୀ, ରାମଚନ୍ଦ୍ର ରଘୁ ମଣ୍ଡଳ, ଧନୁର୍ଜୟ ମାଝି, ରାଜେନ୍ଦ୍ର ନାଥ, ହନୁ ଦୁଲାରି, ସୁଶାନ୍ତ ନାୟକ, ଶ୍ରୀକାନ୍ତ ଶତପଥୀ, ସୀତାରାମ ବେହେରା, ଦେବାଶିଷ ସୁଆର, ନୀଳାଚଳ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଯେ, ଓଡିଶା ଅମଲା ସଂଘ, ଓଡିଶା ରାଜସ୍ୱ ଅମଲା ସଂଘ, ଓଡିଶା ଟ୍ରେଜେରୀ ଅମଲା ସଂଘ ଏବଂ ଓଡ଼ିଶା ନିବନ୍ଧକ ଅମଲା ସଂଘଙ୍କୁ ନେଇ ମିଳିତ ମଞ୍ଚ ଗଠନ କରାଯାଇଛି। ଗତ ଏପ୍ରିଲ ୨୨ରେ ଜିଲାସ୍ତରୀୟ ମିଳିତ ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳମାନଙ୍କୁ ଦାବି ଦିଆଯାଇଛି। ମେ ୧ରେ ମଧ ରାଜ୍ୟ ସଂଘ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବାରୁ ମେ ୨୨ରୁ ୩୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିଥିଲେ। ୧ ଜୁନରୁ ୧୭ ଜୁନ ପର୍ଯ୍ୟନ୍ତ ସମୂହ ଛୁଟିରେ ଥିଲେ। ଦାବି ପୂରଣ କରିବା ନେଇ ପ୍ରତିଶ୍ରୁତି ମିଳିବା ପରେ ଜୁନ ୧୮ରେ ମିଳିତ ଅମଲା ମଞ୍ଚର ଆନ୍ଦୋଳନ ସ୍ଥଗିତ ଥିଲା।


ନବରଙ୍ଗପୁର ଓ ରାୟଗଡ଼ାରେ ହୋଇଥିବା ବୈଠକରେ ମଞ୍ଚାସୀନ ଅମଲାମାନେ।

## ଜିଲାସ୍ତରୀୟ ବିଦ୍ୟୁତ୍ ପରିଷଦ ଆଲୋଚନାଚକ୍ର

କୋରାପୁଟ,୮।୧୦(ଅମିତାଭ ବେହେରା)

ଶିକ୍ଷା ବିକାଶ ସମିତି ଓଡିଶା ଯୋଜନା ମୁତାବକ କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲାସ୍ତରୀୟ ବିଦ୍ୟୁତ୍ ପରିଷଦର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଇଗ୍ନୋର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରାନ୍ତ ବିଦ୍ୟୁତ୍ ପରିଷଦ ସଂଯୋଜକ ଅଶ୍ୱିନ ନାୟକ, କୋରାପୁଟ ସହ ବିଭାଗ ନିରୀକ୍ଷକ ମାଧବ ଶତପଥୀ, ଫୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ, ଦକ୍ଷିଣ ସମ୍ଭାଗ ବିଦ୍ୟୁତ୍ ପରିଷଦ ସମ୍ପାଦକ ସୁରଥ ଡାକୁଆ,କୋରାପୁଟ ଶିଶୁ ମନ୍ଦିର ସଭାପତି କାମାକ୍ଷୀ ପ୍ରସାଦ ପାଢୀ,ସମ୍ପାଦକ ପ୍ରଭାତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ଚକ୍ରରେ ଭାରତର ସଂସ୍କୃତି ଓ ପରମ୍ପରା କିପରି ବଜାୟ ରହିବ ସେ ନେଇ ଅତିଥିମାନେ ନିଜ ମତ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ତଥା ରବି ଶତପଥୀ, ଜଳଧର ସ୍ୱାଇଁ,ରମେଶ ସାହୁ,ପ୍ରଭାତ ମହାପାତ୍ର,ସୌମେନ୍ଦ୍ର ସ୍ୱାଇଁ, ଆଇଆରବି ବାଟାଲିୟନ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ରଞ୍ଜନ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଗୁରୁମା ଗୁରୁଜୀ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ବାଲିମେଳା,୮।୧୦(ଶିବଦତ୍ତ ସାହୁ)

**କାରଣ ଅସ୍ପଷ୍ଟ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିମିଟାପାଲ୍ଲୀ ପଞ୍ଚାୟତ ଏମ୍‌ଭି–୧୨୦ ଗ୍ରାମରେ ଶନିବାର ରାତିରେ ଜଣେ ଯୁବତୀ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଏହି ଗ୍ରାମରେ ରହୁଥିବା ସ୍ୱର୍ଗତ ବିଧାନ ଦାସଙ୍କ ଝିଅ ବର୍ଣ୍ଣିତା(୧୮) ଶନିବାର ରାତିରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ କକା ବିକାଶ ଦାସ ଓର୍କେଲ ଥାନାରେ ଏତଲା ଦେଇଥିଲେ। ଏଥିରେ ଉଲ୍ଲେଖ ରହିଛି, ଶନିବାର ଝିଆରି ବର୍ଣ୍ଣିତା ଓ ଭାଉଜ ଲୀଳା ତାଙ୍କ ଘରେ ଥିଲେ। ରାତିରେ ହଠାତ ଭାଉଜଙ୍କ ଚିତ୍କାର ଶୁଣି ଆମେ ଉଠି ଦେଖିଲା ବେଳକୁ ଝିଅ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏତଲାକୁ ଭିତ୍ତି କରି ଥାନାରେ ଏକ ଅପମୃତ୍ୟୁ ମାମଲା ନମ୍ବର ୨୩/୨୩ ରୁଜୁ କରାଯାଇଛି। ଥାନା ଅଧିକାରୀ ଧୀରେନ ପଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସ୍‌ଆଇ ମିନାକ୍ଷୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଯୁବତୀଙ୍କ ମୃତଦେହ ଜବତ କରିଥିଲେ। ନବରଙ୍ଗପୁରରୁ ସହକାରୀ ସାଇଣ୍ଟିଫିକ୍ ଅଫିସର ତ୍ରିଭୁଜ ମହାଲିଙ୍ଗଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପୋଲିସ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଜଣାପଡ଼ିଛି।

# ସୀମାନ୍ତରେ ଜଣେ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ପୋଲିସ ନିକଟରେ ଜଣେ ମାଓବାଦୀ ଶନିବାର ଆତ୍ମ ସମର୍ପଣ କରିଛନ୍ତି। ସେ ହେଲେ ଡିଏମ୍‌କେ ସଦସ୍ୟ ହିଡମା ମଣ୍ଡାଭି ।

ସୂଚନା ଅନୁଯାୟୀ, ଦାନ୍ତେୱାଡା ପୋଲିସ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ କମଳ ଲୋଚନ୍ କଶ୍ୟପ, ପୋଲିସ୍ ଅଧୀକ୍ଷକ ଗୌରବ ରାୟ ଏବଂ ସିଆରପିଏଫ ଡିଜି ବିକାଶ କ୍ୟାଥେରିଆଙ୍କ ଉପସ୍ଥିତିରେ ମାଓବାଦୀ ସଙ୍ଗଠନର ଡିଏମ୍‌କେ ସଦସ୍ୟ ହିଡମା ଆତ୍ମ ସମର୍ପଣ କରିଛନ୍ତି। ଏହି ମାଓବାଦୀ ମୁଖ୍ୟତଃ ରାସ୍ତା କାଟିବା, ଆମ୍ବୁସ୍ ଲଗାଇବା, ବୋମା ଖଞ୍ଜିବା ଭଳି ଅନେକ କାର୍ଯ୍ୟ କରୁଥିଲେ। ମାଓବାଦୀ ସଙ୍ଗଠନ ନିଜର ନୀତି ଆଦର୍ଶ ରଖୁ ନ ଥିବା, ପୋଲିସ ପକ୍ଷରୁ ମାଓବାଦୀ ଗଡ ଭାଙ୍ଗିବା ଓ ଘର ୱାପାସ୍ ଆୟେ ଯୋଜନାରେ ହିଡମା ଆତ୍ମ ସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି ।



ଆତ୍ମସମର୍ପଣ କରିଥିବା ହିଡମା ମଣ୍ଡାଭି ।

# ସଚେତନତାରାରେ ସହାୟକ ହେବ ସ୍ୱାସ୍ଥ୍ୟ ପ୍ରଦର୍ଶନୀ

**ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ**

କୋରାପୁଟ, ୮।୧୦(ଅମିତାଭ ବେହେରା)


ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଏଲ୍‌ଟି କମ୍ପ୍ଲେକ୍ସଠାରେ ୨ଦିନିଆ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଆରମ୍ଭ ହୋଇଛି । ମେଡିକାଲ କଲେଜର ଛାତ୍ରୀଛାତ୍ରଙ୍କ ସହଯୋଗରେ ହେଉଥିବା ଏହି ସ୍ୱାସ୍ଥ୍ୟ ପ୍ରଦର୍ଶନୀକୁ ଡିନ୍ ଡାକ୍ତର ସଦାନନ୍ଦ ରଥ ଉଦ୍‌ଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଡାକ୍ତର ରଥ ଆଶା ପ୍ରକାଶ କରିଥିଲେ। ପ୍ରଦର୍ଶନୀରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୮୫ଟି ସ୍ୱାସ୍ଥ୍ୟଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରାଯାଇଛି । ସ୍ୱାସ୍ଥ୍ୟ ଉନ୍ନତି ବିଭିନ୍ନ ଔଷଧର ଆବଶ୍ୟକତା ନେଇ ମେଡିକାଲ କଲେଜର ଆନାଟୋମି, ବାଇଓକେମେଷ୍ଟ୍ରି, ଫାର୍ମାଲୋଜି, ପାଥୋଲୋଜି, ଫୋରେନ୍‌ସିକ ମେଡିସିନ, ଟକ୍ସିକୋଲୋଜି ଔଷଧ ଆଦିର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ଏହି ପ୍ରଦର୍ଶନୀର ଲକ୍ଷ୍ୟ। କୋରାପୁଟ ସରକାରୀ ମହାବିଦ୍ୟାଳୟ, ଜବାହରଲାଲ ନବୋଦୟ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ କଲେଜ ଅଫ୍ ନର୍ସିଂ, ଶ୍ରୀ ରାମକୃଷ୍ଣ ବିଦ୍ୟାମନ୍ଦିର, ପୋଲିସ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରଦର୍ଶନୀ ବୁଲି ଦେଖିଛନ୍ତି। ପ୍ରଦର୍ଶନୀକୁ ପ୍ରଫେସର ସୁଶାନ୍ତ ସାହୁଙ୍କ ସମେତ ମେଡିକାଲ କଲେଜର ବିଭିନ୍ନ ବିଭାଗର ମୁଖ୍ୟ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଛାତ୍ର ୟୁନିୟନ ସଭାପତି ମନଜିତ ଭୋଇ, ଉପସଭାପତି ଅମରେନ୍ଦ୍ର ସିଂ ଶେଖାୱତ, ସମ୍ପାଦକ ଆଦିତ୍ୟ ସେଠୀ, ଯୁଗ୍ମ ସମ୍ପାଦକ ମଦନ ମୋହନ ପାତ୍ର, ଏକାଡେମିକ ସମ୍ପାଦକ ଅଙ୍କିତ ବେହେରା, କୋ ଏକାଡେମିକ ସମ୍ପାଦକ ପ୍ରିୟା ପ୍ରଶସ୍ତି ପ୍ରମୁଖ ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିଲେ ।

# ଖାଉଟି ଅଦାଲତରେ ଆର୍‌ଟିଓ, ଏଚ୍‌ଡିଏଫ୍‌ସି ଇର୍‌ଗୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଦଣ୍ଡିତ

ମାଲକାନଗିରି, ୮।୧୦
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖାଉଟି ଅଦାଲତରେ ଆରଟିଓ ଏବଂ ଏଚ୍‌ଡିଏଫ୍‌ସି ଇରଗୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଦଣ୍ଡିତ ହୋଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରିର ଶୁଭ୍ରାଂଶୁ ଶେଖର ସାମଲ ମହିନ୍ଦ୍ରା କମ୍ପାନୀର ଗୋଟିଏ ଟ୍ରାକ୍ଟର ଓ ଟ୍ରଲି ରଖିଥିଲେ। ସେ ଏଚ୍‌ଡିଏଫସି ଇରଗୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଡିସେମ୍ବର ୨୦୨୦ରୁ ଡିସେମ୍ବର ୨୦୨୧ ଏକ ବର୍ଷ ପର୍ଯ୍ୟନ୍ତ ଟ୍ରାକ୍ଟର ପାଇଁ ୬,୮୪୭ ଓ ଟ୍ରଲି ପାଇଁ ୨,୩୪୧ ଟଙ୍କା ବୀମା ରାଶି ପୈଠ କରି ବୀମା କରିଥିଲେ। କିନ୍ତୁ ଶୁଭ୍ରାଂଶୁ ସେହି ଟ୍ରାକ୍ଟର ଓ ଟ୍ରଲିକୁ ମୋଦି ଚାଲାଣ ନାମକ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ବିକ୍ରି ପରେ ଗାଡି ମାଲିକାନା ପରିବର୍ତ୍ତନ ପାଇଁ ମାଲକାନଗିରି ଆରଟିଓଙ୍କ ନିକଟରେ ଆବେଦନ କରି ୭୮୮ ଟଙ୍କା ଜମା କରିଥିଲେ। କିନ୍ତୁ ଗାଡିର ମାଲିକାନା ପରିବର୍ତ୍ତନ ହୋଇପାରିଲା ନାହିଁ। ତେଣୁ ଶୁଭ୍ରାଂଶୁ ମାଲକାନଗିରି ଜିଲା ଖାଉଟି ବିବାଦ ସମାଧାନ ଆୟୋଗର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏନେଇ ଖାଉଟି ଅଦାଲତରେ ମାମଲା ରୁଜୁ ହୋଇଥିଲା। ଦୁଇ ପକ୍ଷଙ୍କ ଶୁଣାଣି କରି ମାଲକାନଗିରି ଖାଉଟି ଅଦାଲତଙ୍କ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଦସ୍ୟା ସଲମା ବାନୋ ଏହି ମାମଲାର ରାୟ ଶୁଣାଇଛନ୍ତି। କ୍ଷତିପୂରଣ ବାବଦରେ ଉଭୟେ ୧୦ ହଜାର ଟଙ୍କା ଲେଖାଏ ଏବଂ ମକଦ୍ଦମା ଖର୍ଚ୍ଚ ବାବଦରେ ୨ ହଜାର ଟଙ୍କା ଲେଖାଏ ମୋଟ ୨୪ ହଜାର ଟଙ୍କା ପ୍ରଦାନ କରିବେ। ଗାଡ଼ି ମାଲିକାନା ବଦଳାଇବାକୁ ଆରଟିଓଙ୍କୁ ନିର୍ଦ୍ଦେଶ ଦେବା ସହ ବୀମା କମ୍ପାନୀକୁ ଆବଶ୍ୟକ ସହଯୋଗ କରିବା ପାଇଁ କୁହାଯାଇଛି। ଏହି ଆଦେଶ ୩୦ ଦିନ ମଧ୍ୟରେ କାର୍ଯ୍ୟକାରୀ ନ କଲେ ପ୍ରତ୍ୟେକଙ୍କଠାରୁ ବର୍ଷକୁ ୧୨ ପ୍ରତିଶତ ସୁଧ ହାରରେ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## କାର୍‌ରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ଚାନ୍ଦିପୁଟ,୮।୧୦(କେ. ପ୍ରମୋଦ କୁମାର ଦୋରା)

ଚାନ୍ଦିପୁଟ ହାଟପଦାଠାରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଓ ବୁଲେଟରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗ୍ରାମର ରାଜେଶ୍ୱରୀ ପାଇକ ଏବଂ ତାଙ୍କ ପିଲା ଓ ଜଣେ ସମ୍ପର୍କୀୟ ମହିଳା ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧୧ଟାରେ ବାରଣ୍ଡାରେ ନିଆଁ ଓ ଧୁଆଁ ବାହାରୁଥିବା ଦେଖିଥିଲେ। ସେମାନେ ଭୟରେ ବାରିପଟ ଦେଇ ବାହାରକୁ ଚାଲି ଆସିଥିଲେ। କେହି ଜଣେ ବ୍ୟକ୍ତି ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗି ଏକ କାର, ସ୍କୁଟି ଓ ଏକ ବୁଲେଟ୍ ସହ ଘରର କବାଟ ଝରକା ପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ରାଜେଶ୍ୱରୀ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୧୫୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ସାଇବର ସୁରକ୍ଷା ୱାକାଥନ, ବାଇକ୍ ଶୋଭାଯାତ୍ରା

ମାଲକାନଗିରି,୮।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟରେ ରବିବାର ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅଂଶ ସ୍ୱରୂପ ୱାକାଥନ ଓ ବାଇକ୍ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୱାକାଥନ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ବାହାରି ଡିଏନ୍‌କେ ଛକ, ପୁରୁଣା ମେଡିକାଲ ଛକ ଦେଇ ମାଲକାନଗିରି ମହାବିଦ୍ୟାଳୟ ଦେଇ ପୁଣି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆସି ପହଞ୍ଚିଥିଲା। ଏହାପରେ ବାଇକ୍ ଶୋଭା ଯାତ୍ରା ବାହାରି ସହର ପରିକ୍ରମାକରି ଲୋକଙ୍କୁ ସାଇବର ଅପରାଧ ନେଇ ସଚେତନତା ସୃଷ୍ଟି କରିଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ଦେବବର ପ୍ରଧାନ, ଅନ୍ୟତମ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଜିଲା ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ, ତହସିଲଦାର ସଞ୍ଜିର ସାହା ଯୋଗଦେଇ ଏହି ୱାକାଥନ ରାଲିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ ଓ ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ।


ୱାକାଥନ୍‌ରେ ଭାଗ ନେଇଥିବା ବିଭିନ୍ନ ବର୍ଗର ଲୋକେ ।

# ପାର୍ବଣ ପୂର୍ବରୁ ସୁନା ବଜାରରେ ଉତ୍ସାହ

■ଖସୁଛି ମୂଲ୍ୟ
■ନୂଆ କଲେକ୍ସନ
■ଆକର୍ଷଣୀୟ ଅଫର

ଭୁବନେଶ୍ୱର,୮।୧୦ (ଅଭୟ ଦାଶ)



ବିଗତ କିଛି ମାସ ପରେ ପୁଣି ଥରେ କ୍ରମାଗତ ଭାବେ ସୁନା ଦରରେ ହ୍ରାସ ଘଟୁଛି। ବିଶେଷକରି ଚଳିତ ବର୍ଷର ପାର୍ବଣ ପୂର୍ବରୁ ବଜାରରେ ସୁନା ମୂଲ୍ୟ ହ୍ରାସ ଯୋଗୁ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି, ଯାହାର ପ୍ରଭାବ କାରବାର ଉପରେ ପଡ଼ିଥିବାବେଳେ ଶୋ'ରୁମ୍‌ଗୁଡ଼ିକର ଭିତରୁ ତାହା ସ୍ପଷ୍ଟ ବାରି ହୋଇପଡୁଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସୁନା ବଜାରର ମୂଲ୍ୟ ଗତ ସପ୍ତାହ ମଧ୍ୟରେ ପ୍ରାୟ ୨୦୦୦ରୁ ୨୫୦୦ଟଙ୍କା ହ୍ରାସ ପାଇଥିବାବେଳେ ରବିବାର ଭୁବନେଶ୍ୱରରର ସୁନା ମୂଲ୍ୟ ୨୪ କ୍ୟାରେଟ ସୁନାର ଦର ୫୭,୯୮୧ ଟଙ୍କା, ୨୨ କ୍ୟାରେଟ ସୁନାର ମୂଲ୍ୟ ୫୩,୧୫୦ ଟଙ୍କା ରହିଥିବାବେଳେ ଅନ୍ୟାନ୍ୟ ସୁନା କ୍ୟାରେଟର ମୂଲ୍ୟ ୪୭,୦୦୦ ରୁ ୪୯,୦୦୦ ଟଙ୍କା ମଧ୍ୟରେ ରହିଛି। ସେହିଭଳି ରୁପା (ସିଲଭର) ଗହଣା ମୂଲ୍ୟ ପ୍ରାୟ ୭୧,୦୦୦ ଟଙ୍କା ରହିଥିବାବେଳେ ପ୍ଲାଟିନମ୍ ଅଳଙ୍କାର ମୂଲ୍ୟ ପ୍ରାୟ ୩୫,୦୦୦ ରୁ ୩୭,୦୦୦ ଟଙ୍କା ରହିଥିବା ସହରର ପ୍ରମୁଖ ଅଳଙ୍କାର ଶୋରୁମ୍‌ଗୁଡ଼ିକର ବରିଷ୍ଠ ଅଧିକାରୀମାନେ ସୂଚନା ଦେଇଛନ୍ତି। ଅପରପକ୍ଷରେ ହୀରା ଗହଣାର ମୂଲ୍ୟରେ ମଧ୍ୟ ବେଶ୍ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉଥିବାବେଳେ ହୀରା ସମେତ ଅନ୍ୟାନ୍ୟ ପ୍ରିମିୟମ ଗହଣା ଉପରେ ଆକର୍ଷଣୀୟ ଅଫର ଓ ରିହାତି ପ୍ରଦାନ କରାଯାଉଛି। ସେହିପରି ଆଗକୁ ପୂଜା କାରବାର (ପାର୍ବଣ ସେଲ୍ସ) ଓ ବିବାହ ଋତୁ ଆସୁଥିବାରୁ ଉଭୟ ରାଜ୍ୟ ଓ ଜାତୀୟସ୍ତରୀୟ ଅଳଙ୍କାର ବ୍ରାଣ୍ଡ (ଶୋ'ରୁମ)ଗୁଡ଼ିକ ନୂତନ କଲେକ୍ସନ ସାଙ୍ଗକୁ ଅଫର ଆଦି ସମ୍ପର୍କରେ ଘୋଷଣା କରୁଛନ୍ତି। ଫଳରେ ପାର୍ବଣ ପାଇଁ ପରିବାର ପରିଜନ ଓ ଅନ୍ୟ କାରଣ ଯୋଗୁ ମଧ୍ୟ ଗ୍ରାହକଙ୍କ ମନରେ ଉତ୍ସାହ ଦେଖାଦେଇଛି। ଅପରପକ୍ଷରେ ଗତ କିଛି ଦିନ ହେଲା ଇସ୍ରାଏଲ ଓ ଗାଜା ମଧ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ବଜାରରେ ଦର ବୃଦ୍ଧିର ଆଶଙ୍କା ଦେଖାଦେଇଛି। ଏପରିକି ନିବେଶକମାନେ ଷ୍ଟକ୍ ବଜାରରୁ ସେମାନଙ୍କର ନିବେଶ ପ୍ରତ୍ୟାହାର କରି ସୁନାରେ ନିବେଶ କରିବାକୁ ଆଗ୍ରହ ଦେଖାଇଲେଣି। କାରଣ ସୁନାରେ ସୁରକ୍ଷିତ ନିବେଶ କରିବାର ସମ୍ଭାବନା ଥିବାରୁ ସୁନାର ଚାହିଦା ବୃଦ୍ଧି ପାଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ଗତ କିଛି ଦିନ ହେଲା ହ୍ରାସ ପାଉଥିବା ସୁନା ଦର ହଠାତ ବଢ଼ିବା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏଶନ୍ (ଆଇବିଜେଏ)ର ୱେବସାଇଟ୍ ସୂଚନା ଅନୁଯାୟୀ ବୁଲିଅନ୍ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୫୬,୫୩୯ ଟଙ୍କା ରହିଥିବାବେଳେ ୨୨କ୍ୟାରେଟ ସୁନା ମୂଲ୍ୟ ୫୧,୭୯୦ ଟଙ୍କା ଏବଂ ୧୮ କ୍ୟାରେଟ ସୁନା ମୂଲ୍ୟ ୪୨,୪୦୪ ଟଙ୍କା ଓ ରୁପା କିଲୋଗ୍ରାମ ପିଛା ୬୭,୦୯୫ ଟଙ୍କା ରହିଛି।

## ଡୁରିଆନ୍‌ର ଗ୍ରାଣ୍ଡ୍ ଫେଷ୍ଟିଭ ଅଫର

ଭୁବନେଶ୍ୱର,୮।୧୦




ଦେଶର ପ୍ରମୁଖ ଫର୍ନିଚର ବ୍ରାଣ୍ଡ୍ ଡୁରିଆନ୍‌ର ବହୁ ପ୍ରତୀକ୍ଷିତ 'ଗ୍ରାଣ୍ଡ୍ ଫେଷ୍ଟିଭ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି କେତେକ ସ୍ୱତନ୍ତ୍ର ସାମଗ୍ରୀ ଉପରେ ଫ୍ଲାଟ୍ ୫୦%ର ରିହାତି ଅଫର ଦିଆଯାଉଛି। ଏହା ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ୍ (କମ୍ପାନୀ) ପକ୍ଷରୁ କୁହାଯାଇଛି। ଏପରିକି ଚଳିତ ବର୍ଷର ପାର୍ବଣ ପୂର୍ବରୁ ବ୍ରାଣ୍ଡର ମେଗା ସେଲ୍ ଉଭୟ ବ୍ରାଣ୍ଡ୍ ଓ ବ୍ୟବସାୟ ପାଇଁ ବେଶ୍ ଉତ୍ସାହଜନକ ରହିଥିଲା। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ଡୁରିଆନ୍‌ର ସମସ୍ତ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ସହ ରିହାତି ସୁବିଧା ଓ ୫ବର୍ଷର ୱାରେଣ୍ଟି ଭଳି ସୁବିଧା ପାଉଛନ୍ତି। ସେହିଭଳି ଡୁରିଆନ୍‌ର ସମସ୍ତ ଉତ୍ପାଦ ମେଡ୍ ଇନ୍ ଇଣ୍ଡିଆ ହୋଇଥିବାବେଳେ ଗ୍ରାହକଙ୍କୁ ଗୁଣାତ୍ମକ ମାନର ପ୍ରିମିୟମ ପ୍ରଡକ୍ଟ ଯୋଗାଇ ଦିଆଯାଇଥାଏ। ଉଲ୍ଲେଖଯୋଗ୍ୟ, ଡରୁଆନ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଭୁବନେଶ୍ୱରର ପଟିଆ ( ନନ୍ଦନକାନ ରୋଡ୍ ହରିୟାଣ ହ୍ୟାଣ୍ଡଲୁମ୍ ସମ୍ମୁଖ) ଏବଂ ସାମନ୍ତରାୟପୁର ଠାରେ ରହିଛି। ସୂଚନାଯୋଗ୍ୟ, ଏଠାରେ ଡୁରିଆନ୍‌ର ସୋଫା,ବେଡ୍, ଚେୟାର, ଟେବୁଲ ସହ ଲିଭିଂ ରୁମ୍, ବେଡ୍ ରୁମ୍ ଏବଂ ଅଫିସ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ଫର୍ନିଚର ଉପଲବ୍ଧ।

## ଲୁଇସ ଫିଲିପ୍‌ର ଲକ୍‌ଜୁରିୟସ ସ୍ନିକର ରେଞ୍ଜ

ଭୁବନେଶ୍ୱର, ୮।୧୦




ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ ରିଟେଲ ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ୍ ଲୁଇ ଫିଲିପ୍‌ର ନୂତନ ଉତ୍ପାଦ ତଥା ଲକ୍‌ଜୁରିୟସ୍ ସ୍ନିକର ରେଞ୍ଜର ଶୁଭାରମ୍ଭ ସହ ଲୁଇ ଫିଲିପ୍ ଉତ୍ପାଦ ପୋର୍ଟଫୋଲିଓର ସମ୍ପ୍ରସାରଣ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ସ୍ନିକର୍ସଗୁଡ଼ିକ ଷ୍ଟାଇଲ୍, ଆରାମ ଓ ସୋଫିଷ୍ଟିକେଶନର ନୂତନ ପରିଭାଷା ସୃଷ୍ଟି କରିଛି ଓ ଏହାକୁ ସ୍ୱତନ୍ତ୍ର ଭାବେ କସ୍‌ମୋପଲିଟାନ୍ ଓ ଫ୍ୟାଶନ ପ୍ରତି ରୁଚି ରହୁଥିବା ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଲୁଇ ଫିଲିପ୍ ସ୍ନିକର୍ସ ଫୁଟ୍‌ୱେର ଫ୍ୟାଶନରେ ଏକ ନୂତନ ଯୁଗର ଶୁଭାରମ୍ଭ କରିଛି। ଏହା ସହ ଏଥିରେ ଉନ୍ନତ କାରିଗରି ସହିତ ଆଧୁନିକ ଡିଜାଇନ ଓ ଟେକ୍‌ନୋଲୋଜିର ମଧ୍ୟ ବ୍ୟବହାର କରାଯାଇଛି। ଏ ସମ୍ପର୍କରେ ଲୁଇ ଫିଲିପ୍‌ର ସିଓଓ ଫରିଦା କାଲିୟଦାନ୍ କହିଛନ୍ତି, ଆମର ଉତ୍ପାଦ ପୋର୍ଟଫୋଲିଓରେ ଏହି ନୂତନ ଯୋଗ ସହ ଆମେ ଆମର ଗ୍ରାହକମାନଙ୍କ ପାଇଁ ପରିବର୍ତ୍ତିତ ଫ୍ୟାଶନ ପସନ୍ଦର ଚାହିଦାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛୁ, ଯଦ୍ୱାରା ସେମାନେ ଷ୍ଟାଇଲ୍,ଆରାମ ଓ କାରିଗରିର ଏକ ଅତୁଳନୀୟ ସମାହାର ଲାଭ କରିପାରିବେ। ଆମେ ଆମର ଲକ୍‌ଜୁରିୟସ୍ ସ୍ନିକର ରେଞ୍ଜକୁ ଶୁଭାରମ୍ଭକରି ଅତ୍ୟନ୍ତ ଆନନ୍ଦିତ । ଯେଉଁଥିରେ ଅତୁଳନୀୟ ବ୍ରାଣ୍ଡ୍‌ର ଟାଇମଲେସ୍ ସୋଫିଷ୍ଟିକେଶନ ଓ ଅତୁଳନୀୟ କ୍ୱାଲିଟି ରହିଛି। ସ୍ନିକରର ପ୍ରତି ଉପାଦାନ, ପ୍ରିମିୟମ ସାମଗ୍ରୀଠାରୁ ଆରମ୍ଭ କରି ଅତୁଳନୀୟ ଷ୍ଟିଚିଂ ଆଦିକୁ ଉତ୍କୃଷ୍ଟ ଭାବେ ପ୍ରସ୍ତୁତ କରାଯାଇଛି, ଯାହାକି ଆମର ଗ୍ରାହକଙ୍କୁ ଏକ ଲକ୍‌ଜୁରିର ଭାବନା ପ୍ରଦାନ କରିବ।

## ଲୋକାଭିମୁଖୀ ହେବ 'ମିଶନ୍ ଜିରୋ ହଙ୍ଗର'

ଭୁବନେଶ୍ୱର, ୮।୧୦

ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର (ଜେଏସ୍‌ପି)ର ସାମାଜିକ ସଙ୍ଗଠନ ଜେଏସ୍‌ପି ଫାଉଣ୍ଡେଶନର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ 'ମିଶନ୍ ଜିରୋ ହଙ୍ଗର'କୁ ବ୍ୟାପକ ଓ ଲୋକାଭିମୁଖୀ କରିବାକୁ ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ କ୍ଷୁଧାମୁକ୍ତ ଭାରତ ଲକ୍ଷ୍ୟକୁ ହାସଲ କରିବା ପାଇଁ ଫାଉଣ୍ଡେଶନ ତା'ର ମିଶନ୍‌କୁ ବ୍ୟାପକ କରିବାକୁ ଯୋଜନା ପ୍ରସ୍ତୁତ କରିଛି। ଉଲ୍ଲେଖଯୋଗ୍ୟ, କ୍ଷୁଧାମୁକ୍ତ ଦେଶ ଗଠନ ଉଦ୍ଦେଶ୍ୟରେ ଜିନ୍ଦଲ ଲୋକ ସଭାରେ ଏକ ବେସରକାରୀ ବିଧେୟକ ଉପସ୍ଥାପାନା କରିଥିଲେ। ସେହିଭଳି ଜେଏସପି ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପ୍ରତିବର୍ଷ ସାରା ଭାରତରେ ୫୦ ଲକ୍ଷରୁ ଅଧିକ ଖାଦ୍ୟ ବଣ୍ଟନ କରାଯାଉଛି। ବର୍ତ୍ତମାନ ଏହାକୁ ୧ କୋଟିରେ ପହଞ୍ଚାଇବାର ମହତ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଗରିବ ଏବଂ ସାମାଜିକ ଭାବେ ଦୁର୍ବଳ ସମୁଦାୟ, ପୁଷ୍ଟିହୀନ ଶିଶୁ, ଗର୍ଭବତୀ ଏବଂ ରକ୍ତହୀନ ମହିଳା, ପ୍ରବାସୀ ଶ୍ରମିକ ଏବଂ ଅନ୍ୟାନ୍ୟ ଅବହେଳିତ ଗୋଷ୍ଠୀଙ୍କ ପାଇଁ ଖାଦ୍ୟ ସୁରକ୍ଷା ଏବଂ ମୌଳିକ ପୋଷଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ବିଶେଷକରି ସମଗ୍ର ଭାରତରେ ଗରିବ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ଏବଂ ଶୁଖିଲା ରାଶନ ଯୋଗାଇବାରେ ଏହା ବେଶ୍ ସହାୟକ ହୋଇଛି। ସେହିପରି ଫାଉଣ୍ଡେଶନ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ରାଜ୍ୟ ଏବଂ ଧୀରେ ଧୀରେ ଭାରତର ଅନ୍ୟ ରାଜ୍ୟର କୋଣ ଅନୁକୋଣରେ କ୍ଷୁଧା ଓ କୁପୋଷଣ ଦୂର କରିବା ପାଇଁ ମିଶନ ଜିରୋ ହଙ୍ଗର ଯୋଜନା କାର୍ଯ୍ୟକାରୀ କରିବାକୁ ଶାଲୁ ଆଗ୍ରହ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିବା ପାଇଁ ଜେଏସ୍‌ପି ଫାଉଣ୍ଡେଶନ ସକ୍ରିୟ ଭାବେ ସମଭାବାପନ୍ନ ଏନଜିଓ, ବୃତ୍ତିଗତ ଏଜେନ୍ସି, ନାଗରିକ ସମାଜର ସହଯୋଗ ଓ ସହାୟତା ଚାହୁଁଛି। ଯେଉଁ ଆଶାୟୀ ଏଜେନ୍ସିଗୁଡ଼ିକୁ (rfp@jsplfoundation.com) ଇମେଲ୍ ମାଧ୍ୟମରେ ଫାଉଣ୍ଡେଶନ ସହ ଯୋଗାଯୋଗ କରି କିମ୍ବା (www.jspfoundation.co.in) ଫାଉଣ୍ଡେଶନର ୱେବ୍‌ସାଇଟକୁ ଯାଇ ଯୋଗାଯୋଗ କରିବାକୁ ଆମନ୍ତ୍ରଣ କରାଯାଇଛି। ବିଶେଷକରି ଜେଏସ୍‌ପି ଫାଉଣ୍ଡେଶନର ୱେବ୍‌ସାଇଟରେ ଆରଏଫ୍‌ପି (ରିକ୍ୱେଷ୍ଟ ଫର୍ ପ୍ରପୋଜାଲ) ଆପ୍ଲିକେଶନର ଫର୍ମାଟ ସହିତ ଅପଲୋଡ୍ କରାଯାଇଛି।


ଶାଲୁ ଜିନ୍ଦଲ

## ଏସ୍‌ବିଆଇର ନୂତନ ଅଭିଯାନ

ଭୁବନେଶ୍ୱର, ୮।୧୦

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଏସ୍‌ବିଆଇ)ର ନୂତନ ଅଭିଯାନ 'ମୋବାଇଲ ହାଣ୍ଡ୍‌ହେଲ୍‌ଡ ଡିଭାଇସ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ବ୍ୟାଙ୍କିଙ୍ଗ୍ ସେବାକୁ ଲୋକମାନଙ୍କ ପାଖରେ ସୁବିଧାରେ ପହଞ୍ଚାଇବା ଲାଗି ଏଭଳି ଏକ ଅଭିଯାନର ଅୟମାରମ୍ଭ ହୋଇଯାଇଛି। ଏପରିକି ବ୍ୟାଙ୍କର ଏଫଆଇ ଗ୍ରାହକମାନଙ୍କ ଲାଗି ଉକ୍ତ ମୋବାଇଲ୍ ହାଣ୍ଡ୍‌ହେଲ୍‌ଡ ଡିଭାଇସ୍‌ର ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଏସ୍‌ବିଆଇ ଚେୟାରମ୍ୟାନ ଦିନେଶ ଖାରା କହିଛନ୍ତି, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଭିଳାଷ ପୂରଣ କରିବା ପାଇଁ ସମାଜର ସବୁବର୍ଗ ବିଶେଷକରି ବ୍ୟାଙ୍କ ପହଞ୍ଚ ନ ଥିବା ସ୍ଥାନରେ ବ୍ୟାଙ୍କ ସେବାକୁ ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ। ମୋବାଇଲ୍ ହାଣ୍ଡ୍‌ହେଲ୍‌ଡ ଡିଭାଇସ୍‌ର ଶୁଭାରମ୍ଭ ସହ ଗ୍ରାହକମାନେ ସେମାନଙ୍କ ଅଞ୍ଚଳରେ ରହି ଏକ ନିରବଚ୍ଛିନ୍ନ ବ୍ୟାଙ୍କ କାରବାର ଅନୁଭୂତି ହାସଲ କରିପାରିବେ। ଗ୍ରାହକମାନଙ୍କ ପାଖରେ ବ୍ୟାଙ୍କ ସେବା ସୁବିଧାରେ ପହଞ୍ଚାଇବାକୁ ପ୍ରୟାସ ଜାରି ରହିବ। ଏହି ପ୍ରଯୁକ୍ତି ପ୍ରେରିତ ଅଭିଯାନ ଡିଜିଟାଇଜେଶନ ଜରିଆରେ ସାମାଜିକ କଲ୍ୟାଣ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସଶକ୍ତ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରୁଛି। ଅପରପକ୍ଷରେ ଉକ୍ତ ଅଭିଯାନକୁ ଖାରା ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି,ଯାହା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସଶକ୍ତ କରିବ ଏବଂ ଲୋକଙ୍କ ପାଖରେ ଆବଶ୍ୟକ ବ୍ୟାଙ୍କ ସେବା ପହଞ୍ଚାଇବ।




ଫୁର୍‌ସତ୍

# ବିଶ୍ୱାସର ସାଥୀ ଡାକଘର

ଆଜିର ଦିନରେ ୧୯୨ ସଭ୍ୟ ରାଷ୍ଟ୍ର ଥିବା ଜାତିସଂଘର ଦ୍ୱିତୀୟ ସର୍ବପୁରାତନ ସଂସ୍ଥା ୟୁନିଭର୍ସାଲ ପୋଷ୍ଟାଲ ୟୁନିୟନ ବା 'ବିଶ୍ୱ ଡାକ ସଂଘ' ୯ ଅକ୍ଟୋବର ୧୮୭୪ରେ ପ୍ରତିଷ୍ଠିତ ଯାହାର ମୁଖ୍ୟାଳୟ ସୁଇଜରଲାଣ୍ଡର ରାଜଧାନୀ ବର୍ନଠାରେ ଅବସ୍ଥିତ। ବିଶ୍ୱ ଡାକ କଂଗ୍ରେସର ୧୯୬୯ ଟୋକିଓ ଘୋଷଣାନାମା ଅନୁଯାୟୀ ବିଶ୍ୱ ଡାକ ସଂଘର ପ୍ରତିଷ୍ଠା ଦିବସ ୯ ଅକ୍ଟୋବରକୁ ଏହି ସଭ୍ୟ ରାଷ୍ଟ୍ରମାନେ 'ବିଶ୍ୱ ଡାକ ଦିବସ' ଭାବେ ପାଳନ କରିଥାନ୍ତି। ଭାରତୀୟ ଡାକ ପ୍ରତିବର୍ଷ ୯ ଅକ୍ଟୋବରରୁ ଏକ ସପ୍ତାହ ବ୍ୟାପୀ ଜାତୀୟ ଡାକ ସପ୍ତାହ ପାଳନ କରେ। ଭାରତୀୟ ଡାକ ବିଭାଗ ଏବର୍ଷ ୧୦ରୁ ୧୩ ଅକ୍ଟୋବରକୁ ଯଥାକ୍ରମେ ବିତ୍ତୀୟ ସଶକ୍ତୀକରଣ ଦିବସ, ଫିଲାଟେଲି ଦିବସ, ମେଲ୍ ଓ ପାର୍ସଲ ଦିବସ ଏବଂ ଅନ୍ତ୍ୟୋଦୟ ଦିବସ ଭାବରେ ପାଳନ କରୁଛି। ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଗାଁର ଶାଖା ଡାକଘରୁ ଡାକ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଏବଂ ମଣ୍ଡଳ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ ଡାକ ବିଭାଗ ଯୋଗାଇଦେଉଥିବା ଡାକଘର ସ୍ୱଳ୍ପ ସଞ୍ଚୟ ଯୋଜନା, ଡାକ ଜୀବନ ବୀମା, ବିଭିନ୍ନ ଲାଭଦାୟକ ଓ ଡିଜିଟାଲ ସେବା ଉପରେ ଜନ ସଚେତନତା ସୃଷ୍ଟି କରି ଡାକ ସେବାକୁ ଅଧିକ ଲୋକାଭିମୁଖୀ କରେଇବା ବିଶ୍ୱ ଡାକ ଦିବସ ଓ ଜାତୀୟ ଡାକ ସପ୍ତାହର ମୂଳ ଲକ୍ଷ୍ୟ।

୨୦୨୩ ବିଶ୍ୱ ଡାକ ଦିବସର ବିଷୟବସ୍ତୁ ହେଉଛି, "ବିଶ୍ୱାସ ପାଇଁ ସାଥିରେ, ସୁରକ୍ଷିତ ଓ ସଂଯୁକ୍ତ ଭବିଷ୍ୟତ ଲାଗି ସହଯୋଗିତା"। କହିବା ବାହୁଲ୍ୟ ଯେ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ, ବ୍ୟବସାୟିକ, ସାମାଜିକ, ଅର୍ଥନୈତିକ ଓ ଡିଜିଟାଲ ସେବାର ଉପଲବ୍ଧ କରାଇ ଡାକଘର ସଂଯୋଗଶୀଳ, ସମନ୍ୱିତ ଓ ସଂଯୁକ୍ତ ସମ୍ପ୍ରଦାୟ ପାଇଁ ଏକ ଆବଶ୍ୟକ କେନ୍ଦ୍ର ହିସାବରେ କାମ କରେ। ବିଶେଷ ଭାବେ ଅପହଞ୍ଚ ଅଞ୍ଚଳରେ ଏହା ଏକମାତ୍ର ଜନସେବା ପ୍ରଦାନକାରୀ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବନାହିଁ। ପିଢ଼ି ପରେ ପିଢ଼ି ଡାକ କର୍ମଚାରୀମାନେ ଦୈନିକ ଦୁଆରେ ଦୁଆରେ ସେବା ପ୍ରଦାନ କରି ଜନସାଧାରଣଙ୍କର ଚିର ପରିଚିତ ତଥା ବିଶ୍ୱାସଯୋଗ୍ୟ ବନ୍ଧୁ ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଶ୍ୱବାସୀଙ୍କର ଏହି ବିଶ୍ୱାସ ଓ ଭରସା ହିଁ ଶତାବ୍ଦୀ ଶତାବ୍ଦୀ ଧରି ଡାକଘରର ସଫଳତାର ମୂଳମନ୍ତ୍ର ହୋଇରହିଛି। ଆଜିର ଦିନରେ ବିଶ୍ୱର ୬.୫ ଲକ୍ଷ ଡାକଘରର ୫୦ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ଖବର, ଚିଠି, ଉପହାର, ଅର୍ଥ, ଔଷଧପତ୍ର ଓ ଅନେକ ଅତ୍ୟାବଶ୍ୟକ ଦ୍ରବ୍ୟ ଦେଣନେଣ କରି ସୁରକ୍ଷା ଓ ନିରାପତ୍ତାର ଦୃଢ଼ ପ୍ରତିଶ୍ରୁତି ବଳରେ ବିଶ୍ୱବାସୀଙ୍କର ବିଶ୍ୱାସଭାଜନ ହୋଇପାରିଛନ୍ତି। ଉଭୟ କର୍ମଚାରୀ ଓ ସେବା ସମୂହର ସୁରକ୍ଷା ଓ ନିରାପତ୍ତା ପାଇଁ ଭାରତୀୟ ଡାକ ସହ ବିଶ୍ୱର ସମସ୍ତ ଡାକ ସଂସ୍ଥା ନିରବଚ୍ଛିନ୍ନ ଭାବେ କାର୍ଯ୍ୟରତ। ବିଶେଷ ଭାବେ, ଯୁଦ୍ଧ ଓ ମହାମାରୀ ଭଳି ଆକସ୍ମିକ ବିପତ୍ତି ସମୟରେ ବିଶ୍ୱର ସମସ୍ତ ଡାକ ସଂସ୍ଥାର କର୍ମଚାରୀମାନେ ସର୍ବାଗ୍ରେ ସହଯୋଗର ହାତ ବଢ଼ାଇଥା'ନ୍ତି। ସମୁଦ୍ର ପତ୍ତନଠାରୁ ୪୪୪୦ ମିଟର ଉଚ୍ଚରେ ସିକିମ୍‌ଠାରେ ବିଶ୍ୱର ସର୍ବୋଚ୍ଚ ଡାକଘରଠାରୁ ପ୍ରଶାନ୍ତ ମହାସାଗରର ହାଇଡୱେରେ ବିଶ୍ୱର ପ୍ରଥମ ପାଣିତଳ ଡାକଘର ପର୍ଯ୍ୟନ୍ତ ଏବଂ ଚିର ବରଫାବୃତ୍ତ ଆଣ୍ଟାର୍କଟିକାର ପୋର୍ଟଲକରୁ ଶ୍ରୀନଗରର ଡାଲ୍ ହ୍ରଦରେ ଥିବା ଭାସମାନ ଡାକଘର ପର୍ଯ୍ୟନ୍ତ ସବୁ ଡାକଘର ସର୍ବତ୍ର କରୋନା ମହାମାରୀ ସମୟରେ ଅତ୍ୟନ୍ତ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଉଦାହରଣ ସ୍ୱରୂପ, ଆୟର୍ଲାଣ୍ଡ ଡାକ ବିଭାଗ ବୟସ୍କ ଓ ସଂକ୍ରମିତଙ୍କ ପରୀକ୍ଷଣ କରେଇ ପୋଷ୍ଟମ୍ୟାନମାନଙ୍କ ଜରିଆରେ ଔଷଧପତ୍ର ବିତରଣ କରିଥିଲା ବେଳେ ଟ୍ୟୁନିସିଆ ଡାକ ବିଭାଗ ପେନ୍‌ସନଭୋଗୀଙ୍କ ନିକଟରେ ସେମାନଙ୍କ ପେନ୍‌ସନ୍ ରାଶି ପହଞ୍ଚେଇଥିଲା। ଅଷ୍ଟ୍ରେଲିଆ, ଫିଲିପାଇନ୍ସ, ବାଂଲାଦେଶ ଡାକ ବିଭାଗ, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ କର୍ମୀ ଓ ଜନସମୁଦାୟଙ୍କ ପାଖରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ତଥା ବ୍ୟକ୍ତିଗତ ସୁରକ୍ଷା ଉପକରଣ ଓ କୋଭିଡ୍ ପରୀକ୍ଷଣ ସରଞ୍ଜାମ ପହଞ୍ଚେଇଥିଲା ବେଳେ କେନିଆ ଓ ଚେକୋସ୍ଲୋଭାକିଆ ଭଳି ରାଷ୍ଟ୍ରର ଡାକଘରଗୁଡ଼ିକ ଅପହଞ୍ଚ ଅଞ୍ଚଳର ଲୋକମାନଙ୍କୁ ଖାଦ୍ୟପଦାର୍ଥ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିଲେ। ଉଲ୍ଲେଖଯୋଗ୍ୟ ଯେ ୧.୫୯ ଲକ୍ଷ ଡାକଘର ସହ ୫ ଲକ୍ଷ କର୍ମଚାରୀଙ୍କୁ ନେଇ ସାଧାରଣ ସମୟରେ ଦିନକୁ ହାରାହାରି ୨୫ ହଜାର କିଲୋମିଟର ଯାତାୟାତ ସହ ୭୫ ଟନ୍‌ରୁ ଅଧିକ ଚିଠିପତ୍ର ଓ ପାର୍ସଲ ବାଣ୍ଟୁଥିବା ବିଶ୍ୱର ସର୍ବବୃହତ୍ ଡାକ ସଂସ୍ଥା ଭାରତୀୟ ଡାକ, ତାଲାବନ୍ଦର ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୨୦୦୦ ଟନ୍‌ରୁ ଅଧିକ ଓଜନର ଔଷଧପତ୍ର ଓ ସ୍ୱାସ୍ଥ୍ୟସେବା ଉପକରଣ ବିତରଣ କରିଥିଲା। ଖାଲି ସେତିକି ନୁହେଁ, ଡିଜିଟାଲ ସାମର୍ଥ୍ୟର ସୁଯୋଗ ନେଇ ବିଶ୍ୱର ଅଧିକାଂଶ ଡାକ ବିଭାଗ ଦୁଆରମୁହଁରେ ଟଙ୍କା ସହ ବିଭିନ୍ନ ସେବା ଯୋଗାଇଦେବାରେ ସକ୍ଷମ ହୋଇଛି। ମହାମାରୀ ସମୟରେ ଅହର୍ନିଶ ନିରବଚ୍ଛିନ୍ନ ସେବା ପ୍ରଦାନ କରି ବିଶ୍ୱର ପ୍ରତ୍ୟେକ ଡାକ ସଂସ୍ଥା ଜନମାନସରେ ସେମାନଙ୍କର ବିଶ୍ୱାସ ଓ ଭରସାକୁ ବହୁଗୁଣିତ କରିଛନ୍ତି।

ଜନସମୁଦାୟଙ୍କ ସହ ଡାକଘରର ଏହି ବିଶ୍ୱାସ ଓ ଭରସାଯୋଗ୍ୟ ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରି ଗଢ଼ିତୋଳିବା ଉଦ୍ଦେଶ୍ୟରେ ବିଶ୍ୱର ସମସ୍ତ ଡାକ ସଂସ୍ଥା ସେମାନଙ୍କର ବ୍ୟାପକ ଭୌତିକ ଡାକ ବ୍ୟବସ୍ଥାକୁ ଏକ ବିଶାଳ ଡିଜିଟାଲ କ୍ଷେତ୍ରରେ ରୂପାନ୍ତରଣ କରିବା ପାଇଁ ଅହରହ ଚେଷ୍ଟିତ। ପ୍ରତ୍ୟେକ ଦିନ ବିଶ୍ୱର ଅନ୍ୟୂନ ୮୦ କୋଟି ଲୋକଙ୍କ ପାଖରେ ନିରାପଦ ଓ ସୁରକ୍ଷିତ ଡାକସେବା ପହଞ୍ଚାଉଥିବା ୬.୫ ଲକ୍ଷ ଡାକଘର ମଧ୍ୟରୁ ପାଖାପାଖି ୧ଲକ୍ଷ ଡାକଘରେ ଆବଶ୍ୟକ ଇଣ୍ଟରନେଟ ସୁବିଧା ଉପଲବ୍ଧ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ଲୋକେ ଶାରୀରିକ ଓ ହସ୍ତକୃତ ସେବାରୁ ମୁହଁ ବୁଲେଇ ସୁରକ୍ଷିତ ଓ ନିରାପଦ ଡିଜିଟାଲ ସେବା ପ୍ରାପ୍ତି ପାଇଁ ବେଶି ତତ୍ପର। ତେଣୁ ସମ୍ପୂର୍ଣ୍ଣ ଡିଜିଟାଲ ରୂପାନ୍ତରଣ ପାଇଁ ବିଶ୍ୱ ଡାକ ସଂସ୍ଥା 'କନେକ୍ଟ ଡଟ୍ ପୋଷ୍ଟ' ଜରିଆରେ ୨୦୩୦ ସୁଦ୍ଧା ସମସ୍ତ ଡାକଘରକୁ ଇଣ୍ଟରନେଟ ସୁବିଧା ଉପଲବ୍ଧ କରେଇବା ପାଇଁ ପ୍ରୟାସ ଜାରି ରଖିଛି। କେବଳ ସେତିକି ନୁହେଁ, ବିଶ୍ୱର ସମସ୍ତ ଛୋଟ ବଡ଼ ଡାକ ସଂସ୍ଥା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ସୁହାଇଲା ଭଳି ସମସ୍ତ ଇ-କମର୍ସ, ଇ-ଗଭର୍ନମେଣ୍ଟ ଓ ଇ-ଫାଇନାନ୍ସ ସେବା କିଭଳି ଯୋଗାଇଦେବେ, ସେଥିପାଇଁ ମଧ୍ୟ ବିଶ୍ୱ ଡାକ ସଂସ୍ଥା କାର୍ଯ୍ୟରତ। ଏହି ପରିପ୍ରେକ୍ଷୀରେ ବିଶ୍ୱ ଡାକ ସଂସ୍ଥାର ୨୦୨୩ ବିଶ୍ୱ ଡାକ ଦିବସରେ 'ବିଶ୍ୱାସ ପାଇଁ ସାଥିରେ' ଡାକରା, ଡିଜିଟାଲ ରୂପାନ୍ତରଣ ପାଇଁ ଅକୁଣ୍ଠ ସହଯୋଗ ପ୍ରଦାନ କରି ସମସ୍ତ ଭୌତିକ ଡାକ ବ୍ୟବସ୍ଥାକୁ ଏକକ ଡିଜିଟାଲ ଡାକ କ୍ଷେତ୍ରରେ ପରିଣତ କରିବାକୁ ବିଶ୍ୱର ସମସ୍ତ ସରକାର ଓ ସେମାନଙ୍କର ଡାକ ସଂସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ।

-ବୃହସ୍ପତି ସାମଲ

'ବିଶ୍ୱ ଡାକ ଦିବସ'




## 'ସିଙ୍ଘମ୍ ଏଗେନ'ରେ ବେବୋ


ମୁମ୍ବାଇ

ବଲିଉଡ୍ ବେବୋ କରିନା କପୁର ବି-ଟାଉନର ଅନ୍ୟତମ ସଫଳ ଅଭିନେତ୍ରୀ। ସେ ବର୍ତ୍ତମାନ ତାଙ୍କ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରିଛନ୍ତି।ଯାହାକୁ ନେଇ ତାଙ୍କ ପ୍ରଶଂସକ ଖୁସି ବ୍ୟକ୍ତ କରିଛନ୍ତି। ଅଭିନେତ୍ରୀ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ କରିଛନ୍ତି। ଏନେଇ କରିନା ଶୁଟିଂ ସେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ସେ କ୍ୟାପ୍ସନରେ ଲେଖିଛନ୍ତି, 'ମୁଁ କାହା ପାଇଁ ଶୁଟିଂ କରୁଛି, କହିବା ଆବଶ୍ୟକ କି? ସେ ମୋର ପ୍ରିୟ ନିର୍ଦ୍ଦେଶକଙ୍କ ମଧ୍ୟରୁ ଜଣେ। ଏହା ତାଙ୍କର ସହିତ ମୋର ୪ର୍ଥ ଚଳଚ୍ଚିତ୍ର।' କରିନା ଶୁଟିଂ ପାଇଁ ହାଇଦ୍ରାବାଦ୍‌ରେ ଅଛନ୍ତି। କରିନାଙ୍କ ଏହି ପୋଷ୍ଟରୁ 'ସିଙ୍ଘମ୍ ଏଗେନ'ର ଶୁଟିଂ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଫିଲ୍ମରେ ଅଭିନେତ୍ରୀଙ୍କ ସହିତ ଦୀପିକା ପାଦୁକୋନ, ଅଭିନେତା ରଣବୀର ସିଂ, ଅକ୍ଷୟ କୁମାର ଅଜୟ ଦେବଗନ, ଭିକ୍କି କୌଶଲ, ଜ୍ୟାକି ଶ୍ରଫଙ୍କୁ ଏକାଠି ଦେଖିବାକୁ ମିଳିବ। କରିନା ୨୦୦୦ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ତାଙ୍କ ଅଭିନୟରେ ସମସ୍ତଙ୍କ ହୃଦୟରେ ଜାଗା କରିସାରିଛନ୍ତି। ଗତବର୍ଷ ତାଙ୍କୁ 'ଲାଲ ସିଂ ଚଢା'ରେ ଦେଖିବାକୁ ମିଳିଥିଲା। ପରେ ଗତ ସେପ୍ଟେମ୍ବରରେ ତାଙ୍କର ଫିଲ୍ମ 'ଜାନେ ଜାନ' ରିଲିଜ୍ ହୋଇଥିଲା।


କରିନା କପୁର ଖାନ୍

## ଅପରାଧୀଙ୍କୁ ସୁଧାରିଲେ ସହପାଠୀ ବିଚାରପତି

ନୂଆଦିଲ୍ଲୀ




ଆମେ ପ୍ରତିଦିନ ଅନେକ ଲୋକଙ୍କୁ ଭେଟୁ ଏବଂ ସମ୍ପର୍କ ବଢେ। ହେଲେ କିଛି ସମ୍ପର୍କ ଛୋଟବେଳୁ ସୀମିତ ହୋଇ ରହିଥାଏ। କିନ୍ତୁ ସେମାନଙ୍କ ସହ ସମ୍ପର୍କର ମୁହୂର୍ତ୍ତ ମନେ ରହିଥାଏ। ଯଦି ସେହି ସାଙ୍ଗ ସହିତ ବହୁତ ବର୍ଷ ପରେ ଦେଖାହୁଏ, ତେବେ ତାଙ୍କୁ ନିଶ୍ଚିତ ଚିହ୍ନି ହୁଏ। ନିକଟରେ ପିଲାଦିନର ଦୁଇ ସାଙ୍ଗଙ୍କ ସହିତ କିଛି ଏପରି ହୋଇଛି। ଆର୍ଥର ବୁଦ୍ଧ ଏବଂ ମାଇଁଡି ଗ୍ଲେଜର ପିଲାବେଳେ ଏକାଠି ପଢୁଥିଲେ। ଜଣେ ବଡ଼ ନ୍ୟୁରୋ ସର୍ଜନ ହେବା ଆର୍ଥରଙ୍କ ସ୍ୱପ୍ନ ଥିବାବେଳେ ମାଇଁଡି ଜଣେ ପ୍ରାଣୀ ଚିକିତ୍ସକ ହେବାକୁ ଚାହୁଁଥିଲେ। ହେଲେ ପରେ ସେ ଜଣେ ଜଜ୍ ହୋଇଗଲେ। ପିଲାଦିନ ପରଠାରୁ ଦୁହେଁ ଅଲଗା ହୋଇ ନିଜ ନିଜ ଭବିଷ୍ୟତ ଗଢିବାରେ ବ୍ୟସ୍ତ ରହିଲେ। ଏବେ ଦୁହିଁଙ୍କ ଦେଖାସାକ୍ଷାତ୍ ହୋଇଛି, ହେଲେ ଏପରି ଏକ ସ୍ଥାନରେ ତାହା ସମସ୍ତ ଆଶ୍ଚର୍ଯ୍ୟକର। ନିକଟରେ ଏକ କୋର୍ଟରୁମର ଭିଡିଓ ଭାଇରାଲ ହୋଇଛି। ଯେଉଁଠାରେ ଦୁଇ ସାଙ୍ଗଙ୍କ ଭେଟ ହୋଇଛି। କୋର୍ଟରେ ମାଇଁଡି ଜଜ୍ ଥିବାବେଳେ ଆର୍ଥର ତାଙ୍କ ସମ୍ମୁଖରେ ଜଣେ ଅପରାଧୀ ଭାବେ ଠିଆ ହୋଇଥିଲେ। ଆର୍ଥରଙ୍କୁ ଜୁଆ ଏବଂ ଡ୍ରଗ୍ସର ଅଭ୍ୟାସ ହୋଇଯାଇଥିଲା। ସେ ଅନେକ ଲୁଟପାଟରେ ମଧ୍ୟ ସାମିଲ ଥିଲେ। ତେବେ ଆର୍ଥରଙ୍କ ମାମଲା ଶୁଣାଣି ପାଇଁ ସେ କୋର୍ଟରେ ଉପସ୍ଥିତ ହୋଇଥିଲେ। ସେଠାରେ ଜଜ୍ ତଥା ମାଇଁଡି ଯେତେବେଳେ ତାଙ୍କ ପିଲାଦିନ ସ୍କୁଲର ନାଁ ନେଇ ପଚାରିଲେ, ତମେ ସେଇ ସ୍କୁଲରେ ପଢୁଥିଲ, ସେତେବେଳେ ଆର୍ଥର କାନ୍ଦିବାକୁ ଲାଗିଲେ। ସେ ପୂର୍ବରୁ ଅନେକ ଭୁଲ କାମ କରି ଜେଲ ଯାଇଥିବାବେଳେ ଏବେ ସେ ସେବୁରୁ ଦୂରରେ ଅଛନ୍ତି। ସେ ଏବେ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀରେ ମ୍ୟାନେଜର ଅଛନ୍ତି।

# ବାଦାମବାଡ଼ିରେ ହେବ ଅତ୍ୟାଧୁନିକ ବିଶ୍ୱନାଥ ପାଠାଗାର

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ କଟକର ପୁରୀ-ଅନୁଗୋଳ ବସଷ୍ଟାଣ୍ଡ ବାଦାମବାଡିଠାରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ୩୦ କୋଟି ୫୮ ଲକ୍ଷ ୩୧ ହଜାର ୧୦୦ ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଛନ୍ତି। ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କ କଟକ ଗସ୍ତ ସମୟରେ କଟକରେ ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ସ୍ମୃତିରେ ଏକ ଅତ୍ୟାଧୁନିକ ପାଠାଗାର ପ୍ରତିଷ୍ଠା ପାଇଁ ସ୍ଥାନୀୟବାସୀଙ୍କ ମତାମତକୁ ଗ୍ରହଣ କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହି ପାଠାଗାରରେ ଏକ ବଡ଼ ରିଡିଂ ହଲ୍ ରହିବ। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ ସେଠାରେ ପ୍ରସ୍ତୁତି କରିପାରିବେ। ସୂଚନାଯୋଗ୍ୟ, ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତ କଟକର ତଗରପଡ଼ାଠାରେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିବାରୁ ତାଙ୍କୁ କାରାବରଣ ଭୋଗିବାକୁ ପଡ଼ିଥିଲା। ଏହାପରେ ସେ ସମାଜବାଦୀ ଆନ୍ଦୋଳନରେ ଯୋଗଦେଇ ଦଳିତ, ଶ୍ରମିକ ଓ ମଜୁରମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ। ତାଙ୍କ ନାମରେ ପାଠାଗାର ପ୍ରତିଷ୍ଠା ହେବା ଦ୍ୱାରା ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ସହିତ ତାଙ୍କ ଅବଦାନ ସମ୍ପର୍କରେ ଜନସାଧାରଣ ଓ ଯୁବସମାଜ ଅବଗତ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆରସିଙ୍କ ରିପୋର୍ଟ ତଲବ

## ନାବାଳିକାଙ୍କୁ ନିର୍ଯାତନା ପ୍ରସଙ୍ଗ

କେନ୍ଦୁଝର,୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଘଟିଥିବା ଡ୍ରପ୍ ଆଉଟ ଶିଶୁ, ନାବାଳିକା, ନାବାଳିକା ମାନଙ୍କ ପ୍ରତି ନିର୍ଯାତନା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି) କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କୁ ରିପୋର୍ଟ ମାଗିଛନ୍ତି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଉଲ୍ଲେଖ ରହିଛି। ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ କେନ୍ଦୁଝର ଜିଲାରେ ଗରିବ ଆଦିବାସୀ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କ ଅଭିଯୋଗ କ୍ରମେ ଏଭଳି ରିପୋର୍ଟ ତଲବ ହୋଇଥିବା ଜଣାପଡ଼ିଛି।

# ଶିଶୁ ଏସ୍‌ଡିଜିରେ ଭାରତର ଅଗ୍ରଗତି ବିଶ୍ୱକୁ ପ୍ରଭାବିତ କରିବ: ୟୁନିସେଫ୍

ନୂଆଦିଲ୍ଲୀ,୮।୧୦(ପି.ଟି.)


କାଥେଲିନ୍ ଏମ୍. ରୁସେଲ୍

ବୈଶ୍ୱିକ ସ୍ତରରେ ଶିଶୁ ସମ୍ପର୍କିତ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଦୁଇ-ତୃତୀୟାଂଶ ବିଫଳ ହୋଇଛି। ଏଭଳି ସ୍ଥିତିରେ ଭାରତର ଅଗ୍ରଗତି ଲକ୍ଷ୍ୟ ହାସଲ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ୟୁନିସେଫ୍ ମୁଖ୍ୟ କାଥେଲିନ୍ ଏମ୍. ରୁସେଲ୍ କହିଛନ୍ତି। ଭାରତ ଦେଶର କେତେକ ଏସ୍‌ଡିଜି କ୍ଷେତ୍ରରେ ଅଗ୍ରଗତି କରେ, ଏହାର ପ୍ରଭାବ ଅବଶିଷ୍ଟ ବିଶ୍ୱ ଉପରେ ପଡ଼ିଥାଏ ବୋଲି ୟୁନିସେଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏକ ସାକ୍ଷାତ୍‌କାରରେ କହିଛନ୍ତି। ବୈଶ୍ୱିକ ସ୍ତରରେ ଏସ୍‌ଡିଜି ପଥଚ୍ୟୁତ ହୋଇଛି। ଶିଶୁମାନଙ୍କ ସମ୍ପର୍କିତ ଦୁଇ-ତୃତୀୟାଂଶ ଏସ୍‌ଡିଜି ଆବଶ୍ୟକ ସ୍ତରରେ ଉପଲବ୍ଧ ନାହିଁ। ସତ କହିବାକୁ ଗଲେ ବିଶ୍ୱସ୍ତରରେ ଏହା ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ରୁ ବାହାରି ଯାଇଥିବା କାଥେଲିନ୍ କହିଛନ୍ତି।

ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ସାମାଜିକ, ଅର୍ଥନୈତିକ ଏବଂ ପରିବେଶଗତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଜାତିସଂଘ ୧୭ଟି ଲକ୍ଷ୍ୟକୁ ନେଇ ଏସ୍‌ଡିଜି ଧାର୍ଯ୍ୟ କରିଥିଲା। ୨୦୩୦ ସୁଦ୍ଧା ସମସ୍ତଙ୍କ ପାଇଁ ଅଧିକ ସ୍ଥାୟୀ, ନ୍ୟାୟସଙ୍ଗତ ଏବଂ ସମୃଦ୍ଧ ଭବିଷ୍ୟତ ନିମନ୍ତେ ବିଶ୍ୱ ଉଦ୍ୟମକୁ ମାର୍ଗଦର୍ଶନ ଦେବା ଲାଗି ଏହି ବୈଶ୍ୱିକ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅଧିକାଂଶ ଏସ୍‌ଡିଜି ସିଧାସଳଖ ପିଲାମାନଙ୍କ ଭବିଷ୍ୟତ ପାଇଁ ଉଦ୍ଦିଷ୍ଟ ଥିଲା। ଏସ୍‌ଡିଜି-୨ (କ୍ଷୁଧା ମୁକ୍ତି) ଶିଶୁ ଅପପୁଷ୍ଟି ଏବଂ କ୍ଷୁଧାକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏସ୍‌ଡିଜି-୩ (ଉତ୍ତମ ସ୍ୱାସ୍ଥ୍ୟ ଓ କଲ୍ୟାଣ) ଶିଶୁ ମୃତ୍ୟୁହାର ହ୍ରାସ ଏବଂ ସେମାନଙ୍କୁ ଉତ୍ତମ ମାନର ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ଉଦ୍ଦିଷ୍ଟ। ସେହିପରି ଏସ୍‌ଡିଜି-୪ ସବୁ ପିଲାଙ୍କ ପାଇଁ ଉତ୍ତମ ସମାନତା ଶିକ୍ଷା ଏବଂ ଏସ୍‌ଡିଜି-୫ ଲିଙ୍ଗଗତ ସମାନତା ପାଇଁ ଉଦ୍ଦିଷ୍ଟ।

୫ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ହ୍ରାସ କରିବା ସହ ମାତୃ ମୃତ୍ୟୁହାର କମାଇବାରେ ଭାରତ ବାସ୍ତବରେ ଯଥେଷ୍ଟ ଅଗ୍ରଗତି କରିଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅବଶିଷ୍ଟ ବିଶ୍ୱ ଉପରେ ପଡ଼ିବ। ବିଶେଷ କରି ଗ୍ଲୋବାଲ ସାଉଥ୍ ଅନ୍ତର୍ଗତ ଦେଶଗୁଡ଼ିକ ବାସ୍ତବରେ ଭାରତର କାର୍ଯ୍ୟକୁ ଅନୁସରଣ କରୁଛନ୍ତି ଏବଂ ସେଥିରୁ ଶିକ୍ଷାକୁ ଗ୍ରହଣ କରୁଛନ୍ତି ବୋଲି ୟୁନିସେଫ୍ ମୁଖ୍ୟ କହିଛନ୍ତି। ୟୁନିସେଫ୍ ୭୪ ବର୍ଷ ହେଲା ଭାରତରେ ଶିଶୁମାନଙ୍କ ପାଇଁ କାମ କରୁଛି। ନିକଟରେ କାଥେଲିନ୍ ଉତ୍ତରପ୍ରଦେଶ ଗସ୍ତରେ ଯାଇ ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରଭାବୀ କାର୍ଯ୍ୟକୁ ଦେଖିଥିଲେ। ସେମାନେ ସ୍ଥାନୀୟ ଲୋକମାନଙ୍କ ସହ ନିବିଡ଼ ସମ୍ପର୍କ ସ୍ଥାପନ କରିବା ସହ ମାଆ ଓ ପିଲାମାନଙ୍କ ଉପଯୁକ୍ତ ଯତ୍ନକୁ ସୁନିଶ୍ଚିତ କରାଇପାରିଥିବା କାଥେଲିନ୍ କହିଛନ୍ତି।


## OFFICE OF THE NOTIFIED AREA COUNCIL, ATHMALLIK

No.3949, Dt.05.10.2023

**e-Procurement**

**Bid Identification No.Alkn-04/2023-24**

**No.C-1570:** Bid documents consisting of work, estimated cost, cost of tender paper, EMD, time of completion, Class of Contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Name of the Works | : Civil Works |
| No. of Works | : 06 Nos. |
| Estimated Cost | : Rs.3,50,848/- to Rs.8,72,882/- |
| Date & Time of availability of Bid documents in the portal | : From 10.00 AM of dt.07.10.2023 to 16.10.2023 upto 5.00 PM |
| Last date of receive of Bid through Online | : On or before 16.10.2023 upto 5.00 PM |
| Submission of original document | : On or before 17.10.2023 upto 11.00 AM |
| Date of Opening of Bid on | : At 11.00 AM on 17.10.2023. |

**Sd./- Executive Officer, N.A.C., Athmallik**

OIPR-13161/11/0012/2324

## RRTTS (COASTAL ZONE)
### Odisha University of Agriculture and Technology
Bhubaneswar, Odisha- 751003

E-mail: rrtts.bhubaneswar@ouat.ac.in

No.1115/RRTTS(CZ), Date:06.10.2023

**TENDER NOTICE**

**No.KK-247:** Sealed tenders are invited on behalf of OUAT from reputed manufacturers/ companies/ erectors of protected structures for erection of protected cultivation structures in the campus of RRTTS (CZ), OUAT, Bhubaneswar, Odisha for the proposed 'Technopark'. The tender documents with details of terms and conditions and important information can be obtained from the OUAT website www.ouat.ac.in from 07.10.2023. The sealed tender document containing technical and financial bid along with the non-refundable tender fee and EMD as specified in the tender document should reach RRTTS(CZ) office by speed post/ courier on or before 30.10.2023(5.00PM). The technical bid and the financial bid are to be submitted separately in sealed cover. The technical bids will be opened on 31.10.2023 at 11.00AM and the financial bids of the successful technical bidders will be opened on 07.11.2023 (11.00 AM).

Sd./- ASSOCIATE DIRECTOR OF RESEARCH-CUM-PI

OIPR-01036/11/0031/2324

## ZILLA SWASTHYA SAMITI, DHENKANAL
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

Advt.No. 3349 Date:6.10.23

**Short Tender Call Notice**

**No.E-458:** Sealed tenders are invited from reputed agencies / firms for empanelment of agencies/ individuals to provide a smartly designed Van named as 'Parivar Kalyan sachetanata Ratha' vehicle. The last date for receiving the tender documents to the office of the undersigned on or before 13.10.2023 up to 5.00 p.m. and will be opened on dtd-16.10.2023 at 11.00 a.m. The detail terms & condition can be downloaded from the District website i.e www.dhenkanal.nic.in. The tenders should reach the office of the undersigned through speed post/ registrered post/ courier only. The undersigned is not responsible for any kind of postal delay & reserves all right to cancel any or all the tender at any stage of selection/ finalization process without assigning any reason thereof.

**Sd./- CDM&PHO cum DMD, Dhenkanal**

OIPR-10059/11/0010/2324

Annexure-III

## GOVERNMENT OF ODISHA
## Planning & Convergence Department
## TENDER CALL NOTICE FOR HIRING OF VEHICLE

**No.X-13:** Sealed quotations/tenders are invited in the prescribed format (given in Annexure-II) from interested reputed Travel Agencies/Tour Operators/ Private individuals for providing one (01) number of **BS-IV or above type of vehicle** (**Tiago/Bolt/Celerio etc.**) having sitting capacity not more than 4 including Driver, which shall conform to the Terms and Conditions (Annexure-I & A) for official use in SDG Cell of Planning & Convergence Department for a period of **02 (two) years** on monthly rent basis vide Tender Call Notice No. 17966/P, dated 6.10.2023. **The last date for receipt of tender/quotation is 30.10.2023 by 5.30 P.M.**

The detail of the Tender Call Notice is available in the official website of the Planning & Convergence Department i.e. https://pc.odisha.gov.in/. All future addendum/corrigendum, if any, shall be hosted on the above website only.

**Sd./-Under Secretary to Government**
**P&C Department**

OIPR-21001/11/0005/2324

## GOVERNMENT OF ODISHA
### "e" PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
### Tender Call Notice

E-mail: rbcirclekhurda@gmail.com

Bid Identification No.CCE-Khordha (R&B) Circle-20/2023-24

Memo No.1953, Dt.27.09.2023

**No.B-1035:** The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below.
1. Nature of Work: Road & Bridge Works, 2. No. of Work: 2 Nos. 3. Tender Cost: Rs.10000.00 (Online). 4. Class of Contractor: Special & A Class. 5. Available of Bid document in the website: From 10.00 AM of Dt.07.10.2023 upto 05.00 PM of Dt.19.10.2023 upto 5.00 PM. 6. Date of Opening of Bid: Dt.20.10.2023 at 11.30 AM. 7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

**Sd./- Chief Construction Engineer,**
**Khordha (R&B) Circle, Khordha**

OIPR-34127/11/0027/2324

## DEPARTMENT OF WATER RESOURCES
## ODISHA COMMUNITY TANK DEVELOPMENT & MANAGEMENT SOCIETY
### ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)

(WORLD BANK PROJECT ID: P163533)

7th Floor, Rajiv Bhawan, Bhubaneswar - 751001

Ph.: 0674-2512421, E-Mail: spuoiipcra.od@gov.in

**Extension of Submission Time of the FTP**
**Request for Expression of Interest for Engagement of Consultancy Services**

OIIPCRA-REoI-01/2023 / Date: 29.08.2023

1. Engagement of Strategic Support Team for the Office of APC and ACS, Water Resources under OIIPCRA.

No. A-632: In consideration of the requests made by several organisations for the above consultancy services through RFoI, the due date of submission of the FTP scheduled on 6th October - 2023 upto 15.00 hours is hereby extended upto 18th October - 2023 upto 15.00 Hrs. The FTP will be opened on the same day at 15.30 hours.

**Sd./- Additional Secretary, DoWR-cum-Project Director, OCTDMS**

OIPR-32379/11/0005/2324

## ODISHA STAFF SELECTION COMMISSION
Unit-II, Bhubaneswar-751012

**Notice No.3984/OSSC, Date:07.10.2023**

**Subject: Notice regarding list of applications rejected along with ground of rejection for recruitment to the post of Pharmacist-2023**

**No.T-94:** Pursuant to **Advt. No.3438/OSSC dtd. 23.08.2023** for recruitment to the post of Pharmacist-2023, the online applications of 1240 applicants are rejected on various grounds as mentioned against each as per the list uploaded on the website of the Commission www.ossc.gov.in for information of all concerned. Number of online applications successfully submitted for the post is 1541. Candidates are advised to be in regular touch with the above website of the Commission to know further updates on this recruitment.

**By order of the Commission**
**Sd./- Secretary**

OIPR-09005/11/0073/2324

## DISTRICT PROJECT OFFICE
## SAMAGRA SHIKSHA, SUNDARGARH, ODISHA

In front of B.S. High School, At/PO/Dist- Sundargarh, Pin- 770001

Email:dpcsndgssa.opepa@nic.in Phone No.06622-273718

**TENDER CALL NOTICE FOR PRINTING AND SUPPLY OF MULTI-LINGUAL EDUCATION TEXT BOOKS**

**No. 3016/TRB/Date:7.10.23**

Sealed tenders are invited in prescribed format from the intending registered Offset Printers/Firms having valid PAN, GST registration certificate & experience in printing of text books for printing & supply of MLE Text Books for Samagra Shiksha, Sundargarh for the session 2023-24, on payment of Rs.5000/- (Rupees five thousand) only as tender application cost. The tender paper/ bid document containing details specification with terms and conditions in two-part bidding system (application of technical bid in Part-A & application of finance bid in Part-B) which can be downloaded in website **www.sundergarh.nic.in**. The tender document should reach to the office of the District Project Coordinator, Samagra Shiksha, Sundargarh through registered post or speed post only on or before Dt.17.10.2023 by 5 PM and the same will be opened on Dt. 18.10.2023 at 11:00 AM in presence of all bidders or their authorized representatives.

**By the Order of Collector-cum-Chairman**
**Sd./- DEO-cum-DPC,SS, Sundargarh**

## OFFICE OF THE EXECUTIVE ENGINEER, DEOGARH (R&B) DIVISION, DEOGARH

No. B-1034 E-mail ID: eepwddeogarh@gmail.com

### INVITATIONS FOR BIDS (IFB)

Letter. No. 3778 **Invitation for Bids** Dtd. 30.09.2023

**Bid Identification No. EE PWD DGR No. 11 of 2023-24**

| | | |
|---|---|---|
| 1. | The Executive Engineer, Deogarh (R&B) Division, Deogarh on behalf of Governor of Odisha invites percentage rate bids in single/double cover system in ONLINE MODE only for Construction of Building and Road works as detailed below. | |
| 2. | Nature of Work | : Road & Building works |
| 3. | No. of Works | : Box Cell Culvert 01 No. and Building 1 No. |
| 4. | Bid Cost. | : Rs.10,000/- & Rs.6,000/- |
| 5. | Class of Contractor | : "C" & "B" Class |
| 6. | Availability of Bid Documents in the website | : From Dt.07.10.2023 to 17.00 hours of Dt.16.10.2023 |
| 7. | Date of Opening of Technical Bid | : Dt.17.10.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **http://www.tendersorissa.gov.in**. Any addendum/corrigendum/ cancellation of tender can also be seen in the said website only. | |

OIPR-34061/11/0008/2324

**Sd./- Executive Engineer**
**Deogarh (R&B) Division**

## ODISHA PUBLIC SERVICE COMMISSION
19, Dr. P.K. Parija Road, Cuttack-1

### NOTICE

No.7686/PSC, Dt.07.10.23

**RECRUITMENT TO THE POSTS OF LECTURERS IN 13 DIFFERENT DISCIPLINES UNDER OTE & TS CADRE, ADVERTISEMENT NO. 01 OF 2023-24**

**No.D-142:** It is for information of all concerned that the Corrigendum which was issued vide Notice No. 7553/ PSC, dated-05.10.2023 is hereby withdrawn due to inadvertent error in the number of advertised vacancies.

The recruitment will proceed with the advertised vacancies .i.e. 224 posts as prescribed in Para-2 of the Advt. No. 01 of 2023-24.

In pursuance of orders of Hon'ble High Court of Orissa passed in W.P. (C) No. 14681 of 2023 dated 18.05.2023 filed by Sri Bikash Jena-Versus-State of Odisha & Others and as per Letter No. 6622/SDTE, Bhubaneswar, dated 12.09.2023 communicated by Govt. in Skill Development & Technical Education Deptt., **25% of the vacancies in the respective discipline so reflected in the advertisement .i.e. 56 posts out of 224 posts shall not be filled up without leave of the Court.**

The concerned candidates are advised to visit the website of the Commission at www.opsc.gov.in for further information.

**Sd./- Secretary**

OIPR-12002/11/0103/2324

## Government of Odisha
## Office of the Chief Construction Engineer, Rural Works Circle, Angul

E-mail:sencrwangul@yahoo.co.in, Phone:06764-236404

No.O-1230: **e-Procurement Notice for Bridge works in Odisha**

Bid Identification No. Bridge Online AGL-24/2023-24

**No.2467** **Dt.6.10.23**

1.Name of the Work : Bridge Works. 2. Total No. of Work: 05 Nos. 3. Estimated Cost: Rs.248.23 Lakhs to Rs.464.39 Lakhs. 4. Class of Contractor: 'B' & 'A' Class. 5. Period of Completion: As per Annexure. 6.Other details.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online- AGL-24/2023-24 | 18.10.23 at 10.00 AM | 01.11.23 upto 5.00 PM | 30.10.23 upto 1.00 P.M. | 02.11.23 at 11.00 A.M. | Will be intimated separately |

(1) For detailed Notice Inviting Tenders, please visit to the website www.tendersorissa.gov.in.

**Sd./- Chief Construction Engineer, Rural Works Circle, Angul**

OIPR-25180/11/0031/2324

## ODISHA STAFF SELECTION COMMISSION
Unit-II, Bhubaneswar-751001

**Notice No.4011/OSSC, Date:07.10.2023**

**Subject: Inviting online application for recruitment for different Group-B & Group-C Graduate Level posts/services under different Departments of Govt. of Odisha (CGLRE-2023)**

**No.T-95:** Pursuant to Advertisement No.4004/OSSC: dated 07.10.2023, it is informed to all concerned that the ONLINE APPLICATION-FORM for recruitment to **495 posts different Group-B & Group-C Graduate Level Posts/Services under different Departments of Govt. of Odisha** shall be made available in the official website of the Commission "www.ossc.gov.in" as per following dateline:

| | Start Date | End Date |
|---|---|---|
| Online Registration | 14.10.2023 | 11.11.2023 |
| Submission of Online Application Form | 14.10.2023 | 14.11.2023 |
| Date of Editing of Online Application Form | 14.10.2023 | 17.11.2023 |
| Mode of Application | Online Mode only through the website "www.ossc.gov.in". No Physical copy/Hard copy of the Online Application Form needs to be submitted by the applicants. | |

The candidates may go through the Detailed Advertisement available in the "What's New" section of the above website and apply for the post online mode only within the above stipulated time by clicking on the "Apply online" tab available on the Home page.

**By order of the Commission**
**Sd./- Secretary**

OIPR-09005/11/0075/2324

## THE ODISHA STATE POLICE HOUSING & WELFARE CORPORATION LTD.

OPHWC

PLOT NO. 80/81, MEDICAL BANK COLONY, 1ST LANE, P.O.- BERHAMPUR, DIST.- GANJAM. PIN 760004

### PRE-QUALIFICATION NOTICE

**(For Enlistment of different class of Contractors for execution of work through $K_2$ Agreement)**

**No.CAD-2339:** The Odisha State Police Housing & Welfare Corporation Limited (OSPHWC), Berhampur invites application for enlistment of civil contractors for execution of Civil, P.H. & Internal Electrical work of various Building Projects/Ancillary works throughout Berhampur Division comprising Ganjam, Gajapati, Boudh, Kandhamal & Rayagada Districts. These applications will be received & evaluated by OSPHWC, Berhampur Division as per terms & conditions laid down in the Pre-qualification Documents for enlistment. After successful evaluation of pre-qualification documents, the firms will be registered in Berhampur Division Contractors list for a period of 1 (One) year from the date issue of enlistment letter. The pre-qualification documents can be obtained from the office of the undersigned during office hours on payment of Rs.2500/- + Rs.450/- (GST 18%) = Rs. 2950/- (Rupees two thousand nine hundred fifty only) (Non-refundable) in shape of NEFT / RTGS in favour of "OSPH&WC LTD-$K_2$ TENDER", Bank A/C No : 004210400053 7612, IFS Code : IBKL0000042, Name of the Bank & Br. : IDBI Bank Ltd. Janpath, BBSR and submitted the same as proof of deposit along with Tender documents. The above documents can also be obtained through Speed Post by sending a self addressed envelope of size 35cm X 25cm stamped with Rs. 75.00 (Rupees seventy five only) along with copy of NEFT / RTGS as proof of deposit amounting to Rs. 2950/-(Rupees two thousand nine hundred fifty only) inclusive of GST (Non-refundable). However, in case of downloaded pre-qualification documents, an amount of Rs. 2950/- (Rupees two thousand nine hundred fifty only) (Non-refundable) inclusive of GST along with copy of NEFT / RTGS in favour of "OSPH&WC LTD-$K_2$ TENDER", Bank A/C No : 004210400053 7612, IFS Code : IBKL0000042, Name of the Bank & Br. : IDBI Bank Ltd. Janpath, BBSR towards cost of the documents shall be enclosed along with the pre-qualification documents failing which pre-qualification documents shall be liable for rejection. Application for pre-qualification shall be submitted in a sealed cover super scribing "Application for enlistment of civil contractors in OSPHWC Berhampur Division" to The Odisha State Police Housing & Welfare Corporation Ltd., Berhampur Division, Plot No. 80/81, Medical Bank Colony, 1st Lane, P.O- Berhampur-04, Dist- Ganjam for award of work eventually to be drawn on $K_2$ Agreement in line with the rules of OPWD Code & other clauses as decided by the Corporation. The pre-qualification documents which are not submitted in prescribed format or other than in the manner prescribed shall be rejected.

| | |
|---|---|
| Last date for issue of pre-qualification document | : 27.10.2023 upto 5.00 PM |
| Last date for receipt of pre-qualification document in the Division office, Berhampur | : 30.10.2023 upto 2.00 PM |
| Date of opening of pre-qualification document | : 30.10.2023 at 04.30 PM |

OIPR-12082/11/0001/2324

**Sd./- Project Manager**

## ODISHA MINING CORPORATION LIMITED
OMC House, Bhubaneswar-751001,Odisha

CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No.CAD-2345 **E-Procurement Notice**

**Bid Document No.OMC/E-PROC/CMC/127/2023 Date:07.10.2023**

| | | |
|---|---|---|
| 1 | Work Name | Supply and Commissioning of portable Scintillation Counter with 1 year warranty and 5 years of Comprehensive Annual Maintenance (CAMC) for OMC (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 07.10.2023 |
| 3 | Pre Bid Meeting | Date:19.10.2023 |
| 4 | Bid Due Date | Date:03.11.2023, Time: 04.00 PM |
| 5 | Opening of Techno-Commercial Bid | Date: 03.11.2023, Time 05.00 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0136/2324 **Sd./- Head (C&P)**

## ODISHA MINING CORPORATION LIMITED
OMC House, Bhubaneswar-751001,Odisha

CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

No.CAD-2344 **E-Procurement Notice**

**Bid Document No.OMC/E-PROC/CMC/126/2023 Date:07.10.2023**

| | | |
|---|---|---|
| 1 | Work Name | Supply and Commissioning of Handheld Portable XRF with 1 year warranty and 5 years of Comprehensive Annual Maintenance (CAMC) for OMC (through e-tendering) |
| 2 | Availability of tender documents on the e-tendering portal of Government of Odisha | Date: 07.10.2023 |
| 3 | Pre Bid Meeting | Date:18.10.2023 |
| 4 | Bid Due Date | Date:02.11.2023, Time: 04.00 PM |
| 5 | Opening of Techno-Commercial Bid | Date: 02.11.2023, Time 05.00 PM |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0137/2324 **Sd./- Head (C&P)**

## OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION
AT/PO: ATHMALLIK, DIST- ANGUL - 759125

E-mail: dfoathmallikt@gmail.com,Tel: 9437004236

Tender Notice No. 6005 /1F/ 2023, Date:07.10.2023

**Revised Short Tender Notice for Construction of Ministerial Staff Quarter at Forest Colony, Athmallik under Athmallik Range of Athmallik Forest Division.**

**No.MM-208:** Sealed Tender is hereby invited by the undersigned on behalf of the Governor of Odisha for the following works from the eligible contractor as detail below.

**1. Name of the work: Construction of Ministerial Staff Quarter at Forest Colony, Athmallik under Ath Range of Athmallik Forest Division**

| Sl.No. | Name of Work | Tender Notice No. | Estimated Cost | Plinth Area |
|---|---|---|---|---|
| 1 | Construction of Ministerial Quarter | 6005/1F/2023, Dt.07.10.2023 | 12.76 | 580 Sq.ft. |

2. **Place of Work:** Athmallik Forest Division
3. **Period of Completion:** 90 Days
4. Commencement of download RFP document on website: **www.odishaforest.in** Dt. 08.10.2023 Time: 11.00 A.M.
5. Last Date of bid submission (by messenger/courier/post): Dt.26.10.2023 up to 01.00P.M. Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist .Angul.
6. Date of General & **Technical and Financial Bid opening:** Dt.26.10.2023 Time: 04.00 P.M. Office of the Divisional Forest Officer, Athmallik Division, PO/PS- Athmallik, Pin-759125, Dist.- Angul.
7. RFP document Cost (Non-refundable): Rs.6,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for work.
8. **Address for Bid submission-** Office of DFO, Athmallik Division, PO/PS- Athmallik, Pin-759125, Dist.- Angul.
9. **EMD (Refundable):** Rs. 20,000/- By DD issued by Nationalized Bank in favour of the Divisional Forest Officer, Athmallik Division, Payable at Athmallik for work.
10. Bid validity period: 4 Months from the last date of submission of Bid.
11. Latest Tender document and addendum/corrigendum, if any, will be published at the website www.odishaforest.in
12. Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel/withdraw/modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision.

OIPR-08125/11/0004/2324 **Sd./- Divisional Forest Officer, Athmallik Division**

# ଭାଜପା ପୁଣି କ୍ଷମତାକୁ ଆସିଲେ ଦେଶ ବିପଦରେ ପଡ଼ିବ: ପିନାରାୟୀ

ଥିରୁଭାନନ୍ତପୁରମ୍,୮।୧୦

ଭାଜପା ତୃତୀୟ ଥର କ୍ଷମତାକୁ ଆସିଲେ ଦେଶ ବିପଦରେ ପଡିଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଚେତାବନୀ ଦେଇଛନ୍ତି। ଉତ୍ତର କେରଳର ଏକ ଜିଲା କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ଆରଏସଏସକୁ ଟାର୍ଗେଟ୍ କରିଛନ୍ତି। ସେମାନେ ଦେଶର ବିବିଧତା ନଷ୍ଟ କରି ଧର୍ମକୁ ନେଇ ଏକ ଦେଶ ଗଠନ କରିବାକୁ ଚେଷ୍ଟା କରୁଥିବା ବିଜୟନ୍ ଅଭିଯୋଗ କରିଛନ୍ତି। ଗାଈ ଆଧାରରେ ଦେଶରେ ସାମ୍ପ୍ରଦାୟିକ ସଂଘର୍ଷ ଘଟୁଛି। ଏକ ଗୋଷ୍ଠୀର ନାଗରିକଙ୍କୁ ଦେଶର ଶତ୍ରୁ ଭାବରେ ଚିତ୍ରଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଯୁକ୍ତି ବାଢିଛନ୍ତି ଯେ, ଜାତି କିମ୍ବା ଧର୍ମ ନିର୍ବିଶେଷରେ ସମସ୍ତେ ଆଇନର ସମାନ ସୁରକ୍ଷା ପାଇବାକୁ ହକଦାର, କିନ୍ତୁ ଦେଶରେ ଏହା ବଦଳାଯାଉଛି। ଏସବୁ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଭୟ ସୃଷ୍ଟି କରିଛି। ଯଦି ଭାଜପା ତୃତୀୟ ଥର କ୍ଷମତାକୁ ଆସେ ତେବେ ଦେଶକୁ ଏପରି ବିପଦର ସମ୍ମୁଖୀନ ହେବାକୁ ପଡ଼ିବ, ଯାହାକୁ ଦୂର କରାଯାଇପାରିବ ନାହିଁ ଏବଂ ଏହା ପରେ ଦୁଃଖ ପ୍ରକାଶ କରିବାର କୌଣସି ଅର୍ଥ ରହିବ ନାହିଁ ବୋଲି ସେ କହିଛନ୍ତି।



ଦିଲ୍ଲୀ ମଦ ଦୁର୍ନୀତି ଅଭିଯୋଗରେ ଏଏପି ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଗିରଫ ହେବା ପରେ ତାଙ୍କ ବାସଭବନକୁ ରବିବାର ଆସିଛନ୍ତି ଜେଡି(ୟୁ) ସଭାପତି ରାଜୀବ ରଞ୍ଜନ ସିଂ।

# ରାଜସ୍ଥାନ ଲୋକେ କଂଗ୍ରେସ ସରକାର ହଟାଇବାକୁ ମନ ବଳାଇସାରିଛନ୍ତି : ଧର୍ମେନ୍ଦ୍ର



ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ରାଜସ୍ଥାନରେ ଅଶୋକ ଗେହଲଟଙ୍କ ଦିଶାହୀନ କଂଗ୍ରେସ ସରକାରକୁ ହଟାଇବା ପାଇଁ ଏଠାକାର ଲୋକେ ମନ ବଳାଇସାରିଛନ୍ତି। ରବିବାର ଜୟପୁରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ, ଆଗାମୀ ୫୦ ଦିନରେ ରାଜସ୍ଥାନରେ ଭାଜପା ସରକାର ଆସିବ। ରାଜ୍ୟର କଂଗ୍ରେସ ସରକାରରେ ଚାଷୀଙ୍କୁ ଧୋକା ଦିଆଯାଉଛି। ଏହି ସରକାରରେ ମହିଳାଙ୍କ ପ୍ରତି ନିର୍ଯାତନା ବଢିଛି। ଯୁବପିଢ଼ିଙ୍କ ଭବିଷ୍ୟତ ସହ ସରକାର ଖେଳ ଖେଳୁଛନ୍ତି। ପରୀକ୍ଷାରେ ବିଭ୍ରାଟ, ରୋଜଗାରରେ ଦୁର୍ନୀତି ହେଉଛି। ଏଠାରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଅଶୋକ ଗେହଲଟଙ୍କ ନେତୃତ୍ୱରେ ପରିଚାଳିତ ଭ୍ରଷ୍ଟ କଂଗ୍ରେସ ସରକାରକୁ ହଟାଇବା ପାଇଁ ରାଜ୍ୟର ଲୋକ ମନ ବଳାଇସାରିଛନ୍ତି। ନିର୍ବାଚନ ସମୟରେ କଂଗ୍ରେସ ଲୋକଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ସେସବୁ ଏ ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। କଂଗ୍ରେସ ଭିତରେ ଅନ୍ତଃକନ୍ଦଳ ଦିବାଲୋକ ପରି ସ୍ପଷ୍ଟ ଦେଖାଯାଉଛି। ଲୋକମାନେ ଆଗାମୀ ନିର୍ବାଚନରେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଶାସନ ଜୟପୁର ଓ ରାଜସ୍ଥାନବାସୀଙ୍କ ଆସ୍ଥାଭାଜନ ହୋଇଛି ବୋଲି ସେ କହିଛନ୍ତି।

# କାର୍ଗିଲରେ ପରିଷଦ ନିର୍ବାଚନ: ବାଜିମାରିଲା କଂଗ୍ରେସ, ଏନ୍‌ସି ମେଣ୍ଟ

**ଶ୍ରୀନଗର,୮।୧୦:** ୩୭୦ ଧାରା ହଟାଯିବା ପରେ ପ୍ରଥମ ଥର ପାଇଁ କାର୍ଗିଲରେ ଅନୁଷ୍ଠିତ ହୋଇଛି ଲଦାଖ ସ୍ୱାୟତ୍ତ ପାର୍ବତୀୟ ପରିଷଦ (ଏଲ୍ଏଏଚ୍‌ଡିସି) ନିର୍ବାଚନ। ଏଥିରେ କଂଗ୍ରେସ ଏବଂ ନ୍ୟାଶନାଲ୍ କନଫରେନ୍ସ(ଏନ୍‌ସି) ମିଳିତ ମେଣ୍ଟ ବାଜି ମାରିଛନ୍ତି। ୨୬ ଆସନ ବିଶିଷ୍ଟ ଲଦାଖ ପରିଷଦ ନିର୍ବାଚନରେ କଂଗ୍ରେସ ଏବଂ ଏନ୍‌ସି ଭାଜପାକୁ ବହୁ ପଛରେ ପକାଇ ଦେଇଛି।

# ବିଜେଡି: ୨ ଜିଲାର ୬ ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୨ଟି ଜିଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଅନୁଗୋଳ ଜିଲାର ୪ଟି ଏବଂ ଗଜପତି ଜିଲାର ୨ଟି ନିର୍ବାଚନମଣ୍ଡଳୀ ଲାଗି ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏହାକୁ ମଞ୍ଜୁର ପ୍ରଦାନ କରିଛନ୍ତି। ଅନୁଗୋଳ ଜିଲାର ଅନୁଗୋଳ ଏବଂ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଚିନ୍ମୟ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଏହି ଜିଲାର ଛେଣ୍ଡିପଦା ଏବଂ ପାଲଲହଡା ବିଧାନସଭା କ୍ଷେତ୍ର ଲାଗି ନେପ୍ଟୁ ଦାସଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଗଜପତି ଜିଲାର ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଶଶିଭୂଷଣ ମହାନ୍ତିଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଏହି ଜିଲାର ମୋହନା ନିର୍ବାଚନମଣ୍ଡଳୀ ଲାଗି ପୃଥ୍ୱୀରାଜ ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତି ଜରିଆରେ ଏହି ଘୋଷଣା କରାଯାଇଛି।

# ଭାଜପାର ମିଶ୍ରଣ ପର୍ବ

ଜଳେଶ୍ୱର,୮।୧୦(ରବିନାରାୟଣ ପାତ୍ର)

ଜଳେଶ୍ୱର ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲାପରିଷଦ ଜୋନ୍ ଅଞ୍ଚଳର ପଞ୍ଚାୟତ ସଭାପତି, ସମ୍ପାଦକ ଓ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଏହି ବୈଠକ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରତ୍ୟେକ ବୁଥ୍‌କୁ ସଶକ୍ତ କରିବା ନିମନ୍ତେ ବୈଠକରେ ଉପସ୍ଥିତ ଯୁବ ନେତା ଦିବ୍ୟକାମ ମହାନ୍ତି (ଜିତୁନ୍) ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ୧୦ନଂ. ଜୋନ୍‌ର ପଶ୍ଚିମବାର୍ଡ ମଣ୍ଡଳ, ୭ନଂ. ଜିଲା ପରିଷଦ ଜୋନ ଓ ରାଇବଣିଆ ମଣ୍ଡଳ ସଭାପତି ମନୋଜ କୁମାର ସାସମଲଙ୍କ ନେତୃତ୍ୱରେ ଅନ୍ୟଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ସେମାନଙ୍କୁ ମଣ୍ଡଳ ସଭାପତି ପ୍ରତାପ ସେନାପତି ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।



ଭାଜପାରେ ଯୋଗଦେଇଥିବା ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ସରକାରକୁ ଆସିଲେ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ହେବ



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଉଛନ୍ତି।

ନୂଆପଡ଼ା,୮।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲାକୁ ୨ ଦିନିଆ ଗସ୍ତରେ ଆସି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବଲାଙ୍ଗୀର ଜିଲା ଅଭିମୁଖେ ଫେରିଯାଇଛନ୍ତି। ରବିବାର ପୂର୍ବାହ୍ନରେ ଆମସେନା ଗୁରୁକୁଳ ଆଶ୍ରମରେ ଏକ ହୋମଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ଗାଁରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲା ରିଜର୍ଭ ପୋଲିସ ମୁଖ୍ୟାଳୟରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ସ୍ଥାନୀୟ ଏକତା ଛକରେ ଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ଥାନୀୟ ସର୍କିଟ୍ ହାଉସଠାରେ ଏକ ଖବରଦାତା ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଉପରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଅମୃତ ମହୋତ୍ସବରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ରଖିଛନ୍ତି। ଯେଉଁମାନେ ଦେଶ ପାଇଁ ଶହୀଦ ହୋଇଛନ୍ତି, ଦେଶମାତୃକା ଲାଗି ସଂଘର୍ଷ କରିଛନ୍ତି, ଆମକୁ ସୁରକ୍ଷିତ ରଖିଛନ୍ତି, ସେହି ପବିତ୍ର ମାଟି ସଂଗ୍ରହ କରି ସମସ୍ତଙ୍କୁ ସ୍ମରଣ କରିବା ପାଇଁ ଦିଲ୍ଲୀରେ ଅମୃତ ବାଟିକା ନିର୍ମାଣ କରାଯାଉଛି। ୯ବର୍ଷ ଶାସନରେ ରାଜ୍ୟକୁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ଦେଇଛନ୍ତି। ୧୦ ହଜାର ୭୫ ଲକ୍ଷ ମହିଳାଙ୍କୁ ଉଜାଲା ଯୋଜନାରେ ରୋଷେଇ ଗ୍ୟାସ ପ୍ରଦାନ କରିଛନ୍ତି। ୫୨ କୋଟି ମହିଳା ଜିରୋ ବାଲାନ୍ସରେ ଆକାଉଣ୍ଟ ଖୋଲିଛନ୍ତି। ପ୍ରତି ପଞ୍ଚାୟତରେ ଦୁର୍ନୀତି, ଭ୍ରଷ୍ଟାଚାର ଭରି ରହିଛି। ଆସନ୍ତା ନିର୍ବାଚନରେ ଭାଜପା ସରକାର ଗଢ଼ିଲେ ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ହେବ ବୋଲି ସମ୍ମିଳନୀରେ ସାମଲ ସୂଚନା ଦେଇଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ସରୋଜ କର, ଜିଲା ପ୍ରଭାରୀ ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଖରିଆର ରୋଡ ନଗର ପାଳିକା ସୋନିଆ ଜୈନ, କମଲେଶ ଦୀକ୍ଷିତ, ଅଭିନନ୍ଦନ ପଣ୍ଡା, ସଦାନନ୍ଦ ଯୋଶୀ ଓ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ‘କୃଷକ ପଞ୍ଚାୟତ’ ଗଠନ କରି ଆନ୍ଦୋଳନକୁ ଓହ୍ଲାଇବ ଭାଜପା

ଭୁବନେଶ୍ୱର, ୮।୧୦(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ୯ ବର୍ଷ ଶାସନରେ ଅନେକ କୃଷି ଓ କୃଷକ କଲ୍ୟାଣ ଯୋଜନାର କାର୍ଯ୍ୟାନ୍ୱୟନ କରିଛନ୍ତିଃ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ ଏବଂ କାର୍ଯ୍ୟରତ। କୃଷି ଓ କୃଷକ କଲ୍ୟାଣ ପାଇଁ କେନ୍ଦ୍ରର ବିଭିନ୍ନ ଯୋଜନାରେ ରାଜ୍ୟକୁ ବ୍ୟାପକ ମାତ୍ରାର ଟଙ୍କା ଆସୁଛି। ହେଲେ ବହୁ ଲୋକାଭିମୁଖୀ କାର୍ଯ୍ୟକ୍ରମ ଚାଷୀଙ୍କ ନିକଟରେ ପହଞ୍ଚୁନି। ଏଥିଯୋଗୁ ଚାଷୀର ଆର୍ଥିକ ଅଭିବୃଦ୍ଧି ହେଉନାହିଁ। ବିଭିନ୍ନ ସମସ୍ୟା ଘେରରେ ଥିବା ରାଜ୍ୟର ଚାଷୀମାନେ ଅନେକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ‘କୃଷକ ପଞ୍ଚାୟତ’ ଗଠନ କରି ଭାଜପା କୃଷକମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ମୋର୍ଚ୍ଚା ସଭାପତିଙ୍କ ଅଧ୍ୟକ୍ଷତାରେ କୃଷକ ମୋର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ, ଜିଲା ସଭାପତି ଏବଂ ରାଜ୍ୟ ସଂଯୋଜକମାନେ ଉପସ୍ଥିତ ଥିଲେ । ବୈଠକରେ ଯୋଗଦେଇ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି କୃଷକ ମୋର୍ଚ୍ଚାର ବିଗତ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ତୃଣମୂଳସ୍ତରର ସଙ୍ଗଠନକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଛନ୍ତି।

# ୧୨ରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ



ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ସମ୍ପର୍କରେ ଜିଲା ବିଜେଡି କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ମାଲକାନଗିରି,୮।୧୦
(ନୃସିଂହ ଚରଣ ମହାନ୍ତି)

## ମାଲକାନଗିରିରେ ଜିଲା ବିଜେଡିର ପ୍ରସ୍ତୁତି ବୈଠକ

ମାଲକାନଗିରି ଜିଲାରେ ‘ଲକ୍ଷ୍ମୀ’ ଯୋଜନାର ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଆସନ୍ତା ୧୨ ତାରିଖରେ ମାଲକାନଗିରି ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ରବିବାର ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ସଭାପତିତ୍ୱରେ ପୌର ପରିଷଦ ନଗର ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱତନ୍ତ୍ର ପ୍ରତିନିଧି ପ୍ରକାଶ କୁମାର ମହାନ୍ତି ଓ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇ ଆସନ୍ତା ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଲକାନଗିରି ଜିଲା ଗସ୍ତ ଓ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ ପାଇଁ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମ କିଭଳି ଶାନ୍ତି ଶୃଙ୍ଖଳାରେ ହେବ ସେଥିପ୍ରତି ଜିଲା ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ‘ଲକ୍ଷ୍ମୀ’ ଯୋଜନାରେ ପଞ୍ଚାୟତରୁ ରାଜଧାନୀକୁ ବସ୍ ସେବା ସୁନିଶ୍ଚିତ ହେବ। ଲୋକଙ୍କ ଗମନାଗମନର ସୁବିଧା ପାଇଁ ୧,୦୦୦ରୁ ଅଧିକ ବସ୍ ନିୟୋଜିତ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ୩,୧୭୮ କୋଟି ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏହି ସାର୍ବଜନୀନ ପରିବହନ ବ୍ୟବସ୍ଥା ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ପ୍ରସ୍ତୁତି ବୈଠକରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା,ଜିଲା ଉପ ସଭାପତି ନୃସିଂହ ଚରଣ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀ ପ୍ରିୟା ନାୟକ ଓ ଜିଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା





ଧାମନଗର, ୮।୧୦ (ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଦଳୀୟ କର୍ମୀ ପଧାନୀ ପଞ୍ଚାୟତ ରାମରାକୂଳ ନିକଟରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗାଁ ଓ ଛକ ପରିକ୍ରମା କରି ଦଶନ୍ଧିକୂଳସ୍ଥିତ କୀର୍ତ୍ତନ ମଣ୍ଡପ ନିକଟରେ ପହଞ୍ଚିଥିଲେ। ବ୍ଲକ ସଭାପତି ଉମେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡାକ୍ତର ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଉର୍ମିଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ପ୍ରତାପ ସାମଲ ପ୍ରମୁଖ ଦଳୀୟ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ବିଭିନ୍ନ ପଞ୍ଚାୟତରୁ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ।

# ମୁଣ୍ଡିମରା ପ୍ରହେଳିକା: ଉଦୁଉଦିଆ ଦି ପହରେ ଝାଉଁବଣରୁ ସୃଷ୍ଟି !

ଡ. ସୁରେନ୍ଦ୍ର କୁମାର ମିଶ୍ର





ମୁଣ୍ଡିମରା କାର୍ଯ୍ୟ ମିଳିତ ଭାବରେ ସମ୍ପନ୍ନ ହୋଇଥିଲା। କୌଶଳ ଧର୍ମପଦଙ୍କର। ମୁଣ୍ଡିମରାବେଳେ ସହାୟତା କରିଥିଲେ ଶିବେଇ ସାମନ୍ତରା ଓ ଗଙ୍ଗା ମହାପାତ୍ର। ଛଅଜଣ ଦିହୁଡ଼ିଆ ଥିଲେ। କାର୍ଯ୍ୟ ସମ୍ପନ୍ନ ହେବାରେ ସମସ୍ତଙ୍କର ସମାନ ସହଯୋଗ ଥିଲା ଆମେ ଅନୁଭବ କରିପାରିବା।

ଝାଉଁ ଜଙ୍ଗଲ। ମହୋଦଧି ସଂଲଗ୍ନ ମନ୍ଦିର ଉପରେ ଦିହୁଡ଼ି ଦେଖାଇବା ଶିଳ୍ପୀମାନଙ୍କୁ ସହଜ ନୁହେଁ। ଦିହୁଡ଼ି ପୋଲାଙ୍ଗ ତେଲରେ ଜଳିଥିବ। ସେ ତେଲ ପ୍ରସ୍ତୁତ ହେବାକୁ ସମୟ ଲାଗିଥିବ। ଘଣାରେ ପୋଲାଙ୍ଗ ପେଡ଼ା ହୋଇଥିବ। ଜଳନ୍ତା ଦିହୁଡ଼ି ସହ ତେଲ ବି ଧରିଥିବେ। ପବନକୁ ଜଗିଥିବେ, ହୁସିଆର ହୋଇ ପଥର ଉପରେ ପଞ୍ଝା ପକେଇ ଠିଆ ହୋଇଥିବେ... କହିପାରିବାନି ସେମାନଙ୍କ ଅବଦାନ କମ୍ ଥିଲା ବୋଲି!!! ଅଥଚ... ରାଷ୍ଟ୍ର ହୋଇଗଲା ଶିଳ୍ପୀ ଶିବିରରେ ଧର୍ମପଦ ଶ୍ରୀପଦ୍ମକେଶର ମନ୍ଦିରର ମୁଣ୍ଡି ମାରିଦେଲେ। ଯେଉଁମାନେ ବୟସ୍କ ଶିଳ୍ପୀ ମୂଳରୁ ଲହୁଲୁହ ଢାଳି ନିର୍ମାଣ କାର୍ଯ୍ୟରେ ନିଜକୁ ହଜେଇଦେଇଥିଲେ, ସେମାନଙ୍କୁ ଟିକେ ଝଟକା ଲାଗିଲା ଏ କଥା। ଜାଣିପାରିଲେ ଧର୍ମପଦ। ସେ ଶ୍ରେୟ ନେବାକୁ ଚାହୁଁ ନ ଥିଲେ। ଚୁପ୍‌ଚାପ୍ ସୂର୍ଯ୍ୟଦେବ ଉଇଁଲା ବେଳକୁ ହାତୀରେ ବସି ନିଜ ଗାଁକୁ ଫେରିଯାଇଥିଲେ। ରାଜକୀୟ ପ୍ରଶାସନିକ କାଇଦାରେ ଗାଁକୁ ପଠାଇବାବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇଥିଲା।

କେହି କେହି ସମ୍ଭାବନା କରିଛନ୍ତି ଫେରେଇ ଦିଆଯାଇଥିଲା ଗାଁକୁ, ଶିଳ୍ପୀ ଶିବିରର ବାତାବରଣକୁ ଲକ୍ଷ୍ୟକରି। ତାହା ପୋଥିରୁ ସ୍ପଷ୍ଟ ହୁଏ ନାହିଁ। ସେ ନିଜେ ଶ୍ରେୟରୁ ଦୂରେଇଯିବାକୁ ମନସ୍ଥ କରିଥିଲେ। ଗାଁକୁ ଫେରେଇଥିଲେ ଦାୟିତ୍ୱରେ ଥିବା ସହସ୍ର ମଲ୍ଲ ପାଞ୍ଚମାଢ଼ ସୁନା, ଦୁଇଯୋଡ଼ା ସିଲ୍‌କ ଧୋତି ପୁରସ୍କାର ଘୋଷଣା କରି ନ ଥାନ୍ତେ। ଗାଁକୁ ଗଲାବେଳେ ବଳଶ୍ରୀ ମୁଖ୍ୟ ନିରୀକ୍ଷକଙ୍କୁ ଆଦେଶ ଦେଇ ନ ଥାନ୍ତେ ୭୦ ମାଢ଼ ସୁନା ସହ ହାତୀରେ ଧର୍ମପଦ ଯିବେ ବୋଲି? ଅବଶ୍ୟ ଏହା ପୁରସ୍କାର ନ ଥିଲା, ଥିଲା ପାରିଶ୍ରମିକ।

ଗଜପତି ଆସି କୋଣାର୍କରେ ପହଞ୍ଚିବା ବେଳକୁ ଧର୍ମପଦ କୋଣାର୍କ ପରିତ୍ୟାଗ କରି ସାରିଥିଲେ। ତିନି ଦିନ ତିନି ରାତି ଅନିଦ୍ରା, ପୁଣି ଅକ୍ଳାନ୍ତ ପରିଶ୍ରମ ଜଣକୁ ବିଶ୍ରାମ ଦିଗକୁ ଟାଣିନେବା ସ୍ୱାଭାବିକ। କାମ ବାକି ଥିଲା କେବଳ ଶୀର୍ଷରେ କଳସ ବସିବ। ଧର୍ମପଦ ଯେଉଁଦିନ ଏଗାର ପଟିକ ଚୁମ୍ବକଶିଳା ବସାଇ ମୁଣ୍ଡି ମାରିଥିଲେ ସେଦିନ ଥିଲା ବାହୁଡ଼ାଯାତ୍ରା। ବାହୁଡ଼ାଯାତ୍ରାରେ ଛେରାପହଁରା କରି ପୁରୀରେ ଗଜପତି ଅବସ୍ଥାନ କରିଥିଲେ। ହରିଶୟନ ଏକାଦଶୀ ଦିନ ରାଜଗୁରୁଙ୍କ ସହ ସେ କୋଣାର୍କରେ ପଦାର୍ପଣ କରିଥିଲେ।

ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ, ଯେଉଁଦିନ ପୁରୀରେ ରଥ ଉପରେ ମହାପ୍ରଭୁଙ୍କର ଅଧରପଣା ନୀତି ହୁଏ। ସେଇଦିନ ବାକି ରହିଥିବା କଳସ କାମ ପାଇଁ ବାରଜଣ ମନ୍ଦିର ଶୀର୍ଷକୁ ଯାଇଥିଲେ। ମୁଖ୍ୟ ଥିଲେ ରାମଚନ୍ଦ୍ର ମହାପାତ୍ର ଓ ମୁକୁନ୍ଦ ମହାପାତ୍ର। ସେମାନେ କଳସର ଅପରପାର୍ଶ୍ୱ ଗୋଟିଏ ଦିନରେ ମୁଦ ଦେଇଥିଲେ। ଧଳାଧାନ, ଦହି, ନବରତ୍ନ ପଥର, ନପୁଂସକ ଶିଳା, ଶୁଦ୍ଧ କର୍ପୂର, ହରିତାଳ ଶିଳା, ମୁରମଂସୀ (ସୁଗନ୍ଧ ଗଛର ମଞ୍ଜି), ଝୁଣା ଓ ୧୨ଟି ସୁବର୍ଣ୍ଣ ଖଣ୍ଡ। ରୁପାଖଣ୍ଡ ୨୦ଟି ଏହିପରି ଦଶଟି ଦ୍ରବ୍ୟରେ କଳସ ମୁଦ ହୋଇଥିଲା। ମୁଣ୍ଡିମାରିବା ଓ ମୁଦ ଦେବା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଦୁହେଁ ଦୁହିଁଙ୍କ ପରିପୂରକ। ଦୁଇଜଣ ଶିଳ୍ପୀ ମୁଦ ଦେବାରେ ଅକ୍ଳାନ୍ତ ପରିଶ୍ରମ କରିଥିବେ। ତାଙ୍କ ଅବଦାନକୁ ଅଣଆଡ଼ିଆ କରି ହେବ ନାହିଁ।



ଏଇ ଦୁହୁଡି ହିଁ ମୁଣ୍ଡିମରା ବେଳର ସାକ୍ଷୀ। ହାତରେ ପୁଲାଙ୍ଗ ତେଲରେ ପାତ୍ର, ଅନ୍ୟ ହାତ ନିଜ ସୁରକ୍ଷା ପାଇଁ ପଥର ଉପରେ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଏବେ ଆମେ ବିଚାର କରିବା କଥା ଯେ, ଧର୍ମପଦ ମୁଣ୍ଡି ମାରିବା ପାଇଁ

## ଚୁମ୍ବକଶିଳା: ପ୍ରହେଳିକାର ମୂଳ ଆଧାର

ଯେଉଁ ଚୁମ୍ବକଶିଳା କୌଶଳ ପ୍ରୟୋଗ କରିଥିଲେ, ସେତେବେଳେ ତାଙ୍କୁ ୩୪ ବର୍ଷ ପୂର୍ଣ୍ଣ ହୋଇ ୩୫ବର୍ଷ ଚାଲିଥିଲା। ସୀମାଚଳରେ ଥିବା ଶ୍ରୀନୃସିଂହନାଥ ମନ୍ଦିର ଐତିହ୍ୟରୁ ଜଣାପଡ଼େ ସେହି ମନ୍ଦିର ସମ୍ପୂର୍ଣ୍ଣ କରିବା ପାଇଁ ଧର୍ମପଦ ନିଜ କକା ନିଧି ମହାପାତ୍ରଙ୍କ ସହ ବିଶାଖାପାଟଣାଠାରେ ଥିଲେ। ସୀମାଚଳରେ ମନ୍ଦିର କାମ ସରିବା ପରେ ଘୋଡ଼ାରେ କକା-ପୁତୁରା ନିଜ ଗାଁ ଡିହପାଟଣାକୁ ଫେରିଥିଲେ। ଗାଁରେ ପହଞ୍ଚି ବାପା ଅସୁସ୍ଥ ଥିବା କଥା ଜାଣିଲେ। ତା’ ପରେ କୋଣାର୍କ ଯାତ୍ରା କରିଥିଲେ।

ତେବେ ‘ବାରବରଷର ବାଳୁତ ପିଲା’ ଧର୍ମପଦ କେବେ କେମିତି କାନ୍ଦଣା ଗୀତଠାରୁ ଜନଶ୍ରୁତିରେ ଚର୍ଚ୍ଚିତ ହୋଇଗଲା! ତା’ ପଛର ଐତିହ୍ୟ ଖୋଜିବାକୁ ହେବ। ଆମେ ଜାଣିଲେ ସେ ମରି ନାହାନ୍ତି। ଗାଁକୁ ସସମ୍ମାନରେ ପୁରସ୍କାର ସହ ହାତୀରେ ଯାଇଛନ୍ତି। ତାଙ୍କ ବୟସ ବିଚାରକଲେ ସେ ବିବାହିତ ଥିବା ସମ୍ଭାବନା ଅମୂଳକ ନୁହେଁ।

ଦ୍ୱିତୀୟ ବିନ୍ଦୁ ବିଚାର କରିବା। ସେ ଏକା ମୁଣ୍ଡି ମାରି ନାହାନ୍ତି। ତାଙ୍କ ସହ ତାଙ୍କ ବାପା ଶିବେଇ ସାମନ୍ତରା ଓ ଗଙ୍ଗା ମହାପାତ୍ର ରହିଥିଲେ। ସାତଜଣ ପଥୁରିଆ ସାହାଯ୍ୟ କରୁଥିଲେ। ଗୋଟିଏ ରାତିରେ ଛଅ ଦିହୁଡ଼ିଆଙ୍କୁ ନେଇ କାମ ସାରିଲେ। ସେ କେବଳ ଗୋଟିଏ ନୂଆ କୌଶଳ ପ୍ରୟୋଗ କରିଥିଲେ ‘ଏଗାରୁ ପଟିକ ଚୁମ୍ବକଶିଳା’। ସେ କୌଶଳ ଖଞ୍ଜିବାରେ ତିନିଜଣ ମୁଖିଆ ଥିଲେ। ତେବେ ଧର୍ମପଦ ଏକା ମୁଣ୍ଡି ମାରିଲେ ଯେ ପ୍ରହେଳିକା କେଉଁ ଝାଉଁବଣରୁ ଉଦୁଉଦିଆ ଦି’ ପହରେ ସୃଷ୍ଟି ହେଲା, ତାହା ଏବେ ବି ଗୁପ୍ତାଗାରରେ ଅଳନ୍ଧୁ ଭିତରେ ରହିଛି।

ତୃତୀୟ ବିନ୍ଦୁ ହେଲା ସହସ୍ର ମଲ୍ଲଙ୍କ ଧର୍ମପଦକୁ ସ୍ୱୀକୃତି। ଏ ସ୍ୱୀକୃତି ଥିଲା ଗୋଟେ ଓଡ଼ିଆ ଟୋକା ଶିଳ୍ପୀର ସାହସିକତା ପାଇଁ, ଶିଳ୍ପ କୌଶଳ ପାଇଁ ଏବଂ ସେଇ କୌଶଳର ସାକାର ସଫଳତା ପାଇଁ। ମୁଣ୍ଡି ମାରିଦେଲେ ଏକା ବୋଲି ନୁହେଁ। ସେ ରାତିରେ ଉପସ୍ଥିତ ଥିଲେ। ମନ୍ଦିର ଶିଖରକୁ ଚଢ଼ିଥିବା ୧୬ଜଣଙ୍କୁ ସେ ସ୍ୱୀକୃତି ଦେଇଛନ୍ତି ସୁବର୍ଣ୍ଣ ମାଢ଼ ଦେଇ।

ଚତୁର୍ଥ ବିନ୍ଦୁରେ ଜାଣିବା ବଳଶ୍ରୀ ଅତ୍ୟନ୍ତ ଖୁସି ହୋଇଯାଇଥିଲେ ଚୁମ୍ବକଶିଳା ବସିବା ପରେ,ସହସ୍ର ମଲ୍ଲ ଭାବପ୍ରବଣ ହୋଇଯାଇଥିଲେ- ସତରେ ତିନି ତିନିଥର ବିଫଳ ହେବା ପରେ ଏଥର ସଫଳ ହେଲା ମୁଣ୍ଡିମରା!!

ନୋବେଲ ପୁରସ୍କାର-୨୦୨୩ (ଭେଷଜ ବିଜ୍ଞାନ)

# ମେସେଞ୍ଜର ଆର୍‌ଏନ୍‌ଏ କୋଭିଡ୍ ଟିକା



ଡ. ନିତ୍ୟାନନ୍ଦ ସ୍ୱାଇଁ


''ଅତି ଫଳପ୍ରଦ ମେସେଞ୍ଜର ଆର୍.ଏନ୍.ଏ. ପ୍ରତିଷେଧକ ଟିକାର ବିକାଶ ଲାଗି ହଙ୍ଗେରୀର ମହିଳା ଜୀବ ରସାୟନ ବିଜ୍ଞାନୀ କାଟାଲିନ୍ କାରିକୋ ଏବଂ ଆମେରିକୀୟ ଭେଷଜ ବିଜ୍ଞାନୀ ତଥା ଶରୀର ପ୍ରତିରକ୍ଷାତନ୍ତ୍ର ବିଶେଷଜ୍ଞ ଡ୍ରିଉ ୱେଇସମ୍ୟାନ୍ ଚଳିତ ବର୍ଷ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।''



ଡ୍ରିଉ ୱେଇସମ୍ୟାନ୍



କାଟାଲିନ୍ କାରିକୋ



## କେଉଁମାନେ ପାଇଛନ୍ତି

୬୮ ବର୍ଷ ବୟସ୍କା ହଙ୍ଗେରୀର ମହିଳା ଜୀବ ରସାୟନ ବିଜ୍ଞାନୀ କାଟାଲିନ୍ କାରିକୋ ଏବଂ ୬୪ ବର୍ଷ ବୟସ୍କ ଆମେରିକୀୟ ଭେଷଜ ବିଜ୍ଞାନୀ ତଥା ଶରୀର ପ୍ରତିରକ୍ଷାତନ୍ତ୍ର ବିଶେଷଜ୍ଞ ଡ୍ରିଉ ୱେଇସମ୍ୟାନ୍ ଚଳିତ ବର୍ଷ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରଫେସର କାରିକୋ ସମ୍ପ୍ରତି ସେଜେଟ୍ ୟୁନିଭର୍ସିଟିରେ ପ୍ରଫେସର ତଥା ୟୁନିଭର୍ସିଟି ଅଫ ପେନ୍‌ସିଲଭାନିଆ ଅଧୀନ ସ୍କୁଲ ଅଫ୍ ମେଡିସିନ୍‌ରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିବାରେ ସେ ହେଉଛନ୍ତି ୧୩ତମ ମହିଳା। ଆମେରିକାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆର୍.ଏନ୍.ଏ. ଇନୋଭେସନ୍ସର ନିର୍ଦ୍ଦେଶକ ତଥା ରବର୍ଟ୍ସ ଫାମିଲି ପ୍ରଫେସର ଭାବେ ଅଧିଷ୍ଠିତ ରହି ଆସିଛନ୍ତି ଡ୍ରିଉ ୱେଇସ୍‌ମ୍ୟାନ୍। ତାଙ୍କୁ ମିଶାଇ ଏଯାବତ ୧୧୪ ଜଣ ବିଜ୍ଞାନୀ ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି।

**କାହିଁକି ପାଇଛନ୍ତି :** ଅତି ଫଳପ୍ରଦ ମେସେଞ୍ଜର ଆର୍.ଏନ୍.ଏ. ପ୍ରତିଷେଧକ ଟିକାର ବିକାଶ କରାଇବାରେ ଏହି ଦୁଇ ବିଜ୍ଞାନୀଙ୍କର ରହିଛି ଅସାଧାରଣ ଅବଦାନ। ୨୦୨୦ ମସିହାର ପ୍ରାରମ୍ଭରେ ବ୍ୟାପିଥିବା କୋଭିଡ୍-୧୯ ମହାମାରୀକୁ ନିୟନ୍ତ୍ରଣ କରିବାରେ ଏହି ଟିକାର ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

**କ'ଣ ପାଇବେ :** ନୋବେଲ ପୁରସ୍କାର ବାବଦକୁ ଉଭୟ ବିଜ୍ଞାନୀ ପାଇବେ ନୋବେଲ ଡିପ୍ଲୋମା ବା ପୁରସ୍କାର ପାଇଥିବାର ପ୍ରମାଣପତ୍ର, ଗୋଟିଏ ଲେଖାଏଁ ଗୋଲ୍ଡ ମେଡାଲ ଏବଂ ୫ଲକ୍ଷ ଡଲାର ଲେଖାଏଁ ଅର୍ଥ। ଏହା ପ୍ରଦତ୍ତ ହେବ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖ ନୋବେଲ ଦିବସରେ। କାରଣ ଏହି ତାରିଖ ହେଉଛି ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ଜନ୍ମଦିନ।

**କୋଭିଡ୍ ପୂର୍ବର ଟିକା :** ଯେକୌଣସି ସଂକ୍ରାମକ ଟିକା କେବଳ ସେହି ନିର୍ଦ୍ଦିଷ୍ଟ ରୋଗ ବିରୋଧରେ ସୁରକ୍ଷା ପ୍ରଦାନ କରିଥାଏ। ଟିକାରେ ଯେଉଁ ଉପାଦାନ ଥାଏ, ତାହା ଶରୀର ଭିତରକୁ ଯାଇ ଶରୀରର ପ୍ରତିରକ୍ଷା ତନ୍ତ୍ରକୁ ଉଦ୍ଦୀପିତ କରାଏ ଓ ଏହାଫଳରେ ସଂଶ୍ଳେଷିତ ହୁଏ ଅଣୁଜୀବ ବିରୋଧୀ ଉପାଦାନ ବା ଆଣ୍ଟିବଡି। ପରେ ସେହି ଅଣୁଜୀବ ଟିକା ନେଇଥିବା ବ୍ୟକ୍ତିର ଶରୀର ଭିତରକୁ ପ୍ରବେଶ କଲେ ଉକ୍ତ ଆଣ୍ଟିବଡି ଅଣୁଜୀବକୁ ଧ୍ୱଂସ କରିଦିଏ। ଫଳରେ ବ୍ୟକ୍ତିଜଣକ ରୋଗ ଭୋଗିବାର ଆଶଙ୍କା ଉପୁଜେ ନାହିଁ। ଟିକାର ଉପାଦାନ ଭାବେ ଏଯାବତ୍ ବ୍ୟବହୃତ ହୋଇ ଆସୁଛି ମୃତ କିମ୍ବା ନିଷ୍କ୍ରିୟ ବା ଦୁର୍ବଳ ଭାଇରସ୍। ଏହି ପ୍ରକାର ପ୍ରତିଷେଧକ ଟିକା ଦିଆଯାଉଛି ପୋଲିଓ, ମିଳିମିଳା ଏବଂ ପୀତଜ୍ୱରର ନିବାରଣ ପାଇଁ। ପୀତ ଜ୍ୱରର ପ୍ରତିଷେଧକ ଟିକାର ଉଦ୍ଭାବନ ପାଇଁ ୧୯୫୧ରେ ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ପାଇଥିଲେ ମାକ୍ସ ଥେଇଲର।

**ମେସେଞ୍ଜର ଆର୍.ଏନ୍.ଏ. ଟିକା** ଆମ୍ଭମାନଙ୍କ ଜୀବକୋଷରେ ରହିଥାଏ ଡି.ଏନ୍.ଏ.। ଏହା ହେଉଛି ଜିନ୍‌ଗୁଡ଼ିକର ବାହକ। ଜିନ୍ ସମ୍ପର୍କିତ ତଥା ଏକ ସାଂକେତିକ ରାସାୟନିକ ଭାଷାରେ ସ୍ଥାନାନ୍ତରିତ ହୋଇଯାଏ ମେସେଞ୍ଜର ଆର୍.ଏନ୍.ଏ.କୁ, ଯାହାକୁ ବ୍ୟବହାର କରି ସଂଶ୍ଳେଷିତ ହୁଏ ପ୍ରୋଟିନ୍। ୧୯୮୦ ଦଶକରେ ବୈଜ୍ଞାନିକମାନେ ଗବେଷଣାଗାରରେ ମେସେଞ୍ଜର ଆର୍.ଏନ୍.ଏ. ବା ଏମ୍.ଆର୍.ଏନ୍.ଏ.କୁ ସଂଶ୍ଳେଷଣ କରିବାରେ ସଫଳ ହୋଇଥିଲେ। ଏହି ଏମ୍.ଆର୍.ଏନ୍.ଏ. ପ୍ରଯୁକ୍ତିକୁ ବିନିଯୋଗ କରି ଟିକା ପ୍ରସ୍ତୁତି ଓ ରୋଗ ଚିକିତ୍ସାର ମୂଳଦୁଆ ପଡ଼ିଥିଲା। ମାତ୍ର ଏଥିରେ ଉପୁଜିଲା ସମସ୍ୟା। ସମସ୍ୟା ହେଲା, ଏହାକୁ ଶରୀର ଭିତରେ ପ୍ରବେଶ କରାଇବା ସମସ୍ୟାମୁକ୍ତ ନ ଥିଲା ; ପୁଣି ଏହା ଶରୀର ଭିତରେ ପରିବର୍ତ୍ତିତ ହୋଇଯାଉଥିଲା। ତାହାଛଡ଼ା ଏହି କୃତ୍ରିମ ତଥା ସଂଶ୍ଳେଷିତ ଏମ୍.ଆର୍.ଏନ୍.ଏ. ଜାତ କରାଉଥିଲା ଗୁରୁତର ପ୍ରଦାହ। ହେଲେ ଏହି ସମସ୍ୟାର ସମାଧାନକୁ ଏକ ଆହ୍ୱାନ ରୂପେ ଗ୍ରହଣ କଲେ ହଙ୍ଗେରିଆନ୍ ଜୀବ ରସାୟନ ବିଜ୍ଞାନୀ କାଟାଲିନ୍ କାରିକୋ। ତାଙ୍କ ସହ ଗବେଷଣାରେ ଆସି ମିଳିତ ହୋଇଗଲେ ଡ୍ରିଉ ୱେଇସମ୍ୟାନ୍। ୱେଇସମ୍ୟାନ୍ ଗବେଷଣା କରୁଥିଲେ ପ୍ରତିରକ୍ଷାତନ୍ତ୍ର ସହ ଜଡ଼ିତ ଡେଣ୍ଡ୍ରାଇଟିକ୍ ନାମକ ଜୀବକୋଷ ଉପରେ। ବିଭିନ୍ନ ପ୍ରକାର ଆର୍.ଏନ୍.ଏ. କିପରି ପ୍ରତିରକ୍ଷାତନ୍ତ୍ର ସହିତ ପାରସ୍ପରିକ କ୍ରିୟା କରିଥାଏ, ଏ ସମ୍ପର୍କରେ ଉଭୟ ବିଜ୍ଞାନୀ ଗବେଷଣା ଆରମ୍ଭ କରିଦେଲେ।

**ଅସାଧାରଣ ଉଦ୍ଭାବନ :** କାରିକୋ ଓ ୱେଇସମ୍ୟାନ୍ ଲକ୍ଷ୍ୟ କଲେ ଯେ ପ୍ରତିରକ୍ଷାତନ୍ତ୍ର ଡେଣ୍ଡ୍ରାଇଟିକ୍ ସେଲ ଗବେଷଣାଗାରରେ ସଂଶ୍ଳେଷିତ ଏମ୍.ଆର୍.ଏନ୍.ଏ.କୁ ଏକ ବିଦେଶୀ ଉପାଦାନ ଭାବରେ ଚିହ୍ନଟ କରିପକାଉଛି। ଫଳରେ ପ୍ରତିରକ୍ଷାତନ୍ତ୍ର ଏହା ବିରୋଧରେ ପ୍ରତିକ୍ରିୟାଶୀଳ ହୋଇ ଜାତ କରିପକାଉଛି ପ୍ରଦାହ। କିନ୍ତୁ ସ୍ତନ୍ୟପାୟୀ ପ୍ରାଣୀଙ୍କ ଶରୀରରେ ସଂଶ୍ଳେଷିତ ଏମ୍.ଆର୍.ଏନ୍.ଏ. ବିରୋଧରେ ପ୍ରତିରକ୍ଷାତନ୍ତ୍ର ଏହି ପ୍ରକାର ଅସ୍ୱାଭାବିକ ପ୍ରତିକ୍ରିୟା ପ୍ରକାଶ କରୁନାହିଁ। ତାହାହେଲେ କ'ଣ ଏହାର କାରଣ? ସଂଶ୍ଳେଷିତ ଏମ୍.ଆର୍.ଏନ୍.ଏ. ଓ ପ୍ରାକୃତିକ ଏମ୍.ଆର୍.ଏନ୍.ଏ.ରେ କ'ଣ ରହିଛି ପ୍ରଭେଦ?

ଆର୍.ଏନ୍.ଏ.ରେ ରହିଥାଏ ଆଡିନିନ୍, ୟୁରୋସିଲ୍, ଗୁଆନିନ ଏବଂ ସାଇଟୋସିନ୍ ନାମକ ବେସ୍, ପେଣ୍ଟୋଜ ନାମକ ଶର୍କରା ଏବଂ ଫସ୍‌ଫରିକ୍ ଏସିଡ୍। ବେସ୍ ଓ ଶର୍କରା ସଂଯୁକ୍ତ ହୋଇ ଗଠନ କରିଥାଆନ୍ତି ନ୍ୟୁକ୍ଲିଓସାଇଡ୍। କାରିକୋ ଓ ୱେଇସ୍‌ମ୍ୟାନ ଜାଣିଥିଲେ ଯେ ସ୍ତନ୍ୟପାୟୀ ପ୍ରାଣୀଙ୍କ ଜୀବକୋଷରେ ଥିବା ଆର୍.ଏନ୍.ଏ.ରେ ନ୍ୟୁକ୍ଲିଓସାଇଡ୍ ବେସ୍‌ଗୁଡ଼ିକ ପରିବର୍ତ୍ତନଶୀଳ, କିନ୍ତୁ ଗବେଷଣାଗାରରେ ସଂଶ୍ଳେଷିତ ଆର୍.ଏନ୍.ଏ.ର ବେସ୍‌ଗୁଡ଼ିକ ଅପରିବର୍ତ୍ତନୀୟ। ସଂଶ୍ଳେଷିତ ଆର୍.ଏନ୍.ଏ. ଅଣୁରେ ବେସ୍ ମାନ ପରିବର୍ତ୍ତିତ ହେଉ ନ ଥିବା କ'ଣ ତେବେ ପ୍ରଦାହର ପ୍ରତିକ୍ରିୟା ସୃଷ୍ଟି କରିବାର କାରଣ? କାରିକୋ ଓ ୱାଇସମ୍ୟାନ୍ ଏଇଆ ଭାବି ମେସେଞ୍ଜର ଆର୍.ଏନ୍.ଏ.ରେ ବେସ୍‌ଗୁଡ଼ିକରେ ପରିବର୍ତ୍ତନ କରାଇ ଦେଖିଲେ ଯେ ଗବେଷଣାଗାରରେ ସଂଶ୍ଳେଷିତ ମେସେଞ୍ଜର ଆର୍.ଏନ୍.ଏ.ରେ ବେସ୍ ପରିବର୍ତ୍ତନ କରିଦେଲେ ତାହା ଆଉ ପ୍ରଦାହ ସୃଷ୍ଟି କରୁନାହିଁ। ସେମାନେ କରିପାରିଛନ୍ତି ଏକ ଯୁଗାନ୍ତକାରୀ, ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଏବଂ ଏଭଳି ବେସ୍ ପରିବର୍ତ୍ତିତ ହୋଇଥିବା ମେସେଞ୍ଜର ଆର୍.ଏନ୍.ଏ.କୁ ଚିକିତ୍ସା ବିଜ୍ଞାନରେ ବ୍ୟବହାର କରାଯାଇପାରିବ ବୋଲି ବୁଝି ପାରିଲେ। କୋଭିଡ୍-୧୯ ମହାମାରୀ ବ୍ୟାପିଥିବା ସମୟରେ ସେମାନଙ୍କର ଫଳାଫଳ ନିବନ୍ଧ ଭାବରେ ପ୍ରକାଶ ପାଇଥିଲା। ସେମାନଙ୍କର ଆବିଷ୍କାର ମେସେଞ୍ଜର ଆର୍.ଏନ୍.ଏ.କୁ ରୋଗୀ ଚିକିତ୍ସାରେ ବ୍ୟବହାର କରିବାର ସମସ୍ତ ପ୍ରତିବନ୍ଧକ ଦୂର କରିଦେଲା। କୋଭିଡ୍-୧୯ ମହାମାରୀ ବ୍ୟାପିଥିବା ସମୟରେ ବେସ୍ ପରିବର୍ତ୍ତିତ ହୋଇଥିବା ଦୁଇଟି ମେସେଞ୍ଜର ଆର୍.ଏନ୍.ଏ. ଟିକା ପ୍ରସ୍ତୁତ ହୋଇ ବ୍ୟବହାର କରାଯାଇପାରିଲା। ଫଳରେ ରୋକି ଦେଇହେଲା ଏହି ମହାମାରୀର ପ୍ରସାରକୁ। ଏବେ ଅନ୍ୟାନ୍ୟ ସଂକ୍ରାମକ ରୋଗ ଏପରିକି କ୍ୟାନ୍‌ସରକୁ ପ୍ରତିହତ କରିବା ପାଇଁ ବେସ୍-ରୂପାନ୍ତରିତ ମେସେଞ୍ଜର ଆର୍.ଏନ୍.ଏ. ପ୍ରତିଷେଧକ ଟିକା ବେଶ୍ ଉପଯୋଗ ହୋଇପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ।

ବାସ୍ତବରେ କାଟାଲିନ୍ କାରିକୋ ଏବଂ ଡ୍ରିଉ ୱେଇସମ୍ୟାନ୍‌ଙ୍କ ଦ୍ୱାରା ବିକଶିତ ବେସ୍-ରୂପାନ୍ତରିତ ମେସେଞ୍ଜର ଆର୍.ଏନ୍.ଏ. ପ୍ରତିଷେଧକ ଟିକା ଥିଲା ଏକ ଅସାଧାରଣ ଆବିଷ୍କାର। କୋଭିଡ୍-୧୯ ମହାମାରୀ ସମୟରେ ବ୍ୟବହୃତ ହୋଇଥିଲା ୧୩୦୦ କୋଟି ଡୋଜ୍‌ର ପ୍ରତିଷେଧକ ଟିକା ଏବଂ ଆମ୍ଭେମାନେ ଏହି ସଫଳତାର ପ୍ରତ୍ୟକ୍ଷଦର୍ଶୀ।

-'ଅଭୀପ୍‌ସା', ସେକ୍ଟର-୬,
ପ୍ଲଟ୍ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ଉନ୍ନତ ଜୀବନଶୈଳୀ ଅନ୍ତରାଳେ...

ଅନେକ ସମୟରେ ଆମେ ନକାରାତ୍ମକ ମାନସିକତାର ବଶବର୍ତ୍ତୀ ହୋଇଥାଉ। ତେବେ ଏହାଦ୍ୱାରା ଆମର ଜୀବନଶୈଳୀ ଏବଂ କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ତର୍ଜମା କରିବା ଦରକାର। ନିଜର ମାନସିକତାକୁ ଯେତେ ସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାଛଡ଼ା ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ନିଜ ଦୋଷକୁ ସବୁବେଳେ ଗ୍ରହଣ କରି ତର୍ଜମା କରନ୍ତୁ। ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।



## ପ୍ରଦୂଷଣ ରୋକିବ ଡିଭାଇସ୍

ବର୍ତ୍ତମାନ ପ୍ରଦୂଷିତ ବାୟୁମଣ୍ଡଳ ଅନେକପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି। ତେଣୁ ବାୟୁମଣ୍ଡଳକୁ କିପରି ପ୍ରଦୂଷଣମୁକ୍ତ କରିହେବ ସେ ନେଇ ଚେଷ୍ଟା ଜାରି ରହିଛି। ବିଶେଷଭାବରେ କଳକାରଖାନା ଏବଂ ଯାନବାହାନରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ। ତେବେ ଏହାକୁ ଅନେକାଂଶରେ କିପରି କମାଯାଇପାରିବ ସେ ନେଇ ଏକ ଡିଭାଇସ୍ ପ୍ରସ୍ତୁତ କରାଯାଇଛି। ଏଭଳି ଉଦ୍ୟମରେ ସଫଳ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଏହି ପ୍ରଣାଳୀକୁ ସେମାନେ 'ଥ୍ରୀ ଡି ପ୍ରିଣ୍ଟିଂ' ନାମରେ ଅଭିହିତ କରିଛନ୍ତି। ଉକ୍ତ କ୍ଷୁଦ୍ର ଡିଭାଇସ୍‌କୁ ଜଣେ ବ୍ୟକ୍ତି ହାତ ମୁଠାରେ ରଖିପାରିବେ। ଏହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବାମାତ୍ରେ କାର୍ଯ୍ୟ କରିବା ଆରମ୍ଭ କରିବ। ଏହାଦ୍ୱାରା ପ୍ରଦୂଷଣକୁ କେତେକାଂଶରେ ନିୟନ୍ତ୍ରଣକୁ ଅଣାଯାଇପାରିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଶା ରଖିଛନ୍ତି।



## ପରିଚୟ

ବିଭିନ୍ନ ସମ୍ମାନଜନକ ପୁରସ୍କାର ମଧ୍ୟରେ ଅନ୍ୟତମ ହେଉଛି ନୋବେଲ ପୁରସ୍କାର। ୧୯୦୧ମସିହାରୁ ଅନ୍ୟ ପୁରସ୍କାର ସହିତ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ ହେଉଛି। ଏହାର ପ୍ରତିଷ୍ଠାତା ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ମାନବ ସମାଜର ମଙ୍ଗଳ ନିମନ୍ତେ ଆବିଷ୍କାର କରାଯାଇଥିବା ଶ୍ରେଷ୍ଠ କୃତିଗୁଡିକୁ ବିଚାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯାଉଛି। ତେବେ ୨୦୦୦-୨୦୨୨ ମସିହା ମଧ୍ୟରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ବୈଜ୍ଞାନିକମାନଙ୍କର ଜୀବନୀକୁ ନେଇ ରଚନା କରାଯାଇଛି 'ପଦାର୍ଥ ବିଜ୍ଞାନ ନୋବେଲ ପୁରସ୍କାର (୨୦୦୦-୨୦୨୨)।' ବିଶିଷ୍ଟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁଙ୍କ ରଚିତ ଏହି ପୁସ୍ତକଟିରେ ଉପସ୍ଥାପନା ପାଠିକା-ପାଠକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା କରାଯାଏ।




ଏହା ସହିତ ସେମାନେ ଯେଉଁ କୃତୀ ପାଇଁ ଏହି ପୁରସ୍କାର ପାଇଲେ, ତାହା ବେଶ୍ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଲେଖକଙ୍କର ବର୍ଣ୍ଣନାଶୈଳୀକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ୧୨୯ ପୃଷ୍ଠା ବିଶିଷ୍ଟ ଏହି ସଚିତ୍ର ପୁସ୍ତକଟିର ମୂଲ୍ୟ ରହିଛି ୧୮୦ଟଙ୍କା। ଯୋଗାଯୋଗ: 'ବିଦ୍ୟାପୁରୀ', ବାଲୁବଜାର, କଟକ-୨।

## କିଡ୍‌ନୀ ସମସ୍ୟା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି, ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ହେଲେ ଦୈନନ୍ଦିନ ଜୀବନରେ ଆମେ ଏହାକୁ ଅବହେଳା କରି ଏହାର ଦାୟିତ୍ୱ ନେବାକୁ ଭୁଲିଯାଉ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କରନ୍ତୁ। ଦୈନିକ ଯଦି ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।


## ଲାଲ ରକ୍ତ କୋଷିକା ଓ ଭିଟାମିନ୍ 'ଇ'

ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଆଉ କ'ଣ ଉପକାରୀ ଗୁଣ ରହିଛି ସେ ବିଷୟରେ ଜାଣିବା ଲାଗି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରୁ ସେମାନେ ଜାଣିପାରିଛନ୍ତି ଯେ ଲାଲ ରକ୍ତ କୋଷିକା ଗଠନ କରିବାରେ ଭିଟାମିନ୍ 'ଇ' କେତେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି, ଯାହା ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ସବୁଠାରୁ ଖାସ୍ କଥା ହେଲା ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏଭଳି ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ-ଇ ପ୍ରଚୁର ମାତ୍ରାରେ ଭରି ରହିଛି।



## ସ୍ୱାସ୍ଥ୍ୟ ସୂଚନା

➢ଆପଣଙ୍କର ଅଣ୍ଟାଜନିତ ସମସ୍ୟା ଅଛି କି? ଯଦି ହଁ, ତେବେ କେତୋଟି ବିଷୟ ପ୍ରତି ସତର୍କ ରହିବା ନିହାତି ଜରୁରୀ। ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଭାରି ଜିନିଷ ଉଠାନ୍ତୁ ନାହିଁ।



➢ଅଣ୍ଟାଜନିତ ସମସ୍ୟା ପାଇଁ ମହୁ ଏକ ମହୌଷଧି ପରି କାମ କରେ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।

➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।


➢ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।

➢ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଏହା ଆପଣଙ୍କ ଚିତ୍ତକୁ ପ୍ରସନ୍ନ ରଖିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି କରିବ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।

## ସୁସ୍ଥ ରହିବାର ସରଳ ଉପାୟ

ବର୍ତ୍ତମାନର ଧାଁ ଧପଡ଼ ଜୀବନରେ ନିଜକୁ ସୁସ୍ଥ ରଖିବା ହେଉଛି ସବୁଠାରୁ ବଡ଼ କଥା। ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇନେବା ନିହାତି ଜରୁରୀ। ଏଭଳି ଏକ ସରଳ ଉପାୟ ରହିଛି ଯାହାଦ୍ୱାରା ଆମେ ନିଜକୁ ସୁସ୍ଥ ରଖିପାରିବା। ନିଜକୁ ଫିଟ୍ ରଖିବା ପାଇଁ ଯୋଗର ଭୂମିକା କେତେ ତାହା କହିବା ଅନାବଶ୍ୟକ। ଯଦି ଜଣେ ବ୍ୟକ୍ତି ନିୟମିତ କିଛି ସମୟ ଯୋଗ କରନ୍ତି ତେବେ ସେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବେ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ, ଯଦ୍ଦ୍ୱାରା ଡାଇବେଟିସ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଭଳି କେତେକ ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମିଳିଥାଏ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ଠିକ୍ ଭାବେ ଶୋଇପାରନ୍ତି ନାହିଁ। ସେଥିପାଇଁ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ସୁନିଦ୍ରା ପାଇଁ ଯୋଗର ଭୂମିକା ମଧ୍ୟ କିଛି କମ୍ ନୁହେଁ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଚିଟିଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଏସିଆନ୍ ଗେମ୍ସରେ ଉଦ୍‌ଯାପନୀ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଏସିଆନ୍ ଗେମ୍ସ ୨୦୨୩

# ଲାଇଟ, ସାଉଣ୍ଡ ଶୋ'ରେ ଉଦ୍‌ଯାପନ

**ହାଙ୍ଗଝୋ,୮।୧୦(ପି.ଟି.):** ଚୀନ୍‌ର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ଲାଇଟ୍ ଓ ସାଉଣ୍ଡ ଶୋର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉଦ୍‌ଯାପିତ ହୋଇଛି। ୪୫ ଅଂଶଗ୍ରହଣକାରୀ ରାଷ୍ଟ୍ରର ଆଥଲେଟ ଓ ୮୦ ହଜାର ଦର୍ଶକଙ୍କ ଉପସ୍ଥିତିରେ 'ବିଗ୍ ଲୋଟସ୍ ଷ୍ଟାଡିୟମ'ରେ ପ୍ରାୟ ୭୫ ମିନିଟ ଧରି ଏହି କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଦୁଇ ସପ୍ତାହ ଧରି ବିଭିନ୍ନ କ୍ରୀଡା ଇଭେଣ୍ଟ ଆୟୋଜିତ ହେବା ପରେ ଗେମ୍ସ ଭିଲେଜକୁ ବିଦାୟ ଜଣାଇଛନ୍ତି ସମସ୍ତ ଆଥଲେଟ୍। କ୍ରୀଡା ଓ ଚାଇନାର ସଂସ୍କୃତିକୁ ନେଇ ଉଦ୍‌ଯାପନୀ ଉତ୍ସବର କାର୍ଯ୍ୟକ୍ରମ ପର୍ଯ୍ୟବେସିତ ଥିଲା। ଅଲିମ୍ପିକ୍ସ କାଉନ୍‌ସିଲ୍ ଅଫ୍ ଏସିଆର କାର୍ଯ୍ୟକାରୀ ମୁଖ୍ୟ ରଣଧୀର ସିଂ ଓ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଉପସ୍ଥିତ ଥିଲେ। ପାରମ୍ପରିକ ଭାବରେ ୧୯ ତମ ଏସିଆନ୍ ଗେମ୍ସ ସମାପ୍ତ ହୋଇଥିବା ନେଇ ରଣଧୀର ଘୋଷଣା କରିଥିଲେ। ଏହା ସହିତ ୨୦ତମ ଏସିଆନ୍ ଗେମ୍ସ ଜାପାନର ଆଇଚି ନାଗୋୟାରେ ଅନୁଷ୍ଠିତ ହେବ ବୋଲି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲ।୨୦୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୭୧ ବ୍ରୋଞ୍ଜ ସହିତ ଆୟୋଜକ ଚାଇନା ପ୍ରଥମ ସ୍ଥାନରେ ରହିଥିବା ବେଳେ ଜାପାନ ଦ୍ୱିତୀୟ ଓ ଦକ୍ଷିଣ କୋରିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଭାରତ ଚଳିତ ବର୍ଷ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହିତ ୧୦୭ ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହା ମଧ୍ୟରେ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ରହିଛି। ୧୬ ଦିନର ଏହି ମେଗା ଇଭେଣ୍ଟରେ ୧୩ ବିଶ୍ୱ ରେକର୍ଡ, ୨୬ଟି ଏସିଆନ୍ ରେକର୍ଡ ହୋଇଥିବା ବେଳେ ୯୭ ଗେମ୍ସ ରେକର୍ଡ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ହକି ଦଳର ଗୋଲକିପର ପି.ଆର. ଶ୍ରୀଜେସ ଧ୍ୱଜାବାହକ ସାଜିଥିଲେ। ଶେଷରେ ୧୯୫୧ ଏସିଆନ୍ ଗେମ୍ସର ମଶାଲ ଆଇଚି ନାଗୋୟା ଗଭର୍ନରଙ୍କୁ ପ୍ରଦାନ କରାଯାଇଥିଲା।

# ସ୍ୱର୍ଣ୍ଣ ପଦକ ବିଜେତା ନିର୍ମଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ବିଶ୍ୱକପ୍ ଟେନିକଏଟ୍ ପ୍ରତିଯୋଗିତା

ଭଦ୍ରକ,୮।୧୦
(ସନାତନ ରାଉତ)

ଦକ୍ଷିଣ ଆଫ୍ରିକା ପ୍ରିଟୋରିଆଠାରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୭ ଯାଏ ଅନୁଷ୍ଠିତ ୫ମ ବିଶ୍ୱକପ୍ ଟେନିକଏଟ୍ ପ୍ରତିଯୋଗିତାରେ ଜର୍ମାନୀକୁ ହରାଇ ଭାରତ ଚାମ୍ପିୟନ ହୋଇଛି। ଭାରତ ପକ୍ଷରୁ ଖେଳିଥିବା ସ୍ୱର୍ଣ୍ଣ ପଦକ ବିଜେତା ଭଦ୍ରକର ନିର୍ମଳ ସେନ୍(୧୮) ରବିବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ସରକାର ଓ ରାଜ୍ୟ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ଏସ୍.କେ. ସିହ୍ନା, ଅଧ୍ୟକ୍ଷ ଗୋଲକ ନାୟକ, କୋଷାଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ, ଭଦ୍ରକ ଜିଲା ସଂଘ ପକ୍ଷରୁ ସମ୍ପାଦକ ମନୋଜ ସାହୁ



ଭୁବନେଶ୍ୱର ବିମାନବନ୍ଦରରେ ନିର୍ମଳ ସେନ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ଏବଂ ଓଲଙ୍ଗ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି ତାଙ୍କୁ ସ୍ୱାଗତ କରିଥିଲେ। ନିର୍ମଳ ଜଣେ ଦିବ୍ୟାଙ୍ଗ ଭାବେ ଠିକ୍‌ରେ କଥା କହିପାରୁ ନ ଥିବା ବେଳେ ସେ ଜଣେ ଅତ୍ୟନ୍ତ ଗରିବ ପିଲା। ଚଳିତବର୍ଷ ବାପାଙ୍କୁ ହରାଇଥିବା ଦୁଃଖରେ ଭାଙ୍ଗି ନ ପଡ଼ି ସେ ଆଜି ଭଦ୍ରକ, ଓଡ଼ିଶା ଓ ଭାରତ ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ କୌଣସି ଏକ ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ ଲାଗି ଭଦ୍ରକ ସଂଘର ଜିଲା ସଭାପତି ଓ ସରପଞ୍ଚ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଅଲିମ୍ପିକ୍ସ ବିଡ୍‌ର ସମୟ ଆସିଯାଇଛି: ଉଷା

**ହାଙ୍ଗଝୋ,୮।୧୦(ପି.ଟି.):** ଏସିଆନ୍ ଗେମ୍ସରେ ଭାରତର ରେକର୍ଡ ସଫଳତା ପରେ ବର୍ତ୍ତମାନ ଦେଶ ଅଲିମ୍ପିକ୍ସ ହୋଷ୍ଟ କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓଏ) ସଭାପତି ତଥା ଦୌଡ଼ରାଣୀ ପି.ଟି. ଉଷା। ଏହା ସହ ଭାରତ ସରକାର ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ କରିବେ ବୋଲି ସେ କହିଛନ୍ତି। ୨୦୧୮ ଜାକର୍ତ୍ତା ଗେମ୍ସ ଅପେକ୍ଷା ଭାରତ ୩୭ଟି ଅଧିକ ପଦକ ହାସଲ କରିଛି। ବିଗତ ସଂସ୍କରଣରେ ଭାରତ ସମୁଦାୟ ୭୦ ପଦକ ହାସଲ କରିଥିବା ବେଳେ ଚଳିତ ସଂସ୍କରଣରେ ୧୦୭ ପଦକ ହାସଲ କରିଛି। ଭାରତୀୟ ଆଥ୍‌ଲେଟମାନେ ୨୮ ସ୍ୱର୍ଣ୍ଣ ସମେତ ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତାର ଶ୍ରେୟ ଉଷା କୋଚ୍, ଆଥ୍‌ଲେଟ ଓ ଅନ୍ୟାନ୍ୟ ଅଫିସିଆଲମାନଙ୍କୁ ଦେଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ବର୍ତ୍ତମାନ ଦୁଇ ଅଙ୍କ ସଂଖ୍ୟାର ପଦକ ହାସଲ କରିବା ପ୍ରଥମ ଲକ୍ଷ୍ୟ ରହିବ ବୋଲି ଉଷା କହିଛନ୍ତି। ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ବଦ୍ଧପରିକର ରହିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ୟକ୍ତିଗତ ଭାବରେ କ୍ରୀଡ଼ାର ଉନ୍ନତି ପାଇଁ ପ୍ରୟାସରତ। ୨୦୩୬ ଅଲିମ୍ପିକ୍ସ ପାଇଁ ବିଡ୍ ଦାଖଲ କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ଉଷା କହିଛନ୍ତି। ଟୋକିଓ ଅପେକ୍ଷା ପ୍ୟାରିସ୍‌ରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସରେ ଭଲ ପଦକ ସଂଖ୍ୟା ରହିଲେ ଆୟୋଜନର ଦାବି ମଧ୍ୟ ପୂରଣ ହୋଇପାରିବ ବୋଲି ଉଷା କହିଛନ୍ତି। ଆସନ୍ତା ଅକ୍ଟୋବର ୧୫-୧୭ ମଧ୍ୟରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲର ବୈଠକ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ବେଳେ ସରକାର ଏହି ଦାବି ଉପସ୍ଥାପନ କରିବେ ବୋଲି ଜଣାପଡିଛି।

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୪ ତମ ଜନ୍ମଦିନ ଶୁଭେଚ୍ଛା



ସ୍ନେହା ଶ୍ରୀ (ତିତିଲି)
ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର
ଆଜି ତୋର ୧୪ତମ ଜନ୍ମବାର୍ଷିକୀ ଅବସରରେ ଆମେ ପ୍ରଭୁ ସାଇବାବାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତୋତେ ସଂସାରର ସବୁ ସୁଖ ମିଳୁ ଓ ତୋର ସମସ୍ତ ମନସ୍କାମନା ପୂରଣ ହେଉ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଖୁସିରେ ଭରିଯାଉ ।
ଶୁଭେଚ୍ଛା ସହ: ଅଜା, ଆଈ, ମମି,ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍ ।
ଧ-୭୩୭୮୩

Classified Everyday
0674-2580101, 2549949



REAL ESTATE

SALE

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

Duplex sale at Bhubaneswar @ 57 lakhs only. Contact: 9777433701. D-75232

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

କ ଟ କ – ଭୁ ବ ନେ ଶ୍ୱ ର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ– 9658562429. D-75224

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର– 500/-, ନଖରା। SC/Gen plot- 300/-. 7978663279. D-75231

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244. D-1464

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513



CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469. D-75226

LEASE

Warehouse for lease at hanspal. 9000 sqft, dock height, gated compound with all amenities. Whatsapp - 7205809501. D-1486



Healthcare

Relax, Refresh your body, Mind at Saikrupa Spa with best therapies. 8984068077. D-1502

Newly open Spa positively Health benefit with expert. Contact: 7749976301. D-1469

Full body massage by expert therapist positively health benefits. 9938843929. D-75153

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



business

Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819. D-75154

AFFIDAVIT

By virtue of an affidavit before Executive Magistrate, Bhubaneswar I, Bishal Mallick, S/o Bijaya Kumar Mallick, residing at Village- Dahianta, P.O.- Sahira, P.S.- Aul, Dist.- Kendrapara to state that some certificates and documents my father's name wrongly printed as Bijay Kumar Mallick instead of Bijaya Kumar Mallick. I declare by this affidavit my father Bijaya Kumar Mallick and Bijay Kumar Mallick is one and same person. D-1520

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



ସ୍ୱ ଖୁଲଣା ବେହେରା
ସ୍ୱାମୀ:ସନ୍ତୋଷ କୁମାର ବେହେରା
ବଇଣ୍ଡାଛକ, ଅନୁଗୋଳ
ଆବିର୍ଭାବ: ୨୨।୦୭।୧୯୫୫
ତିରୋଧାନ: ୦୯।୧୦।୨୦୨୧
ମାଆ, ତୁମର ଅନୁପସ୍ଥିତି ଆମ୍ଭମାନଙ୍କ ଜୀବନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି, ଯାହା ଅପୂରଣୀୟ। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ। ଚାହୁଁ ଚାହୁଁ ତୁମେ ଛାଡି ଚାଲିଯିବାର ଦୁଇ ବର୍ଷ ବିତିଗଲାଣି। ତୁମେ ଯେଉଁଠି ବି ଥାଅ ଆମ୍ଭମାନଙ୍କ ଉପରେ ସଦା ସର୍ବଦା ତୁମର ଆଶୀର୍ବାଦ ଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ପବିତ୍ର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଶୋକସନ୍ତପ୍ତ: ସ୍ୱାମୀ ସନ୍ତୋଷ, ପୁତ୍ର: ମାନସ, ରମେଶ, ଉମେଶ, ବୋହୂ: ମିତା, ବବି, ଝିଅ: ଡଲି, ଜ୍ୱାଇଁ: ଟୁବୁଲି, ନାତି: ପ୍ରଭୁ, ନାତୁଣୀ: ପ୍ରାଚୀ, ପାୟଲ, ପଲକ, ବେହେରା ପରିବାରବର୍ଗ ।
ଧ-୧୫୨୨

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ନବୀନ ଚନ୍ଦ୍ର ହୋତା
ଅନୁଗୋଳ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର
ମାଧପୁର, ଆଠମଲ୍ଲିକ
ଆବିର୍ଭାବ: ୦୧।୧୦।୧୯୪୭
ତିରୋଧାନ: ୨୯।୦୯।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: କିରଣବାଳା ହୋତା, ପୁଅ ଋଷଭ ତ୍ରିପାଠୀ, ଝିଅ: ମଧୁସ୍ମିତା, ମୋନାଲିସା, ମୌସୁମୀ, ମିନାକ୍ଷୀ, ମନୀଷା ଏବଂ ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୫୧୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସତପଥି ଖମାରୀ
ବୁଗବୁଗା (ଗହ୍ମାଟିକ୍ରା), ଅତାବିରା, ବରଗଡ଼
ଆବିର୍ଭାବ: ୧୫।୦୭।୧୯୩୭
ତିରୋଧାନ: ୨୬।୦୯।୨୦୨୩
ଆଜି ଗଙ୍ଗାଶ୍ରାଦ୍ଧରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
–ଶୋକସନ୍ତପ୍ତ–
ଖମାରୀ ପରିବାରବର୍ଗ।
ଧ-୧୫୨୧

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଜୟ ସହ ଭାରତର ଅଭିଯାନ

**ଚେନ୍ନାଇ, ୮।୧୦**

ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ବିଜୟ ସହ ଭାରତ ଦିନିକିଆ କ୍ରିକେଟ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଶତକୀୟ ଭାଗୀଦାରି ବଳରେ ଘରୋଇ ଦଳ ରବିବାର ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ସ୍ପିନ୍ ଟ୍ରାକ୍‌ରେ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ୪୯. ୩ ଓଭରରେ ୧୯୯ ରନକରି ଅଲ୍‌ଆଉଟ ହୋଇଥିଲା। ଭାରତ ୪୧.୨ ଓଭରରେ ୪ ଉଇକେଟ ହରାଇ ୨୦୧ ରନ ସଂଗ୍ରହ କରି ନେଇଥିଲା। ୯୭ ରନ୍‌ରେ ଅପରାଜିତ ରହିଥିବା ଲୋକେଶ ରାହୁଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୦୦ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ମାତ୍ର ୨ ରନରେ ୩ଟି ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଶନ ଏବଂ ୪ ନମ୍ବର ବ୍ୟାଟର ଶ୍ରେୟସ ଆୟର ଖାତା ଖୋଲିପାରି ନ ଥିଲେ। ଜୋଶ୍ ହାଜେଲଉଡ୍ ଓ ମିଚେଲ ଷ୍ଟାର୍କ ଘାତକ ବୋଲିଂ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମାତ୍ର ଦୁଇ ନିର୍ଭରଯୋଗ୍ୟ ବ୍ୟାଟର ବିରାଟ କୋହଲି ଏବଂ ଲୋକେଶ ରାହୁଲ କେବଳ ଯେ ଇନିଂସ ସମ୍ଭାଳିଥିଲେ ତା’ ନୁହେଁ ଦୃଢ଼ ବ୍ୟାଟିଂ କରି ଭାରତକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ୭.୩ ଓଭରରେ ଦଳୀୟ ସ୍କୋର ୨୦ ଥିବାବେଳେ ହାଜେଲଉଡ୍‌ଙ୍କ ବଲ୍‌ରେ କ୍ୟାଚ ଦେଇଥିଲେ କୋହଲି। ମାତ୍ର ମିଚେଲ ମାର୍ଶ ତାହା ଡ୍ରପ୍ କରିଥିଲେ। କୋହଲି ସେତେବେଳେ ମାତ୍ର ୧୨ ରନ କରିଥିଲେ। ଏହା ଅଷ୍ଟ୍ରେଲିଆ ପାଇଁ ମହଙ୍ଗା ପଡ଼ିଥିଲା। ଆଉ ପଛକୁ ଫେରି ଚାହିଁ ନ ଥିଲେ ବିରାଟ। ସେ ୪ର୍ଥ ଉଇକେଟରେ ରାହୁଲଙ୍କ ସହ ୧୬୫ ରନର ଭାଗୀଦାରି ଗଢ଼ି ଭାରତକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ବିଶ୍ୱକପରେ ୪ର୍ଥ ଉଇକେଟରେ ଭାରତର ଏହାଥିଲା ଦ୍ୱିତୀୟ ସର୍ବାଧିକ ଭାଗୀଦାରି। ୨୦୧୫ରେ ଅକ୍‌ଲାଣ୍ଡଠାରେ ଜିମ୍ବାୱେ ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନା ୧୯୬* ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୬ ଚୌକା ସହାୟତାରେ ୮୫ ରନ କରିଥିଲେ। ଅନ୍ୟପକ୍ଷରେ ୧୧୫ ବଲ୍‌ର ସମ୍ମୁଖୀନ ହୋଇଥିବା ରାହୁଲ ୮ ଚୌକା ଓ ୨ ଛକା ସହାୟତାରେ ୯୭ ରନକରି ଅପରାଜିତ ରହିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୮ ବଲ୍‌ରୁ ୧୧* (୧ ଛକା) ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜେଲଉଡ୍ ୩ଟି ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ସ୍କୋର ମାତ୍ର ୫ ହୋଇଥିବାବେଳେ ଓପନର ମିଚେଶ ମାର୍ଶ(୦)ଙ୍କୁ ବିରାଟ କୋହଲିଙ୍କ ହାତରେ କ୍ୟାଚ କରାଇ ଏହି ଦଳକୁ ଶକ୍ତ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ଏଥିସହ କୋହଲି ବିଶ୍ୱକପରେ ସର୍ବାଧିକ କ୍ୟାଚ ହାସଲକାରୀ ହୋଇ ଯାଇଥିଲେ। ସେ ୧୫ତମ କ୍ୟାଚ ନେଇ ଅନିଲ କୁମ୍ବଲେ (୧୪ କ୍ୟାଚ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ଡେଭିଓ ୱାର୍ନର ଓ ଷ୍ଟିଭ୍ ସ୍ମିଥ୍ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ଦ୍ୱିତୀୟ ଉଇକେଟରେ ୬୯ ରନ ଯୋଗ ହେବାପରେ କଟ୍ ଆଣ୍ଡ ବୋଲ୍ଡ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର କୁଲଦୀପ ଯାଦବ। ୱାର୍ନର ନିଜର ୪୧ ରନର ଇନିଂସ ମଧ୍ୟରେ ବିଶ୍ୱକପରେ ୧୦୦୦ ରନ ପୂରଣ କରିଥିଲେ। କେବଳ ସେତିକି ନୁହେଁ ସେ ଦ୍ରୁତ ୧୦୦୦ ରନ ପୂରଣ ରେକର୍ଡର ମଧ୍ୟ ଅଧିକାରୀ ହୋଇଥିଲେ। ସେ ମାତ୍ର ୧୯ ମ୍ୟାଚରୁ ଏହି ମାଇଲ୍‌ଖୁଣ୍ଟ ସ୍ପର୍ଶ କରି ସଚିନ ତେନ୍ଦୁଲକର ଓ ଏବି ଡିଭିଲର୍ସ (୨୦ ମ୍ୟାଚ) ରେକର୍ଡକୁ ଭାଙ୍ଗିଥିଲେ। ମ୍ୟାଚ ଆଗେଇବା ସହ ଚେପକ୍‌ର ଟର୍ନିଂ ଟ୍ରାକ୍‌ରେ ଭାରତୀୟ ସ୍ପିନରମାନେ ପ୍ରଭାବୀ ବୋଲିଂ କରିଥିଲେ। ଫଳରେ ଅଷ୍ଟ୍ରେଲୀୟ ବ୍ୟାଟରମାନେ ରନ ସଂଗ୍ରହ ପାଇଁ ସଂଘର୍ଷ କରିଥିଲେ। ଆତ୍ମବିଶ୍ୱାସର ସହ ଖେଳୁଥିବା ସ୍ମିଥ୍‌ଙ୍କୁ ରବୀନ୍ଦ୍ର ଜାଡେଜା କ୍ଲିନ ବୋଲ୍ଡ କରିଦେବାପରେ ଅଷ୍ଟ୍ରେଲିଆ ଇନିଂସ ଆହୁରି ଧିମେଇ ଯାଇଥିଲା। ସ୍ମିଥ୍ ୭୧ ବଲ୍‌ରୁ ୪୬ ରନ କରିଥିଲେ। ମିଡିଲ ଅର୍ଡରରେ ମାର୍ନସ ଲାବୁସେନ ୨୭ ଓ ଗ୍ଲେନ୍ ମ୍ୟାକ୍ସୱେଲ ୧୫ ରନ କରିବାକୁ ସକ୍ଷମ ହୋଇଥିବାବେଳେ ଆଲେକ୍ସ କାରେ ଖାତା ଖୋଲିପାରି ନ ଥିଲେ। ଲୋୟର ଅର୍ଡରରେ ମିଚେଲ ଷ୍ଟାର୍କ ୨୮ ରନ କରିବାରୁ ଅଷ୍ଟ୍ରେଲିଆ ସ୍କୋର ୨୦୦ ନିକଟତର ହୋଇ ପାରିଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା ସର୍ବାଧିକ ୩ଟି, କୁଲଦୀପ ଯାଦବ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। କୌଣସି ଭାରତୀୟ ବୋଲର ଉଇକେଟ ଶୂନ୍ୟ ରହି ନ ଥିଲେ।


ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କ ପ୍ରତିକ୍ରିୟା।

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡସ୍**

ସ୍ଥାନ: ହାଇଦ୍ରାବାଦ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ବିଭିନ୍ନ ଦଳ ବିପକ୍ଷରେ ଭାରତର ଦିନିକିଆ

୧୬୭: ବନାମ ଶ୍ରୀଲଙ୍କା
୧୫୦: ବନାମ ଅଷ୍ଟ୍ରେଲିଆ
୧୪୨: ବନାମ ୱେଷ୍ଟଇଣ୍ଡିଜ
୧୩୪: ବନାମ ପାକିସ୍ତାନ
୧୧୬: ବନାମ ନ୍ୟୁଜିଲାଣ୍ଡ
୧୦୬: ବନାମ ଇଂଲଣ୍ଡ


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସହ ଲୋକେଶ ରାହୁଲ।

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର-କ ଆଣ୍ଡ୍ ବୋ- କୁଲଦୀପ-୪୧
ମିଚେଲ ମାର୍ଶ-କ-କୋହଲି-ବୋ-ବୁମ୍‌ରା-୦
ଷ୍ଟିଭ୍ ସ୍ମିଥ୍-ବୋ-ଜାଡେଜା-୪୬
ଲବୁସେନ-କ-ରାହୁଲ-ବୋ-ଜାଡେଜା-୨୭
ମାକ୍ସୱେଲ୍-ବୋ-କୁଲଦୀପ-୧୫,
ଆଲେକ୍ସ କାରେ-ଏଲବିଡବ୍ଲ୍ୟୁ-ଜାଡେଜା-୦
କାମେରନ ଗ୍ରୀନ୍-କ-ପାଣ୍ଡ୍ୟା-ବୋ-ଅଶ୍ୱିନ-୮
ପ୍ୟାଟ କୁମିନ୍ସ-କ-ଆୟାର-ବୋ-ବୁମ୍‌ରା-୧୫
ମିଚେଲ ଷ୍ଟାର୍କ-କ-ଆୟାର-ବୋ-ସିରାଜ-୨୮
ଆଡାମ ଜାମ୍ପା-କ-କୋହଲି-ବୋ-ପାଣ୍ଡ୍ୟା-୬
ଜୋସ୍ ହାଜ୍‌ଲେଉଡ୍-ନଟଆଉଟ-୧
ଅତିରିକ୍ତ-୧୨
**ମୋଟ:** (୪୯.୩ ଓଭର/ଅଲଆଉଟ) ୧୯୯।
**ଉଇକେଟ ପତନ:** ୧/୫, ୨/୭୪, ୩/୧୧୦, ୪/୧୧୯, ୫/୧୧୯, ୬/୧୪୦, ୭/୧୪୦, ୮/୧୬୫, ୯/୧୮୯।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦-୦-୩୫-୨
ମହମ୍ମଦ ସିରାଜ ୬.୩-୧-୨୬-୧
ହାର୍ଦ୍ଦିକ ପାଣ୍ଡ୍ୟା ୩-୦-୨୮-୧
ରବିଚନ୍ଦ୍ରନ ଅଶ୍ୱିନ ୧୦-୧-୩୪-୧
କୁଲଦୀପ ଯାଦବ ୧୦-୦-୪୨-୨
ରବୀନ୍ଦ୍ର ଜାଡେଜା ୧୦-୨-୨୮-୩।

**ଭାରତ ଇନିଂସ**
ରୋହିତ ଶର୍ମା-ଏଲ୍‌ବିଡବ୍ଲ୍ୟୁ-ହାଜେଲଉଡ୍-୦
ଇଶନ କିଶନ-କ-ଗ୍ରୀନ୍-ବୋ-ଷ୍ଟାର୍କ-୦
କୋହଲି-କ-ଲବୁସେନ୍-ବୋ-ହାଜଲେଉଡ୍-୮୫
ଶ୍ରେୟସ-କ-ୱାର୍ନର-ବୋ-ହାଜେଲଉଡ-୦
କେ.ଏଲ୍ ରାହୁଲ-ନଟ ଆଉଟ-୯୭
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୧୧
ଅତିରିକ୍ତ-୮
**ମୋଟ:** (୪୧.୨ ଓଭର/୪ ଉଇକେଟ) ୨୦୧।
**ଉଇକେଟ ପତନ:** ୧/୨, ୨/୨, ୩/୨, ୪/୧୬୭।
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୮-୦-୩୧-୧
ଜୋସ୍ ହାଜ୍‌ଲେଉଡ ୯-୧-୩୮-୩
ପ୍ୟାଟ କୁମିନ୍ସ ୬.୨-୦-୩୩-୦
ଗ୍ଲେନ ମାକ୍ସୱେଲ ୮-୦-୩୩-୦
କାମେରନ ଗ୍ରୀନ ୨-୦-୧୧-୦
ଆଡାମ ଜାମ୍ପା ୮-୦-୫୩-୦।

# ସୁରକ୍ଷା ବଳୟ ଭାଙ୍ଗିଲେ ଜାର୍ଭୋ

**ଚେନ୍ନାଇ,୮।୧୦(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ ମ୍ୟାଚରେ ପୁଣି ଥରେ ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆରେ ପ୍ରବେଶ କରିଛନ୍ତି ପ୍ରାଙ୍କଷ୍ଟର ତଥା ୟୁଟ୍ୟୁବର ଡାନିଏଲ ଜାର୍ଭିସ୍। ଚେନ୍ନାଇର ଏମ୍ ଏ ଚିଦାମ୍ବରମ ଷ୍ଟାଡିୟମରେ ୬୯ ନମ୍ବରର ଜର୍ସି ପିନ୍ଧି ଜାର୍ଭୋ ପଡିଆରେ ପ୍ରବେଶ କରିଥିଲେ। ଏହା ସହିତ ଜାର୍ଭୋ ବିଶ୍ୱକପର ଅନ୍ୟ କୌଣସି ମ୍ୟାଚ୍ ଦେଖିବା ଉପରେ ଆଇସିସି ପ୍ରତିବନ୍ଧକ ଲଗାଇଛି। ଏହା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜାର୍ଭୋ ଚତୁର୍ଥ ଥର ପାଇଁ ଏକ ମ୍ୟାଚ ଅଧାରେ ପଡିଆରେ ପ୍ରବେଶ କରିଛନ୍ତି। ୨୦୨୧ରେ ଇଂଲଣ୍ଡର ବିଭିନ୍ନ ଭେନ୍ୟୁରେ ଏଭଳି ଆଚରଣ ପ୍ରଦର୍ଶନ କରିଥିଲେ। ଏପରି କି ସୁରକ୍ଷା ଅଧିକାରୀମାନେ ଜାର୍ଭୋଙ୍କୁ ନେଇ ଫେରୁଥିବା ବେଳେ ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ତାଙ୍କୁ କିଛି କହୁଥିବାର ଦେଖିବାକୁ ମିଳିଥିଲା।




# ଭାରତର ବୟସ୍କ ଅଧିନାୟକ

ରୋହିତ ଶର୍ମା: ୩୬ ବର୍ଷ ୧୬୧ ଦିନ (୨୦୨୩)*
ମହମ୍ମଦ ଆଝାରୁଦ୍ଦିନ: ୩୬ ବର୍ଷ ୧୨୪ ଦିନ (୧୯୯୯)
ରାହୁଲ ଦ୍ରାବିଡ: ୩୪ ବର୍ଷ ୭୧ ଦିନ (୨୦୦୭)
ଏସ. ଭେଙ୍କଟରାଘବନ: ୩୪ ବର୍ଷ ୫୬ ଦିନ (୧୯୭୯)
ମହେନ୍ଦ୍ର ସିଂ ଧୋନୀ: ୩୩ ବର୍ଷ ୨୬୨ ଦିନ (୨୦୧୫)

**ଭାରତୀୟଙ୍କ ସର୍ବାଧିକ କ୍ୟାଚ**
(ଉଇକେଟକିପରଙ୍କ ବିନା)
୧୫: ବିରାଟ କୋହଲି*
୧୪: ଅନିଲ କୁମ୍ବଲେ
୧୨: କପିଳ ଦେବ
୧୨: ସଚିନ ତେନ୍ଦୁଲକର


**ଦ୍ରୁତ ୧୦୦୦ ରନ**
ଡେଭିଡ ୱାର୍ନର: ୧୯ ମ୍ୟାଚ*
ସଚିନ ତେନ୍ଦୁଲକର/ଏବି ଡି ଭିଲର୍ସ: ୨୦
ଭିଭ୍ ରିଚାର୍ଡ୍ସ/ସୌରଭ ଗାଙ୍ଗୁଲି: ୨୧
ମାର୍କ ୱ: ୨୨
ହର୍ଶେଲ ଗିବ୍ସ: ୨୨

**ଅଷ୍ଟ୍ରେଲୀୟଙ୍କ ସର୍ବାଧିକ ରନ**
ରିକି ପଣ୍ଟିଂ: ୧୭୪୩
ଆଡାମ ଗିଲକ୍ରିଷ୍ଟ: ୧୦୮୫
ମାର୍କ ୱ: ୧୦୦୪
ଡେଭିଡ ୱାର୍ନର: ୧୦୦୧*
ମାଥ୍ୟୁ ହେଡେନ-୯୮୭


ଜଣେ ଦିବ୍ୟାଙ୍ଗ ଫ୍ୟାନ୍‌ଙ୍କଠାରୁ ନିଜର ଏକ ପଟ୍ଟଚିତ୍ର ଗ୍ରହଣ କରୁଛନ୍ତି ବିରାଟ କୋହଲି।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୧ | ୧ | ୦ | ୨ | +୨.୧୪୯ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ପାକିସ୍ତାନ | ୧ | ୧ | ୦ | ୨ | +୧.୬୨୦ |
| ବାଂଲାଦେଶ | ୧ | ୧ | ୦ | ୨ | +୧.୪୩୮ |
| ଭାରତ | ୧ | ୧ | ୦ | ୨ | +୦.୮୮୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଆଫଗାନିସ୍ତାନ | ୧ | ୦ | ୧ | ୦ | -୧.୪୩୮ |
| ନେଦରଲାଣ୍ଡସ୍ | ୧ | ୦ | ୧ | ୦ | -୧.୬୨୦ |
| ଶ୍ରୀଲଙ୍କା | ୧ | ୦ | ୧ | ୦ | -୨.୦୪୦ |
| ଇଂଲଣ୍ଡ | ୧ | ୦ | ୧ | ୦ | -୨.୧୪୯ |







# ଡବଲ୍ସରେ ଦେବାଶିଷ ରନରଅପ୍

ଭୁବନେଶ୍ୱର, ୮।୧୦
(ତପନ ସ୍ୱାଇଁ)

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଦେବାଶିଷ ସାହୁ ଅନ୍ତର୍ଜାତୀୟ ଟେନିସରେ ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଘାନାର ଆକ୍ରାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଆଇଟିଏଫ୍ (ଅନ୍ତର୍ଜାତୀୟ ଟେନିସ ଫେଡେରେଶନ) ଜେ ୬୦ ଟୁର୍ନାମେଣ୍ଟର ଡବଲ୍ସରେ ସେ ରନରଅପ୍ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଦେବାଶିଷଙ୍କ ପାର୍ଟନରଥିଲେ ସର୍ବିୟାର ନିକୋଲା ଜୋଭିକ୍। ଦେବାଶିଷ-ଜୋଭିକ୍ ଯୋଡ଼ି ପ୍ରଥମ ରାଉଣ୍ଡରେ ଆରନ ଅରମା-ହନିଫ ବୋଟେଙ୍ଗଙ୍କୁ ୬-୧,

**ଆଇଟିଏଫ୍ ଜେ ୬୦ ଟେନିସ**

୬-୧ ସେଟ୍‌ରେ ହରାଇବାପରେ କ୍ୱାର୍ଟର ଫାଇନାଲରେ କୋସି ଆନ୍ଦ୍ରେ ଡଗବେଫୁ-ଇକେନା ପ୍ରସ୍ୱର ଓକୋନୋକୋଙ୍କୁ ୭-୬, ୬-୨ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଏହି ଯୋଡ଼ି ନାଇଜେରିଆର ଡାନିଏଲ ଆଡେଲେୟେ ଓ ଡାଭିଡ ଏକପେନଙ୍କୁ ୬-୨, ୭-୬ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଟାଇଟଲ ପର୍ଯ୍ୟାୟରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଦେବାଶିଷ-ଜୋଭିକ୍ ପ୍ରତିପକ୍ଷ ଘାନାର ରାଫାଲ ନି ଅଙ୍କ୍ରା ଓ ଆମେରିକାର କାରେଲ ଅବ୍ରିଏଲ ଏନ୍‌ଗୋନୋଇଙ୍କଠାରୁ ୬-୩, ୫-୭, ୫-୧୦ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ମଧ ଦେବାଶିଷ ଆକର୍ଷଣୀୟ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନିତ ହୋଇଥିଲେ। ୨୦୨୪ ଜାନୁୟାରୀରେ ହେବାକୁଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସର ଜୁନିୟର ବର୍ଗରେ ଖେଳିବା ପାଇଁ ଦେବାଶିଷ କଡ଼ା ସଂଘର୍ଷ ଜାରି ରଖିଛନ୍ତି। ଚଳିତ ବର୍ଷ ଶେଷ ବେଳକୁ ସେ ୧୫୦ ର୍ୟାଙ୍କ୍ ଭିତରେ ରହିବାକୁ ମଧ ଉଦ୍ୟମ ଜାରି ରଖିଛନ୍ତି। ନିଜର ଏହି ସଫଳତା ପାଇଁ ଦେବାଶିଷ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଟେନିସ ଆସୋସିଏଶନକୁ ଶ୍ରେୟ ଦେଇଛନ୍ତି। ଆସୋସିଏଶନ ଓ କ୍ରୀଡ଼ା ବିଭାଗର ସମର୍ଥନ ମିଳୁ ନ ଥିଲେ ଏପରି ଟୁର୍ନାମେଣ୍ଟ ଗୁଡ଼ିକରେ ଖେଳିବା ସମ୍ଭବ ହେଉ ନ ଥାନ୍ତା ବୋଲି ସେ ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହରେ ସେ ସେହି ଘାନାର ଆକ୍ରାଠାରେ ଆଇଟିଏଫ୍ ଜେ୧୦୦ ଟୁର୍ନାମେଣ୍ଟରେ ଖେଳିବେ।


ଦେବାଶିଷ ସାହୁ

# ଭାରତୀୟ ଖୋଖୋ ଦଳରେ ସୁନୀଲ

ବାଲେଶ୍ୱର,୮।୧୦
(ମାନସ ବିଶ୍ୱାଳ)

ବାଲେଶ୍ୱରର ଖୋଖୋ ଖେଳାଳି ସୁନୀଲ ପାତ୍ର ଭାରତୀୟ ଖୋଖୋ ଦଳରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ୧୧ ତାରିଖରେ ଭାରତୀୟ ଦଳ ସହିତ ମାଲେସିଆ ଗସ୍ତ କରିବେ ବୋଲି ସୂଚନା ମିଳିଛି। ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର, ସାଧାରଣ ସମ୍ପାଦକ ଅଧୀପ ଦାସ, ଯୁଗ୍ମ ସମ୍ପାଦକ (ଖୋଖୋ) କାର୍ତ୍ତିକ ଚନ୍ଦ୍ର ନାୟକ ଓ ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କୋଚ୍ ମଳୟ ରଞ୍ଜନ ବେହେରା ପ୍ରମୁଖ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ତାଲିମ ଶିବିରରେ ସନୀଲ ପ୍ରଶିକ୍ଷଣ ଗ୍ରହଣ କରି ଭାରତୀୟ ଖୋଖୋ ଦଳରେ ଯୋଗଦେବା ପାଇଁ ମନୋନୀତ ହୋଇଥିଲେ।


ଖୋଖୋ ଖେଳାଳି ସୁନୀଲ ପାତ୍ର।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ